# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୩/୨୦୨୩ (୧୪ ପୃଷ୍ଠା) | Bhubaneswar, Friday, June 23/2023 | Page 14 | ₹ 7.00 | SAMBALPUR

୪୯ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 208 | ମୂଲ୍ୟ ₹୭/-




**ଗୋବିନ୍ଦ ପୋଦ୍ଦାରଙ୍କ ଶତକ**

ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ଓଡ଼ିଶା ଜାଗୁଆର୍ସ ତରଫରୁ ଖେଳୁଥିବା ଗୋବିନ୍ଦ ପୋଦ୍ଦାର ଶତକ ହାସଲ କରିଛନ୍ତି।

୧୨

୧୦

**ବିବାହ ନେଇ ଗୁଜବ**

ଦକ୍ଷିଣ ଭାରତୀୟ ଫିଲ୍ମ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଓ ନାୟକ ବିଜୟ ଦେବରକୋଣ୍ଡାଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର ଧରିଛି।



**ଆଜିର ସମ୍ପାଦକୀୟ**

ଅସହିଷ୍ଣୁ ବିଚାର

୨୦୨୪ରେ ଇସ୍ରୋ-ନାସାର ମିଳିତ ସ୍ପେସ୍ ମିଶନ

ପୃଷ୍ଠା-୨

# ବିରୋଧୀ ମଞ୍ଚ ପ୍ରସ୍ତୁତ

## ମିଶନ ୨୦୨୪: ପାଟନାରେ ଆଜି ଏକାଠି ହେବେ ୧୫ ଦଳର ନେତା

**ସାଧାରଣ ନିର୍ବାଚନକୁ ପ୍ରାୟ ୧୦ ମାସ ବାକି ଥିବାବେଳେ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ବିରୋଧୀ ଜୋର୍‌ଦାର ପ୍ରସ୍ତୁତି ଚଳାଇଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିମନ୍ତ୍ରଣକ୍ରମେ ଶୁକ୍ରବାର ପାଟନାରେ ବିରୋଧୀ ଦଳଗୁଡ଼ିକର ବିଶାଳ ସମାବେଶ ଆୟୋଜିତ ହେବାକୁ ଯାଉଛି। ଏଥିରେ ପ୍ରାୟ ୧୫ ବିପକ୍ଷ ଦଳର ନେତାମାନେ ଯୋଗଦେଇ ଶକ୍ତି ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରତିଟି ଲୋକ ସଭା ଆସନରେ ଭୋଟ ବିଭାଜନକୁ ଏଡ଼ାଇବା ପାଇଁ ଭାଜପା ବିପକ୍ଷରେ ବିରୋଧୀଙ୍କ ପକ୍ଷରୁ ମିଳିତ ପ୍ରାର୍ଥୀ ଦେବା ବୈଠକର ମୁଖ୍ୟ କାର୍ଯ୍ୟସୂଚୀ ହୋଇଥିବାରୁ ଏହା ଉପରେ ଦେଶବାସୀଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।**



ରାହୁଲ ଗାନ୍ଧୀ



ନୀତୀଶ କୁମାର



ମମତା ବାନାର୍ଜୀ

ପାଟନା/ନୂଆଦିଲ୍ଲୀ,୨୨।୬ (ପ୍ରସ୍ତୁତି: ଦୁର୍ଯ୍ୟୋଧନ ମିଶ୍ର)

ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ ଓ ୨୦୧୯ରେ ଲଗାତର ଦୁଇଥର ଭାଜପା ପାଇଁ ଅଭୂତପୂର୍ବ ସଫଳତା ଆଣିଦେଇ ନିରଙ୍କୁଶ କ୍ଷମତା ଉପଭୋଗ କରୁଛନ୍ତି। ମୋଦିଙ୍କ ଲୋକପ୍ରିୟତା ଆଗରେ ବିରୋଧୀଙ୍କ ଅଧିକାଂଶ ରଣନୀତି ଫେଲ୍ ମାରୁଛି। ତାଙ୍କୁ ଟକ୍କର ଦେବା ଭଳି ବ୍ୟକ୍ତିତ୍ୱ ବିପକ୍ଷର କୌଣସି ନେତାଙ୍କଠାରେ ଥିବା ଭଳି ମନେହେଉନାହିଁ। ମୋଦିଙ୍କ ସମକକ୍ଷ ହେବା ପାଇଁ ଅତୀତରେ ଅନେକ ନେତା ଉଦ୍ୟମ କରିବା ସତ୍ତ୍ୱେ ବିଭିନ୍ନ କାରଣରୁ ସଫଳ ହୋଇନାହାନ୍ତି। ତେଣୁ 'ଏକତା ହିଁ ବଳ'କୁ ପୁଞ୍ଜିକରି କରି ଆସନ୍ତା ବର୍ଷର ଲୋକ ସଭା ନିର୍ବାଚନରେ ଭାଜପାର ବିଜୟ ଧାରାରେ ବ୍ରେକ୍ ଦେବା ନିମନ୍ତେ ବିଧିବଦ୍ଧ ପ୍ରୟାସ ଆରମ୍ଭ ହୋଇଛି। ସାଧାରଣ ନିର୍ବାଚନ ପଇଁ ମିଳିତ ରଣନୀତି ପ୍ରସ୍ତୁତି ସକାଶେ ବିରୋଧୀ ସଜବାଜ ହେଉଥିବାବେଳେ ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ) ନେତା ନୀତୀଶ କୁମାରଙ୍କ 'ଏକତା ଉଦ୍ୟମ' ଏହାକୁ ବଳ ଦେଇଛି। ସବୁ ବିରୋଧୀ ଏକାଠି ହୋଇପାରିଲେ ଶୁକ୍ରବାର ହେବାକୁ ଥିବା ପାଟନା ରାଲି ବିରୋଧୀ ଦଳଗୁଡ଼ିକର ନୈତିକ ମନୋବଳ ବୃଦ୍ଧି କରିପାରେ। ଏହାର ସଫଳତା ଭାଜପାର ନିଦ ହଜାଇ ଦେଇପାରେ। କିନ୍ତୁ ଏଥିପାଇଁ ଆଞ୍ଚଳିକ ଦଳଗୁଡ଼ିକର ନେତାମାନଙ୍କୁ ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷା ପରିତ୍ୟାଗ କରିବାକୁ ପଡ଼ିବ ବୋଲି ରାଜନୈତିକ ବିଶ୍ଳେଷକ ମତ ଦେଉଛନ୍ତି। ନୀତୀଶ କୁମାରଙ୍କ

☞ ପୃଷ୍ଠା-୪













**ଏଲ୍‌ପିଜି ସିଲିଣ୍ଡର ଫାଟି ୩୧ ମୃତ**

ଚାଇନାର ୟିନଚୁଆନ ସହରରେ ଥିବା ଏକ ବାର୍ବିକ୍ୟୁ ରେଷ୍ଟୁରାଣ୍ଟରେ ଏଲ୍‌ପିଜି ସିଲିଣ୍ଡର ଫାଟି ୩୧ ଜଣଙ୍କ ମୃତ୍ୟୁ ଘଟିଛି। ଡ୍ରାଗନ୍ ବୋଟ୍ ଫେଷ୍ଟିଭାଲ ପାଇଁ ବହୁ ଲୋକ ନିଜ ପ୍ରିୟଜନଙ୍କ ସହ ରେଷ୍ଟୁରାଣ୍ଟକୁ ଆସିଥିବାବେଳେ ଏହି ଅଘଟଣ ଘଟିଛି। ହୋଟେଲ ମାଲିକ ଓ ଷ୍ଟାଫ୍‌ଙ୍କ ସମେତ ୯ ଜଣଙ୍କୁ ପୋଲିସ ଅଟକ ରଖିଛି। ୭ ଗୁରୁତର ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (ମଝି)।

# ୨୦୨୪ରେ ଇସ୍ରୋ-ନାସାର ମିଳିତ ସ୍ପେସ୍ ମିଶନ



ଆମେରିକାର ମହାକାଶ ସଂସ୍ଥା ନାସା (ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ) ଏବଂ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚଳିତବର୍ଷ ମହାକାଶକୁ ମାନବ ପ୍ରେରଣ ଲାଗି ଏକ ରଣନୀତିକ କାର୍ଯ୍ୟଯୋଜନା ପ୍ରସ୍ତୁତ କରୁଛନ୍ତି। ଆମେରିକାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ଷ୍ଟେଟ୍ ଭିଜିଟ୍ ଅବସରରେ ଗୁରୁବାର ଭାରତ ଆର୍ଟେମିସ୍ ଆକର୍ଡସ୍‌ରେ ଯୋଗଦେବା ପାଇଁ ନିଷ୍ପତ୍ତି ନେଇଛି। ୨୦୨୪ରେ ନାସା ଏବଂ ଇସ୍ରୋ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)କୁ ଏକ ମିଳିତ ମିଶନ କରିବା ଲାଗି ସହମତ ହୋଇଛନ୍ତି। ଆର୍ଟେମିସ୍ ଆକର୍ଡସ୍‌ରେ ଭାରତ ସ୍ୱାକ୍ଷର କରିଥିବା ଆମେ ଘୋଷଣା କରିପାରିବା ବୋଲି ନାସାର ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ କହିଛନ୍ତି। ସମସ୍ତ ମାନବଜାତିର ଲାଭ ପାଇଁ ମହାକାଶ ଆବିଷ୍କାର ଲାଗି ଦୁଇ ଦେଶର ମିଳିତ ଦୂରଦୃଷ୍ଟି ରହିଥିବା ସେ କହିଛନ୍ତି। ୧୯୬୭ର ଆଉଟର ସ୍ପେସ୍ ଟ୍ରିଟି (ଓଏସ୍‌ଟି) ଆଧାରରେ ଆର୍ଟେମିସ୍ ଆକର୍ଡସ ନିୟମାବଳୀ ପ୍ରସ୍ତୁତ କରାଯାଇଛି ଯାହା ବେସାମରିକ ମହାକାଶ ଆବିଷ୍କାରକୁ ମାର୍ଗଦର୍ଶନ ଦେଇଥାଏ। ଏକବିଂଶ ଶତାବ୍ଦୀରେ ଏହାର ବ୍ୟବହାର ହେଉଛି। ୨୦୨୫ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ଲୋକଙ୍କୁ ପହଞ୍ଚାଇବା ଲାଗି ଆମେରିକା ନେତୃତ୍ୱରେ ଏହି ଉଦ୍ୟମ ଜାରି ରହିଛି। ଏଥିସହିତ ମଙ୍ଗଳ ଓ ଅନ୍ୟ ଗ୍ରହକୁ ମହାକାଶ ଆବିଷ୍କାରରେ ସାମିଲ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଥମ ଷ୍ଟେଟ୍ ଭିଜିଟ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ସମ୍ମାନ ଆମେରିକା କେବଳ ଏହାର ଘନିଷ୍ଠ ବନ୍ଧୁ ରାଷ୍ଟ୍ରକୁ ଦେଇଥାଏ। ଏହି ଆମନ୍ତ୍ରଣ ଦୁଇଦେଶର ସମ୍ପର୍କକୁ ଅଧିକ ମଜଭୁତ କରିବାର ସଙ୍କେତ ଦେଉଛି। ମୋଦିଙ୍କ ଗସ୍ତ ଅବସରରେ ପ୍ରତିରକ୍ଷା ସହଯୋଗ ସ୍ୱରୂପ ଭାରତରେ ଯୁଦ୍ଧବିମାନ ଇଞ୍ଜିନ ନିର୍ମାଣ ଲାଗି ଜିଇ ଏରୋସ୍ପେସ୍ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ ସହ ଚୁକ୍ତିନାମା ସ୍ୱାକ୍ଷର କରିଛି। ଦୁଇ ଦେଶ ଏଚ୍-୧ବି ଭିଜା ପ୍ରକ୍ରିୟାରେ ପରିବର୍ତ୍ତନ ଏବଂ ନୂଆ ବାଣିଜ୍ୟିକ ଦୂତାବାସ ଖୋଲିବା ନେଇ ଘୋଷଣା କରିବାକୁ ଯାଉଛନ୍ତି। କୂଟନୈତିକ ସମ୍ପର୍କ ବୃଦ୍ଧି ଦିଗରେ ଏହା ଏକ ବଡ଼ ପଦକ୍ଷେପ। ଭାରତର ଆମେରିକାରେ ୫ଟି କନ୍‌ସୁଲେଟ ଥିବାବେଳେ ସିଟଲ୍‌ରେ ଆଉ ଏକ କନ୍‌ସୁଲେଟ୍ ଖୋଲିବାକୁ ଯାଉଛି। ସେହିପରି ଆମେରିକା ବେଙ୍ଗାଲୁରୁ ଏବଂ ଅହମଦାବାଦରେ ନୂଆ ବାଣିଜ୍ୟିକ ଦୂତାବାସ ଖୋଲିବ। ନୂଆ ଭିଜା ନିୟମ ଦ୍ୱାରା ଭାରତୀୟମାନଙ୍କୁ ଆମେରିକାରେ ରହିବା ଓ କାମ କରିବାରେ ସହଜ ହେବ। ସେହିପରି ମୋଦିଙ୍କ ଆମନ୍ତ୍ରଣକ୍ରମେ ମାଇକ୍ରନ୍ ଟେକ୍‌ନୋଲୋଜି ଭାରତରେ ସେମିକଣ୍ଡକ୍ଟର ଉତ୍ପାଦନ କରିବାକୁ ଯାଉଛି।

# ବିଶ୍ୱଶାନ୍ତି ପାଇଁ ଭାରତ-ଆମେରିକା ପ୍ରତିଶ୍ରୁତିବଦ୍ଧ

## ହ୍ୱାଇଟ୍ ହାଉସ୍‌ରେ ମୋଦି-ବାଇଡେନ୍ ଆଲୋଚନା

ୱାଶିଂଟନ, ୨୨।୬
ପ୍ରସ୍ତୁତି: ଅରୂପାନନ୍ଦ ଦେଠୀ





ଆମେରିକା ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶ୍ୱ ଶାନ୍ତି ଲାଗି ଭାରତ ଓ ଆମେରିକା ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଦୁଇଦେଶ ଦାରିଦ୍ର୍ୟ ଦୂରୀକରଣ, ଜଳବାୟୁ ପରିବର୍ତ୍ତନର ମୁକାବିଲା, ସ୍ୱାସ୍ଥ୍ୟସେବା ସମସ୍ତଙ୍କ ପାଖରେ ପହଞ୍ଚାଇବା ଏବଂ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏହା କେବଳ ଭାରତ ଏବଂ ଆମେରିକାର ବିଷୟ ନୁହେଁ, ସାରା ବିଶ୍ୱ ପାଇଁ ଉଦ୍ଦିଷ୍ଟ ବୋଲି ରାଷ୍ଟ୍ରପତି ବାଇଡେନ୍ କହିଛନ୍ତି। ଦୁଇ ବୃହତ୍ ରାଷ୍ଟ୍ର, ଦୁଇ ମହାଶକ୍ତି ଓ ଦୁଇ ମହାନ୍ ବନ୍ଧୁ ଏକବିଂଶ ଶତାବ୍ଦୀକୁ ଉପଯୁକ୍ତ ମାର୍ଗଦର୍ଶନ କରିପାରିବେ ବୋଲି ଆମେରିକା ରାଷ୍ଟ୍ରପତି କହିଛନ୍ତି।

ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ଉଦ୍‌ବୋଧନ ଦେବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ବାଇଡେନ୍‌ଙ୍କ ସହ ହ୍ୱାଇଟ୍ ହାଉସ୍‌ରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ସେଠାରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ୧୯ ତୋପ ସଲାମୀ ଦିଆଯାଇଥିଲା। ହ୍ୱାଇଟ୍ ହାଉସ୍ ସାଉଥ୍ ଲନ୍‌ରେ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେ ଉପରାଷ୍ଟ୍ରପତି ହେବାଠାରୁ ଏପର୍ଯ୍ୟନ୍ତ ଅନେକ ସମୟ ମୋଦିଙ୍କ ସହ ଏକାଠି ବିତାଇଥିବା ବାଇଡେନ୍ କହିଥିଲେ। ବିଶ୍ୱର ସାମ୍ପ୍ରତିକ ସ୍ଥିତି ଅନୁଯାୟୀ ଭାରତ-ଆମେରିକା ଏକାଠି କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ ବୋଲି ସେ ମତ ଦେଇଥିଲେ। ଭାରତ ଓ ଆମେରିକା ସମ୍ପର୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ଦୁଇ ଦେଶର ସମ୍ବିଧାନ 'ଆମେ ଜନସାଧାରଣ' ଶବ୍ଦରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ଉଭୟ ଦେଶ ଆମ ବିବିଧତାକୁ ନେଇ ଗର୍ବ ଅନୁଭବ କରେ। କୋଭିଡ୍ ମହାମାରୀ ପରେ ବିଶ୍ୱ ଏକ ନୂଆ ରୂପ ନେଇଛି। ବୈଶ୍ୱିକ ସୁବିଧା, ବିଶ୍ୱ ଶାନ୍ତି ଓ ସ୍ଥିରତା ପାଇଁ ଆମେ ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

### ଦ୍ୱିପାକ୍ଷିକ ସମ୍ପର୍କର ନୂଆ ଅଧ୍ୟାୟ

ଦୁଇଦେଶ ଆଜି ନେଉଥିବା ନିଷ୍ପତ୍ତିର ଗୁରୁତ୍ୱ ସମ୍ପର୍କରେ ବାଇଡେନ୍ କହିଥିଲେ, ତାହା ଭବିଷ୍ୟତ ପିଢ଼ିଙ୍କୁ ପ୍ରଭାବିତ କରିବ। ସ୍ୱାସ୍ଥ୍ୟସେବା, ଜଳବାୟୁ ପରିବର୍ତ୍ତନ, ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ ଭଳି ଚ୍ୟାଲେଞ୍ଜ ଏବଂ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୁଇ ଦେଶ ଏକାଠି କାର୍ଯ୍ୟ କରୁଛନ୍ତି। ଧର୍ମୀୟ ସ୍ୱାଧୀନତାର ଗୁରୁତ୍ୱ ସମ୍ପର୍କରେ ବାଇଡେନ୍ କହିଥିଲେ ଏହା ଉଭୟ ଦେଶ ପାଇଁ ମୁଖ୍ୟ ସିଦ୍ଧାନ୍ତ।

ହ୍ୱାଇଟ୍ ହାଉସ୍‌ରେ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ପ୍ରଧାନମନ୍ତ୍ରୀ ବାଇଡେନ୍ ଓ ତାଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍‌ଙ୍କ ସମେତ ଆମେରିକା ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ। ଆଜିର ଭବ୍ୟ ସ୍ୱାଗତ ଉତ୍ସବ ୧.୪ ବିଲିୟନ ଭାରତୀୟଙ୍କ ପାଇଁ ସମ୍ମାନ ଓ ଗର୍ବର ବିଷୟ। ଆମେରିକାରେ ରହିଥିବା ୪ ନିୟୁତରୁ ଊର୍ଦ୍ଧ୍ୱ ଭାରତୀୟ ବଂଶୋଦ୍ଭବଙ୍କ ପାଇଁ ମଧ୍ୟ ଏହା ସମ୍ମାନର ବିଷୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ମୋଦି ୩ ଦଶନ୍ଧି ପୂର୍ବେ ଆମେରିକାକୁ ଜଣେ ସାଧାରଣ ବ୍ୟକ୍ତି ଭାବେ ଆସି ହ୍ୱାଇଟ୍ ହାଉସ୍‌କୁ ବାହାରୁ ଦେଖିଥିଲେ। ପ୍ରଧାନମନ୍ତ୍ରୀ ହେବା ପରେ ସେ ବହୁଥର ଆମେରିକା ଆସିଛନ୍ତି। ତେବେ ପ୍ରଥମ ଥର ଲାଗି ଏତେ ସଂଖ୍ୟାରେ ଭାରତୀୟ-ଆମେରିକୀୟଙ୍କ ପାଇଁ ହ୍ୱାଇଟ୍ ହାଉସ୍ ତା'ର ଦ୍ୱାର ଉନ୍ମୁକ୍ତ କରିଦେଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

# ଭାରତରେ ଯୁଦ୍ଧବିମାନ ଇଞ୍ଜିନ ନିର୍ମାଣ ହେବ



ଭାରତୀୟ ବାୟୁସେନାର ହାଲୁକା ଯୁଦ୍ଧବିମାନ ଏମ୍‌କେ-୨ ତେଜସ୍ ନିମନ୍ତେ ଆମେରିକାର ଜିଇ ଏରୋସ୍ପେସ୍ ଏବଂ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ଏଚ୍‌ଏଏଲ୍) ମିଳିତ ଭାବେ ଇଞ୍ଜିନ ନିର୍ମାଣ କରିବେ। ଏଥିପାଇଁ ଦୁଇ ସଂସ୍ଥା ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିବା ଗୁରୁବାର ଜିଇ ଏରୋସ୍ପେସ୍ ପକ୍ଷରୁ ଘୋଷଣା କରାଯାଇଛି। ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ଆମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାକୁ ପ୍ରଥମ ଷ୍ଟେଟ୍ ଗସ୍ତରେ ଯାଇଥିବାବେଳେ ଏହି ଘୋଷଣା କରାଯାଇଛି। ଚୁକ୍ତିନାମା ଅନୁଯାୟୀ ଭାରତରେ ଜିଓ ଏରୋସ୍ପେସ୍‌ର ଏଫ୍୪୧୪ ଇଞ୍ଜିନ୍ ମିଳିତ ଭାବେ ନିର୍ମାଣ କରାଯିବ। ଏଥିପାଇଁ ଆବଶ୍ୟକ ରପ୍ତାନି ଅଧିକାର ପାଇବା ନିମନ୍ତେ ଜିଇ ଏରୋସ୍ପେସ୍ କ୍ରମାଗତ ଭାବେ ଆମେରିକା ସରକାରଙ୍କ ସହ କାର୍ଯ୍ୟ କରିବ ବୋଲି ଉକ୍ତ କମ୍ପାନୀ ପକ୍ଷରୁ କୁହାଯାଇଛି। ଏଚ୍‌ଏଏଲ୍ ସହ ହୋଇଥିବା ବୁଝାମଣା ପତ୍ର ଭାରତ-ଆମେରିକା ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବାରେ ପ୍ରମୁଖ ଉପାଦାନ। ଏହା ଏକ ଐତିହାସିକ ଚୁକ୍ତିନାମା। ଭାରତ ଏବଂ ଏଚ୍‌ଏଏଲ୍ ସହ ଆମର ଦୀର୍ଘଦିନର ସହଭାଗିତା ପାଇଁ ଏହା ସମ୍ଭବ ହୋଇଥିବା ଜିଇ ଏରୋସ୍ପେସ୍‌ର ସିଇଓ ତଥା ଜିଇର ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଚ୍. ଲରେନ୍ସ କଲ୍ପ ଜୁନିୟର କହିଛନ୍ତି।

### ଜିଇ ଏରୋସ୍ପେସ୍, ଏଚ୍‌ଏଏଲ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର

# ମୋଦିଙ୍କ ପାଇଁ ହ୍ୱାଇଟ୍ ହାଉସ୍‌ରେ ନୈଶଭୋଜି

ଭାରତ-ଆମେରିକା ଭବ୍ୟ ବନ୍ଧୁତ୍ୱର ପ୍ରତୀକ ସ୍ୱରୂପ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ବୁଧବାର ରାତିରେ ହ୍ୱାଇଟ୍ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ମାନାର୍ଥେ ଏକ ଅନ୍ତରଙ୍ଗ ନୈଶଭୋଜିର ଆୟୋଜନ କରିଥିଲେ। ବାଇଡେନ୍ ଦମ୍ପତି ମୋଦିଙ୍କୁ ହ୍ୱାଇଟ୍ ହାଉସ୍‌କୁ ପାଛୋଟି ନେଇଥିଲେ। ମୋଦି ରାଷ୍ଟ୍ରପତି ବାଇଡେନ୍‌ଙ୍କ ପରିବାର ସଦସ୍ୟମାନଙ୍କୁ ଭେଟିଥିଲେ। ଏହି ଅବସରରେ ବାଇଡେନ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ବୋଲି ମୋଦି ଟୁଇଟ୍ କରିଛନ୍ତି। ବାଇଡେନ୍ ଦମ୍ପତି ଓ ପ୍ରଧାନମନ୍ତ୍ରୀ ଭାରତୀୟ ଅଞ୍ଚଳର ସଙ୍ଗୀତ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକ୍ ସୁଲିଭାନ୍ ଏବଂ ତାଙ୍କ ଭାରତୀୟ ପ୍ରତିପକ୍ଷ ଅଜିତ ଡୋଭାଲ ସେମାନଙ୍କ ସହ ସାମିଲ ହୋଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହ୍ୱାଇଟ୍ ହାଉସ୍‌ର ସାଉଥ୍ ଲନ୍‌ରେ ରାଷ୍ଟ୍ରପତି ବାଇଡେନ୍ ଏବଂ ଫାଷ୍ଟ ଲେଡି ଗୁରୁବାର ଷ୍ଟେଟ୍ ଡିନରର ଆୟୋଜନ କରିଥିଲେ। ଏଥିରେ ୪୦୦ ଅତିଥି ଯୋଗ ଦେଇଥିଲେ।

# ଗୁଜରାଟରେ ସେମିକଣ୍ଡକ୍ଟର ଉତ୍ପାଦନ କରିବ ମାଇକ୍ରନ୍

ନୂଆଦିଲ୍ଲୀ, ୨୨।୬ (ପି.ଟି.)

ଆମେରିକାର କମ୍ପ୍ୟୁଟର ଷ୍ଟୋରେଜ୍ ଚିପ୍ ନିର୍ମାତା ମାଇକ୍ରନ୍ ୨.୭୫ ବିଲିୟନ ଡଲାର (ପ୍ରାୟ ୨୨,୫୪୦ କୋଟି ଟଙ୍କା) ବିନିଯୋଗରେ ଗୁଜରାଟରେ ଏକ ସେମିକଣ୍ଡକ୍ଟର ଆସେମ୍ବ୍ଲି ଏବଂ ପରୀକ୍ଷା କାରଖାନା ବସାଇବ। ଦୁଇ ପର୍ଯ୍ୟାୟରେ ପ୍ଲାଣ୍ଟ ନିର୍ମାଣରେ ୮୨୫ ନିୟୁତ ଡଲାର ନିବେଶ ହେବ ବୋଲି ମାଇକ୍ରନ୍ ପକ୍ଷରୁ କୁହାଯାଇଛି। ସରକାରଙ୍କ ବିକଶିତ ଆସେମ୍ବ୍ଲି, ପରୀକ୍ଷା, ମାର୍କେଟିଂ ଏବଂ ପ୍ୟାକେଜିଂ (ଏଟିଏମ୍‌ପି) ଯୋଜନାରେ ମାଇକ୍ରନ୍‌ର ଏହି ପ୍ଲାଣ୍ଟକୁ ଅନୁମୋଦନ ମିଳିଛି। ମାଇକ୍ରନ୍ ମୋଟ ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ ଭାରତ ସରକାରଙ୍କଠାରୁ ଏବଂ ୨୦ ପ୍ରତିଶତ ଗୁଜରାଟ ସରକାରଙ୍କଠାରୁ ପ୍ରୋତ୍ସାହନ ଭାବେ ପାଇବ। ନୂଆ ଆସେମ୍ବ୍ଲି ଓ ଟେଷ୍ଟ କାରଖାନାର ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ଆରମ୍ଭ ହେବା ଆଶା କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୫ ଲକ୍ଷ ବର୍ଗଫୁଟ୍‌ର କ୍ଲିନ୍‌ରୁମ୍ ସ୍ପେସ୍ ୨୦୨୪ ଶେଷ ବେଳକୁ କାର୍ଯ୍ୟକ୍ଷମ ହେବ। ଏହି ପ୍ଲାଣ୍ଟ ଆଗାମୀ କେତେବର୍ଷ ଯାଏ ୫,୦୦୦ ନୂଆ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୧୫,୦୦୦ ଗୋଷ୍ଠୀ ନିଯୁକ୍ତି ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଠାରେ ଉଭୟ ଡିଆର୍‌ଏଏମ୍ ଏବଂ ଏନ୍‌ଏଏନ୍‌ଡି ଉତ୍ପାଦ ନିର୍ମାଣ କରାଯିବ ଯାହା ଘରୋଇ ଓ ଅନ୍ତର୍ଜାତୀୟ ବଜାରର ଆବଶ୍ୟକତା ପୂରଣ କରିବ ବୋଲି ଏକ ବିବୃତିରେ କୁହାଯାଇଛି।

# ବାଇଡେନ୍‌ଙ୍କୁ ଚନ୍ଦନକାଠ ବାକ୍ସ, ସବୁଜ ହୀରା ଉପହାର ଦେଲେ ମୋଦି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମ ଷ୍ଟେଟ୍ ଭିଜିଟ୍ ଅବସରରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କୁ ଚନ୍ଦନ କାଠରେ ନିର୍ମିତ ସ୍ୱତନ୍ତ୍ର ବାକ୍ସ ସାଙ୍ଗକୁ ୭.୫ କ୍ୟାରେଟ୍‌ର ସବୁଜ ହୀରା ଉପହାର ପ୍ରଦାନ କରିଛନ୍ତି। କର୍ଣ୍ଣାଟକର ମହୀଶୂରରୁ ଅଣାଯାଇଥିବା ଚନ୍ଦନକାଠରେ ଜୟପୁରର ଜଣେ ମାଷ୍ଟର କାରିଗର ସ୍ୱତନ୍ତ୍ର ବାକ୍ସ ପ୍ରସ୍ତୁତ କରିଛନ୍ତି। ଉକ୍ତ ବାକ୍ସରେ ରୁପା ଗଣେଶ ମୂର୍ତ୍ତି, ଦୀପ, ତମ୍ବା ପାତ୍ର ଏବଂ ଦଶ ଦାନର ପ୍ରତୀକ ସ୍ୱରୂପ ୧୦ଟି ରୁପା ବାକ୍ସ ରହିଛି। ବାଇଡେନ୍‌ଙ୍କୁ ମୋଦିଙ୍କ ଅନ୍ୟ ଉପହାର ହେଉଛି ଇଂରିଶ୍ କବି ୱିଲିୟମ ବଟଲର ୟାଟ୍ସଙ୍କ ଉଦ୍ଦେଶ୍ୟରେ ଆମେରିକା ରାଷ୍ଟ୍ରପତିଙ୍କ ପ୍ରଶାସନକୁ ଏକ ଶ୍ରଦ୍ଧାଞ୍ଜଳି। ଫାଷ୍ଟ ଲେଡି ଜିଲ୍ ବାଇଡେନ୍‌ଙ୍କୁ ମୋଦି ୭.୫ କ୍ୟାରେଟ୍‌ର ଲାବରେଟୋରି ପ୍ରସ୍ତୁତ ଗ୍ରୀନ୍ ଡାଇମଣ୍ଡ ଉପହାର ଦେଇଛନ୍ତି। ଏହା ଭାରତର ସ୍ୱାଧୀନତାର ୭୫ ବର୍ଷ ଏବଂ ସ୍ଥାୟୀ ଅନ୍ତର୍ଜାତୀୟ ସମ୍ପର୍କର ପ୍ରତୀକ ସ୍ୱରୂପ ଦାୟିତ୍ୱସମ୍ପନ୍ନ ଆଲୋକବର୍ତ୍ତିକା।

# କୋୱିନ୍ ତଥ୍ୟ ପ୍ରଘଟ: ୨ ଧରାପଡ଼ିଲେ

**ନୂଆଦିଲ୍ଲୀ, ୨୨।୬:** କୋଭିଡ୍-୧୯ ଟିକାକରଣ ପାଇଁ ଉଦ୍ଦିଷ୍ଟ କୋୱିନ୍ ପୋର୍ଟାଲର ଡେଟା ଲିକ୍ ମାମଲାରେ ଗୁରୁବାର ବିହାରରୁ ଜଣେ ବ୍ୟକ୍ତି ଗିରଫ ହୋଇଥିବାବେଳେ ଅନ୍ୟ ଜଣେ ନାବାଳକ ମଧ୍ୟ ଧରାପଡ଼ିଛନ୍ତି। ଗିରଫ ବ୍ୟକ୍ତି ଜଣକ ଟେଲିଗ୍ରାମ୍ ଆପ୍ ଜରିଆରେ ତଥ୍ୟ ପ୍ରଘଟ କରିଥିବା ପୋଲିସ କହିଛି।





କରୋନା ଭୂତାଣୁ ସଂକ୍ରମଣ ବେଳେ କେନ୍ଦ୍ର ସରକାର କୋୱିନ୍ ପ୍ଲାଟ୍‌ଫର୍ମ ଜରିଆରେ ଟିକା ନେବାକୁ ଚାହୁଁଥିବା ଲୋକଙ୍କୁ ନାମ ପଞ୍ଜୀକରଣ କରାଇବାକୁ କହୁଥିଲେ। ଏଥିରୁ ତଥ୍ୟ ପ୍ରଘଟ ହେବା ନେଇ ପୂର୍ବରୁ ବିରୋଧୀ ଦଳଗୁଡ଼ିକ କେନ୍ଦ୍ରକୁ ଟାର୍ଗେଟ କରିଆସିଛନ୍ତି। କିନ୍ତୁ ନାଗରିକମାନଙ୍କ ବ୍ୟକ୍ତିଗତ ଗୋପନୀୟ ତଥ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଦର୍ଶାଇ ସରକାର ଏଭଳି ଅଭିଯୋଗକୁ ଖଣ୍ଡନ କରିଆସିଛନ୍ତି। ତେବେ ଦେଶର ନୋଡାଲ୍ ସାଇବର ସିକ୍ୟୁରିଟି ଏଜେନ୍ସି ସିଇଆର୍‌ଟି-ଇନ୍ ଏହି ପ୍ରସଙ୍ଗରେ ସମୀକ୍ଷା ପରେ ଟେଲିଗ୍ରାମ୍‌ରେ ତଥ୍ୟ ଲିକ୍ ହୋଇଥିବା ଏହାର ପ୍ରାରମ୍ଭିକ ରିପୋର୍ଟରେ ଦର୍ଶାଇଛି। ବର୍ତ୍ତମାନର ସୁରକ୍ଷା ପଦକ୍ଷେପକୁ ନେଇ ଆଭ୍ୟନ୍ତରୀଣ ସମୀକ୍ଷା ଆରମ୍ଭ ହୋଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି।

# ଟାଇଟାନ୍: ୯୬ ଘଣ୍ଟାର ଅମ୍ଳଜାନ ଶେଷ

ଦୁବାଇ, ୨୨।୬ (ପି.ଟି.)

### ୫ ଜଣଙ୍କ ଜଳ ସମାଧି ଆଶଙ୍କା

ସମୟ ଯେତେ ବଢ଼ୁଛି ଟାଇଟାନିକ୍ ଜାହାଜ ଦେଖିବା ପାଇଁ ବୁଡ଼ା ଜାହାଜରେ ସମୁଦ୍ର ମଧ୍ୟକୁ ଯାଇଥିବା ୫ ଜଣଙ୍କ ଜୀବିତ ରହିବା ସମ୍ଭାବନା ସେତେ କମୁଛି। ବୁଡ଼ାଜାହାଜ ଟାଇଟାନରେ ୯୬ ଘଣ୍ଟାର ଅମ୍ଳଜାନ ରହିଥିବାବେଳେ ଗୁରୁବାର ଏହା ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଯାଇଛି। ଅନ୍ୟପକ୍ଷେ ଟାଇଟାନିକ୍ ଭଗ୍ନାବଶେଷ ନିକଟରେ ଡେବ୍ରିସ୍ ଫିଲ୍ଡ (ଆବର୍ଜନା କ୍ଷେତ୍ର) ରେସ୍କ୍ୟୁଟିମ୍ ଚିହ୍ନଟ କରିଛି। ରବିବାର ଠାରୁ ଓସେନ୍‌ଗେଟ୍‌ର ବୁଡ଼ାଜାହାଜ ଟାଇଟାନ ନିଖୋଜ ହେବା ପରେ ଉଦ୍ଧାର କାର୍ଯ୍ୟରେ ବହୁ ଦେଶର ଟିମ୍ ନିୟୋଜିତ ହୋଇଛନ୍ତି।

ଟାଇଟାନର ଉଦ୍ଧାର କାର୍ଯ୍ୟରେ ଏକାଧିକ ବୁଡ଼ାଜାହାଜ ବ୍ୟବହାର କରାଯାଉଥିବାବେଳେ କାନାଡାର ଏକ ଜାହାଜ ନିର୍ମାଣକାରୀ କମ୍ପାନୀ ଅଣ୍ଡରସି ରୋବୋକୁ ରେସ୍କ୍ୟୁ ଅପରେଶନରେ ସାମିଲ କରାଯାଇଛି। ଟାଇଟାନିକ୍ ଜାହାଜର ଭଗ୍ନାବଶେଷ ପଡ଼ି ରହିଥିବା ସମୁଦ୍ର ଜଳ ନିକଟରେ ରୋବୋ ପହଞ୍ଚି ସର୍ଚ୍ଚ ଅପରେଶନ୍ ଆରମ୍ଭ କରିଦେଇଥିବା ଆମେରିକା କୋଷ୍ଟ ଗାର୍ଡ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଗଭୀର ସମୁଦ୍ର ଜଳରୁ ଶୁଣାଯାଉଥିବା ଧ୍ୱନି ଟାଇଟାନକୁ ଠାବ କରିବାରେ ସାହାଯ୍ୟ କରିବ ବୋଲି କୁହାଯାଉଛି। ରେସ୍କ୍ୟୁ ଅପରେଶନରେ ବ୍ୟବହାର କରାଯାଉଥିବା ଉପକରଣକୁ ସମୁଦ୍ର ଭିତରକୁ ନେଇ ଯିବାରେ ବହୁ ଅସୁବିଧା ହେଉଥିବାବେଳେ ଜଳରାଶିର ଅନ୍ଧକାର ବାତାବରଣ ମଧ୍ୟ ରେସ୍କ୍ୟୁ ଅପରେଶନ୍ ପାଇଁ ବାଧକ ସାଜିଛି। ଉତ୍ତର ଆଟ୍‌ଲାଣ୍ଟିକର ଯେଉଁ ସ୍ଥାନରେ ଟାଇଟାନ ନିଖୋଜ ହୋଇଛି, ସେ ସ୍ଥାନଟି ଝଡ଼ ଓ କୁହୁଡ଼ା ପ୍ରବଣ ଅଞ୍ଚଳ ବୋଲି କୋଷ୍ଟାଲ ଗାର୍ଡସ୍ ଇଣ୍ଟରନ୍ୟାଶନାଲ ଆଇସ୍ ପାଟ୍ରୋଲର ବରିଷ୍ଠ ବୈଜ୍ଞାନିକ ଡୋନାଲ୍ଡ ମର୍ଫି କହିଛନ୍ତି। ରବିବାର ବ୍ରିଟେନ ବିଜନେଶମ୍ୟାନ୍ ହାମିସ୍ ହାର୍ଡିଙ୍ଗ, ପାକିସ୍ତାନ ବ୍ୟବସାୟୀ ଶେହଜାଦା ଦାଉଦ୍, ପୁଅ ସୁଲେମାନଙ୍କୁ ନେଇ ଓସେନ୍‌ଗେଟ୍ ଏକ୍ସପେଡିଶନ୍‌ସ ସିଇଓ ଷ୍ଟକଟୋନ ରଶ ଏବଂ ଫ୍ରାନ୍ସ ସବ୍‌ମେରାଇନ୍ ଅପରେଟର ପଲ୍-ହେନରି ନାର୍ଜିଓଲେଟ ଟାଇଟାନ ବୁଡ଼ାଜାହାଜରେ ଟାଇଟାନିକ ଜାହାଜର ଭଗ୍ନାବଶେଷ ଦେଖିବାକୁ ସମୁଦ୍ର ମଧ୍ୟକୁ ଯାଇଥିଲେ।



ରେସ୍କ୍ୟୁ ଅପରେଶନରେ ନିୟୋଜିତ ରିମୋଟ୍‌ଲି ଅପରେଟେଡ୍ ଅଣ୍ଡରୱାଟର ଭେହିକଲ।




# ଆଶ୍ୱସ୍ତି ଆଣିଲା ମୌସୁମୀ

## ମାଲକାନଗିରି, କୋରାପୁଟ, ଗଜପତି ଜିଲାକୁ ଛୁଇଁଲା

**ଭୁବନେଶ୍ୱର,୨୨।୬(ଅନିଲ ଦାସ)**

ଦୀର୍ଘପ୍ରତୀକ୍ଷାର ଅନ୍ତ ଘଟିଛି। ଗୁରୁବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ପ୍ରବେଶ କରିଛି। ମୌସୁମୀ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ଗଜପତି ଜିଲାକୁ ପ୍ରବେଶ କରିଥିବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛିଦିନ ଧରି ରାଜ୍ୟରେ ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ମୌସୁମୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା

### ୨୬ ଯାଏ ପ୍ରବଳ ବର୍ଷା

ହୋଇଛି। ଭୁବନେଶ୍ୱର ସମେତ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ସର୍ବାଧିକ ୯୨.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଜଗତ୍‌ସିଂହପୁର ୬୪.୩, ଗୋପାଳପୁର ୩୬, ଅନୁଗୋଳ ୩୮, ବାରିପଦା ୨୦.୪, କଟକ ୧୬.୪, କେନ୍ଦୁଝର ୭, ତାଳଚେର ୧୨, କୋରାପୁଟ ୧୪, ସୁନ୍ଦରଗଡ଼ ୨୯.୨, ହୀରାକୁଦ ୧୦.୪, ଦାରିଙ୍ଗବାଡି ୧୪, ଛତ୍ରପୁର ୨୦.୪, ନୟାଗଡ଼ ୩, ଭଦ୍ରକ ୨୭.୮, ଢେଙ୍କାନାଳ ୬, ଖୋର୍ଦ୍ଧା ୧୧ ଏବଂ ବ୍ରହ୍ମପୁରରେ ୩୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆଗାମୀ ୨ ଦିନ ମଧ୍ୟରେ ମୌସୁମୀ ସମଗ୍ର ରାଜ୍ୟକୁ ଘେରିଯିବ ବୋଲି ଅନୁମାନ କରାଯାଇଛି। ଆସନ୍ତା ୨୬ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ବର୍ଷା ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଓଡ଼ିଶାର ୨ ସ୍ୱାସ୍ଥ୍ୟକର୍ମୀଙ୍କୁ ନାଇଟିଙ୍ଗେଲ୍ ଆୱାର୍ଡ

**କଣାସ(ବିଭୂତି ଭୂଷଣ ତ୍ରିପାଠୀ) / ନବରଙ୍ଗପୁର (ସଦାଶିବ ପ୍ରହରାଜ),୨୨।୬**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ଦେଶର ୩୦ ସ୍ୱାସ୍ଥ୍ୟକର୍ମୀଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ୍ ଆୱାର୍ଡ ପ୍ରଦାନ କରାଯାଇଛି। ୨୦୨୨ ଓ ୨୦୨୩ ବର୍ଷ ନିମନ୍ତେ ୧୫ ଜଣ ଲେଖାଏ ସ୍ୱାସ୍ଥ୍ୟକର୍ମୀଙ୍କୁ ଗୁରୁବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶାର ମଞ୍ଜୁଲତା ମହାରଣା ଏବଂ ସେବତୀ ସାହୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ଆୱାର୍ଡ ପାଇଛନ୍ତି।

ସୂଚନା ଅନୁଯାୟୀ, ପୁରୀ ଜିଲା କଣାସ ବ୍ଲକ କାଦୁଆ ପଞ୍ଚାୟତ ଅଧୀନ ସାହାସପୁର ଉପ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ଦୀର୍ଘ ୧୯ ବର୍ଷ ଧରି ସେବା ଯୋଗାଇ ଆସୁଛନ୍ତି। ସେ ଏଏନ୍‌ଏମ ତାଲିମ ସମାପ୍ତ କରିବା ପରେ ୨୦୦୭ରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ପ୍ରଥମେ ଚାକିରି ଆରମ୍ଭ କରିଥିଲେ। ଗତ ୩ବର୍ଷ ମଧ୍ୟରେ ନିଜ ଅଞ୍ଚଳରେ ସେ ଶିଶୁ ମୃତ୍ୟୁହାର ଶୂନ୍ୟ, ୮୯ ପ୍ରତିଶତ ଟିକା ପ୍ରଦାନ କରିବା ସହିତ କୋଭିଡ୍ ଓ ବନ୍ୟା ସମୟରେ ୧୦୪ ଜଣ ମହିଳାଙ୍କ ପ୍ରସବ କରାଇବା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ଫଳରେ ସେ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ଉଦାହରଣ ପାଲଟିଥିଲେ। ସେହିପରି ନବରଙ୍ଗପୁର ଜିଲାର ସେବତୀ ଦୀର୍ଘ ୨୦ବର୍ଷ ଧରି ନିଜ କାର୍ଯ୍ୟ ପ୍ରତି ସମର୍ପିତ ରହିଛନ୍ତି। ସମ୍ପ୍ରତି ସେ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁ ବିଭାଗରେ ନର୍ସିଂ ଅଫିସର ଭାବେ କାର୍ଯ୍ୟରତ ଅଛନ୍ତି। ସେବତୀ ଜିଲାର ଅନେକ ଅପହଞ୍ଚ ଇଲାକାରେ ପହଞ୍ଚି ଲୋକଙ୍କୁ ସଚେତନ କରିବା ସହିତ ସେବା ଯୋଗାଇ ଦେଇଛନ୍ତି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ନବରଙ୍ଗପୁରର ସେବତୀ ସାହୁ ଓ କଣାସ ଅଞ୍ଚଳର ମଞ୍ଜୁଲତା ମହାରଣା ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗେଲ ଆୱାର୍ଡ ଗ୍ରହଣ କରୁଛନ୍ତି।

# ବାହାନଗା ବିଦ୍ୟାଳୟକୁ ୨.୪୯ କୋଟି ମଞ୍ଜୁର



ବାହାନଗାରେ ସ୍କୁଲ ପରିସରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।

**ବାହାନଗା/ଭୁବନେଶ୍ୱର, ୨୨।୬(ଅରୂପ କୁମାର ଦାସ/ଅନିଲ ଦାସ)**

ବାଲେଶ୍ୱର ଜିଲାର ବାହାନଗା ବିଦ୍ୟାଳୟ ୫-ଟି କ୍ରମରେ ପୁନଃ ନିର୍ମାଣ ହେବ। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨କୋଟି ୪୯ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଏହି ଅର୍ଥ ମଞ୍ଜୁର କରାଯାଇଛି। ଗୁରୁବାର ବାଲେଶ୍ୱର ଗସ୍ତରେ ଆସିଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନ ବାହାନଗା ବିଦ୍ୟାଳୟ ପରିଦର୍ଶନରେ ଆସି ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଚିଠିକୁ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ସେହିପରି ଦୁର୍ଘଟଣା ପରେ ମୃତାହତଙ୍କୁ ସ୍ଥାନୀୟ ଲୋକେ ଭଗବାନ ଭଳି ଉଦ୍ଧାର କରିଥିବାରୁ ବାହାନଗା ପଞ୍ଚାୟତକୁ ଏକ ମଡେଲ ପଞ୍ଚାୟତ ଭାବେ ନିର୍ମାଣ ହେବ ବୋଲି ଘୋଷଣା କରିଥିଲେ। ଉପସ୍ଥିତ ଲୋକମାନେ ଦେଇଥିବା ବିଭିନ୍ନ ପ୍ରକଳ୍ପର ଦରଖାସ୍ତଗୁଡିକୁ ପାଣ୍ଡିଆନ ଗ୍ରହଣ କରିବା ସହ ୭ ଦିନ ମଧ୍ୟରେ ଏସବୁର ବିଚାର କରାଯାଇ ଏକ ଭଲ ଖବର ପହଞ୍ଚିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

ଅପରାହ୍ନ ପ୍ରାୟ ଗୋଟାଏ ବେଳେ ସୋରରୁ କାର୍ ଯୋଗେ ବାହାନଗା ଉଚ୍ଚ ବିଦ୍ୟାଳୟ ପଡିଆକୁ ଆସିଥିଲେ ୫-ଟି ସଚିବ ଭି.କେ. ପାଣ୍ଡିଆନ। ସେ ପହଞ୍ଚିବା ପରେ ତାଙ୍କୁ ସଭାସ୍ଥଳକୁ ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇ ପାଛୋଟି ନେଇଥିଲେ। ସଭାସ୍ଥଳରେ ପହଞ୍ଚିବା ପରେ ମିଶନଶକ୍ତିର ମହିଳାମାନେ ପ୍ରଥମେ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେ ସଭାସ୍ଥଳରେ ବସିଥିବା ମହିଳା, ପୁରୁଷ, ଯୁବକ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, କଲେଜ ଛାତ୍ରୀଛାତ୍ରଙ୍କ ନିକଟକୁ ଯାଇ ସେମାନଙ୍କ ଭଲମନ୍ଦ ବୁଝିବା ସହିତ ସେମାନଙ୍କଠାରୁ ଦାବିପତ୍ର ଗହଣ କରିଥିଲେ। ୫-ଟି ସଚିବଙ୍କ ସହିତ ମହିଳା ଓ ଛାତ୍ରୀଛାତ୍ର ସେଲ୍‌ଫି ଉଠାଇବାର ମଜା ନେଇଥିଲେ। ସଭା ଆରମ୍ଭ ହେବା ପୂର୍ବରୁ ରେଳ ଦୁର୍ଘଟଣାରେ ମୃତକଙ୍କ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ରେଳ ଦୁର୍ଘଟଣାରେ କିଭଳି ବାହାନଗାବାସୀ ଉଦ୍ଧାର କରି ସାରାବିଶ୍ୱକୁ ଆଦର୍ଶର ବାର୍ତ୍ତା ଦେଇଛନ୍ତି ସେଥିଲାଗି ସେ ହୃଦୟରୁ ସମସ୍ତଙ୍କୁ ପ୍ରଣାମ କରିଥିଲେ। ଦୁର୍ଘଟଣାରୁ ରକ୍ଷା ପାଇଯାଇଥିବା ଲୋକଙ୍କ ପାଇଁ ଆପଣମାନେ ଭଗବାନ ସଦୃଶ ବୋଲି ବିଭିନ୍ନ ରାଜ୍ୟର ଚିକିତ୍ସିତ ହେଉଥିବା ବ୍ୟକ୍ତି ଓ ମହିଳାଙ୍କ ପରିବାରର ଲୋକମାନେ ପ୍ରକାଶ କରିଛନ୍ତି। ସେଥିପାଇଁ ଉଦ୍ଧାରକାରୀଙ୍କୁ ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ସମ୍ମାନିତ କରିବେ। ସେଥିପାଇଁ ଆପଣମାନଙ୍କୁ ଭୁବନେଶ୍ୱରକୁ ଡକାଯିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ବୋଲି ପାଣ୍ଡିଆନ କହିଥିଲେ। ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ଉନ୍ନତି କଥା ସବୁବେଳେ ଚିନ୍ତା କରନ୍ତି ସେଥିପାଇଁ ସେ ମିଶନ ଶକ୍ତିକୁ ତ୍ୱରାନ୍ୱିତ କରିବା ସହ ମା'ମାନଙ୍କ ହାତକୁ କିପରି ଟଙ୍କା ଆସିବ ସେ ବାବଦରେ ସେ ବିଭିନ୍ନ ଯୋଜନା କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ସେଥିରେ ବ୍ଲକର ଉନ୍ନତି, ଏକ ଗେଷ୍ଟ ହାଉସ୍ ବା ଆଇବି ନିର୍ମାଣ, ବ୍ଲକରେ ଏକ ଭିଡିଓ କନଫରେନ୍ସ ହଲ୍, ମିଟିଂ ହଲ୍, ଷ୍ଟାଫ୍ କ୍ୱାର୍ଟର୍ସ, ବିଭିନ୍ନ ବିଭାଗର କର୍ମଚାରୀ ଅଭାବ ସମେତ ଓଡଶାଳ ପଞ୍ଚାୟତରେ ଥିବା ସୁଲୋଚନା ଗୋଦାବରୀ ହାଇସ୍କୁଲର ଉନ୍ନତି ଓ ସରକାର ତାକୁ ହାତକୁ ନେବାପାଇଁ ଏକ ଦାବିପତ୍ର ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ, ଏସ୍‌ପି, ବିଡିଓ, ତହସିଲଦାର ପ୍ରମୁଖ ଜିଲା ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାହାନଗା ପଞ୍ଚାୟତ ହେବ ମଡେଲ ପଞ୍ଚାୟତ










**ଆଜିର ମନ୍ତବ୍ୟ**

"ମଣିପୁର ୫୦ ଦିନ ଧରି ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ନୀରବ ରହିଛନ୍ତି। ପ୍ରଧାନମନ୍ତ୍ରୀ ଦେଶରେ ନ ଥିବାବେଳେ ଏକ ସର୍ବଦଳୀୟ ବୈଠକ ଡକାଯାଇଛି। ଉକ୍ତ ବୈଠକ ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ବୁଝାପଡୁଛି।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଆଁ ଧୋଅରା , ସାଇ ବେହେରା**
**ନ ମିଳେ ଋଣ, ପିତା ତିଉଣ**
**ସରସ ଲୁଣ, ଝିଅ ମରଣ**
**ଆଗେ ଦୁଃଖ, ପଛେ ସୁଖ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖ ଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଛରେ ପାକଲା କେନ୍ଦୁ**
**ଘଇତା ଆଗରେ ସକେଇ କାନ୍ଦୁ**
**ଦିଅର ସଙ୍ଗତେ ବନ୍ଧୁ।**

ଅବୈଧ ସମ୍ପର୍କ ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଭୁଲ୍ ହେବନାହିଁ। ଦିଅର ସହ ଚୋରା ପୀରତିକୁ ଘୋଡାଇବା ପାଇଁ ସ୍ୱାମୀ ପାଖରେ ବାହାନା କରୁଥିବା ବ୍ୟଭିଚାରିଣୀ ନାରୀ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭିଜିଲାନ୍ସ ଜାଲରେ କୋଟିପତି ପୂର୍ବତନ ଡିଏସ୍‌ଡବ୍ଲ୍ୟୁଓ

ଭୁବନେଶ୍ୱର(ସତ୍ୟଜିତ୍ ରାଉତ)/ଭଦ୍ରକ (ସନାତନ ରାଉତ)/ବାଲେଶ୍ୱର(ମାନସ ବିଶ୍ୱାଳ) ୨୨।୬

ଭଦ୍ରକର ପୂର୍ବତନ ଜିଲା ସମାଜ ମଙ୍ଗଳ ଅଧିକାରିଣୀ (ଡିଏସ୍‌ଡବ୍ଲ୍ୟୁଓ) ଜୟନ୍ତୀ ବେହେରା ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଗୁରୁବାର ଭିଜିଲାନ୍ସର ୧୧ଟି ଟିମ୍ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଜୟନ୍ତୀଙ୍କ ଘର ସମେତ ଭଦ୍ରକ, ବାଲେଶ୍ୱର ଓ ଭୁବନେଶ୍ୱରର ୧୧ ସ୍ଥାନରେ ଏକକାଳୀନ ଚଢ଼ାଉ କରିଛି। ବେହେରା ଗତ ଜୁନ ୬ରେ ଭୁବନେଶ୍ୱରକୁ ବଦଳି ହୋଇଆସିଛନ୍ତି। ସମ୍ପ୍ରତି ସେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ସାମାଜିକ ମଙ୍ଗଳ ଅଧିକାରିଣୀ (ଏସ୍‌ଡବ୍ଲ୍ୟୁଓ) ଭାବେ କାର୍ଯ୍ୟ କରୁଛନ୍ତି। ତେବେ ସେ ଏପର୍ଯ୍ୟନ୍ତ ତାଙ୍କ ପୂର୍ବ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଚଢ଼ାଉ ହେଉଥିବା ସ୍ଥାନ ମଧ୍ୟରେ ଜୟନ୍ତୀଙ୍କ ଭଦ୍ରକସ୍ଥିତ ଭଡ଼ାଘର, ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ଗଣେଶ୍ୱରପୁର ସିଦ୍ଧେଶ୍ୱର କଲୋନୀସ୍ଥିତ ଅର୍ଦ୍ଧନିର୍ମିତ ଦୁଇମହଲା କୋଠା, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ କୋଠରି, ଭଦ୍ରକ ଜିଲା ସାମାଜିକ ମଙ୍ଗଳ କାର୍ଯ୍ୟାଳୟସ୍ଥିତ କୋଠରି, ବାଲେଶ୍ୱର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସିସିଇ (କଲ୍ ସେଣ୍ଟର୍ ଏକ୍ଜିକ୍ୟୁଟିଭ୍) ଥିବା ପୁଅ ରୋହିତ କୁମାର ମଣ୍ଡଳଙ୍କ ଅଫିସ ଚାମ୍ବର, ବାଲେଶ୍ୱର ସୁନହଟସ୍ଥିତ ସମ୍ପର୍କୀୟଙ୍କ ଘର ଏବଂ ସହଯୋଗୀ ଛତୁଆ ବଣ୍ଟନ କରୁଥିବା କଣ୍ଟ୍ରାକ୍ଟରଙ୍କ ବାଲେଶ୍ୱର ଚିଡ଼ିଆପୋଲସ୍ଥିତ ଘର ଆଦି ରହିଛି। ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ହେଉଥିବା ଏହି ଚଢ଼ାଉରେ ଭିଜିଲାନ୍ସର ଜଣେ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୮ ଇନ୍ସପେକ୍ଟର, ୨ ଏସ୍‌ଆଇ, ୩ ଏଏସ୍‌ଆଇ ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଏହି ଚଢ଼ାଉରେ ଜୟନ୍ତୀଙ୍କଠାରୁ ବିପୁଳ ପରିମାଣର ସମ୍ପତ୍ତି ଠାବ ହୋଇଛି।

ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ବାଲେଶ୍ୱର ଜିଲାର ଗଣେଶ୍ୱରପୁରରେ ୪୦୦୭ ବର୍ଗଫୁଟରେ ଥିବା ୩ ମହଲା କୋଠା, ୧୧୪୦ ବର୍ଗଫୁଟରେ ଥିବା ଅନ୍ୟ ଏକ ଦୁଇମହଲା କୋଠା, ଫିରିଙ୍ଗିପାଟଣାସ୍ଥିତ ୪୩୬୬ ବର୍ଗଫୁଟରେ ଏକ ୩ ମହଲା କୋଠା, ଭୁବନେଶ୍ୱର ଓଲ୍ଡ ଟାଉନସ୍ଥିତ ଷ୍ଟଲୱାର୍ଟ ପ୍ୟାଲେସ୍‌ରେ ୩ ବିଏଚ୍‌କେ ଫ୍ଲାଟ, ଗୌତମ ନଗରସ୍ଥିତ ଉତ୍କଳ ରେସିଡେନ୍ସିରେ ୫୧ ଲକ୍ଷ ଟଙ୍କାର ୩ ବିଏଚ୍‌କେ ଫ୍ଲାଟ ଓ ବାଲେଶ୍ୱରର ମୁଖ୍ୟ ଅଞ୍ଚଳରେ ୮ଟି ପ୍ଲଟ୍ ଠାବ ହୋଇଛି। ଏସବୁ ସମ୍ପତ୍ତିର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସ ଟେକ୍ନିକାଲ୍ ଉଇଙ୍ଗ୍ ପ୍ରୟାସ ଜାରି ରଖିଛି। ସେହିପରି ନଗଦ ୨.୭୯ ଲକ୍ଷ ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୧.୬୧ କୋଟି, ଗୋଟିଏ ଚାରିଚକିଆ ଯାନ, ୨ଟି ବାଇକ୍, ୨.୧୧୨ କେଜି ରୁପା ଅଳଙ୍କାର ଏବଂ ୭.୩୯ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସମେତ ଘରୋଇ ସାମଗ୍ରୀ ଠାବ ହୋଇଛି। ତେବେ ଠାବ ହୋଇଥିବା ଏସବୁ ସମ୍ପତ୍ତି ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଚଢ଼ାଉ ଜାରି ରହିଥିବାବେଳେ ଜୟନ୍ତୀଙ୍କୁ ଏନେଇ ଅଧିକ ପଚରାଉଚରା କରାଯାଉଛି। ଚଢ଼ାଉ ଓ ଯାଞ୍ଚ ସରିବା ପରେ ସମ୍ପତ୍ତିର ପରିମାଣ ଆହୁରି ବଢ଼ିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଛତୁଆ ଯୋଗାଣରେ ଜୟନ୍ତୀ ଯୋଗାଣକାରୀ ସଂସ୍ଥାଠାରୁ ଲାଞ୍ଚ ନେଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେଣୁ ଭିଜିଲାନ୍ସ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ଗଣମାଧ୍ୟମକୁ ଜୟନ୍ତୀଙ୍କ ପୁଅ କହିଛନ୍ତି, ମିଡିଲ କ୍ଲାସ ପରିବାରରେ ଯେତିକି ଆବଶ୍ୟକତା ଆମ ପାଖରେ ତାହା ଅଛି। ଆମ ବିରୋଧରେ ଷଡ଼ଯନ୍ତ୍ର କରି ଏହି ରେଡ୍ କରାଯାଉଛି ବୋଲି ସେ କହିଛନ୍ତି।



### ୧୧ ସ୍ଥାନରେ ଚଢ଼ାଉ, ବିପୁଳ ସମ୍ପତ୍ତି ଠାବ

- ୩ ବହୁ ମହଲା ବିଶିଷ୍ଟ କୋଠା, ୨ ଫ୍ଲାଟ୍, ୮ ପ୍ଲଟ୍, ୨ କେଜିରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର
- ନଗଦ ୨.୭୯ ଲକ୍ଷ ଟଙ୍କା, ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ଜମା ୧.୬୧ କୋଟି
- ଛତୁଆ ଦୁର୍ନୀତିରୁ ସମ୍ପତ୍ତି ଅର୍ଜନ ସନ୍ଦେହ, ପୁଅ କହିଲେ ଏହା ଷଡ଼ଯନ୍ତ୍ର

# ସ୍ମୃତିରଞ୍ଜନ ପ୍ରଧାନ ଗଜପତି ଜିଲାପାଳ

ଭୁବନେଶ୍ୱର,୨୨।୬(ଅନିଲ ଦାସ)



ରାଜ୍ୟ ସରକାର ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଗଜପତି ଜିଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଲିଙ୍ଗରାଜ ପଣ୍ଡାଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି।

# ହାତୀ ଆକ୍ରମଣରେ ୩ କେନ୍ଦୁପତ୍ର ତୋଳାଳି ସମେତ ୪ ଆହତ

କେନ୍ଦୁଝର,୨୨।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳରେ ଗୁରୁବାର ଦୁଇଟି ସ୍ଥାନରେ ହାତୀ ଆକ୍ରମଣରେ ୪ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କୁଣ୍ଢେଇହତା ଗ୍ରାମର ହେମନ୍ତ ସେଠୀ(୩୮), ଦ୍ୱିତୀକୃଷ୍ଣ ଦେହୁରୀ(୩୭), ଗୋପୀନାଥ ଦେହୁରୀ(୫୫) ଓ ମାଲଣ୍ଡା ଗ୍ରାମର ଚୁଟିଆ ମୁଣ୍ଡା(୫୭)। ସେମାନଙ୍କ ମଧ୍ୟରୁ ହେମନ୍ତ ଓ ଚୁଡ଼ିଆ ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆହତଙ୍କ ମଧ୍ୟରେ ୩ ଜଣ କେନ୍ଦୁପତ୍ର ତୋଳାଳି ହୋଇଥିବା ବେଳେ ଜଣେ ଚାଷୀଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, କୁଣ୍ଢେଇହତା ଗ୍ରାମର ୩ ଜଣ ପୁରୁଷୋତ୍ତମପୁର ଗ୍ରାମକୁ କେନ୍ଦୁପତ୍ର ଫଡ଼ିକୁ ପତ୍ର ବାନ୍ଧିବାକୁ ସାଇକେଲରେ ଯାଉଥିଲେ। ବାଟରେ ଏକ ଦନ୍ତାହାତୀ ସେମାନଙ୍କ ଆଗକୁ ପଳାଇଆସିଥିଲା। ସମସ୍ତେ ସାଇକେଲ ଛାଡ଼ି ପ୍ରାଣବିକଳରେ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ମଧ୍ୟରୁ ହେମନ୍ତ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ଫୋପାଡ଼ି ଦେଇଥିଲେ। ସେ ଏକ ବୁଦାରେ ପଡ଼ି ଆହତ ହୋଇଥିଲେ। ଗ୍ରାମବାସୀ ପହଞ୍ଚି ପାଟି କରିବାରୁ ହାତୀ ତାଙ୍କ ସାଇକେଲକୁ ଦଳି ଜଙ୍ଗଲ ଭିତରକୁ ଚାଲିଯାଇଥିଲା। ଅନ୍ୟ ୨ ଜଣ ତଳେ ପଡ଼ି ଖଣ୍ଡିଆଖାବରା ହୋଇଥିଲେ। ଖବରପାଇ ବନ ବିଭାଗ କର୍ମଚାରୀ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

ସେହିପରି ମାଲଣ୍ଡା ଗ୍ରାମର ଚୁଟିଆ ମୁଣ୍ଡା ପାଖ ଗ୍ରାମ ବନ୍ଧନଝରରେ ଥିବା ଜମିକୁ ଯାଉଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣରେ ସେ ଗୁରୁତର ହୋଇଥିବା ବେଳେ ବନ ବିଭାଗ କର୍ମଚାରୀ ଉଦ୍ଧାର କରି ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେଲକୋଇ ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓ କହିଛନ୍ତି, ୨ ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ତେବେ ସେଥିରୁ ୨ ଜଣଙ୍କୁ ହାତୀ ଆକ୍ରମଣ କରିଥିବା ବେଳେ ଅନ୍ୟ ଜଣେ ଧାଇଁ ପଳାଇଥିବା ବେଳେ ପଡ଼ି ଆହତ ହୋଇଛନ୍ତି। ବନ କର୍ମଚାରୀ ଆନ୍ଦୋଳନରେ ରହି ଜଙ୍ଗଲକୁ ଯାଉ ନ ଥିଲେ ହେଁ ହାତୀ ଘଉଡ଼ାଇବା ପାଇଁ ଥିବା ସ୍କ୍ୱାଡ୍ କାମ କରୁଛନ୍ତି ବୋଲି କହିଥିଲେ।



ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଆହତ।

# ଆଜିଠାରୁ ଏକକ ପିଜି ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୨୨।୬(ଅନୁରାଧା ମହାରଣା)

ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ନାମଲେଖା ପାଇଁ ଏକକ ପିଜି ପ୍ରବେଶିକା (ସିପିଇଟି) ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହେବ। ଜୁନ୍ ୨୮ ଓ ୩୦ ତାରିଖକୁ ବାଦ୍ ଦେଲେ ଜୁଲାଇ ୪ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଏହି ପରୀକ୍ଷା ହେବ। ୪୯ଟି ବିଷୟରେ ଏହି ପରୀକ୍ଷା ହେବାକୁ ଥିବାବେଳେ ପୂର୍ବାହ୍ନ ୧୦ଟାରୁ ୧୧ଟାରେ ପ୍ରଥମ ପର୍ଯ୍ୟାୟ, ଅପରାହ୍ନ ୧୨.୩୦ରୁ ୧.୩୦ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଏବଂ ୩ଟାରୁ ୪ଟା ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ଦିନରେ ଆନ୍ଥ୍ରୋପୋଲୋଜି, ଭୂଗୋଳ, ହିନ୍ଦୀ ଏବଂ ଏମ୍‌ବିଏ ବିଷୟରେ ପରୀକ୍ଷା ହେବ। ଚଳିତବର୍ଷ ରାଜ୍ୟର ୧୦୬ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ୨୭ ହଜାର ୩୮୩ଟି ସିଟ୍ ପାଇଁ ନାମଲେଖା ହେବ। ତେବେ ସାମ୍ସ ପୋର୍ଟାଲ ଅନୁସାରେ ଚଳିତବର୍ଷ ୫୩ ହଜାର ୬୪୧ ଜଣ ଆବେଦନ କରିଛନ୍ତି। ଏସ୍‌ଏସ୍‌ବି ଦ୍ୱାରା ପରୀକ୍ଷା ପରିଚାଳନା ହେବାକୁ ଥିବାବେଳେ ପରୀକ୍ଷାର୍ଥୀମାନେ ରଖିଥିବା ମାର୍କ ସମ୍ପର୍କିତ ତଥ୍ୟ ଜୁଲାଇ ୧୬ରେ ଓକାକ୍‌କୁ ପ୍ରଦାନ କରାଯିବ। ଅନ୍ୟପଟେ ପରୀକ୍ଷାର୍ଥୀମାନେ ଜୁଲାଇ ୮ରୁ ୧୫ ତାରିଖ ମଧ୍ୟରେ ସ୍ନାତକରେ ରଖିଥିବା ମାର୍କ ଅପଡେଟ୍ କରିବେ। ପରବର୍ତ୍ତୀ ସମୟରେ ନାମଲେଖା ତାରିଖ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ।

# ଫୁଲ, ହାଡ଼ ଧରି ପୂର୍ତ୍ତ କାର୍ଯ୍ୟାଳୟରେ ପୂର୍ବତନ ଏମ୍‌ପି

ବାରିପଦା,୨୨।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜପଥ ନିର୍ମାଣର ମାନକୁ ନେଇ ଅଭିଯୋଗ ଉଠାଇବାରୁ ମୟୂରଭଞ୍ଜ ଜିଲା ବାରିପଦା ପୂର୍ତ୍ତ ବିଭାଗର ଜଣେ କନିଷ୍ଠ ଯନ୍ତ୍ରୀ ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁଙ୍କ ସମ୍ପର୍କରେ କିଛି କଟୁ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଖପ୍ପା ଥିବା ପୂର୍ବତନ ଏମ୍‌ପି ଗୁରୁବାର ଯନ୍ତ୍ରୀଙ୍କୁ ଭେଟିବାକୁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ଏପରି କି ହାତରେ ଫୁଲହାର ଓ ଘୁଷୁରି ହାଡ଼ର ମାଳ ନେଇଥିଲେ ହେଁ ଅନୁପସ୍ଥିତ କାରଣରୁ ଯନ୍ତ୍ରୀଙ୍କୁ ଭେଟିପାରି ନ ଥିଲେ। ଯନ୍ତ୍ରୀଙ୍କ ସହ ଆଲୋଚନା ପରେ କାର୍ଯ୍ୟର ମାନ ଠିକ୍ ଥିଲେ ତାଙ୍କୁ ଫୁଲହାର ନଚେତ ଖରାପ ଥିଲେ ଘୁଷୁରି ହାଡ଼ର ମାଳ ପିନ୍ଧାଇଥାନ୍ତେ ବୋଲି ପୂର୍ବତନ ଏମ୍‌ପି ଟୁଡୁ କହିଛନ୍ତି। ତେବେ ଟୁଡୁଙ୍କ ଏପରି କାର୍ଯ୍ୟ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ପୂର୍ବତନ ଏମ୍‌ପି ଟୁଡୁ ଅଭିଯୋଗ କରିଛନ୍ତି ଯେ, କୁଳିଅଣା ବ୍ଲକ ଚାନ୍ଦୁଆସ୍ଥିତ ଧାଙ୍ଗଡ଼ିଶୋଳ–ବାଘଡ଼ା–ମୋରଡ଼ା ରାଜ୍ୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ୨୯କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହାର ଶିଳାନ୍ୟାସ କରିଥିଲେ। ତେବେ ଶିଳାନ୍ୟାସର ୨ ମାସ ପୂର୍ବରୁ ଜଣେ ଠିକାଦାରଙ୍କ ଦ୍ୱାରା ଉକ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରାଯାଇଛି। ବିନା ସୂଚନାଫଳକରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ୫୦ ପ୍ରତିଶତ ଶେଷ ହେବାକୁ ବସିଛି। ରାସ୍ତା କାମ କରୁଥିବା ଠିକାଦାର ଓ ପୂର୍ତ୍ତ ବିଭାଗର ସମ୍ପୃକ୍ତ କନିଷ୍ଠଯନ୍ତ୍ରୀଙ୍କ ସଲାସୁତ୍ରରେ ନିମ୍ନମାନର କାମ କରାଯାଇ ସରକାରୀ ଅର୍ଥ ହରିଲୁଟ କରାଯାଉଛି। ଏ ନେଇ ଅଭିଯୋଗ ହେବାରୁ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପଡ଼ୋଶୀ ଜିଲାକୁ ବଦଳି କରାଯାଇଛି। ମାତ୍ର ସମ୍ପୃକ୍ତ ଯନ୍ତ୍ରୀ ନୂତନ ସ୍ଥାନରେ ଯୋଗ ଦେଇନାହାନ୍ତି। ଉକ୍ତ କାର୍ଯ୍ୟର ତଦନ୍ତ ହେବା ପୂର୍ବରୁ କନିଷ୍ଠ ଯନ୍ତ୍ରୀଙ୍କ ବଦଳିକୁ ଜନସାଧାରଣ ସହଜରେ ହଜମ କରିପାରୁ ନାହାନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଗଲେ କାର୍ଯ୍ୟର ମାନ ଲୋକଲୋଚନକୁ ଆସିପାରିବ। ତେବେ ସମ୍ପୃକ୍ତ ଯନ୍ତ୍ରୀ ଟୁଡୁଙ୍କ ଉଦ୍ଦେଶ୍ୟରେ 'ମଲା ସାପ' ବୋଲି କହିବା ପରେ ଏଥିରେ କ୍ଷୁବ୍ଧ ଟୁଡୁ କେତେଜଣ ସହଯୋଗୀଙ୍କ ସହ ଫୁଲହାର ଓ ଘୁଷୁରି ହାଡ଼ର ମାଳ ଧରି ପୂର୍ତ୍ତ ବିଭାଗ କାର୍ଯ୍ୟକୁ ଯାଇଥିଲେ। ମାତ୍ର ସମ୍ପୃକ୍ତ ଯନ୍ତ୍ରୀ କାର୍ଯ୍ୟାଳୟରେ ନ ଥିବାରୁ ଟୁଡୁ ସେଠାରୁ ଫେରି ଆସିଥିଲେ। ଅପରପକ୍ଷରେ ଘୁଷୁରି ହାଡ଼ ବଦଳରେ ପୂର୍ବତନ ଏମ୍‌ପି ଗୋରୁ ହାଡ଼ ମାଳ ଧରି ଆସିଥିବା କେତେଜଣ ଦେଖଣାହାରୀ କହିଛନ୍ତି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନନ୍ଦ ଦୁଲାଲ ଘଡ଼େଇ କହିଛନ୍ତି, ନିମ୍ନମାନର ରାସ୍ତାକାର୍ଯ୍ୟ ନେଇ ପୂର୍ବତନ ଏମ୍‌ପି ଟୁଡୁ ଯେଉଁ ଅଭିଯୋଗ କରିଛନ୍ତି, ଆସନ୍ତା ୭ ଦିନ ମଧ୍ୟରେ ତା'ର ତଦନ୍ତ କରାଯିବ।



ଫୁଲହାର ଓ ଘୁଷୁରି ହାଡ଼ ମାଳ ଧରିଥିବା ପୂର୍ବତନ ଏମ୍‌ପି ଲକ୍ଷ୍ମଣ ଟୁଡୁ।

- କନିଷ୍ଠ ଯନ୍ତ୍ରୀଙ୍କ କଟୁ ମନ୍ତବ୍ୟରେ ଥିଲେ ଖପ୍ପା
- କାମର ମାନ ଅନୁଯାୟୀ ପିନ୍ଧାଇଥାନ୍ତେ ମାଳ
- ୭ ଦିନ ମଧ୍ୟରେ ତଦନ୍ତ କରାଯିବ କହିଲେ ନିର୍ବାହୀ ଯନ୍ତ୍ରୀ

## ବିରୋଧୀ ମଞ୍ଚ...

ପ୍ରଥମ ପୃଷ୍ଠାରୁ...

ଜେଡିୟୁ ଗତବର୍ଷ ଅଗଷ୍ଟରେ ଭାଜପା ସହ ସମ୍ପର୍କ ତୁଟାଇ ଏନ୍‌ଡିଏରୁ ଓହରିଯାଇଥିଲା। ତାଙ୍କ ନେତୃତ୍ୱାଧୀନ ବିହାର ମହାମେଣ୍ଟ ସରକାରରେ ଲାଲୁ ପ୍ରସାଦ ଯାଦବଙ୍କ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏବଂ କଂଗ୍ରେସ ପ୍ରମୁଖ ଅଂଶଦାର ରହିଛନ୍ତି। ପାଟନାର ବିରୋଧୀ ମହାମେଳିରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଦ୍ରାବିଡ ମୁନେତ୍ରା କାଝାଗାମ (ଡିଏମ୍‌କେ) ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ୍, ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ (ଏଏପି ନେତା) ଭଗୱନ୍ତ ମାନ୍, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ନେତା ହେମନ୍ତ ସୋରେନ୍ ଏବଂ ଜମ୍ମୁ–କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମୁଖ୍ୟ ମେହବୁବା ମୁଫ୍‌ତି ସାମିଲ ହୋଇପାରନ୍ତି। ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା–ୟୁବିଟି ମୁଖ୍ୟ ଉଦ୍ଧବ ଠାକ୍‌ରେ ଓ ଉତ୍ତର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କ ସମେତ ମାକ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଏମ୍) ନେତା ଡି. ରାଜା ଏବଂ ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ୍ୟ ବୈଠକରେ ଯୋଗଦେବେ। ବିହାର ଅର୍ଥମନ୍ତ୍ରୀ ବିଜୟ କୁମାର ଚୌଧରୀ କହିଛନ୍ତି, ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବିରୋଧୀ ନେତାମାନେ ପାଟନାରେ ପହଞ୍ଚିବାରେ ଲାଗିଛନ୍ତି। ସେମାନେ ରାଜ୍ୟ ଅତିଥି ଭବନରେ ରହିବେ। ନୀତୀଶଙ୍କ ବାସଭବନରେ ସେମାନଙ୍କର ଏକ ବୈଠକ ବସିବ।

ମିଶନ ୨୦୨୪ର ରଣନୀତି ପ୍ରସ୍ତୁତି ଲାଗି ମମତା ଗୁରୁବାର ପାଟନାରେ ପହଞ୍ଚି ଆର୍‌ଜେଡି ମୁଖ୍ୟ ଲାଲୁ ଯାଦବଙ୍କୁ ଭେଟିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା କହିଛନ୍ତି, ଏନ୍‌ଡିଏକୁ ହରାଇବା ପାଇଁ ଆମେ ସମସ୍ତେ 'ଗୋଟିଏ ପରିବାର ଭଳି' ଲଢ଼ିବୁ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ କେଜ୍‌ରିୱାଲ ଅଡୁଆ ସ୍ଥିତି ସୃଷ୍ଟି କରିଛନ୍ତି। ଦିଲ୍ଲୀର ପ୍ରଶାସନିକ ସେବାଗୁଡ଼ିକ ଉପରେ ନିୟନ୍ତ୍ରଣ ପ୍ରସଙ୍ଗରେ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ରାଜ୍ୟ ସଭାରେ ଗୃହୀତ କରାଇ ନ ଦେବା ପାଇଁ କେଜ୍‌ରିୱାଲ ଅଣଭାଜପା ଦଳଗୁଡ଼ିକର ସହଯୋଗ ଲୋଡୁଛନ୍ତି। ଏହିକ୍ରମରେ ସେ କଂଗ୍ରେସ ନେତା ଖାର୍ଗେ ଓ ରାହୁଲଙ୍କୁ ଭେଟିବା ପାଇଁ ସମୟ ମାଗିଥିଲେ। କିନ୍ତୁ ଦୁହେଁ ତାଙ୍କୁ ଅଦ୍ୟାବଧି ସମୟ ଦେଇନାହାନ୍ତି। ଦିଲ୍ଲୀ ଅଧ୍ୟାଦେଶ ପ୍ରସଙ୍ଗରେ କଂଗ୍ରେସ ଆମକୁ ସମର୍ଥନ ନ କଲେ ଏଏପି ବିହାର ବୈଠକ ବର୍ଜନ କରିବ। ଏଥିସହ ଭବିଷ୍ୟତରେ ମଧ୍ୟ ବିରୋଧୀ ବୈଠକଗୁଡ଼ିକରୁ ଦୂରେଇ ରହିବ ବୋଲି କେଜ୍‌ରିୱାଲଙ୍କ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

ଉତ୍ତର ପ୍ରଦେଶରୁ କେବଳ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଏହି ବୈଠକରେ ସାମିଲ ହେବାକୁ ଯାଉଛନ୍ତି। ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କୁ ନିମନ୍ତ୍ରଣ କରାଯାଇ ନ ଥିବାବେଳେ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ମୁଖ୍ୟ ଜୟନ୍ତ ଚୌଧରୀ ପାରିବାରିକ କାର୍ଯ୍ୟକ୍ରମର ଆଳ ଦେଖାଇ ଏଥିରେ ଯୋଗଦେଇ ପାରିବେ ନାହିଁ ବୋଲି କହିଛନ୍ତି। ମାୟାବତୀ କହିଛନ୍ତି, ୟୁପିର ୮୦ ଲୋକ ସଭା ଆସନ ଆଗାମୀ ନିର୍ବାଚନ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। କିନ୍ତୁ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ଗମ୍ଭୀର ଥିବା ଭଳି ମନେହେଉନାହିଁ। ସେମାନଙ୍କ ଆଭିମୁଖ୍ୟ ଅସ୍ପଷ୍ଟ। ହୃଦୟ ନ ମିଶାଇ କେବଳ ହାତ ମିଳାଇଦେଲେ ଚଳିବ ନାହିଁ। ଜେଡିୟୁ ମୁଖପାତ୍ର କେ.ସି. ତ୍ୟାଗୀ ଏହାର ଜବାବରେ କହିଛନ୍ତି, ୨୦୨୪ରେ ଭାଜପା ବିରୋଧରେ ଲଢ଼େଇ କରିବାକୁ ଆଗ୍ରହୀ ଦଳଗୁଡ଼ିକୁ ହିଁ ଆମେ ନିମନ୍ତ୍ରଣ କରିଛୁ। ବିଏସ୍‌ପି ଏହି ମେଣ୍ଟରେ ସାମିଲ ହେବାକୁ ଚାହୁଁ ନ ଥିବାରୁ ନିମନ୍ତ୍ରଣ ନଷ୍ଟ କରିବାକୁ ଆମେ ଉଚିତ ମଣିନାହୁଁ। ସେହିପରି ଓଡ଼ିଶା ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ (ବିଜେଡି) ସଭାପତି ନବୀନ ପଟ୍ଟନାୟକ ଏବଂ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ଭାରତୀୟ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମୁଖ୍ୟ କେ. ଚନ୍ଦ୍ରଶେଖର ରାଓଙ୍କୁ ମଧ୍ୟ ବିରୋଧୀ ବୈଠକକୁ ଡ଼କାଯାଇ ନ ଥିବା ଜଣାପଡ଼ିଛି।

ଅନ୍ୟପକ୍ଷେ ବିରୋଧୀଙ୍କ ମହାମେଳିର ଅବ୍ୟବହିତ ପୂର୍ବରୁ ପୋଷ୍ଟର ୱାର ଆରମ୍ଭ ହୋଇଛି। ଯେଉଁମାନେ ଭାଜପାକୁ ହରାଇବାକୁ ଚାହୁଁଛନ୍ତି, ସେମାନେ ଆଗେଇ ଆସନ୍ତୁ, ୨୦୨୪ରେ ଭାଜପାକୁ ଉତ୍ତରପ୍ରଦେଶର ୮୦ ଆସନରୁ ବେଦଖଲ କରନ୍ତୁ ବୋଲି ଲକ୍ଷ୍ନୌରେ ପୋଷ୍ଟର ଲଗାଯାଇଛି। ପାଟନାର ଭାଜପା ଅଫିସ ବାହାରେ ଏହାକୁ ବ୍ୟଙ୍ଗକରି ଆଉ ଏକ ପୋଷ୍ଟର ଲଗାଯାଇଛି, ଯହିଁରେ ଲେଖାଯାଇଛି 'ଦୂରଦୃଷ୍ଟି ବିହୀନ ନେତାମାନେ ନିଜ ଚୌକି ପାଇଁ ଅଧିକ ଚିନ୍ତିତ'। ଏହା ପୂର୍ବରୁ ମଧ୍ୟ ଭାଜପା ବିରୋଧୀ ବୈଠକକୁ 'ଦିଗହୀନ' ଏବଂ ନେତାଙ୍କୁ 'ପ୍ରଧାନମନ୍ତ୍ରୀ ଆଶାୟୀମାନେ' କହି କଟାକ୍ଷ କରିଛି। ଏହି ମେଗା ରାଲିର ଠିକ୍ ପୂର୍ବରୁ ନୀତୀଶଙ୍କୁ ଝଟ୍‌କା ଦେଇଛନ୍ତି ହିନ୍ଦୁସ୍ଥାନୀ ଆୱାମ ମୋର୍ଚ୍ଚା (ଏଚ୍‌ଏଏମ୍) ମୁଖ୍ୟ ଜିତନ୍‌ରାମ ମାଝି। ସେ ମହାମେଣ୍ଟରୁ ଓହରିଯାଇ ବୁଧବାର ଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିବା ପରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରେ ପୁନର୍ବାର ସାମିଲ ହୋଇଛନ୍ତି। ନୀତୀଶଙ୍କ ପୂର୍ବ କ୍ୟାବିନେଟରେ ଉପମୁଖ୍ୟମନ୍ତ୍ରୀ ଥିବା ଭାଜପା ନେତା ସୁଶୀଲ ମୋଦି କହିଛନ୍ତି, ବିହାରରେ ଆମେ ୪୦ରୁ ୪୦ ଆସନ ଜିତିବୁ। ଲାଲୁ–ନୀତୀଶଙ୍କ ଦଳ ନିରାଶ ହେବେ। ଦୁର୍ନୀତିଗ୍ରସ୍ତ ନେତାମାନେ ହିଁ ହାତ ମିଳାଉଛନ୍ତି। ଦେଶବାସୀ ମୋଦିଙ୍କୁ ପୁଣି ପ୍ରଧାନମନ୍ତ୍ରୀ କରାଇବେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଦୂରଯାତ୍ରା, ବାଣିଜ୍ୟ, ପରିବହନ, ବନ୍ଧୁବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ଲ–ନାମାକ୍ଷର ବ୍ୟକ୍ତି ସବୁକଥାକୁ ଭଲରୂପେ ବିଚାରି କାମ ନ କଲେ ସମସ୍ୟା ମାଡ଼ି ଆସିପାରେ। କାର୍ଯ୍ୟବ୍ୟସ୍ତତା କାରଣରୁ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେବାର ଆଶଙ୍କା ରହିଛି। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାମୁକ୍ତ ରହିବେ।

**ବୃଷ** – ଆପଣଙ୍କ ସକାଶେ ଆଜି ଦିନଟି ଭଲ ରହିବ। ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ଏକ ନିର୍ଦ୍ଦିଷ୍ଟ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବ–ନାମାକ୍ଷର ବ୍ୟକ୍ତିଙ୍କ ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** – ପରିସ୍ଥିତିବଶତଃ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଘ–ନାମାକ୍ଷର ବ୍ୟକ୍ତିଙ୍କର ଇଚ୍ଛା ନ ଥିଲେ ସୁଦ୍ଧା ହଠାତ୍ ଦୂରକୁ ଯିବାକୁ ପଡ଼ିପାରେ। ଅବଶ୍ୟ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ।

**କର୍କଟ** – ମନ ଚାହୁଁ ନଥିବା କେତେକ ପରିସ୍ଥିତିର ସମ୍ମୁଖୀନ ହେବା କାରଣରୁ ଧୈର୍ଯ୍ୟଚ୍ୟୁତି ଘଟିପାରେ। ପୁଷ୍ୟା ନକ୍ଷତ୍ରର ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ରହିବ। ନିଜ ପରିସରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ବାଣିଜ୍ୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେଇପାରେ।

**ସିଂହ** – କର୍ମକ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ଼ ପାଇଁ ଫନ୍ଦି ଫିକର କରିପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବା କାରଣରୁ ବ୍ୟସ୍ତତା ବୃଦ୍ଧି ପାଇବ। ମଘା ନକ୍ଷତ୍ର ସମସ୍ୟା ସୁଧାରିବା ସକାଶେ ନିଜକୁ କିଛି କରିବାକୁ ପଡ଼ିବ।

**କନ୍ୟା** – ଉତ୍ତରାଫାଲଗୁନୀ ନକ୍ଷତ୍ର ସନ୍ଦେହାତ୍ମକ ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡ଼ିପାରେ। ଶିକ୍ଷା କ୍ଷେତ୍ରରେ ଅପୂରଣୀୟ ଆଶା ଓ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପାରିବାରିକ ସମସ୍ୟା ଲାଗି ରହିବା କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ।

**ତୁଳା** – ବିଶାଖା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଦୋଦୁଲ୍ୟମାନ ଅବସ୍ଥାରେ ରହିବାକୁ ବାଧ୍ୟ ହେବେ। ବିଭିନ୍ନ ଅସୁବିଧା ଭିତରେ ଗତି କରୁଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିପାରେ। ମୂଲ୍ୟବାନ ଜିନିଷ ଖରିଦ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିବ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବା ଆଶଙ୍କା ରହିଛି।

**ବିଛା** – ପରିବାରରେ ଭୁଲ୍ ବୁଝାମଣା ଓ ନିଜର କେତେକ ବ୍ୟତିକ୍ରମକୁ ସଜାଡ଼ିବାକୁ ଯାଇ ଅସ୍ଥିରତା ଲାଗି ରହିବ। ଅନୁରାଧା ନକ୍ଷତ୍ର ଅଭାବ ନ ଥିଲେ ମଧ୍ୟ ଅନାବଶ୍ୟକ ବ୍ୟୟରୁ ବିଚଳିତ ହେବେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ। କର୍ମକ୍ଷେତ୍ରରେ ଛୋଟ କଥାରୁ ସମାଲୋଚିତ ହୋଇପାରନ୍ତି।

**ଧନୁ** – କୌଣସି ଅସୁବିଧା ନ ଥିଲେ ମଧ୍ୟ ଅଯଥାରେ ଏଣୁ ତେଣୁ ଚିନ୍ତାକରି ବିବ୍ରତ ରହିବେ। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଉତ୍ତରାଷାଢା ନକ୍ଷତ୍ର ବାଧ୍ୟ ବାଧକତାରେ ନାହିଁ କରି ନ ପାରି ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭା ସମିତିରୁ ମନ ଖୁସି ରହିବ।

**ମକର** – ଶ୍ରବଣା ନକ୍ଷତ୍ର ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ ଟିକିଏ କଥାରେ ରାଗି ଯାହା ମନକୁ ଆସିଲା କହି ପକାଇବା ଦ୍ୱାରା କିଛି ସମସ୍ୟା ଆସିପାରେ। ଆତ୍ମୀୟମାନେ ଆପଣଙ୍କ କାମକୁ ସୁଗମ କରିପାରନ୍ତି।

**କୁମ୍ଭ** – ପୂର୍ବଭାଦ୍ରବ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜ ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ ଯଥା ସମୟରେ ସବୁ କିଛି ଠିକ୍ ହୋଇଯିବ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପଡ଼ୋଶୀଙ୍କ ସହାୟତାରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ।

**ମୀନ** – ଉତ୍ତରଭାଦ୍ରବ ନକ୍ଷତ୍ର ସମସ୍ୟାକୁ ପ୍ରତିହତ କରି ଆଗକୁ ବଢ଼ିବା ସକାଶେ ପଦକ୍ଷେପ ନେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ଥିଲେ ମଧ୍ୟ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ଚଳିଲେ ସୁଦ୍ଧା ବିବାଦକୁ ଟାଣି ହେବାର ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ଆଷାଢ଼ ଶୁକ୍ଳ ୫ମୀ ଶୁକ୍ରବାର, ଜୁନ୍ ୨୩ ତାରିଖ, ରାଶି ନକ୍ଷତ୍ର–ମଘା/ସିଂହ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୫ ଗତେ ୦୬।୫୮ ମଧ୍ୟେ, ଘ.୧୨।୧୫ ଗତେ ଘ.୦୨।୫୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୯ ଗତେ ଘ. ୧୧।୪୮ ମଧ୍ୟେ ରାହୁକାଳ।

ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। **-ଶ୍ରୀଅରବିନ୍ଦ**



# ଅସହିଷ୍ଣୁ ବିଚାର



ସ୍ଲାଭୋଜ ଜିଜେକ୍

ଚଳିତ ମାସର ପ୍ରାରମ୍ଭରେ ସିଏନ୍‌ଏନ୍ ପ୍ରକାଶ କରିଥିଲା ଯେ, ୱିକିଲିକ୍ସ ପ୍ରତିଷ୍ଠାତା ଜୁଲିଆନ ଅସାଞ୍ଜେଙ୍କୁ ଆମେରିକାକୁ ପ୍ରତ୍ୟର୍ପଣ କରିବା ଆଦେଶ ବିରୋଧରେ ଅପିଲ କରିବା ପାଇଁ କୋର୍ଟ ଅନୁମତି ଦେବାକୁ ମନା କରିଦେଇଛନ୍ତି। ଅସାଞ୍ଜେ ଆମେରିକାରେ ଏସ୍ପିଓନେଜ୍ ଆକ୍ଟରେ ଅପରାଧ ଅଭିଯୋଗର ସାମ୍ନା କରୁଛନ୍ତି। ଅବଶ୍ୟ ଅସାଞ୍ଜେଙ୍କ ଲିଗାଲ ଟିମ୍ ଲଗାତର ଏହାର ବିକଳ୍ପର ସନ୍ଧାନରେ ରହିଥିଲେ ମଧ ସେ ଅକଳରେ ରହିଛନ୍ତି। ଏବେ ତାଙ୍କ ପାଇଁ ସମୟ ଅନୁକୂଳ ନାହିଁ। ଆମେରିକା ଏବଂ ବ୍ରିଟେନ୍ ଅଧିକାରୀମାନେ ଅସାଞ୍ଜେଙ୍କ ପିଛା କରୁଥିଲେ ବି ଯୁଦ୍ଧ, ଜଳବାୟୁ ପରିବର୍ତ୍ତନ, କୃତ୍ରିମ ବୁଦ୍ଧିମତ୍ତାର ଆବେଗ ଏବଂ ଅନ୍ୟ ବୈଶ୍ୱିକ ସମସ୍ୟା ହ୍ରାସ କରିବାକୁ ତାଙ୍କର ଆବଶ୍ୟକତା ରହିବ। କିନ୍ତୁ ଯଦି ଆମେ ଏହି ସବୁ ଆହ୍ୱାନକୁ ନିୟନ୍ତ୍ରଣ କରିବାକୁ ଚାହିଁବା ତେବେ ଆମକୁ ଅସାଞ୍ଜେ ହିଁ ଦରକାର ପଡ଼ିବେ। କିଏ ବା ଅଛି ସବୁ ନିର୍ଯାତନା ଏବଂ ଦୁଃଖଦାୟୀ ସତ୍ୟକୁ ସାମ୍ନାକୁ ଆଣିବ? ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ଯୁଦ୍ଧ ଅପରାଧ ହେଉ କିମ୍ବା ସାମାଜିକ ଗଣମାଧ୍ୟମ କମ୍ପାନୀଗୁଡ଼ିକ କିଶୋରୀମାନଙ୍କ ପାଇଁ କ'ଣ କରୁଛନ୍ତି ସେ ସମ୍ପର୍କରେ ମିଳିଥିବା ଆଭ୍ୟନ୍ତରୀଣ ନିଷ୍କର୍ଷକୁ ଗୁପ୍ତ ରଖିବାକୁ ଚାହିଁବେ। ନିକଟରେ ରୁଷିଆରେ ହୋଇଥିବା ଅଳ୍ପ କ୍ଷମତା ବିଶିଷ୍ଟ ଡ୍ରୋନ୍ ଆକ୍ରମଣର ଉଦାହରଣ ନିଆଯାଉ। ୟୁକ୍ରେନ୍ ସରକାର ଏଥିରେ ଜଡ଼ିତ ନ ଥିବା କହୁଥିବାବେଳେ ରୁଷିଆର ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ତତ୍‌କ୍ଷଣାତ ତାହାକୁ ଏକ ସନ୍ତ୍ରାସବାଦ କାର୍ଯ୍ୟକଳାପ ବୋଲି ଘୋଷଣା କରିଥିଲେ। କେତେଜଣ ପାଶ୍ଚାତ୍ୟ ପର୍ଯ୍ୟବେକ୍ଷକ ଅଭିଯୋଗ କଲେ ଯେ, ୟୁକ୍ରେନୀୟମାନେ ଯୁଦ୍ଧକୁ ବହୁଆଗକୁ ନେଇପାରିଛନ୍ତି। କିନ୍ତୁ ବାସ୍ତବରେ କ'ଣ ଘଟିଥିଲା? ପ୍ରକୃତ କଥା ହେଉଛି, ଘଟଣାଗୁଡ଼ିକ ଯୁଦ୍ଧର ବିପଜ୍ଜନକ ବାଦଲ ଭିତରେ ଘଟିଯାଉଛି ତାହା ଆମେ ଜାଣିପାରୁନାହୁଁ।

ଏଠାରେ ଜଣେ ବର୍ଟୋଲ୍ଟ ବ୍ରିକେଟଙ୍କ ଦି ଥ୍ରିପେନି ଅପେରାର ଶେଷ ପଂକ୍ତି ମନେପଡେ। ସେ ଉଲ୍ଲେଖ କରିଛନ୍ତି ଯେ, କେତେଜଣ ଅନ୍ଧାରରେ ଅଛନ୍ତି, କେତେଜଣ ଆଲୋକରେ ଅଛନ୍ତି; କିନ୍ତୁ ତୁମେ କେବଳ ଆଲୋକରେ ଥିବା ଲୋକଙ୍କୁ ଦେଖିପାରିବ, ଯେଉଁମାନେ ଅନ୍ଧାରରେ ଅଛନ୍ତି ତାଙ୍କୁ ଦେଖିପାରିବ ନାହିଁ। ଏବକାର ଗଣମାଧ୍ୟମ ଯୁଗକୁ କେତେ ଭଲ ବୋଲି କୁହାଯିବ? ମୁଖ୍ୟଧାରା ଗଣମାଧ୍ୟମର ସବୁ ଖବର ୟୁକ୍ରେନ ସମ୍ପର୍କରେ ଥିବାବେଳେ ସାମ୍ବାଦିକ ଅଞ୍ଜନ ସୁନ୍ଦରମ୍ ଉଲ୍ଲେଖ କରିଛନ୍ତି ଯେ, ସେଣ୍ଟ୍ରାଲ ଆଫ୍ରିକାନ୍ ରିପବ୍ଲିକ୍, ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ ଏବଂ ଅନ୍ୟଠାରେ ଘଟୁଥିବା ଭୟଙ୍କର ଯୁଦ୍ଧ ସମ୍ପର୍କରେ ପ୍ରାୟତଃ କେହି ଧ୍ୟାନ ଦେଉନାହାନ୍ତି। ଏହି ଅସମାନତା ଓ ପକ୍ଷପାତିତାର ମାନେ ନୁହେଁ ଯେ ୟୁକ୍ରେନ୍ ପାଇଁ ଆମର ପୂର୍ଣ୍ଣ ସମର୍ଥନ ତୁଳନାରେ ଅନ୍ୟକୁ କମ୍ ଗୁରୁତ୍ୱ ଦେବା। କିନ୍ତୁ ସେହି ସମର୍ଥନକୁ ଆମେ କିଭଳି ଗଢ଼ିବା ଓ ପ୍ରକାଶ କରିବା ତାହା ଚିନ୍ତା କରିବାକୁ ଗଣମାଧ୍ୟମ ଆମକୁ ବାଧ୍ୟ କରିଛି। ଏଭଳି ବିଷୟଗୁଡ଼ିକ ୟୁରୋପରେ ଘଟିବା ଉଚିତ ନୁହେଁ କିମ୍ବା ଆମେ ପାଶ୍ଚାତ୍ୟ ସଭ୍ୟତାକୁ ରକ୍ଷା କରୁଥିବା କାରଣରୁ ୟୁକ୍ରେନ୍ ସହାୟତାର ପାତ୍ର ବୋଲି ବିଚାର କରିବା ଠିକ୍ ନୁହେଁ। ଏଭଳି ବିଚାରକୁ ଅସ୍ୱୀକାର କରିବା ଉଚିତ। ପାଶ୍ଚାତ୍ୟ ସଭ୍ୟତା ଏହାର ସୀମା ବାହାରେ ଘଟୁଥିବା କ୍ରୂରତା ଓ ଭୟାବହତାକୁ କେବଳ ଅଣଦେଖା କରୁନାହିଁ ବରଂ ବହୁ ସମୟରେ ସେଗୁଡ଼ିକରେ ଜଡ଼ିତ ହେଉଛି। ୟୁକ୍ରେନ୍ ଆକ୍ରମଣ ସହ ବିଶ୍ୱର ଅନ୍ୟ ସବୁଆଡେ ସବୁବେଳେ କ'ଣ ସବୁ ଘଟିଆସୁଛି ତାହାର ସ୍ୱାଦ ଚାଖିସାରିଛୁ ବୋଲି ୟୁରୋପୀୟ ଓ ପାଶ୍ଚାତ୍ୟବାସୀ ସ୍ୱୀକାର କରିବା ଦରକାର। କିନ୍ତୁ ଏସବୁ ଆମ ଚିନ୍ତା ବାହାରେ। ଆମେ କ'ଣ ଜାଣି ନାହୁଁ, ଆମେ କ'ଣ ଜାଣିବାକୁ ଚାହୁଁ ନାହୁଁ ଏବଂ ଆମେ ଜାଣିଲେ ବି ତା'ପ୍ରତି କାହିଁକି ଯତ୍ନଶୀଳ ହେବାକୁ ଚାହୁଁନାହୁଁ, ତାହା ଉପରେ ବିଚାର କରିବାକୁ ଯୁଦ୍ଧ ବାଧ୍ୟ କରିଛି। ଏସବୁର ହିସାବ କରିବା ଲାଗି ଆମେ ଅସାଞ୍ଜେଙ୍କ ଭଳି ବ୍ୟକ୍ତି ଚାହୁଁ, ଯାହା ଫଳରେ ଅନ୍ଧକାରରେ ଥିବା ବ୍ୟକ୍ତିଙ୍କୁ ଆମେ ଦେଖିପାରିବା।




ଉଦାରବାଦୀ ପାଶ୍ଚାତ୍ୟକୁ ଅତ୍ୟଧିକ ଗୁରୁତ୍ୱ ଦେବା ଏବଂ ରୁଷିଆ ଓ ଚାଇନାରେ ଘଟୁଥିବା ବଡ଼ ଧରଣର ଅନ୍ୟାୟକୁ ଅଣଦେଖା କରିବାକୁ ନେଇ ଯେକେହି ଅସାଞ୍ଜେଙ୍କୁ ସମାଲୋଚନା କରିପାରନ୍ତି। କିନ୍ତୁ ସେସବୁ ଅନ୍ୟାୟଗୁଡ଼ିକ ମିଡିଆରେ ସ୍ପଷ୍ଟ ହୋଇସାରିଲାଣି ଓ ଆମେ ସେ ବିଷୟରେ ସବୁବେଳେ ପଢୁଛୁ। ଏକ ଦୋମୁହାଁ ନୀତି ପାଇଁ ଅସାଞ୍ଜେ ଯଦି ଦୋଷୀ ତେବେ ପାଶ୍ଚାତ୍ୟବାସୀ ବି ସେହିଭଳି ଦୋଷୀ, ଯେଉଁମାନେ ସାଉଦି ଆରବ ପ୍ରତି ଆଖି ବନ୍ଦ କରିଦେଇଥିବାବେଳେ ଇରାନକୁ ଦାୟୀ କରୁଛନ୍ତି। ବାଇବେଲର ଦ୍ୱିତୀୟ ଭାଗରେ ମାଥ୍ୟୁଙ୍କ ଜୀବନ ଉପଦେଶ ସମ୍ପର୍କିତ ୭ମ ଅଧ୍ୟାୟର ତୃତୀୟ ବାଣୀ କହେ, ଆଉ କାହିଁକି ତୁମେ ଭାଇର ଆଖିରେ ଥିବା କୁଟାଟିକକ ଦେଖୁଛ, କିନ୍ତୁ ତୁମ ନିଜ ଆଖିରେ କଡ଼ିକାଠ ଅଛି, ତାହା ଭାବି ଦେଖୁନାହଁ। ଅସାଞ୍ଜେ ଆମକୁ ଶିକ୍ଷା ଦେଇଛନ୍ତି ଯେ କେବଳ ନିଜ ଆଖିର କୁଟାଟିକକୁ ନୁହେଁ, ବରଂ ତୁମ ଆଖିରେ ଥିବା କୁଟାଟିକକ ଏବଂ ତୁମ ଶତ୍ରୁର ଆଖିରେ ଥିବା କଡ଼ିକାଠ ମଧ୍ୟରେ ଥିବା ଲୁକ୍କାୟିତ ସମ୍ପର୍କକୁ ଜାଣିବା ଦରକାର। ତାଙ୍କ ଦୃଷ୍ଟିକୋଣ ଆମ ମିଡିଆ ଓ ରାଜନୀତିକୁ ଶେଷ କରିଦେଇଥିବା ଅନେକ ବୃହତ୍ ସଂଘର୍ଷରୁ ଏକ ନୂଆ ପ୍ରକାର ସଂଘର୍ଷକୁ ଦେଖିବାକୁ ଅନୁମତି ଦେଇଛି।

ଲୋକଙ୍କ ଭାବନାକୁ ନେଇ ଚାଲୁଥିବା ଏବଂ ନୂଆ କରି ଉଭା ହୋଇଥିବା ଦକ୍ଷିଣପନ୍ଥୀ (ନ୍ୟୁ ପପୁଲିଷ୍ଟ ରାଇଟ)ଓ ଜାଗ୍ରତ ବାମପନ୍ଥୀ (ୱୋକ୍ ଲେଫ୍ଟ)ଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷକୁ ବିଚାର କରାଯାଉ। ମେ ଶେଷ ଆଡକୁ ଉତାର ଡାଭିସ ସ୍କୁଲ ଡିଷ୍ଟ୍ରିକ୍ଟ ତାହାର ପ୍ରାଥମିକ ଓ ନିମ୍ନ ମାଧ୍ୟମିକ ସ୍କୁଲଗୁଡ଼ିକରୁ ବାଇବେଲକୁ ହଟାଇଦେଲା। ନୂଆ କରି ସଂଜ୍ଞା ନିରୂପଣ କରାଯାଇଥିବା ବାଇବେଲର ଅଶ୍ଳୀଳତା ଯୋଗୁ ଛୋଟ ପିଲାଙ୍କ ପାଇଁ ଏହାର କୌଣସି ଗଭୀର ମୂଲ୍ୟ ନାହିଁ ବୋଲି ଜଣେ ଅଭିଭାବକ ଅଭିଯୋଗ କରିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ବାଇବେଲର ଅଶ୍ଳୀଳତାକୁ ନେଇ ପ୍ରକାଶିତ ଏକ ପୁସ୍ତକକୁ ଗତ ବର୍ଷ ନିଷେଧ କରାଯାଇଥିଲା। ଏହି ଘଟଣା କ'ଣ ଖ୍ରୀଷ୍ଟିଆନଙ୍କ ବିରୋଧରେ ଏକ ସାଂସ୍କୃତିକ ଯୁଦ୍ଧ କି? ଅନ୍ୟ ପଟେ ଡିଷ୍ଟ୍ରିକ୍ଟ ନିକଟକୁ ଆଇନର ସମ୍ଭାବ୍ୟ ଉଲ୍ଲଂଘନ ପାଇଁ ବୁକ ଅଫ୍ ମର୍ମନ (ଯିଶୁଙ୍କର ଅନ୍ୟ ଏକ ବାଇବେଲ)କୁ ସମୀକ୍ଷା କରିବା ପାଇଁ ମଧ୍ୟ ଅନୁରୋଧ ଆସିଛି ଓ ଡିଷ୍ଟ୍ରିକ୍ଟ ତାହା ଗ୍ରହଣ କରିଛି। ଏଣୁ ଏହି ଦାବି ପଛରେ କିଏ ଅଛନ୍ତି? ଏହା କ'ଣ ସେହି ଜାଗ୍ରତ ବାମପନ୍ଥୀ ଯିଏ ଜାତି ଓ ଏଲଜିବିଟି ବିଷୟକୁ ନେଇ ଲଗାଯାଇଥିବା ପ୍ରତିବନ୍ଧକ ପାଇଁ ପ୍ରତିଶୋଧ ଚାହୁଁଛନ୍ତି କି। ସେ ଯାହା ହେଉନା କାହିଁକି, ଶେଷରେ ଏହି ଉଭୟ ଦକ୍ଷିଣପନ୍ଥୀ ଓ ବାମପନ୍ଥୀ ସମାନ ଅସହିଷ୍ଣୁତାର ବିଚାର ବା ସିଦ୍ଧାନ୍ତକୁ ଆପଣାଇନେଇଛନ୍ତି। ସେମାନଙ୍କର ସବୁ ସିଦ୍ଧାନ୍ତଗତ ଶତ୍ରୁତା ଥିଲେ ବି ସେମାନେ ଯୋଡ଼ି ହୋଇ ରହିଛନ୍ତି। ଜାଗ୍ରତ ବାମପନ୍ଥୀ ତା'ନିଜ ରାଜନୈତିକ ମୂଳାଧାରକୁ ଖଣ୍ଡବିଖଣ୍ଡିତ କରିବାକୁ ଚାହୁଁଥିବାବେଳେ, ଦକ୍ଷିଣପନ୍ଥୀ ଶେଷରେ ତା' ମୌଳିକ ପୁସ୍ତକରେ ସମାହିତ ଅଶ୍ଳୀଳତା ଉପରେ ପ୍ରଶ୍ନ କରିବାକୁ ସାହସ ଜୁଟାଇଛି।

କଠୋର ସତ୍ୟ ହେଉଛି ସ୍ୱ ସମାଲୋଚନାର ପାଶ୍ଚାତ୍ୟ ଗଣତାନ୍ତ୍ରିକ ପରମ୍ପରା ଅସଙ୍ଗତି ଆଡକୁ ଗତିକରିଛି ଓ ନିଜ ଧ୍ୱଂସର ମଞ୍ଜି ବୁଣୁଛି। ପାଶ୍ଚାତ୍ୟ ଗଣତାନ୍ତ୍ରିକ ଦେଶଗୁଡ଼ିକ ପାଇଁ ଅସାଞ୍ଜେ ଏବଂ ସେ ପ୍ରତିପାଦିତ କରୁଥିବା ସ୍ୱଚ୍ଛତା ବଡ଼ ବିପଦ ନୁହେଁ, ବରଂ ଏହା ବଦଳରେ ନକାରାତ୍ମକବାଦ ଓ ସ୍ୱାର୍ଥବାଦ ତଥା ଦୋଷଦର୍ଶିତାବାଦ ସେମାନଙ୍କ ରାଜନୀତିର ଚରିତ୍ର ପାଲଟିଯାଇଛି।

**ପ୍ରାଧ୍ୟାପକ. ଦର୍ଶନ ଶାସ୍ତ୍ର, ୟୁରୋପିଆନ ଗ୍ରାଜୁଏଟ ସ୍କୁଲ**

# ଗଣତନ୍ତ୍ରର ବାଧକ



ରବିନାରାୟଣ ସାମଲ

ଅବାଧ ଓ ନିରପେକ୍ଷ ନିର୍ବାଚନ ଗଣତନ୍ତ୍ରର ମୁଖ୍ୟ ଆଧାର। ଆମେରିକାର ବିଶିଷ୍ଟ ରାଜନୀତି ବିଜ୍ଞାନୀ ରବର୍ଟ ଆଲାନ ଡାଲ୍‌ଙ୍କ ମତରେ ସର୍ବଦଳ ସ୍ୱୀକୃତ ମୁକ୍ତ ଓ ବାଧ୍ୟବାଧକତା ଶୂନ୍ୟ ମତଦାନ ସହିତ ତ୍ରୁଟିରହିତ ମତଗଣନା ପ୍ରକ୍ରିୟା ହିଁ ଅବାଧ ଓ ନିରପେକ୍ଷ ନିର୍ବାଚନ। ଇଏ ହେଲା ପୋଥି ବାଇଗଣ କଥା। ମାତ୍ର ବାଡ଼ି ବାଇଗଣ କଥା ଭିନ୍ନ। ଆମ ଦେଶରେ ଏହା ହାଟରେ ପଡ଼ି ଦାଣ୍ଡରେ ଗଡୁଛି। ପଞ୍ଚାୟତଠାରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ଅଦ୍ୟାବଧି ଯେତୋଟି ନିର୍ବାଚନ ହୋଇସାରିଲାଣି ସେଗୁଡ଼ିକ ମଧ୍ୟରୁ କେଉଁଟି 'ଅବାଧ ଓ ନିରପେକ୍ଷ' ତାହା ନିର୍ଣ୍ଣୟ କରିବା କଷ୍ଟକର। କାରଣ ଜାତିକୁ ନେଇ, ଧର୍ମକୁ ନେଇ, ସମ୍ପ୍ରଦାୟକୁ ନେଇ ଆମ ଦେଶରେ ନିର୍ବାଚନ ପରିଚାଳିତ ହେଉଛି। ଏହା ସହିତ ଅର୍ଥବଳ ଓ ବାହୁବଳ ନିର୍ବାଚନ ପ୍ରକ୍ରିୟାକୁ ଯଥେଷ୍ଟ ପ୍ରଭାବିତ କରୁଛି। ତେଣୁ ମୁକ୍ତ ବିଚାର କରିବାକୁ ମତଦାତାଙ୍କ ନିକଟରେ ସୁଯୋଗ ନାହିଁ। ରାଜନୈତିକ ସଚେତନତା ଅଭାବରୁ ମତଦାତା ଉଚିତ ନିଷ୍ପତ୍ତି ନେବାକୁ ଅକ୍ଷମ ହେଉଛନ୍ତି। ସମ୍ପ୍ରତି ଆମ ଦେଶରେ ଧର୍ମକୁ ନେଇ ରାଜନୀତି ଘନୀଭୂତ ହୋଇଥିବା ସ୍ଥଳେ 'ଫ୍ରିବିଜ୍'ର ଅନୁପ୍ରବେଶ ସମଗ୍ର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଓଲଟପାଲଟ କରିପକାଇଛି।

ନିର୍ବାଚନ ପୂର୍ବରୁ ସାଧାରଣତଃ ବିଭିନ୍ନ ରାଜନୈତିକ ଦଳ ନିଜର ଇସ୍ତାହାର ପ୍ରକାଶ କରିଥାନ୍ତି। ଦଳର ନୀତି ଆଦର୍ଶ ଅଧାରିତ କାର୍ଯ୍ୟକ୍ରମ, ଜନସାଧାରଣଙ୍କ ହିତକାରୀ ଯୋଜନା ଓ ବୈଦେଶିକ ନୀତି ଆଦି ସମ୍ପର୍କରେ ଇସ୍ତାହାରରେ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥାନ୍ତି। କର୍ନାଟକରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ଏକକ ନାଗରିକ ସଂହିତା (ୟୁନିଫର୍ମ ସିଭିଲ କୋଡ୍)ର ପ୍ରଚଳନ, ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର କାର୍ଯ୍ୟକାରିତା ଇସ୍ତାହାରରେ ପ୍ରକାଶ କରିଥିଲା। ସେହିପରି ନୂତନ ଜାତୀୟ ଶିକ୍ଷାନୀତିକୁ ପ୍ରତ୍ୟାଖ୍ୟାନ ଓ ଜାତିଭିତ୍ତିକ ଜନଗଣନା କରିବାକୁ କଂଗ୍ରେସ ତାହାର ଇସ୍ତାହାରରେ ସ୍ଥାନିତ କରିଥିଲା। ଏଗୁଡ଼ିକ ଦଳର ନୀତିଆଦର୍ଶ ସମ୍ପର୍କିତ ବିଷୟ ଥିଲା। ଏହାବାଦ ବର୍ଷରେ ୩ଟି ମାଗଣା ଗ୍ୟାସ୍ ସିଲିଣ୍ଡର, ପ୍ରତି ୱାର୍ଡ଼ରେ ଭୋଜନ କେନ୍ଦ୍ର, ବିପିଏଲ୍ ପରିବାରକୁ ଦୈନିକ ଅଧଲିଟର କ୍ଷୀର ଓ ମାସିକ ୫ କିଲୋ ଚାଉଳ ଦେବାକୁ ଭାଜପା ଘୋଷଣା କରିଥିଲା। ପ୍ରତି ପରିବାରର ମହିଳା ମୁଖ୍ୟଙ୍କୁ ମାସିକ ଦୁଇ ହଜାର ଟଙ୍କା, ମାଗଣା ୨୦୦ ୟୁନିଟ୍ ବିଜୁଳି, ବେକାରଙ୍କୁ ମାସିକ ୩ ହଜାର ଟଙ୍କା ଭତ୍ତା, ମୁଣ୍ଡ ପିଛା ୧୦ କିଲୋ ଚାଉଳ ଓ ମହିଳାଙ୍କୁ ମାଗଣା ବସ୍ ଯାତ୍ରା ନେଇ କଂଗ୍ରେସ ଘୋଷଣା କରିଥିଲା। ଏଗୁଡ଼ିକ ନିର୍ବାଚନୀ ଇସ୍ତାହାରରେ ପ୍ରକାଶିତ ହୋଇଥିଲେ ମଧ୍ୟ ଦଳର ନୀତି ଆଦର୍ଶ ସମ୍ପର୍କିତ ନ ଥିଲା, ବରଂ ମତଦାତାମାନଙ୍କୁ ପ୍ରଲୋଭିତ କରିବାକୁ ପ୍ରତିଶ୍ରୁତି ଥିଲା। ଏହାକୁ ଆମେ ଏଠାରେ 'ଫ୍ରିବିଜ୍' (ମାଗଣା ବଣ୍ଟନ) କହିଲେ ସର୍ବାଦୌ ପ୍ରଯୁଜ୍ୟ ହେବ। ଦିଲ୍ଲୀ ସରକାର ମାଗଣା ବିଜୁଳି, ମାଗଣା ପାଣି, ମାଗଣା ବସ୍ ଯାତ୍ରା ପାଇଁ ଘୋଷଣା କରିଥିଲେ, ତାହା ବି କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କେତେକ ଦଳ ମଧ୍ୟ ମାଗଣା ସାଇକେଲ, ସ୍ମାର୍ଟ ଫୋନ୍, ଟିଭି, ଲାପ୍‌ଟପ୍, ମଙ୍ଗଳସୂତ୍ର, ମାଗଣା ଶାଢ଼ି, ପେସର୍ କୁକର୍ ଆଦି ଦେବାକୁ ମତଦାତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ମାଗଣା ସଂସ୍କୃତି ବା ଫ୍ରିବିଜ୍ ସର୍ବପ୍ରଥମେ ଆରମ୍ଭ ହୋଇଥିଲା ତାମିଲନାଡୁରେ। ତା' ପରେ ଦିଲ୍ଲୀ ଓ ପଞ୍ଜାବକୁ ବ୍ୟାପିଥିଲା। ଆଉ କେଇ ମାସ ପରେ ୫ଟି ରାଜ୍ୟର ନିର୍ବାଚନ ହେବ। ତାହାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସେଠାରେ ଫ୍ରିବିଜ୍ ବର୍ଷା ହେଲାଣି। ଏହା କେଉଁ ସ୍ତରକୁ ଯିବ ନିର୍ବାଚନୀ ଇସ୍ତାହାର ପ୍ରକାଶ ପାଇଲେ ତାହା ଜଣାପଡ଼ିବ।

ମତଦାତାମାନଙ୍କୁ ପ୍ରଲୋଭିତ କରି ସେମାନଙ୍କ ସ୍ୱାଧୀନ ବିଚାରକୁ ଦିଗଭ୍ରଷ୍ଟ କରିବା ଫ୍ରିବିଜ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଅନ୍ୟପକ୍ଷରେ ରାଜ୍ୟ ତଥା ଦେଶର ଅର୍ଥନୀତି ଉପରେ ଏହାର ପ୍ରଭାବ ନକାରାତ୍ମକ। କର୍ନାଟକରେ ଶାସନକୁ ଆସିଥିବା କଂଗ୍ରେସ ସରକାର ବର୍ତ୍ତମାନ ତାହାର ୫ଟି ମୁଖ୍ୟ ପ୍ରତିଶ୍ରୁତି ପାଳନ କରିବାକୁ ଯାଉଛି। ଏ ବାବଦରେ ହେବାକୁ ଥିବା ବ୍ୟୟ ରାଜ୍ୟର ବାର୍ଷିକ ବଜେଟର ଶତକଡ଼ା ୨୦ ଭାଗ ଏବଂ ମୋଟ ୬୫ ହଜାର କୋଟି ଟଙ୍କା ହେବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ପ୍ରକାରାନ୍ତରେ ଏହା ସାଧାରଣ ଟିକସଦାତାଙ୍କ ଉପରେ ବୋଝ ସଦୃଶ ହେବ, ଏଥିରେ ସାମାନ୍ୟତମ ଦ୍ୱନ୍ଦ୍ୱ ନାହିଁ। ଯେ ପର୍ଯ୍ୟନ୍ତ ଜନସାଧାରଣ ରାଜନୈତିକ ଭାବେ ସଚେତନ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ଫ୍ରିବିଜ୍ ସଂସ୍କୃତିକୁ କକ୍ଷଚ୍ୟୁତ କରାଯାଇପାରିବ ନାହିଁ। ଏହା ହିଁ ଚିନ୍ତାଜନକ।

ମୋ- ୭୯୭୫୦୪୬୪୮୬

## ଏଇ ଭାରତରେ

ବ୍ୟାଙ୍କ ଚାକିରି ଛାଡ଼ି ଅମିତ କିଷାନ ଏବେ ଜଣେ ଆଗଧାଡ଼ିର କୃଷକ। ଚାଷ କରିବା ସହ ପାଖାପାଖି ୧୮ଟି ଗାଁର ୩୦୦୦ ମହିଳାଙ୍କୁ ସେ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିପାରିଛନ୍ତି। ଅମିତ ବେଙ୍ଗାଲୁରୁରେ ବ୍ୟାଙ୍କିଙ୍ଗ ସେକ୍ଟରରେ କାମ କରୁଥିଲେ ଓ ୨୦୧୬ରେ ୩୩ ବର୍ଷ ବୟସରେ ଏହାକୁ ଛାଡ଼ି 'ହିବୁଭୁ ଫାର୍ମ' ଆରମ୍ଭ କରି ଜୈବିକ ପଦ୍ଧତିରେ ଚାଷ କରୁଛନ୍ତି। ଘିଅ ଓ ଅନ୍ୟ ଡାଏରି ଉତ୍ପାଦ ପ୍ରସ୍ତୁତ କରିବା ପାଇଁ ପ୍ରତିଦିନ ୨୫ ଲିଟର କ୍ଷୀର ଜଣେ ମହିଳାଙ୍କୁ ଦେଉଛନ୍ତି ଓ ଏହି କାମରୁ ପ୍ରତ୍ୟେକ ମହିଳା ଦିନକୁ ୨୦୦-୩୦୦ ଟଙ୍କା ରୋଜଗାର କରିପାରୁଛନ୍ତି। ଏହି ଫାର୍ମରୁ ଉତ୍ପାଦିତ ତଟକା ପରିବା, ଡାଲି ଏବଂ ଡାଏରି ଉତ୍ପାଦ ଲୋକମାନଙ୍କୁ ଯୋଗାଇ ଦେଉଛନ୍ତି। ସେ ଗୋବର ଓ ଗୋମୂତ୍ରରୁ ଖତ ଏବଂ କୀଟନାଶକ ପ୍ରସ୍ତୁତ କରୁଛନ୍ତି। ଯାନ୍ତ୍ରିକ ପଦ୍ଧତିରେ ନୁହେଁ, ବରଂ ବଳଦ ଦ୍ୱାରା ହଳ କରାଯାଉଛି। ଏହି ଫାର୍ମରେ ୪୦ ପ୍ରକାର ଖାଦ୍ୟ ଶସ୍ୟ ଓ ପରିବା ଉତ୍ପାଦନ ହେଉଛି। ପ୍ରତିଦିନ ୬ ଟନ ପରିବା ଓ ୧,୫୦୦ ଲିଟର କ୍ଷୀର ବିକ୍ରି କରାଯାଉଛି। ଫାର୍ମରେ ୭୦୦ ଦେଶୀ ଗାଈ ଓ ମଇଁଷି ଅଛନ୍ତି। ଫାର୍ମରେ ସୌର ଶକ୍ତି ବ୍ୟବହାର ହେଉଛି। ପ୍ରଥମେ ସେ ୧.୫ ଏକରରେ ଚାଷ ଆରମ୍ଭ କରିଥିଲେ। ଏବେ ତାହା ବିଭିନ୍ନ ଗାଁରେ ପ୍ରାୟ ୬୫୦ ଏକରରେ ପହଞ୍ଚିଛି। ଅମିତ ଚାଷରୁ ବର୍ଷକୁ ୨୧ କୋଟି ଟଙ୍କା ରୋଜଗାର କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଜୁନ୍ ୧୯୯୮**

- ଶ୍ରୀଲଙ୍କାର ସୈନ୍ୟମାନେ ଦେଶର ପୂର୍ବାଞ୍ଚଳରେ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ସହରକୁ ଅକ୍ତିଆର କରିନେଇଥିବା ବେଳେ ସାନି ସଂଘର୍ଷରେ ୩୩ ବିଦ୍ରୋହୀ ନିହତ।
- ପଶ୍ଚିମ ନେପାଳରେ ବନ୍ୟାଜଳ ପୂର୍ଣ୍ଣ ଏକ ନଦୀ ମଧ୍ୟକୁ ଗୋଟିଏ ବସ୍ ଖସିପଡ଼ିବା ଫଳରେ ଏଥିରେ ଯାତ୍ରା କରୁଥିବା ୩୬ ଯାତ୍ରୀଙ୍କ ମୃତ୍ୟୁ।
- ଏନ୍‌ଟିପିସି ମ୍ୟାନେଜ୍‌ମେଣ୍ଟ ସହିତ ଏନ୍‌ଟିପିସି ମେନ୍‌ସ କଂଗ୍ରେସ ୟୁନିୟନର ଚୁକ୍ତିନାମା ସ୍ୱାକ୍ଷରିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | 3 | | | 6 | 7 | |
| | | | 8 | | | | 3 | |
| | 9 | | | | | | 8 | |
| 6 | | | | | | 3 | | |
| | 2 | 5 | | | | | | 6 |
| | | | 4 | | | | | |
| 5 | | | | | 8 | | | |
| 9 | 7 | 1 | | | 2 | | | |
| | | 6 | | | | 4 | 1 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 1 | 6 | 3 | 2 | 7 | 9 | 5 |
| 2 | 5 | 7 | 4 | 8 | 9 | 1 | 6 | 3 |
| 9 | 3 | 6 | 5 | 1 | 7 | 8 | 2 | 4 |
| 3 | 6 | 2 | 7 | 9 | 8 | 5 | 4 | 1 |
| 5 | 1 | 8 | 3 | 4 | 6 | 2 | 7 | 9 |
| 4 | 7 | 9 | 2 | 5 | 1 | 3 | 8 | 6 |
| 6 | 2 | 5 | 9 | 7 | 3 | 4 | 1 | 8 |
| 1 | 9 | 3 | 8 | 2 | 4 | 6 | 5 | 7 |
| 7 | 8 | 4 | 1 | 6 | 5 | 9 | 3 | 2 |

ଗତକାଲିର ଉତ୍ତର

# କୋଠଭୋଗ ଖିଆ...



ରଞ୍ଜନ କୁମାର ଦାସ

ଜଗତର ନାଥ ଜଗନ୍ନାଥଙ୍କ ଲୀଳା ଅପ୍ରମେୟ। ତାଙ୍କଠାରେ ଯେତିକି ଦେବତ୍ୱ ଆରୋପିତ ତହୁଁ ବଳି ମାନବତ୍ୱ ପ୍ରତୀତ। ତାଙ୍କର ନିତ୍ୟଲୀଳାକୁ ଅବଗାହନ କଲେ ଦେଖାଯାଏ ସେ ଯେତିକି ଈଶ୍ୱର ସେତିକି ମଣିଷ। ଯେତିକି ରାଜକୀୟ ସେତିକି ପ୍ରଜାପାଳକ, ଯେତିକି ଯୋଗୀ ସେତିକି ଭୋଗୀ। ଏ କ୍ଷେତ୍ରରେ ବିରାଜିତ ହୋଇ ସେ ଉତ୍କଳ ଭୂଖଣ୍ଡକୁ ମହିମାମୟ କରିଛନ୍ତି। ସେ ଜଗତର ନାଥ। ବିଶ୍ୱର ଠାକୁର ହୋଇଥିଲେ ମଧ୍ୟ ଏହା ତାଙ୍କର ଅନନ୍ୟ ଲୀଳାକ୍ଷେତ୍ର। କୁହାଯାଏ ଶ୍ରୀହରି ରାମେଶ୍ୱରରେ ନିତ୍ୟ ସ୍ନାନ କରି, ଶ୍ରୀକ୍ଷେତ୍ରରେ ଆସି ଅନ୍ନପ୍ରସାଦ ଗ୍ରହଣ କରନ୍ତି। ଦ୍ୱାରକାକୁ ଯାଆନ୍ତି ଶୟନ ପାଇଁ ଏବଂ ବଦ୍ରିନାଥରେ ଯାଇ ତପସ୍ୟା କରନ୍ତି। ତେଣୁ ଶ୍ରୀକ୍ଷେତ୍ର ବା ଶଙ୍ଖକ୍ଷେତ୍ର ପ୍ରଭୁଙ୍କ ଭୋଜନକ୍ଷେତ୍ର ରୂପେ ସୁଖ୍ୟାତ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ କ୍ରମେ ଯଯାତି କେଶରୀଙ୍କ ଅମଳରୁ ଏହା ଆରମ୍ଭ ହୋଇଥିବା କଥା ବିଶ୍ୱାସ କରାଯାଏ। ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ଦେବଙ୍କ ବେଳେ ମହାପ୍ରସାଦର ପ୍ରଚଳନ ହୋଇଥିଲା। ଦୈନନ୍ଦିନ ନୀତିରେ ତାଙ୍କର ତିନିଧୂପ ଓ ପାଞ୍ଚ ଅବକାଶ ରୀତି ପାଳିତ ହୁଏ। ତିନିଧୂପ ସହ ଆଉ ତିନିପ୍ରକାର ଭୋଗ ମଧ୍ୟ ଲାଗେ। ପ୍ରଥମେ ସକାଳ ପ୍ରାୟ ନଅଟା ବେଳକୁ ଶ୍ରୀଜୀଉଙ୍କ ସକାଳର ପ୍ରଥମ ଜଳଖିଆ ଭୋଗ ଦିଆଯାଏ, ଯାହାର ନାମ ହେଲା ଗୋପାଳବଲ୍ଲଭ ଭୋଗ। ଏଥିରେ ପାଗଖଇ, ନଡିଆ କୋରା, ପାଚିଲା କଦଳୀ, ଦହି, ଖୁଆମଣ୍ଡା, ମାଖନ, ଖୁଦ ନଡିଆ ଆଦି ପଞ୍ଚ ଉପଚାର ବିଧିରେ ପରସା ଯାଏ। ଦ୍ୱିତୀୟରେ ଲାଗିହୁଏ ସକାଳଧୂପ। ସକାଳ ଦଶଟା ବେଳକୁ ପ୍ରାୟ ଏହା ଲାଗି ହୋଇଥାଏ। ଏଥିରେ ଖେଚୁଡ଼ି, କାନିକା, ଶାଗ, କାଞ୍ଜି, ଏଣ୍ଡୁରି, ମାଠପୁଳି, ପୁଳି, ଝିଲ୍ଲୀ, ପିଠାପୁଳି, ହଂସକେଳି, ଆଳୁ କଦଳୀ ଭଜା, ଅଦାପାଚେଡ଼ି, ବୁନ୍ଦିଆ ଆଦି ଲାଗେ। ଏହି ଭୋଗ ଧୂପ ଷୋଡ଼ଶ ଉପଚାର ବିଧିରେ କରାହୁଏ। ଭୋଗ ସାମଗ୍ରୀ ସବୁ ରତ୍ନସିଂହାସନ ତଳେ ମୁରୁଜ ପଡିଥିବା ସ୍ଥାନରେ ବଢାହୁଏ। ତୃତୀୟରେ ଲାଗେ ଭୋଗମଣ୍ଡପର ଅନ୍ନଭୋଗ। ଏଥିରେ ଅନ୍ନ, ଘିଅଅନ୍ନ, ଖେଚୁଡ଼ି, କାନିକା, ମିଠାଡାଲି, ଡାଲମା, ବେସର, ମହୁର, ଶାଗ, ଖଟା, ପାଚେଡ଼ି, ଆମ୍ବୁଲ ଆଦି ହୋଇଥାଏ। ଏଥିରେ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ବରାଦି ଭୋଗ ମଧ ହୋଇଥାଏ। ଚତୁର୍ଥରେ ହୁଏ ମଧ୍ୟାହ୍ନ ଧୂପ। ଏଥିରେ ଅନ୍ନ, ବ୍ୟଞ୍ଜନ,ପିଷ୍ଟକ ଓ ମିଷ୍ଟାନ୍ନ ଆଦି ପରସା ଯାଏ। ଯଦିଓ ଏହା ମଧ୍ୟାହ୍ନ ଧୂପ, ହଉହଉ ଏହା ଅପରାହ୍ନ ହୋଇଯାଏ। ପଞ୍ଚମ ଭୋଗ ହେଲା ସନ୍ଧ୍ୟାଧୂପ। ରାତି ସାତଟାରୁ ଆଠଟା ଭିତରେ ହେବାର ବିଧି ଅଛି। ଏଥିରେ ଚୁପୁଡ଼ା ପଖାଳ, ପାଣି ପଖାଳ, ସାକର, କଅଁଳପୁଳି, ମାଠପୁଳି ଓ ଅମାଲୁ ଭୋଗ ହୁଏ। ଏହାର ସମସ୍ତ ବିଧି ସକାଳ ଧୂପ ପରି ହୋଇଥାଏ। ଦିନର ଶେଷ ଭୋଗ ହେଲା ବଡସିଂହାର ଧୂପ। ଏହାର ନିର୍ଦ୍ଧାରିତ ସମୟ ରାତି ୧୧ଟା ପରେ। ଏଥିରେ ସରପୁଳି, ସୁଆରପିଠା, ବିରିବୁହା ପିଠା, ରୋଷପାଇକ ପିଠା, କଦଳୀ ବଡା, ମିଠା ପଖାଳ, ଖିରି, କାଞ୍ଜି ଆଦି ଭୋଗ ହୁଏ। ପୂଜାପଣ୍ଡା ପଞ୍ଚ ଉପଚାରରେ ସିଂହାସନ ତଳେ ପୂଜା କରିଥାନ୍ତି।

ମାଦଳା ପାଞ୍ଜି ଅନୁସାରେ, ଏ ଭୋଗ ସବୁ ମା' ବିମଳାଙ୍କ ପାଖରେ ଲାଗି ହୋଇ ଆସୁଥିବାରୁ ଏହାକୁ ମାପ୍ରସାଦ ବା ଧୀରେ ଧୀରେ ମହାପ୍ରସାଦ ରୂପରେ ସ୍ୱୀକୃତି ମିଳିଛି। ମହାପ୍ରସାଦ ଦୁଇ ପ୍ରକାରର, ପ୍ରଥମଟି ହେଲା ଅନ୍ନପ୍ରସାଦ ବା ଶଙ୍ଖୁଡି ଭୋଗ ଏବଂ ଦ୍ୱିତୀୟଟି ହେଲା ଶୁକୁଲି ଭୋଗ ବା ନିଃସଙ୍ଖୁଡି।



ଏହି ଭୋଗଗୁଡିକ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ଉଦ୍ଧରିତ ହୋଇ ତାହା ଶେଷରେ ନିର୍ମାଲ୍ୟରେ ପରିଣତ ହୁଏ। ଷଡ ସଂସ୍କାର ମାଧ୍ୟମରେ ସେ ଅନ୍ନ ପରିଣତ ହୁଏ ବ୍ରହ୍ମରେ। ସେହି ଷଡସଂସ୍କାରଗୁଡିକ ହେଲା, ମହାଲକ୍ଷ୍ମୀଙ୍କ ଦ୍ୱାରା ବୈଷ୍ଣବାଗ୍ନିରେ ଏହା ପାକ ହୁଏ। ଶ୍ରୀଯନ୍ତ୍ର ରୂପକ ଠାଆ ମୁରୁଜ ଉପରେ ରଖି ନୈବେଦ୍ୟ ସମର୍ପଣ ହୁଏ। ତତ୍‌ପରେ ଦ୍ୱାବିଂଶକ୍ଷରୀ ପାତାଳ ନୃସିଂହ ମନ୍ତ୍ରରେ ଅଭିମନ୍ତ୍ରିତ ହୁଏ। ଏହା ଉତ୍ତାରେ ଭୈରବୀ ଚକ୍ରର ଉଚ୍ଛିଷ୍ଟ ଭୈରବୀ ବିମଳାଙ୍କୁ ସମର୍ପଣ କରାଯାଏ ଓ ଶେଷରେ ଅଷ୍ଟବୈଷ୍ଣବ ଯଥା ଶୁକ, ପ୍ରହ୍ଲାଦ, ହନୁମାନ, ନାରଦ ଓ ଇନ୍ଦ୍ର ଆଦିଙ୍କୁ ପ୍ରଦାନ କରାଯାଏ। ତାନ୍ତ୍ରିକ ବ୍ୟବସ୍ଥାନୁସାରେ ରନ୍ଧନ ବ୍ୟବସ୍ଥାରେ ନବଚକ୍ର ଯନ୍ତ୍ର ଉପରେ ଅଗ୍ନି ସଂସ୍କାର କରି ଛଅଗୋଟି ଝିଙ୍କାବିଶିଷ୍ଟ ଚୁଲି ଉପରେ ଏକାଥରକେ ନଅଗୋଟି ମାଟି ହାଣ୍ଡି ବସାଇ ରନ୍ଧନ କରାଯାଇ ଥାଏ। ମାତ୍ର ଆଶ୍ଚର୍ଯ୍ୟର ବିଷୟ ତଳହାଣ୍ଡିର ଅନ୍ନ ବ୍ୟଞ୍ଜନ ଯେତିକି ସିଦ୍ଧ ହୋଇଥାଏ, ଉପର ହାଣ୍ଡିର ଅନ୍ନ ବ୍ୟଞ୍ଜନ ମଧ ସେତିକି ସିଦ୍ଧ ହୋଇଥାଏ।

ମହାପ୍ରସାଦ ସମ୍ପର୍କିତ ଅନେକ କାହାଣୀ ଆମେ ଶୁଣିଥାଉ। ଅନ୍ନରୁ ନିର୍ମାଲ୍ୟ ଯାଏ ତା'ର ଯାତ୍ରା ମଧ୍ୟ ସେତିକି ଚମତ୍କାରୀ। ଯେଉଁ ଚାଉଳ ରୋଷଘର ପାଇଁ ଆସେ ତା'ର ନାମ ହେଲା ଅମୁଣିଆ। ଅମୁଣିଆ ଯେତେବେଳେ ବୈଷ୍ଣବାଗ୍ନିରେ ମା' ମହାଲକ୍ଷ୍ମୀଙ୍କ ଦ୍ୱାରା ପାକ ହୁଏ, ତାକୁ ଅନ୍ନ କୁହାଯାଏ। ରୋଷଘରୁ ଅନ୍ନ ଭୋଗ ପାଇଁ ବାହାରକୁ ନେଲା ବେଳେ ତାକୁ ଛେକ କୁହାଯାଏ। ଛେକ ଯେତେବେଳେ ଯାଇ ଭୈରବୀଚକ୍ରରେ ରଖାଯାଏ, ତାକୁ ଭୋଗ କୁହାଯାଏ। ଭୋଗ ଯାଇ ତିନି ଠାକୁରଙ୍କୁ ଲାଗିଲେ ନୈବେଦ୍ୟ ପଦବାଚ୍ୟ ହୁଏ। ତାହା ଗୋପାଳ ମନ୍ତ୍ରରେ ଉତ୍ସର୍ଗ ହେଲେ ହୁଏ ପ୍ରସାଦ। ପ୍ରସାଦ ଯାଇ ମା' ବିମଳାଙ୍କୁ ସମର୍ପିତ ହେଲେ ହୁଏ ମହାପ୍ରସାଦ। ମହାପ୍ରସାଦ ଯେବେ ପଞ୍ଚପରମେଶ୍ୱରଙ୍କ ଦର୍ଶନ ପାଆନ୍ତି ହୁଅନ୍ତି କୈବଲ୍ୟ। କୈବଲ୍ୟ ଯେବେ ଭକ୍ତଙ୍କ ପାଇଁ ଆନନ୍ଦବଜାରକୁ ଆସେ ହୁଏ ଅବଢା। ଅବଢାକୁ ଯେତେବେଳେ ଶୁଖେଇ ରଖାଯାଏ ହୁଏ ନିର୍ମାଲ୍ୟ।

ଶ୍ରୀଜୀଉଙ୍କ ଏହିମତେ ନିତିଦିନ ଛପନ ପ୍ରକାର ଭୋଗ ଲାଗି ହୋଇଥାଏ। ତା' ଛଡା ଅଣସର, ଜନ୍ମାଷ୍ଟମୀ, ସପ୍ତପୁରୀ ଅମାବାସ୍ୟା, କାର୍ତ୍ତିକ ମାସ, ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି, ରାମନବମୀ, ଚନ୍ଦନ ଯାତ୍ରା ସମୟରେ ଓ ବିଭିନ୍ନ ସ୍ୱତନ୍ତ୍ର ବେଶ ସମୟରେ ବିଶେଷ ଭୋଗ ମଧ ଲାଗି ହୋଇଥାଏ। ମାତ୍ର ଏ ସମସ୍ତ ପାକପ୍ରଣାଳୀରେ ଆଳୁ, ଟମାଟୋ, ଭେଣ୍ଡି, କୋବି, ଛୁଇଁ, ଛତିଂଶା, କଲରା, ଲାଉ, ପିଆଜ, ରସୁଣ, ଖୁଡଙ୍ଗ, ବିନସ ଆଦିବ୍ୟବହାର ହୁଏନାହିଁ। ସେହିପରି ଉଷୁନା ଚାଉଳ, ଶୁଖିଲା ଲଙ୍କା ଓ ତେଲ ଆଦି ବାରଣ ହୋଇଥାଏ। ମୋଟାମୋଟି ଭାବେ ସମସ୍ତ ତାମସିକ ଓ ରାଜସିକ ଖାଦ୍ୟକୁ ବାରଣ କରାଯାଇ ବୈଦିକ ମତେ କେବଳ ସାତ୍ତ୍ୱିକ ଖାଦ୍ୟ ପରିବେଷଣ କରାଯାଇଥାଏ, ଯାହା ମନରେ ଧାର୍ମିକ ଓ ଆଧ୍ୟାତ୍ମିକ ଭାବ ଉଦ୍ରେକ କରିପାରିବ। ଏତେ ପ୍ରକାର ବିଧିବ୍ୟବସ୍ଥା ଭିତରେ ସାତ୍ତ୍ୱିକ ଓ ମାନ୍ତ୍ରିକ ପ୍ରଭାବରେ ପାକ ହେଉଥିବା ଖାଦ୍ୟ ଦେବଯୋଗ୍ୟ ହୁଏ। ତେଣୁ ସାଧାରଣ ମଣିଷ ତାହା ଗ୍ରହଣ କଲେ ତା' ଉପରେ ଏକ ସାତ୍ତ୍ୱିକ ପ୍ରଭାବ ନିଶ୍ଚୟ ସୃଷ୍ଟି ହେଉଥିବ। ଏହି ସିଦ୍ଧ ଅନ୍ନ ସାଧାରଣ ଅନ୍ନଠାରୁ ନିଶ୍ଚୟ ଭିନ୍ନ। ଭକ୍ତି ସହକାରେ ଏହାର ସେବନ କଲେ ପରମ ତୃପ୍ତି ମିଳିବା ସହ ଆଧ୍ୟାତ୍ମିକ ଉତ୍କର୍ଷ ପ୍ରଦାନ କରିଥାଏ।

**ମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର**
**ମୋ: ୯୪୩୭୨୮୬୫୧୨**

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠଙ୍କୁ ଭତ୍ତା ଦିଆଯାଉ

ମହାଶୟ,

ରାଜ୍ୟ ସରକାର ପ୍ରତି ମାସରେ ବରିଷ୍ଠ ନାଗରିକ ଓ ଦୁଃଖୀ ଅସହାୟମାନଙ୍କୁ ସ୍ୱଳ୍ପ ଭତ୍ତା ପ୍ରଦାନ କରୁଛନ୍ତି। ପୁରୀ ଜିଲା ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତରେ ଏହି ଭତ୍ତା ଟଙ୍କା ପଞ୍ଚାୟତସ୍ତରରେ ଦିଆଯାଉଥିଲା। ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ଏହାକୁ ବ୍ୟାଙ୍କିଙ୍ଗ୍ ସ୍ତରରେ ଦେବା ପାଇଁ ସ୍ଥିର କରିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସତ୍ୟବାଦୀ ବ୍ଲକ୍‌ର ଅଧିକାଂଶ ପଞ୍ଚାୟତର ବୃଦ୍ଧାବୃଦ୍ଧ, ଦୁଃଖୀ ଅସହାୟମାନେ ଗ୍ରାମପଞ୍ଚାୟତ କିମ୍ବା ବ୍ୟାଙ୍କକୁ ଯିବା ପାଇଁ ସମର୍ଥ ହୋଇପାରୁନାହାନ୍ତି। ଏହି ଭତ୍ତାଟଙ୍କା କିପରି ସୁଚାରୁରୂପେ ତାଙ୍କ ପାଖରେ ପହଞ୍ଚାଇହେବ ରାଜ୍ୟ ସରକାର ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଗୁରୁତର ସହ ବିଚାରକୁ ନେବା ଦରକାର। ଶ୍ରୀରାମଚନ୍ଦ୍ରପୁର, ସେବକସାହି, କାଦୁଅ, ମଝିସାହି, ବଳପୁର ଗ୍ରାମର ଦୁଃଖୀ ଅସହାୟଙ୍କ ଭତ୍ତା ଟଙ୍କା ବ୍ୟାଙ୍କ ଜମା ଖାତାରେ ରହିଯାଉଛି। ଖବରକାଗଜରେ ପ୍ରତିନିଧିମାନଙ୍କୁ ଅଭିଯୋଗ କଲେ ବି ଏହା ଉପରେ ଖବର ପ୍ରକାଶ ନ ପାଇବା ପ୍ରଶ୍ନବାଚୀ ସୃଷ୍ଟିକରିଛି। ଏହାର ସୁବିଚାର ପାଇଁ ସତ୍ୟବାଦୀ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ନାଗରିକ ସଂଘ ଦାବି ଜଣାଇଛନ୍ତି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯାଉ।

**-ଦେବବ୍ରତ ମିଶ୍ର, ସତ୍ୟବାଦୀ ବିକାଶ ପରିଷଦ, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଜଗତର ଜରାରାଶି
ଫୁଟି ଉଠୁ କୁସୁମ ସମାନ,
ଜାଗି ଉଠୁ କଣ୍ଠେ ମୋର
ତବ ନବ ଗଉରବ ଗାନ।
(ଆସ୍ତିକର ଆକୁତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ଲୋକ ନାଟକ ପାଇଁ ସିନିଅର ଫେଲୋଶିପ

ପଦ୍ମପୁର,୨୨।୬ (ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଗାଇସିଲଟ ବ୍ଲକ ଗୌରେନମୁଣ୍ଡା



ଗ୍ରାମର ଇନ୍ଦ୍ରମଣି ବାରିକ ଲୋକ ନାଟକ ପାଇଁ ସିନିଅର ଫେଲୋଶିପ ପାଇଛନ୍ତି। ଇନ୍ଦ୍ରମଣି ସମ୍ପ୍ରତି ସ୍ଥାନୀୟ ନିଆଲି ମଲ୍ଲୀ ନାଟ୍ୟ କଳା ପରିଷଦର ସଭାପତି ଅଛନ୍ତି। ସେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଏହି ଫେଲୋସିପ ପାଇଛନ୍ତି। ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ପଥପ୍ରାନ୍ତ, ସମ୍ବଲପୁରୀ ନାଟକରେ ସେ ନାଟ୍ୟକାର,କୋରିଓଗ୍ରାଫର, ନିର୍ଦ୍ଦେଶକ ଭାବରେ ବେଶ ପରିଚିତ ଚେହେରା ହୋଇଛନ୍ତି। ଆକାଶବାଣୀ,ଦୂରଦର୍ଶନରେ ଅସତ, ମା' ମାଟିର କଥା, ଗରିବ ଦୁଃଖି, ଧରତିମା ହସୁଛେ, ଧରତୀ ମା କାନ୍ଦୁଛେ, ରସିଆ, ରଘୁଆର କଥା, ଉଁଆସ ରାତିର ପୁନିଜନ, ଆସାରସପନ, ଆଖି ପାଏନଧାରେ, ବୁଝିପାରଲେ ଜଗନରକଥା, ରଘୁଆର କଥା, ଡ଼ାକ ବଙ୍ଗଲା ମୁଖ୍ୟ ଥିଲା। ୨୦୦୪ରେ ମୁକ୍ତିଲାଭ କରିଥିବା ସମ୍ବଲପୁରୀ ଟେଲି ଫିଲ୍ମ ନୃସିଂହନାଥ ମାହାତ୍ମ୍ୟ, ରସିଆ,ଚୋରରେ ଅଭିନୟ କରିଛନ୍ତି। ଚଳିତବର୍ଷ ଲୋକ ନାଟକରେ ସିନିଅର ଫେଲୋସିପ ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ବୋଡ଼ାସମ୍ବର ଅଞ୍ଚଳର କଳାକାର ଓ ସଂସ୍କୃତି ପ୍ରେମୀ ଇନ୍ଦ୍ରମଣି ବାରିକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

### ନୂତନ ବିଇଓଙ୍କ ଯୋଗଦାନ



ଅମ୍ବାଭୋନା,୨୨।୬(ଛନ୍ଦାଚରଣ ପ୍ରଧାନ): ବରଗଡ଼ ଜିଲା ଅମ୍ବାଭୋନା ବ୍ଲକରେ ଗୁରୁବାର ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ(ବିଇଓ) ଭାବନା ସାହୁ ଯୋଗଦାନ କରିଛନ୍ତି। ଏହି ଅବସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା । ଭଟଲି ବିଇଓ ସରୋଜ କୁମାର ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ(ଏବିଇଓ) ଲାଲମୋହନ ସିଂ, ଅବସରପ୍ରାପ୍ତ ଶିକ୍ଷକ ଡ. ଡୋଲାମଣି ଶତପଥି, ଶିକ୍ଷକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବୈଠକରେ ନୂତନ ବିଇଓ ସାହୁଙ୍କ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ କଳା ଶିକ୍ଷକ ରାଜେନ୍ଦ୍ର ସିଂଙ୍କ ନୂତନ ବିଇଓ ସାହୁଙ୍କ ଏକ ପଟ୍ଟଚିତ୍ର ଆଙ୍କିଥିଲେ ଏବଂ ତାହା ତାଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ ବିଇଓ ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ଅମ୍ବାଭୋନା ବ୍ଲକକୁ ଶିକ୍ଷାକ୍ଷେତ୍ରରେ ରାଜ୍ୟରେ ଶ୍ରେଷ୍ଠ କରିବା ତାଙ୍କ ଲକ୍ଷ୍ୟ ରହିଛି ବୋଲି ନୂତନ ବିଇଓ ସାହୁ କହିବା ସହିତ ଏଥିରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକଙ୍କ ସହଯୋଗ କାମନା କରିଥିଲେ।

### ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ନିନ୍ଦା

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ): ପୁରୀରେ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ କାର୍ଯ୍ୟରତ ଥିବା ଖବରଦାତା ଚିତ୍ତରଞ୍ଜନ ମହାନ୍ତି ଏବଂ ଚନ୍ଦ୍ରଶେଖର ପାତ୍ରଙ୍କ ପ୍ରତି ହୋଇଥିବା ଆକ୍ରମଣ ଘଟଣାକୁ ବରଗଡ଼ ସାମ୍ବାଦିକ ସଂଘ ନିନ୍ଦା କରିଛି। ଏହି କ୍ରମରେ ଗୁରୁବାର ସନ୍ଧ୍ୟାରେ ବରଗଡ଼ ସାମ୍ବାଦିକ ଭବନରେ ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଘଟଣାର ବିଧିବଦ୍ଧ ତଦନ୍ତ କରି ଖବରଦାତାଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ତାଙ୍କୁ ଗିରଫ କରିବାକୁ ଦାବି ହୋଇଥିଲା। ବୈଠକରେ ଆରମ୍ଭରୁ ବାହାନଗା ରେଳ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ହୋଇଥିବାବେଳେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ବୈଠକରେ ସଂଘର ବରିଷ୍ଠ ସଦସ୍ୟ ଉମେଶ ବିଶ୍ୱାଳ, କୋଷାଧ୍ୟକ୍ଷ ବ୍ୟୋମକେଶ କରଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ସହସମ୍ପାଦକ ପ୍ରବୀଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମେଜର ନକ୍ସାକୁ ନା, ହମିଦ୍‌ରେ ହେଉ ସୀମା ଚିହ୍ନଟ

ବରଗଡ଼ ଅଫିସ୍,୨୨।୬(ପ୍ରେମାନନ୍ଦ ଖମାରୀ)

**ଲେଙ୍ଗୁ ମିଶ୍ର ଛକ-ନୂଆ ଜୀରାବ୍ରିଜ ଜବରଦଖଲ ଘଟଣା**
- ଉଚ୍ଛେଦ ଦାବିରେ ଥମୁନି ତାତି
- ବାହାରିଲା ଜିଲା ଓକିଲ ସଂଘ

ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ନୂଆ ଜୀରାବ୍ରିଜ ଦେଇ ଅମ୍ବାପାଲି ପର୍ଯ୍ୟନ୍ତ ରାସ୍ତା ଜବରଦଖଲ ଉଚ୍ଛେଦ ଦାବିରେ ତାତି ଥମିବାର ନାଁ ନେଉ ନାହିଁ। ଉଚ୍ଛେଦ ଦାବି ନେଇ ବୁଧବାର ସ୍ଥାନୀୟ ସମଲେଶ୍ୱରୀ ସଂଘ ନେତୃତ୍ୱରେ ହୋଇଥିବା ବିଶାଳ ଶୋଭାଯାତ୍ରା ପରେ ଗୁରୁବାର ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଉପସ୍ଥିତିରେ ସୀମା ଚିହ୍ନଟ କରାଯାଉଥିଲା । ତେବେ ହମିଦ୍ ବଦଳରେ ମେଜର ନକ୍ସା ଧରି ବିଭାଗୀୟ କର୍ମଚାରୀମାନେ ରାସ୍ତା ମାପଚୁପ କରୁଥିବା ଜାଣିବା ପରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ସମଲେଶ୍ୱରୀ ସଂଘ, ଜିଲା ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦଙ୍କ ସମେତ ସ୍ଥାନୀୟ ଲୋକେ ସେଠାକୁ ପହଞ୍ଚି ବିନା ଜନଶୁଣାଣିରେ ହମିଦ ବଦଳରେ ମେଜର ବନ୍ଦୋବସ୍ତ ନକ୍ସାରେ ରାସ୍ତାର ସୀମା ଚିହ୍ନଟକୁ ବିରୋଧ କରିଥିଲେ। ଜନଶୁଣାଣି କରି ଯେପର୍ଯ୍ୟନ୍ତ ହମିଦ ବନ୍ଦୋବସ୍ତ ନକ୍ସା ଅନୁଯାୟୀ ସୀମା ଚିହ୍ନଟ କରାଯିବ ନାହିଁ, ସେପର୍ଯ୍ୟନ୍ତ ରାସ୍ତାର ମାପଚୁପ ହୋଇପାରିବ ନାହିଁ ବୋଲି ବିଭାଗୀୟ ଅଧିକାରୀଙ୍କୁ ସେମାନେ ରୋକଠୋକ୍ ଶୁଣାଇ ଦେଇଥିଲେ। ଏହାପରେ ସେଠାକୁ



ବିଭାଗୀୟ କର୍ମଚାରୀମାନେ ରାସ୍ତାର ସୀମା ଚିହ୍ନଟ କରୁଛନ୍ତି।

ଆସିଥିବା ବିଭାଗୀୟ ଅଧିକାରୀ, କର୍ମଚାରୀ ମାପଚୁପ ଅଧାରୁ ଛାଡ଼ି ଫେରି ଯାଇଥିଲେ।

ବରଗଡ଼ ଗାନ୍ଧିଛକରୁ ଲେଙ୍ଗୁ ମିଶ୍ର ଛକ, ଜୀରାବ୍ରିଜ ଦେଇ ଅମ୍ବାପାଲିକୁ ପୁରୁଣା ଜାତୀୟ ରାଜପଥ ସଂଯୋଗ କରିଥିଲା ଏବଂ ସେତେବେଳେ ଏହି ରାସ୍ତା ୬୬ଫୁଟ୍‌ରୁ ୭୦ଫୁଟ୍ ଓସାର ରହିଥିବାବେଳେ ହମିଦ ବନ୍ଦୋବସ୍ତ ନକ୍ସାରେ ତାହା ସ୍ପଷ୍ଟ ଉଲ୍ଲେଖ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ନୂତନ ରାଜପଥ ହେବାରୁ ରକ୍ଷଣାବେକ୍ଷଣ ପାଇଁ ପୁରୁଣା ରାଜପଥ ପୌର ପ୍ରଶାସନ ଅଧିନକୁ ଆସିଥିଲା। ତେବେ ରକ୍ଷଣାବେକ୍ଷଣ ବଦଳରେ ପ୍ରଶାସନର ଦାୟିତ୍ୱହୀନତା ଯୋଗୁ ସେହି ରାଜପଥ ଅସ୍ତିତ୍ୱ ହରାଇ ସଂକୁଚିତ ହୋଇ ସେଠାରେ କୋଠାବାଡ଼ି ଗଢ଼ି ଉଠିଛି। ଏପରିକି କିଛିଲୋକ ଚଞ୍ଚକତାର ସହିତ ରାଜପଥ ଜମିକୁ ହାତେଇ ନିଜ ନାମରେ ରେକର୍ଡ଼ କରି ସାରିଥିବାବେଳେ ମେଜର ନକ୍ସାରେ ତାହା କୋଠାବାଡ଼ିଭାବେ ଉଲ୍ଲେଖ ରହିବା ଏବଂ ଦିନେ ରାଜପଥ ପାଲଟିଥିବା ରାସ୍ତା ଏବେ ପ୍ରାୟ ୨୫ ରୁ ୪୫ଫୁଟ୍ ମଧ୍ୟରେ ସୀମିତ ରହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ରାଜପଥ ଜମିକୁ ନେଇ ହମିଦ୍ ଓ ମେଜର ନକ୍ସାରେ ଏଭଳି ତାରତମ୍ୟ ସହରବାସୀଙ୍କୁ ଚକିତ କରି ଦେଇଥିବାବେଳେ ରାଜପଥ ଜମିକୁ କିଏ କେଉଁ ସ୍ୱାର୍ଥରେ ବିକ୍ରି କରିଛି ନା ଲିଜ୍‌ରେ ଦେଇଛି, ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଦାବି ହୋଇଛି ।

ଅନ୍ୟପଟେ ଗୁରୁବାର ସ୍ଥାନୀୟ ପୌର ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ତହସିଲଦାର ପ୍ରଶାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ମେଜର ନକ୍ସା ଅନୁଯାୟୀ ରାସ୍ତାର ମାପଚୁପ ଚାଲିଥିଲା। ସେହି ମାପଚୁପ ସମୟରେ ଯେଉଁ ସୀମା ଚିହ୍ନଟ କରାଯାଉଥିଲା, ତାହା ବର୍ତ୍ତମାନ ରହିଥିବା ରାସ୍ତାର ଓସାରକୁ ପ୍ରାୟତଃ ଅତିକ୍ରମ କରୁ ନ ଥିବା ପରିଲକ୍ଷିତ ହୋଇଥିଲା। ତେବେ ହମିଦ ବଦଳରେ ମେଜର ନକ୍ସାରେ ସେହି ସୀମା ଚିହ୍ନଟ କରାଯାଉଥିବା ଜାଣିବା କ୍ଷଣି ସମଲେଶ୍ୱରୀ ସଂଘର ସଭାପତି ସମୀର ପ୍ରଧାନ, ସମ୍ପାଦକ ପ୍ରଶାନ୍ତ ମହାପାତ୍ର ଏବଂ ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବା ସରାଫଙ୍କ ସମେତ ଉଭୟ ସଂଘର ସଭ୍ୟବୃନ୍ଦ ସେଠାକୁ ପହଞ୍ଚିଥିଲେ ଏବଂ ସେଭଳି ମାପଚୁପକୁ ନାପସନ୍ଦ କରିଥିଲେ।

## ୮କଳାକାରଙ୍କୁ ସିନିୟର ଫେଲୋଶିପ୍ ସମ୍ମାନ

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ୮କଳାକାରଙ୍କୁ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସିନିୟର ଫେଲୋସିପ୍ ସମ୍ମାନ ମିଳିଥିବା ସୂଚନା ମିଳିଛି । କଳାକାର ବରଗଡ଼ ନିବାସୀ କାଳୀଚରଣ ବାଗଙ୍କୁ ଫୋକ୍ ମ୍ୟୁଜିକ, ଗାଇସିଲେଟ ବ୍ଲକ ଗୌରେନମୁଣ୍ଡାର ଇନ୍ଦ୍ରମଣି ବାରିକଙ୍କୁ ଫୋକ୍ ଥିଏଟର, ବରପାଲି ବ୍ଲକ ମହଦା ନିବାସୀ ପଦ୍ମଲୋଚନ ଦାଶଙ୍କୁ ଫୋକ୍ ମ୍ୟୁଜିକ, ପଦ୍ମପୁର ନିବାସୀ ମୀତା ତିୱାରୀଙ୍କୁ ଫୋକ୍ ଡ୍ୟାନ୍ସ, ବିଜେପୁରର ସମାରୁ ମେହେରଙ୍କୁ ଫୋକ୍ ଡ୍ୟାନ୍ସ, ମାନସ ଷଡ଼ଙ୍ଗୀଙ୍କୁ ଲୋକଗୀତ, ଗାଇସିଲେଟ ବ୍ଲକ ଶରଧାପାଲିର ଦଶରଥ ବାଗଙ୍କୁ ଲୋକଗୀତ ଏବଂ ବରଗଡ଼ର ଉର୍ମିଳା ମଲ୍ଲିକଙ୍କୁ ଫୋକ୍ ମ୍ୟୁଜିକ ପାଇଁ ଏହି ସମ୍ମାନ ମିଳିଛି । ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ କଳାକାର ମହାସଂଘର ସଭାପତି ଚୈତନ୍ୟ ପାଇକ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ, ମିଳିତ କଳାକାର ମଞ୍ଚର ଅଧ୍ୟକ୍ଷ ଶଙ୍କର ପଟ୍ଟନାୟକ ପ୍ରମୁଖ କୃତୀ କଳାକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ଶିଶୁ ଶ୍ରମିକ ନିରାକରଣକୁ ଗୁରୁତ୍ୱ

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)

ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରାକରଣ ଦିବସ ଅବସରରେ ଗୁରୁବାର ବରଗଡ଼ରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ୟୁନିସେଫ ଅଧିନ ଏଡ୍ ଆକ୍ସନର ନିର୍ଦ୍ଦେଶକ ସହାୟକ ଉମି ଡାନିଏଲ କର୍ମଶାଳା ଉପରେ ବିବରଣୀ ପ୍ରଦାନ କରିଥିଲେ। ବରଗଡ଼ ଏସଡ଼ିପିଓ ଅମ୍ରିତ କୁମାର ପଣ୍ଡା ଯୋଗଦେଇ ଶିଶୁ ଶ୍ରମିକ ଉଦ୍ଧାର କାର୍ଯ୍ୟରେ ପୋଲିସର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶ୍ରମ ଅଧିକାରୀ ମାନଭଞ୍ଜନ ପ୍ରଧାନ, ଜିଲା ସାମାଜିକ କଲ୍ୟାଣ ଅଧିକାରୀ (ଡିଏସଡବ୍ଲ୍ୟୁଓ) ସାବିତ୍ରୀ କୁମୁରା ଶିଶୁଙ୍କ ସୁରକ୍ଷା ଏବଂ ଶିଶୁ ଶ୍ରମିକ ହଟାଇବା ଦିଗରେ ରହିଥିବା ଆଇନ ଉପରେ ଆଲୋକପାତ କରିଥିଲେ। ସେହିପରି



ଶିଶୁ ଶ୍ରମିକ ନିରାକରଣ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ ।

ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ଶିଶୁ ଶ୍ରମର ପ୍ରତିରୋଧ, ସୁରକ୍ଷା, ପୁନଃଥଇଥାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଚାଇଲ୍ଡ ଲାଇନ (ପତଙ୍ଗ)ର ସଂଯୋଜକ ବିକାଶ କୁମାର ମହାପାତ୍ର, ଶିଶୁ ମଙ୍ଗଳ ସମିତିର ମମତା ମେହେର ପ୍ରମୁଖ ଶିଶୁ ଶ୍ରମିକଙ୍କ ଉଦ୍ଧାର ଏବଂ ଶିଶୁ ଶ୍ରମିକ ପୀଡ଼ିତଙ୍କ ପାଇଁ ରହିଥିବା ଯୋଜନା ଉପରେ ଆଲୋଚନା କରିଥିଲେ। ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ସମନ୍ୱିତ ଶିଶୁ ବିକାଶ ଅଧିକାରୀ (ସିଡ଼ିପିଓ) ପାର୍ବତୀ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, କର୍ମଚାରୀ, ଆଶା, ଅଙ୍ଗନୱାଡ଼ି କର୍ମୀ ଏବଂ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ କର୍ମଶାଳାରେ ଯୋଗଦାନ କରିଥିଲେ।

## ସ୍କୁଲ କୋଠରି ନିର୍ମାଣର ଭୂମିପୂଜନ

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ରୋହିଣିଆଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର କୋଠରୀ ଗୁଡ଼ିକର ପୁନଃ ନିର୍ମାଣ ପାଇଁ ଗୁରୁବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଭୂମିପୂଜନ କରିଥିଲେ । ଉକ୍ତ ସ୍କୁଲର କୋଠରୀ ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ପଡ଼ିଥିଲା। ଏହାର ପୁନଃ ନିର୍ମାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି । ଭୂମିପୂଜନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟିର ନୀଳମଣି ମେହେର, ପ୍ରଦୀପ୍ତ ଷଣ୍ଢ, ବୈକୁଣ୍ଠ ଦାଶ, ହରିବୋଲ ପ୍ରଧାନଙ୍କ ସମେତ ବହୁସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବିକାଶ ଡିଗ୍ରୀ କଲେଜରେ ମେଧାବୀ ବନିତା ମାଗଣା ପଢ଼ିବେ

ପଦ୍ମପୁର, ୨୨।୬ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ସରେଇକେଲାର +୨ କଳାରେ ପାସ କରିଥିବା ମେଧାବୀ ବନିତା ବିକାଶ ଡିଗ୍ରୀ କଲେଜରେ ମାଗଣା ପଢିବେ। ଦରିଦ୍ର୍ୟତା ଯୋଗୁ ବନିତା ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେବା ନେଇ ଗତ ସପ୍ତାହରେ ଖବର ପ୍ରକାଶିତ ହୋଇଥିଲା। ରାଜ୍ୟ ସରକାର ତତ୍ପରତା ପ୍ରକାଶ କରି ବରଗଡ ଜିଲାପାଳଙ୍କ ମାଧ୍ୟମରେ ବନିତାଙ୍କୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ବରଗଡର ପ୍ରତିଷ୍ଠିତ ବିକାଶ ଗ୍ରୁପର ଅଧକ୍ଷଙ୍କ ପରାମର୍ଶ କ୍ରମେ ବିକାଶ ଡିଗ୍ରୀ କଲେଜର ନିର୍ଦ୍ଦେଶକ ଡି.ନାଗେଶ୍ୱର ରାଓ ଉଦାରତା ପ୍ରକାଶ କରି ନିଜେ ବନିତାକୁ ବରଗଡସ୍ଥିତ ବିକାଶ ଡିଗ୍ରୀ କଲେଜରେ ମାଗଣାରେ ଯୁକ୍ତ ତିନି ପଢେଇବାକୁ ଆଗ୍ରହ ପ୍ରକାଶ କରି ଗୁରୁବାର ବରଗଡ଼କୁ ଡାକିଥିଲେ। ସମାଜସେବୀ ଡ. ସୁସ୍ମିତା ଦାସ ନିଜେ ବନିତାଙ୍କୁ ବିକାଶ ଡିଗ୍ରୀ କଲେଜକୁ ନେଇ ନିର୍ଦ୍ଦେଶକଙ୍କ ସହ ସାକ୍ଷାତ କରାଇଥିଲେ। ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ ଅତ୍ୟନ୍ତ ଖୁସି ପ୍ରକଟ କରି ବନିତାକୁ ହଷ୍ଟେଲ ଓ କଲେଜ କ୍ୟାମ୍ପସ ବୁଲି ଦେଖାଇଥିଲେ। ସମ୍ପୂର୍ଣ୍ଣ ମାଗଣାରେ ହଷ୍ଟେଲ ରହିବା, ଖାଇବା ଓ ପଢିବା ବନ୍ଦୋବସ୍ତ କରିବେ ବୋଲି କହିଛନ୍ତି। ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ



ମେଧାବୀ ଛାତ୍ରୀ ବନିତାଙ୍କ ସହିତ ସସ୍ମିତା ଦାସ।

ବହିପତ୍ର, ପୋଷାକ ଆଦି ସବୁ ଦାୟିତ୍ୱ ଡ. ସସ୍ମିତା ଦାସ ନିଜେ ବହନ କରିବେ ବୋଲି ବନିତାକୁ କହିଛନ୍ତି। ଡ. ସସ୍ମିତା ଦାସଙ୍କ ପ୍ରଚେଷ୍ଟା ଓ ବିକାଶ ଗ୍ରୁପର ଅଧକ୍ଷ ଡି. ମୁରଲୀ କ୍ରିଷ୍ଣା ଓ ନିର୍ଦ୍ଦେଶକ ଡି.ନାଗେଶ୍ୱର ରାଓଙ୍କ ଉଦାରତା ଓ ମହତପଣିଆ ଫଳରେ ଘରୋଇ ବିକାଶ ଡିଗ୍ରୀ କଲେଜ ଭଳିଆ ଉନ୍ନତ ଶିକ୍ଷା ପ୍ରଦାନ କରୁଥିବା ପ୍ରତିଷ୍ଠିତ ଘରୋଇ କଲେଜରେ ମେଧାବୀ ଛାତ୍ରୀ ବନିତା ପଢିପାରିବ ଓ ଉଚ୍ଚଶିକ୍ଷା ସ୍ୱପ୍ନ ସାକାର କରିପାରିବେ। ଡ. ସସ୍ମିତା ଦାସ, ଡି. ମୁରଲୀ କ୍ରିଷ୍ଣା ଏବଂ ଡି. ନାଗେଶ୍ୱର ରାଓଙ୍କ ଶୁଭାଶୀର୍ବାଦ, ମହତପଣିଆ ଓ ଉଦାରତା ପାଇଁ ବନିତା ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିକାଶ ଗ୍ରୁପର ଅଧକ୍ଷ, ନିର୍ଦ୍ଦେଶକ ଓ ଡ. ସୁସ୍ମିତା ଦାସଙ୍କୁ ସମସ୍ତଙ୍କ ମହନୀୟତା ପାଇଁ ଅଞ୍ଚଳବାସୀ ଓ ବୁଦ୍ଧିଜୀବି ମହଲ ପ୍ରଶଂସା କରିଛନ୍ତି।



ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀମାନେ ।

## ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା

ବରଗଡ଼,୨୨।୬(ପ୍ରେମାନନ୍ଦ ଖମାରୀ)

କେନ୍ଦୁଝରଠାରେ ଅନୁଷ୍ଠିତ ରାଜ୍ୟ ପେନ୍‌କାକ୍ ସିଲାଟ୍ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ବରଗଡ଼ର ପ୍ରତିଯୋଗୀମାନେ ସଫଳତା ଅର୍ଜନ କରିଛନ୍ତି। ବରଗଡ଼ ଜିଲା ପେନ୍‌କାକ୍ ଆସୋସିଏଶନର ରୁବି ରପଶିଖା ମେହେର ସ୍ୱର୍ଣ୍ଣପଦକ ପାଇଛନ୍ତି। ସେହିପରି ପ୍ରଦୀପ ମେହେର, ସୁରଜ ଜେନା, ଆକାଶ କୁମ୍ଭାରଙ୍କୁ ରୌପ୍ୟ ପଦକ ଏବଂ ଆଶିଷ କୁମାର ପାତ୍ର ଓ ଦିଲ୍ଲୀପ ମେହେରଙ୍କୁ ବ୍ରୋଞ୍ଜ ପଦକ ମିଳିଛି। କୋଚ୍ ଆଶୁତୋଷ ନାୟକଙ୍କ ତତ୍ତ୍ୱାବଧାନରେ ଉପରୋକ୍ତ କୃତୀ ପ୍ରତିଯୋଗୀମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

## ବିଦ୍ୟୁତ କାଟ୍, ବିଭାଗୀୟ ମୁଖ୍ୟଙ୍କୁ ଫେରାଦ

ବରଗଡ଼ ,୨୨।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ସମେତ ଜିଲାରେ ଅଘୋଷିତ ବିଦ୍ୟୁତ କାଟ୍ ହେଉଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବାବେଳେ ଅସନ୍ତୋଷ ମଧ୍ୟ ତେଜି ଉଠିଛି। ଏହି କ୍ରମରେ ବିଦ୍ୟୁତ୍ କାଟ୍ ସମସ୍ୟାର ସମାଧାନ ଦାବିରେ ଗୁରୁବାର ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଟାଟା ପାୱାର ବରଗଡ଼ ଜୋନ ମୁଖ୍ୟ ଆଶିଷ କୁମାର ପାଟଯୋଶୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥର ତାପମାତ୍ରା ବୃଦ୍ଧି ବିଗତବର୍ଷର ରେକର୍ଡ଼ ଭାଙ୍ଗି ଥିବାବେଳେ ବିଦ୍ୟୁତ କାଟ୍ ଚରମସୀମାରେ ପହଞ୍ଚିଛି ଏବଂ ଏହାର ତୁରନ୍ତ ସମାଧାନ କରା ନ ଗଲେ ନିଷ୍ଠା ପରିବାରର ନେତୃତ୍ୱରେ ଜନଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ନିଷ୍ଠା ପରିବାରର ଉପଦେଷ୍ଟା ଅଶ୍ୱିନୀ ତ୍ରିପାଠୀ, ଜିତୁ ମହାପାତ୍ର, ସମ୍ପାଦକ ଲୋକନାଥ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଜୟନ୍ତ ପ୍ରଧାନ, ମହିଳା ଶାଖା ମୁଖ୍ୟ ତ୍ରିପୁରା ସୁହୁଲାଙ୍କ ସମେତ ଅନୁଷ୍ଠାନର ଅନ୍ୟ ସଭ୍ୟବୃନ୍ଦ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।



ଟାଟା ପାୱାର ବରଗଡ଼ ଜୋନ ମୁଖ୍ୟଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

## ଜିଲାପାଳଙ୍କ ଅଫିସରେ ଉଠା ଦୋକାନୀଙ୍କ ଧାରଣା

ବରଗଡ଼ ,୨୨।୬ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର ମାରୁତି ଷ୍ଟ୍ରିଟ ଭେଣ୍ଡର (ଉଠା ଦୋକାନୀ) ଆସୋସିଏଶନ ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦିଆଯାଇଥିଲା। ପୁରୁଣା ମାର୍କେଟ୍‌ରେ ସେମାନଙ୍କୁ ବ୍ୟବସାୟ କରିବା ଦିଗରେ ପଦକ୍ଷେପ ନେବା ଦାବିରେ ସେମାନେ ଧାରଣା ଦେଇଥିଲେ। ଏହା ସହିତ ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋଙ୍କ ସହିତ ଉଠା ଦୋକାନୀମାନେ ସେମାନଙ୍କ ଦାବି ଉପରେ ଆଲୋଚନା କରିଥିଲେ। ଦାବି ଉପରେ ବିହିତ ପଦକ୍ଷେପ ନେବା ପାଇଁ ବିଜେପୁର ଏନଏସି କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯିବ ବୋଲି ଜିଲାପାଳ ବାନାର୍ଜୀ କହିଥିଲେ ।

ପ୍ରକାଶ ଯେ, ମାରୁତି ଷ୍ଟ୍ରିଟ ଭେଣ୍ଡର (ଉଠା ଦୋକାନୀ) ଆସୋସିଏଶନର ବ୍ୟବସାୟୀମାନେ ପୂର୍ବରୁ ବିଜେପୁର ପୁରୁଣା ମାର୍କେଟ୍‌ରେ ନିଜ ବ୍ୟବସାୟ କରୁଥିଲେ। ମାତ୍ର କରୋନା ମହାମାରୀ ସମୟରେ ସେମାନଙ୍କୁ ସେଠାରୁ ହାଇସ୍କୁଲ ପଡ଼ିଆକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପଟେ କରୋନା ସଂକ୍ରମଣରେ ସୁଧାର ଆସିଥିବାବେଳେ କଟକଣା ମଧ୍ୟ




ଜିଲାପାଳ ଅଫିସ ଆଗରେ ଉଠା ଦୋକାନୀମାନେ ଧାରଣା ଦେଇଛନ୍ତି ।

ହଟାଯାଇଛି। କିନ୍ତୁ ଉଠାଦୋକାନୀଙ୍କୁ ପୁରୁଣା ମାର୍କେଟକୁ ପୁଣି ସ୍ଥାନାନ୍ତର କରାଯାଇ ନାହିଁ ଏବଂ ସେମାନେ ହାଇସ୍କୁଲ ପଡ଼ିଆରେ ବ୍ୟବସାୟ କରୁଛନ୍ତି। ତେବେ ହାଇସ୍କୁଲ ପଡ଼ିଆଟି ଜନବସତି ସ୍ଥାନରୁ ବହୁ ଦୂରରେ ରହିଥିବା ଯୋଗୁ ସେଠାରେ ଭଲ ବ୍ୟବସାୟ ହେଉ ନ ଥିବା ଉଠା ଦୋକାନୀମାନେ କହିଛନ୍ତି। ଏହା ସହିତ ସେଠାରେ ଆଶ୍ରୟସ୍ଥଳୀ, ପାନୀୟଜଳ, ଶୌଚାଳୟର କିଛି ସୁବିଧା ନ ଥିବା ଯୋଗୁ ହଟହଟା ହେବାକୁ ପଡୁଛି ବୋଲି ସେମାନେ କହିଛନ୍ତି। ଫଳରେ ପୂର୍ବଭଳି ପୁରୁଣା ମାର୍କେଟରେ ସେମାନଙ୍କୁ ବ୍ୟବସାୟ କରିବା ଦିଗରେ ପଦକ୍ଷେପ ନେବାକୁ ଉଠାଦୋକାନୀମାନେ ଦାବି କରିଛନ୍ତି। ମାରୁତି ଷ୍ଟ୍ରିଟ ଭେଣ୍ଡର ଆସୋସିଏଶନର ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ରତ୍ନାକର ସାଙ୍କ ନେତୃତ୍ୱରେ ଆସୋସିଏଶନର ବହୁ ସଭ୍ୟାସଭ୍ୟ ଧାରଣାରେ ସାମିଲ ଥିଲେ। ଆମ ଆଦମୀ ପାର୍ଟି(ଆପ୍)ର ରାଜ୍ୟ ସମ୍ପାଦକ ଅମିତାଭ ପାତ୍ର, ଜିଲା ଆବାହକ ଭବାନୀ ସାହୁ ପ୍ରମୁଖ ଧାରଣାସ୍ଥଳକୁ ପହଞ୍ଚି ସମର୍ଥନ ଜଣାଇଥିଲେ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟିଲା ଯୁବକଙ୍କ ଦୁଇଗୋଡ଼, ହାତ

ଭବାନୀପାଟଣା,୨୨।୬(ଉତ୍ତମ କୁମାର ଦାଶ) : କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ରାମଚନ୍ଦ୍ରପୁର ରେଳ ଧାରଣାରେ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ରେଳ ଧାରଣା ପାର ହେଉଥିବା ବେଳେ ଟ୍ରେରେ କଟି ଜଣେ ଯୁବକଙ୍କ ୨ ଗୋଡ଼ ଓ ଗୋଟିଏ ହାତ କଟିଯାଇଥିବା ଜଣାପଡ଼ିଛି। ସୂଚନାନୁସାରେ, ବୁଧବାର ରାତିରେ ରାମଚନ୍ଦ୍ରପୁରର ସୁଦାମ ଭୋଇ ଗାଁ ନିକଟସ୍ଥ ରେଳ ଧାରଣା ପାର ହୋଇଯାଉଥିବା ବେଳେ ଏହି ସମୟରେ ପୁରୀରୁ ଜୁନାଗଡ଼ ଫେରୁଥିବା ଶ୍ରୀକ୍ଷେତ୍ର ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଅଚାନକ ଚାଲି ଆସିଥିଲା। ସୌଭାଗ୍ୟ ବଶତଃ ତାଙ୍କ ଜୀବନ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଦୁଇ ଗୋଡ଼ ଏବଂ ଗୋଟେ ହାତ କଟି ଗୁରୁତର ହୋଇଛନ୍ତି। ତାଙ୍କୁ ରେଲୱେ ପୋଲିସ ଉଦ୍ଧାର କରି ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି।

**ରେଳ ଧାରଣା ପାର ବେଳେ ଅଘଟଣ**

### ଏନ୍‌ଏସି, ବ୍ଲକରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

କେସିଙ୍ଗା,୨୨।୬(ତୁମେଶ୍ୱର ସାହୁ): କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପକ୍ଷରୁ ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଏନ୍‌ଏସି ଅଧକ୍ଷ ନୃପରାଜ ଯାଦବ ଓ କାଉନସିଲର ରମାକାନ୍ତ ଜେନା ସଦଭାବନା ସଭାଗୃହରେ ଗୁରୁବାର ଭତ୍ତା ବଣ୍ଟନ କରିଥିଲେ। ସହରର ୧୨ଟି ୱାର୍ଡରୁ ବିଧବା, ବାର୍ଦ୍ଧକ୍ୟ ୩୧ଜଣଙ୍କୁ ଭତ୍ତା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଉପାଧକ୍ଷ୍ୟା ସରସ୍ୱତୀ ସାହାଙ୍କ ସମେତ କାଉନସିଲର ବୃନ୍ଦ ଅଂଶଗ୍ରହଣ କରିଥିଲେ। ସେହିପରି ବ୍ଲକର ଚାଞ୍ଚେର ପଞ୍ଚାୟତରେ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି ମୁଖ୍ୟଅତିଥି ଭାବେ ଯୋଗଦେଇ ୬୭ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବାଲସି ପଞ୍ଚାୟତରେ ୩୦ଜଣ, ଲଇତରା ପଞ୍ଚାୟତ ୧୩୫ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରିଥିଲେ।

### ବିଧବା ଭତ୍ତାରୁ ବଞ୍ଚିତ ୨ କୁଟିଆ କନ୍ଧ ମହିଳା



ଲାଞ୍ଜିଗଡ଼,୨୨।୬(ରମେଶ ଚନ୍ଦ୍ର ନାୟକ): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତକୁ ବ୍ଲକ ପ୍ରଶାସନ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ି ଥିବାବେଳେ ଉକ୍ତ ପଞ୍ଚାୟତର ଫୁଲଡୁମେର ଗାଁକୁ ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର ନିଜ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଛନ୍ତି। ଫୁଲଡୁମେର ଗାଁକୁ ବିଡିଓ ବାରମ୍ବାର ଯାଇ ବିଭିନ୍ନ ସମସ୍ୟା ତଦାରଖ କରିବା ସତ୍ତ୍ୱେ ଗାଁର ୨ କୁଟିଆ କନ୍ଧ ବିଧବା ମହିଳା ସନାରୀ ମାଝି ଓ ପାଳତି ମାଝି ବର୍ଷ ବର୍ଷ ଧରି ଭତ୍ତାରୁ ବଞ୍ଚିତ ରହିଛନ୍ତି। ଗ୍ରାମବାସୀଙ୍କ କହିବା କଥା ଯେ ବିଡିଓ ସବୁବେଳେ ଆସୁଛନ୍ତି, ଫୁଲଡୁମେର ଗାଁକୁ ମିଟିଂ କରିବା ବୋଲି ସମସ୍ତଙ୍କୁ ଡାକନ୍ତି। ଆମେ ନିଜର କାମଧନ୍ଦା ଛାଡ଼ି ଯାଉ ବିଡିଓଙ୍କ ପାଖକୁ। ଆମକୁ ସବୁବେଳେ ଫଟୋ ଉଠାଇ ନିଅନ୍ତି ହେଲେ କ'ଣ କରୁଛନ୍ତି ଆମେ ଜାଣୁନାହୁଁ। ଭତ୍ତା ବିଷୟରେ ମଧ ଅନେକ ଥର ଜଣାଇଛୁ ଲେଖି ନେଉଛନ୍ତି, ଫଟୋ ଉଠାଇ ନେଉଛନ୍ତି ହେଲେ ଆମକୁ ଏ ପର୍ଯ୍ୟନ୍ତ ଭତ୍ତା ମିଳିନାହିଁ ବୋଲି ଦୁଇ ମହିଳା କହିଛନ୍ତି। ଯଥାସମ୍ଭବ ଭତ୍ତା ଟଙ୍କା ଯୋଗାଇ ଦେବାକୁ ବିଧବା ମହିଳା ସନାରୀ ଓ ପାଳତି ଜିଲା ପ୍ରଶାସନକୁ ଗୁହାରି କରିଛନ୍ତି।

### ସେବା, ସେବକ ସପ୍ତାହ ପାଳିତ

ଗୋଲାମୁଣ୍ଡା,୨୨।୬(ବଟକୃଷ୍ଣ ପଣ୍ଡା): କଳାହାଣ୍ଡି ଜିଲା ଗୋଲାମୁଣ୍ଡାସ୍ଥିତ ବିଜୟାନନ୍ଦ ପବ୍ଲିକ୍ ସ୍କୁଲରେ ସେବା ଓ ସେବକ ସପ୍ତାହ ପାଳିତ ହୋଇଯାଇଛି। ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି ପାଳନ ଉପଲକ୍ଷେ ବିଜୟାନନ୍ଦ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରିୟବ୍ରତ ସିପକା ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ, ସମ୍ମାନିତ ଅତିଥି ଭାବେ ବିଡିଓ ଶ୍ରୀଧର ପଣ୍ଡା ଓ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଶାନ୍ତନୁ କୁମାର ପରିଡ଼ା, ମୁଖ୍ୟବକ୍ତା ଭାବେ ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ମହନୀୟ ଗୁଣ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ଆୟୋଜିତ ଫଟୋ ଚିତ୍ର ଅଙ୍କନ ପ୍ରତିଯୋଗିତାରେ କୃତୀଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ସ୍କୁଲ ଅଧକ୍ଷ ଅମର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ୭ ଦିନ ମଧ୍ୟରେ ପାଉଣା ନ ମିଳିଲେ ଆନ୍ଦୋଳନ

### ଗ୍ରାମ୍ୟ ଜଳ ଯୋଗାଣ, ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ

ନୂଆପଡା,୨୨।୬(ମକାରୁ ବେମାଲ)

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଫରସରା ପଞ୍ଚାୟତ ବକଲିଖୁଟି ଗାଁର ଶ୍ରମିକମାନେ କାମ କରି ବର୍ଷ ବର୍ଷ ଧରି ପାଉଣା ପାଇନାହାନ୍ତି। ଏହାକୁ ନେଇ ଗୁରୁବାର ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନୂଆପଡା ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶ୍ରମିକମାନଙ୍କୁ ୭ ଦିନ ମଧରେ ସମସ୍ତ ପାଉଣା ପ୍ରଦାନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ସାଗରରଞ୍ଜନ ବିଶ୍ୱାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୭ ଦିନ ମଧରେ ପାଉଣା ନ ମିଳଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ପ୍ରାପ୍ତ ସୂଚନାମତେ ଗତ ୨ ବର୍ଷ ହେବ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପ୍ରତ୍ୟେକ ଗାଁକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛାଇବା ପାଇଁ ଏକ କମ୍ପାନୀଙ୍କୁ ଠିକା ଦିଆଯାଇଥିଲା। କମ୍ପାନୀ ଜିଲାର ପ୍ରାୟ ଗାଁକୁ ଯାଇ ଶ୍ରମିକ ନିୟୋଜିତ କରି ପାଇପ ବିଛା କାମ କରିଥିଲା। ଆଜକୁ ପ୍ରାୟ ୨ ବର୍ଷ ହେବ ବୋଡେନ ବ୍ଲକ ଫରସରା ପଞ୍ଚାୟତ ବକଲିଖୁଟି ଗାଁର ୩୫ଜଣ ଶ୍ରମିକ ପାଉଣା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଶ୍ୱାଳଙ୍କୁ ପଚାରିବାରୁ ଠିକା କାର୍ଯ୍ୟ କରିଥିବା କମ୍ପାନୀ ମ୍ୟାନେଜରଙ୍କ ସହିତ କଥା ହୋଇ ଶୀଘ୍ର ଶ୍ରମିକଙ୍କ ପାଉଣା ଯୋଗାଇ ଦେବା ପାଇଁ ଚେଷ୍ଟା କରିବି ବୋଲି କହିଥିଲେ। ଘେରାଉରେ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି ତାଣ୍ଡିଙ୍କ ସମେତ ରୁପେନ୍ଦ୍ର ଧରୁଆ, ବସୁଦେବ ଧରୁଆ, ପ୍ରେମ ନାଏକ, ରାଜେଶ ତାଣ୍ଡି, ସଜନା ବାଗ, ବର ମାଝି, ପଦ୍ମିନୀ ମାଝି, ଉପାସି ସୁନାନୀ, କୁନ୍ତଳା ବାଗ, ସଞ୍ଜିତା ଧରୁଆ, ରିଙ୍ଗି ଧରୁଆ, ମମିତା ମାଝି, ବବ୍ଲୁ ବାଗ, ଭରମତା ସୁନାନୀ, ରତ୍ନେ ଧରୁଆ, ମକରନ ଧରୁଆ, ଚନ୍ଦ୍ରିବତୀ ମାଝି, ଯୁଗେଶ୍ୱର ବାଗ, ଦିନେଶ ଧରୁଆ, ଉମା ନାଏକ, ସବିତା ମାଝି, ରସ୍ମିତା ମାଝି, ଯମୁନା ଧରୁଆ ପ୍ରମୁଖ ସାମିଲ ଥିଲେ।



ଶ୍ରମିକମାନେ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

## ନାଭାଲ୍ ଏନ୍‌ସିସିର ଦ୍ୱିତୀୟ ବାର୍ଷିକ ପ୍ରଶିକ୍ଷଣ ଶିବିର



ଇଞ୍ଜିନିୟରିଂ କଲେଜ ପରିସରରେ ଅର୍ନ୍ତଜାତୀୟ ଯୋଗ ଦିବସ।

**ଅନ୍ତର୍ଜାତୀୟ ଯୋଗ ଦିବସ**

ଭବାନୀପାଟଣା,୨୨।୬(ଉତ୍ତମ କୁମାର ଦାଶ) : କଳାହାଣ୍ଡି ଜିଲା ଭବାନୀପାଟଣା ସରକାରୀ ଇଞ୍ଜିନିୟରିଂ କଲେଜଠାରେ ଗତ ୧୫ ତାରିଖଠୁ ଚତୁର୍ଥ ନାଭାଲ ଏନ୍‌ସିସିର ଦ୍ୱିତୀୟ ବାର୍ଷିକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଉକ୍ତ ଶିବିରରେ ପଶ୍ଚିମ ଓଡିଶାର ୬ଟି କଲେଜ ଓ ୧୮ଟି ହାଇସ୍କୁଲର ୫୫୦ ନାଭାଲ ଏନ୍‌ସିସି କ୍ୟାଡେଟସ୍ ଓ ଅଧିକାରୀ ଅଂଶ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଶିବିରରେ ଅନ୍ତର୍ଜାତୀୟ ଯୋଗଦିବସ ପାଳିତ ହୋଇଯାଇଛି। ଶିବିରରେ ଅଂଶ ଗ୍ରହଣ କରିଥିବା ୫୫୦ କ୍ୟାଡେଟ୍ ଓ ଅଧିକାରୀ ସକାଳ ୬ଟାରେ ଏକତ୍ରିତ ହୋଇ ଏଠାରେ ଯୋଗଭ୍ୟାସ କରିଥିଲେ। ଚତୁର୍ଥ ଓଡିଶା ନାଭାଲ୍ ଏନ୍‌ସିସିର କମାଣ୍ଡ ଅଧିକାରୀ କମାଣ୍ଡର ସୁନୀଲ କୁମାର ବେହେରାଙ୍କ ଆନୁକୂଲ୍ୟରେ ଓ ମୁଖ୍ୟ ପ୍ରଶିକ୍ଷକ ସିପିଓ ହିମାଂଶୁ ଗଡନାୟକଙ୍କ ତତ୍ତ୍ୱାଧାନରେ ଯୋଗଭ୍ୟାସ ସମ୍ପାଦିତ ହୋଇଥିଲା।

## ଶିଶୁ ଶ୍ରମିକ ଉଦ୍ଧାର ପାଇଁ ଜିଲା ଶ୍ରମ ଅଧିକାରୀଙ୍କ ଚଢ଼ାଉ



ଜଗନ୍ନାଥପଡାସ୍ଥିତ ଏକ କପଡ଼ା ଦୋକାନରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

କେସିଙ୍ଗା,୨୨।୬(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ସହରରେ ଗୁରୁବାର ପୂର୍ବାହ୍ନ ୧୦ଟାରେ ଜିଲା ଶ୍ରମ ଅଧିକାରୀ ସୁବାସ ଚନ୍ଦ୍ର ମଣ୍ଡଳଙ୍କ ନେତୃତ୍ୱରେ ଏକ ଟିମ୍ ସହରର ପ୍ରତ୍ୟେକ ଦୋକାନ, କାରଖାନା ବୁଲି ଶିଶୁ ଶ୍ରମିକ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କେସିଙ୍ଗାର ସେଲଫି କେଟ୍ରିନରେ ୨ଜଣ ଯୁବକଙ୍କୁ ଡାଉଟ ଲାଗିବାରୁ ୨ଜଣଙ୍କୁ କାମ ନ କରି ଘରକୁ ଯିବା ପାଇଁ କହି କେଟ୍ରିନ ମାଲିକଙ୍କୁ ଶିଶୁ ଶ୍ରମିକଙ୍କୁ କାମରେ ନ ରଖିବା ପାଇଁ ତାଗିଦ୍ କରିଥିଲେ। ସେହିପରି ଜଗନ୍ନାଥପଡ଼ା ଏକ କପଡା ଦୋକାନକୁ ଯାଇ ମଧ ଯାଞ୍ଚ କରି ଶିଶୁ ଶ୍ରମିକଙ୍କୁ କାମରେ ନ ଲଗାଇବା ପାଇଁ ତାଗିଦ୍ କରିଥିଲେ। ଏହି ଉଦ୍ଧାରକାରୀ ଟିମ୍‌ରେ ଅତିରିକ୍ତ ଶ୍ରମିକ ଅଧିକାରୀ ଜିତାମ ମାଝି, ଆଇନ ପରିବେକ୍ଷନ ଅଧିକାରୀ ସୁଧାଂଶୁ ମହାପାତ୍ର, ଭବାନୀପାଟଣାସ୍ଥିତ ଶକ୍ତି ଅର୍ଗାନାଇଜେସନର ରଜତ କୁମାର ମହାରଣା, ଆଶୁତୋଷ ଭୋଇ, କେସିଙ୍ଗା ପୋଲିସ ଏଏସଆଇ ସନ୍ତୋଷ କୁମାର ସାହୁ ଓ ସନ୍ତୋସିନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାଗୁନଡୁଙ୍ଗୁରୀରେ ପାନୀୟ ଜଳର ସମସ୍ୟା ଉତ୍କଟ

ଖଡ଼ିଆଳ,୨୨।୬(ସୁଜିତ୍ ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଗଡରାମୁଣ୍ଡା ଗ୍ରାମପଞ୍ଚାୟତ ସାଗୁନଡଙ୍ଗରି ଗ୍ରାମରେ ପିଇବା ପାଣିର ଉତ୍କଟ ସମସ୍ୟା ଦେଖାଦେଇଛି। ଗ୍ରାମରେ ବସୁଧା ଯୋଜନା ଫେଲ ମାରିଛି। ଗ୍ରାମରେ ଗତ କିଛି ବର୍ଷ ହେଲା ବସୁଧା ଯୋଜନାରେ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯାଇଛି। ସେଥି ପାଇଁ ଗ୍ରାମରେ ଏକ ପାଣି ଟାଙ୍କି ମଧ ନିର୍ମାଣ ହୋଇଛି। ଏହି ପାଣି କୁସମାଲ ନଦୀରୁ ଯୋଗାଣ ହେଉଛି। ହେଲେ ଯୋଗାଣ ହେଉଥିବା କୁସମାଲ ମୋଟର ପାଖରୁ କେବୁଲ ଚୋରି ହେଉଥିବାରୁ ପାଣି ଯୋଗାଣରେ ବ୍ୟାଘାତ ହେଉଛି। ଅଗାରୁ ଅନେକ ଥର ଏହି ପରି କେବୁଲ ଚୋରି ହୋଇଥିବା ବେଳେ ଗତ ୧୦ ଦିନରୁ ଅଧିକ ହେବ ପୁଣି ଥରେ କେବୁଲ ଚୋରି ହେବାରୁ ଗ୍ରାମରେ ପାଣି ଯୋଗାଣ ବନ୍ଦ ହୋଇଯାଇଛି। ୫ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ଗ୍ରାମରେ କେବଳ ୨ଟି ନଳକୂପ ରହିଛି। ଏହି ନଳକୂପରେ ମଧ ପାଣି କମ ବାହାରୁଛି। ଫଳରେ ମହିଳାମାନେ ରାତି ୩ ଘଣ୍ଟା ସମୟରୁ ଆସି ନଳକୂପରେ ଜଗି ପାଣି ନେଉଛନ୍ତି। ନଳକୂପରେ ପ୍ରାୟ ୨୦ ମିନିଟରେ ଗୋଟିଏ ଗରିଆ ପାଣି ବାହାରୁଛି। ଶତାଧିକ ମହିଳାଙ୍କୁ ଗରାଏ ପାଣି ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଫଳରେ ପୁରୁଷମାନେ ନିକଟସ୍ଥ ଗ୍ରାମରୁ ପାଣି ଆଣିଯାଉଛନ୍ତି। ଏ ବିଷୟରେ ଗଡରାମୁଣ୍ଡା ସରପଞ୍ଚ ବୃନ୍ଦାବନ ବାଗଙ୍କୁ ଯୋଗାଯୋଗ କରାଯିବାରୁ ଗ୍ରାମରେ ଗତ କିଛି ଦିନ କେବୁଲ ଚୋରି ହେବାରୁ ପାଣି ସମସ୍ୟା ରହିଥିଲା। ଏ ବିଷୟରେ ମୁଁ କନିଷ୍ଠ ଯନ୍ତ୍ରୀଙ୍କୁ ମଧ ଜଣାଇଥିଲି। ଗତ କିଛିଦିନ ହେଲା ଟ୍ୟାଙ୍କରରେ ମଧ ପାଣି ଯୋଗାଇ ଦେଉଥିଲି। ଶୀଘ୍ର କେବୁଲ ଲଗାଇ ପାଣି ଯୋଗାଣ କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ପାଣି ପାଇଁ ମହିଳାମାନେ ନଳକୂଅ ନିକଟରେ ଅପେକ୍ଷା କରିଛନ୍ତି।

**ବସୁଧା ଯୋଜନା ଫେଲ**

### ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ବେହେରା,୨୨।୬ (ଭୁପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ପଞ୍ଚାୟତ ଗୋରୁବଜାର ପ୍ରାଙ୍ଗଣରେ ଗୁରୁବାର ୨ୟ ପର୍ଯ୍ୟାୟ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ୨ୟ ପର୍ଯ୍ୟାୟରେ ଧଅଁରପୁର ପଞ୍ଚାୟତର ୨୨ଜଣ, ଛଞ୍ଚାଣବାହାଲି ୫୭, ବେହେରା ୨୩, ତେଣ୍ଡାପଲି ପଞ୍ଚାୟତର ୨୨ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଧର୍ମଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠି, ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ, ବ୍ଲକ୍ ବିଏସଏସଓ ଦମୟନ୍ତୀ ନାଏକ, ବ୍ଲକ୍ ଉପାଧକ୍ଷା ଝିଲି ମେହେର, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା, ଛଞ୍ଚାଣାହାଲି ସରପଞ୍ଚ ପ୍ରୀତି ବେମାଲ, ଧଅଁରପୁର ସରପଞ୍ଚ ଗୌରୀ ସେଠିଆ, ତେଣ୍ଡାପାଲି ସରପଞ୍ଚ ଗୌଲୋଚନ ଗୋପାଳ, ବେହେରା ସମିତି ସଭ୍ୟ କିଶୋର ନାଗ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଛାତ୍ରୀଛାତ୍ରଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ



ଉପସ୍ଥିତ ପରିଚାଳନା କମିଟି, ଶିକ୍ଷକ ଓ ଛାତ୍ରୀଛାତ୍ର।

ନୂଆପଡା,୨୨।୬(ମକାରୁ ବେମାଲ)

ଗ୍ରୀଷ୍ମ ଅବକାଶ ପରେ ଗୁରୁବାର ଖୋଲିଛି ସରକାରୀ ଓ ବେସରକାରୀ ବିଦ୍ୟାଳୟ। ସ୍କୁଲ ଖୋଲିଲା ପରେ ଉତ୍ସାହର ସହ ଛାତ୍ରୀଛାତ୍ରମାନେ ସ୍କୁଲ ଯାଉଥିବା ଦେଖାଯାଇଥିଲା। ଛତିଶଗଡ ସୀମାନ୍ତରେ ନୂଆପଡା ସଦର ବ୍ଲକ ଧରମବନ୍ଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ୩୦୯ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ୬ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ବର୍ଷର ପ୍ରଥମ କରି ଗୁରୁବାର ବିଦ୍ୟାଳୟ ଖୋଲିଥିବାରୁ ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନାଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟମାନେ ବିଦ୍ୟାଳୟରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିବା ପାଇଁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯାଇଛି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁ ବିଦ୍ୟାଳୟ ନିର୍ଦ୍ଧାରିତ ଛୁଟି ତାରିଖ ପୂର୍ବରୁ ଛୁଟି ହୋଇଯାଇଥିଲା। ଆଜି ଚଳିତ ଶିକ୍ଷାବର୍ଷ ଆରମ୍ଭ ହୋଇ ଯାଇଥିବାରୁ ମୁଁ ଅତ୍ୟନ୍ତ ଖୁସି ହୋଇ ବିଦ୍ୟାଳୟ ଶିକ୍ଷକ ଓ ଛାତ୍ରୀଛାତମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ ଜଣାଇଥିବାରୁ ଅତ୍ୟନ୍ତ ଖୁସି ମନେ କରୁଛି ବୋଲି ସରପଞ୍ଚ ଦଣ୍ଡସେନା ପ୍ରକାଶ କରିଛନ୍ତି। ୨୨ରୁ ୨୫ ତାରିଖ ପର୍ଯ୍ୟନ୍ତ ବିଦ୍ୟାୟ ସକାଳୁଆ ହେବ ଓ ୨୬ରୁ ପୂର୍ବପରି ସ୍ୱାଭାବିକ ଭାବେ ଚାଲିବ ବୋଲି ନୂଆପଡା ଜିଲାପାଳ ହେମକାନ୍ତ ସାୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେଶ ସାହୁ, ନିଲମ ସାହୁ, ନେମିଚନ ସତନାମୀ, ପାତ୍ର ମାଝି, ରାଜେନ୍ଦ୍ର ଦଣ୍ଡସେନା, ଟେଙ୍ଗନୁ ମାଝି, ଜୀବନ ସତନାମୀ, ବିଳାସିନୀ ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗଙ୍କ ପାଇଁ ବୈଷୟିକ ଶିକ୍ଷା ପରାମର୍ଶ ଶିବିର

ଭବାନୀପାଟଣା,୨୨।୬ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ନିୟୋଜନ କାର୍ଯ୍ୟାଳୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଇଟସେଭର ଦ୍ୱାରା ଦିବ୍ୟାଙ୍ଗ ଯୁବକଯୁବତୀଙ୍କ ପାଇଁ ଏକ ବୈଷୟିକ ଶିକ୍ଷା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦିବ୍ୟାଙ୍ଗମାନେ ନିଜର ଦକ୍ଷତା ବିକାଶ ନିମନ୍ତେ ବୈଷୟିକ ଶିକ୍ଷା ଅର୍ଜନ କରି ଆତ୍ମନିର୍ଭରଶୀଳ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ସରକାର ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନମାନଙ୍କ ଦ୍ୱାରା ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ସାଇଟସେଭର ଅନୁଷ୍ଠାନ ଜିଲା ପ୍ରକଳ୍ପ ସଂଯୋଜକ ଯୋଗେଶ୍ୱର ବୁଦ୍ଧିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ କର୍ଲାମୁଣ୍ଡା ବ୍ଲକ ଜିଲା ପରିଷଦ ସଭ୍ୟ ତଥା କଳାହାଣ୍ଡି ଦିବ୍ୟାଙ୍ଗ ମଞ୍ଚ ସଭାପତି ସୁରେଶ ଚୌଧୁରୀ, ଜିଲା ନିୟୋଜନ ଅଧିକାରୀ ଅଜିତ କୁମାର ଉତ୍ତରାୟ, ସରକାରୀ ବୈଷୟିକ ତାଲିମ କେନ୍ଦ୍ର ଅଧାପକ ସରୋଜ କୁମାର ବେହେରା, ସେଣ୍ଟର ମ୍ୟାନେଜର ସିଟିସି ଶ୍ରୀ ଜୀବନ ଜ୍ୟୋତି ଓଝା, ଜନଶିକ୍ଷା ସଙ୍ଗଠନର ସୁବ୍ରତ କୁମାର ତ୍ରିପାଠୀ, ଦାପ୍ତାର ସମ୍ପାଦକ ରାଜୁ ଶର୍ମା, ଓରମାସର ପି.ସତିଶ କୁମାର, ସରକାରୀ ଆଇଟିଆଇର ଟ୍ରେନିଂ ଇନ୍‌ଚାର୍ଜ ସର୍ଦାର ଆଜାଦ୍ ସିଂ, ଡିଡିଏଫକେର ଡୋଳାମଣି ପ୍ରଧାନ ଉପସ୍ଥିତ ଥିଲେ। ପରାମର୍ଶ ଶିବିରରେ ପ୍ରାୟ ୮୦ ଦିବ୍ୟାଙ୍ଗ ଯୁବକ ଯୁବତୀ ଯୋଗଦେଇଥିଲେ। ସାଇଟସେଭରର ପ୍ରିୟବ୍ରତ ପାଢ଼ୀ ମଞ୍ଚ ପରିଚାଳନା ଏବଂ ଲିପୁନ କୁମାର ଜାଲ ସହଯୋଗ କରିଥିଲେ।




ବୈଷୟିକ ଶିକ୍ଷା ପରାମର୍ଶ ଶିବିରରେ ଅତିଥିଗଣ।

**ଅଂଶ ଗ୍ରହଣ କଲେ ୮୦ ଦିବ୍ୟାଙ୍ଗ ଯୁବତୀଯୁବକ**

### ପାଣି ପାଇଁ ପଶୁପକ୍ଷୀ ହନ୍ତସନ୍ତ

ନୂଆପଡା,୨୨।୬(ମକାରୁ ବେମାଲ): ନୂଆପଡା ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ବନ୍ଧ, ମୁଡା, ଚହଲା ଆଦି ଜଳାଶୟ ଶୁଖିଲା ପଡି ଥିବାରୁ ପାଣି ବୁନ୍ଦାଏ ପାଇଁ ମଣିଷ ଠାରୁ ଆରମ୍ଭ କରି ଜୀବଜନ୍ତୁ, ପଶୁପକ୍ଷୀ ସମସ୍ତେ ହାଁ ହାଁକାର ହେଉଛନ୍ତି। ଗୁରୁବାର ପାଣି ବିକଳରେ ଏକ ପକ୍ଷୀ ପାଇଖାନା ପାଖରେ ଥିବା ପାଣି ଟାଙ୍କି ଉପରେ ବସି ପାଣି ପାଇଁ ଛଟପଟ ହେଉଥିବା ଦେଖା ଦେଇଥିଲା। ପ୍ରତ୍ୟେକ ଦିନ ସେହି ସ୍ଥାନକୁ ଅନେକ ପ୍ରକାର ପକ୍ଷୀ ପାଣି ପାଇଁ ଆସିଥାନ୍ତି। ସେହି ପାଣି ଟାଙ୍କିରେ ପାଣି ଦେଲେ ପକ୍ଷୀମାନେ ତୃଷା ମେଣ୍ଟାଇ ଚାଲି ଯାଆନ୍ତି। ସେହି ଅଞ୍ଚଳର ୫ ଜଣ ଯୁବକ ପ୍ରତି ଦିନ ଟାଙ୍କିରେ ପାଣି ଦେବା ସହ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଦିନତମାମ ଜଗି ରହନ୍ତି। ୫ଜଣ ଯୁବକ ୨ ଘଣ୍ଟା ଜଗିବା ପାଇଁ ସମୟ ସାରଣୀ ତିଆରି କରିଛନ୍ତି। ବର୍ଷା ଆସିବା ପର୍ଯ୍ୟନ୍ତ ପକ୍ଷୀମାନଙ୍କ ସେବା କରିବୁ ଗ୍ରାମ, ସ୍ଥାନ ଓ ନାମ ଗୋପନ ରଖିବା ପାଇଁ କହିଥିଲେ। ଠିକଣା ଜାଣି ଗଲେ ଶିକାରୀମାନେ ସବୁ ପକ୍ଷୀକୁ ଶିକାର କରି ନେଇଯିବେ ବୋଲି କହିଛନ୍ତି।

## ପଞ୍ଚାୟତ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଜୁନାଗଡ଼,୨୨।୬ (ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚାରବାହାଲ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୁରୁବାର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା ପଞ୍ଚାୟତର ୧୬୬ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଡ଼ିଓ ଦେବାଶିଷ କର, ଜିଲା ପରିଷଦ ଉପାଧକ୍ଷା ସୁଧୀରା ମେହେର, ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର, ଉପାଧକ୍ଷ ପ୍ରମୋଦ କୁମାର ବେହେରା, ବିଏସ ଏସ ଓ ତୁଷାର ରଞ୍ଜନ ସାହୁ, ସ୍ଥାନୀୟ ସରପଞ୍ଚ ସତ୍ୟଭାମା ପଣ୍ଡା, ପିଇଓ ବିନୋଦ ବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ନୂତନ କାର୍ଯ୍ୟାଳୟକୁ ବିଧାୟକ ଉଦ୍‌ଘାଟନ କରୁଛନ୍ତି।

## ସାମ୍ବିଧାନିକ ହକ୍ ପାଇଁ ମହିଳାଙ୍କୁ ସ୍ୱର ଉତ୍ତୋଳନର କରିବା ସମୟ ଆସିଛି

### ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ମହିଳା ଶାଖା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା,୨୨।୬(ଉତ୍ତମ କୁମାର ଦାଶ): ବର୍ତ୍ତମାନ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରୁଥିବା ବେଳେ ଅନ୍ୟପଟେ ସଚେତନତା ଅଭାବରୁ ହିଂସା ଓ ନିର୍ଯାତନାର ଶିକାର ହେଉଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ମହିଳାମାନେ ସାମ୍ବିଧାନିକ ହକ୍ ଓ ଅଧିକାରର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିବା ସମୟ ଆସିଛି। କଳାହାଣ୍ଡି ଜିଲାର ଗ୍ରାମାଞ୍ଚଳ ସମେତ ରାଜ୍ୟରେ ମହିଳାମାନଙ୍କ ହକ୍ ଓ ଅଧିକାରର ଲଢ଼େଇରେ ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଙ୍ଗଠନ ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନର ମହିଳା ବିଭାଗ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଅଲ୍ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ମହିଳା ଶାଖାର ନବନିର୍ବାଚିତ କର୍ମକର୍ତ୍ତାଙ୍କ ସମ୍ବର୍ଦ୍ଧନା ସଭାରେ ଅତିଥିମାନେ କହିଛନ୍ତି। ଭବାନୀପାଟଣା ନକଟିଗୁଡ଼ାସ୍ଥିତ ଆମ୍ବେଦକର ଭବନଠାରେ ଫେଡେରେଶନର ମହିଳା ଶାଖା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ପାଇଁ ଏକ ସଭା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଫେଡେରେଶନର ବରିଷ୍ଠ ଉପଦେଷ୍ଟା ପ୍ରେମାନନ୍ଦ ବାଗ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ଲିଙ୍ଗରାଜ ଆଜାଦ, ଯୋଗେଶ୍ୱର ସାଗର, ବସନ୍ତ ନାଏକ, କାର୍ଯ୍ୟକାରୀ ସଭାପତି ଋଷିସୂଦନ ଛତ୍ରପାଲ ଓ ଆଶିଷରଞ୍ଜନ ନାଏକ, କୋଷାଧକ୍ଷ ଦେବେନ୍ଦ୍ର କୁମାର ନାଏକ, କର୍ମଚାରୀ ଶାଖାର ବୈକୁଣ୍ଠ ବେମାଲ, ସାମନ୍ତ ଦୁର୍ଗା, ସଦସ୍ୟ ପୃଥିରାଜ ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଫେଡେରେଶନର ଉପସଭାନେତ୍ରୀ ଅଞ୍ଜୁ କୁମାର, ଲୀନା କୁମାର, ମହିଳା ଶାଖା ମୁଖ୍ୟ ବିଜୟାଲକ୍ଷ୍ମୀ ସ୍ୱର୍ଣ୍ଣ, ଜିଲା ସମ୍ପାଦିକା ଉଷାରାଣୀ ବାଗ, ଅମୃତାଞ୍ଜଳି ବାଗ, ପଞ୍ଚାୟତିରାଜ ବିଭାଗ ମୁଖ୍ୟ କବିତା ବାଗ, କର୍ମଚାରୀ ବିଭାଗ ମୁଖ୍ୟ ପୁଷ୍ପଲତା ବାଗ, ସାମାଜିକ ବିଭାଗ ମୁଖ୍ୟ ରେଣୁକା ଛତ୍ରିଆଙ୍କ ସମେତ ଭବାନୀପାଟଣା ପୁରୁଣାପଡ଼ା ସଭାନେତ୍ରୀ ବିଜୟା ବାଗ, ସମ୍ପାଦିକା ମାଣିକ୍ୟ ନାଏକ, ନକଟିଗୁଡ଼ା ସଭାନେତ୍ରୀ ଲକ୍ଷ୍ମୀ ନାଏକ, ସମ୍ପାଦିକା ଅହଲ୍ୟା ଦୁର୍ଗା, ଗୋପବନ୍ଧୁ ନଗର ସଭାନେତ୍ରୀ ମାୟା ନାଏକ, ସମ୍ପାଦିକା ବନ୍ଦନା ପାଲ, ଗୌନ୍ତିଆପଡ଼ା ସଭାନେତ୍ରୀ ଆକାଶମଲ୍ଲୀ ନାଏକ, ସମ୍ପାଦିକା ସୁମତି ମହାନନ୍ଦ ପ୍ରମୁଖଙ୍କୁ ଫେଡେରେଶନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଫେଡେରେଶନ ଉପଦେଷ୍ଟା ଏସ୍. ସୁଜାତା ପରିଚାଳନା କରିଥିବାବେଳେ ସଦସ୍ୟା ଆରତୀ ନାଏକ ଧନ୍ୟବାଦ ଦେଇଥିଲେ।



ସମାବେଶରେ ଯୋଗଦେଇଥିବା ମହିଳାମାନେ।




## ସଂକ୍ଷେପରେ

### ଫେସ୍‌ବୁକ କମେଣ୍ଟକୁ ନେଇ ଯୁବକଙ୍କୁ ଆକ୍ରମଣ, ୬ ଗିରଫ

ରାଉରକେଲା,୨୨।୬(ଦିନେଶ ମିଶ୍ର): ଫେସ୍‌ବୁକରେ ଏକ କ୍ଲବ ସମସ୍ୟାକୁ ନେଇ କମେଣ୍ଟ କରିଥିବା ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ବନ୍ଧମୁଣ୍ଡା ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର ବି ବସ୍ତିର ପଙ୍କଜ ଭଗତ(୩୧), କ୍ରିଷ୍ଣା ପୂର୍ତ୍ତି(୨୪), ବିକାଶ ରାଉତ(୧୪), ମିଥିଲେଶ ରାଉତ(୨୧), ରୋହିତ ଭଗତ(୨୪) ଓ ନେପାଳି ବସ୍ତିର କୁନାଲ ଥାପା(୩୨)। ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୯୮।୨୩) ରୁଜୁ କରିଛି। ସୂଚନା ଅନୁସାରେ, ବନ୍ଧମୁଣ୍ଡା ବି ସେକ୍ଟରର ମହେନ୍ଦ୍ର ମଲ୍ଲିକ ସ୍ଥାନୀୟ ଏକ କ୍ଲବର ସମସ୍ୟାକୁ ନେଇ ଗତ ୧୯ ତାରିଖରେ ଫେସବୁକ୍‌ରେ କିଛି କମେଣ୍ଟ ଲେଖିଥିଲେ। ଫଳରେ କ୍ଲବର ଅନ୍ୟ ସଦସ୍ୟମାନେ ତାଙ୍କୁ ଏକ ନିଛାଟିଆ ଜାଗାକୁ ଡାକି ନେଇ ନିସ୍ତୁକ ମାଡ଼ ମାରି ଫେରାର ହୋଇଯାଇଥିଲେ। ଏପୋଲିସ ଘଟଣାସ୍ଥଳରେ ପହଞ୍ଚି ମହେନ୍ଦ୍ରଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ପରେ ଉକ୍ତ ଘଟଣାକୁ ନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

# ଅସୁବିଧା ଭୋଗୁଛନ୍ତି ବସ୍ତିବାସୀ

ରାଉରକେଲା,୨୨।୬(ଦିନେଶ ମିଶ୍ର)


ରିଙ୍କି ସେନାପତି


ଭୋଳା ଦୀପ


ସୁବ୍ରତ ତରାଇ

**ପଞ୍ଚାୟତ କି ଆର୍‌ଏମ୍‌ସିରେ ଯାଉନି**
- ବସ୍ତିରେ ନାହିଁ ପକ୍କା ରାସ୍ତା, ଡ୍ରେନେଜ ଓ ଶୌଚାଳୟ
- କୃତ୍ରିମ ପୋଖରୀ, ଖୋଲା ପଡିଆ ଉପରେ ନିର୍ଭର

ରାଉରକେଲା ମହାନଗର ନିଗମ ଅଧୀନ ଶୀତଳପଡା ବସ୍ତି ଅଞ୍ଚଳର ଲୋକମାନଙ୍କୁ ସରକାରଙ୍କ ସର୍ବନିମ୍ନ ସୁବିଧା ମିଳୁ ନ ଥିବା ଅଭିଯୋଗ ହୋଇଛି। ଉକ୍ତ ବସ୍ତି ଅଞ୍ଚଳ କୌଣସି ପଞ୍ଚାୟତ କି ଆର୍‌ଏମ୍‌ସି ଅଧୀନରେ ଯାଉ ନ ଥିବାରୁ ଫଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଉଦିତନଗର ଶୀତଳପଡାରେ ମୁଣ୍ଡାପଡା, ଗଞ୍ଜାମ, ବଡ ଝୁମ୍ପୁଡି, ବିଳାସପୁରିଆ, ବଲାଙ୍ଗୀର ଭଳି ଅନେକ ବସ୍ତି ରହିଛି। ଏସବୁ ବସ୍ତିଗୁଡିକରେ ପ୍ରାୟ ଏକ ହଜାରେରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ବସ୍ତିବାସୀଙ୍କୁ ଆଜିଯାଏ ସାମାନ୍ୟ ମୌଳିକ ସୁବିଧା ମିଳୁ ନ ଥିବା ଅଭିଯୋଗ ହୋଇଛି। ବିଶେଷ କରି ବସ୍ତିକୁ କୌଣସି ପକ୍କା ରାସ୍ତା ନ ଥିବାବେଳେ ପାନୀୟ ଜଳ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏତେ ଲୋକଙ୍କ ପାଇଁ ମାତ୍ର ଦୁଇଟି ନଳକୂପ ରହିଛି। ସେଥିରୁ ଗୋଟିଏ ଅଚଳ ଅବସ୍ଥାରେ ପଡିଥିବାବେଳେ ଅନ୍ୟ ନଳକୂପରୁ ନାଲି ଲୁହାଗୁଣ୍ଡ ପାଣି ବାହାରୁଛି। ଫଳରେ ବସ୍ତିବାସୀ ଘର ପାଖ ଡମ୍ପିଂ ଖାଦାନ ଉପରେ ନିର୍ଭର କରିଛନ୍ତି। ସେହିପରି ବସ୍ତି ଭିତରେ କୌଣସି ଡ୍ରେନେଜ ବ୍ୟବସ୍ଥା ନାହିଁ। ବସ୍ତିବାସୀ ନିଜ ଉଦ୍ୟମରେ ଖୋଳିଥିବା ନାଳ ଖୋଲା ରହିଥିବାରୁ ନାଳ ପାଣି ଅଧିକାଂଶ ସମୟ ରାସ୍ତାରେ ଭାସୁଛି। ଫଳରେ ଯାତାୟାତରେ ସମସ୍ୟା ହେଉଛି। ଏଥିସହ ବୁଲା ପଶୁ ନାଳ ଭିତରେ ପଶି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ଡାକ୍ତରଖାନା ଅଭାବରୁ ଲୋକେ ଆର୍‌ଜିଏଚ୍ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି। ଗୋଷ୍ଠୀ ଶୌଚାଳୟ ନ ଥିବାରୁ ମହିଳା ଓ ପୁରୁଷମାନେ ଘର ପାଖ ଖୋଲା ଡମ୍ପିଂ ୟାର୍ଡକୁ ଶୌଚ ପାଇଁ ଯାଉଛନ୍ତି। ଫଳରେ ଲୋକେ ବିଭିନ୍ନ ସମୟରେ ସାପ କାମୁଡାର ଶିକାର ହେଉଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ ପାଖରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ନେଇ ବସ୍ତିବାସୀ ରିଙ୍କି ସେନାପତି କୁହନ୍ତି, ଖରାଦିନେ ପାନୀୟ ଜଳ ଆମ ବସ୍ତିର ମୁଖ୍ୟ ସମସ୍ୟା ସାଜିଛି। ସେହିପରି ରାସ୍ତା ଓ ଷ୍ଟ୍ରିଟ ଲାଇଟ ନାହିଁ। ବସ୍ତି ଅନ୍ଧାରୁଆ ରହୁଥିବାରୁ ଅସାମାଜିକ ତତ୍ତ୍ୱ ବଢ଼ିବାରେ ଲାଗିଛି। ଅନ୍ୟ ଜଣେ ବସ୍ତିବାସୀ ଭୋଲ ଦୀପ କହିଛନ୍ତି, ଆମ ବସ୍ତିରେ ପକ୍କା ରାସ୍ତା କି ପାନୀୟ ଜଳ ବ୍ୟବସ୍ଥା ନାହିଁ। ସବୁ ଦିଗରୁ ଆମ ବସ୍ତିକୁ ଅଣଦେଖା କରାଯାଇଛି। ଏ ସମ୍ପର୍କରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କୁ ପଚାରିବାରୁ ଏହି ବସ୍ତିଟି ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ। ବସ୍ତି ଭିତରେ ବିଭିନ୍ନ ସମସ୍ୟା ରହିଛି। ବିଶେଷ କରି ବସ୍ତିଟି ଆର୍‌ଏମ୍‌ସି କି ପଞ୍ଚାୟତ ଅଧୀନରେ ନ ଥିବାରୁ ପାଣ୍ଠି ଆସୁନାହିଁ। ଅନ୍ୟପକ୍ଷେ ବସ୍ତିଟି ଆରଏସ୍‌ପି ଜମିରେ ଗଢି ଉଠିଥିବାରୁ ଏଠାରେ ଆରଏସପି ମଧ୍ୟ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବାଧକ ସାଜୁଛି। ତେଣୁ ଆଗାମୀ ଦିନରେ ମୋ ଦ୍ୱାରା କଣ ସହଯୋଗ ହୋଇପାରିବ ମୁ ନିଶ୍ଚୟ ଚେଷ୍ଟା କରିବି ବୋଲି ବିଧାୟକ ତରାଇ ସୂଚନା ଦେଇଥିଲେ।

# ଟ୍ରେନ ଲାଇନ କଡ଼ରୁ ମହିଳାଙ୍କ ମୃତଦେହ ଜବତ

ରାଉରକେଲା,୨୨।୬(ଦିନେଶ ମିଶ୍ର)

ବନ୍ଧମୁଣ୍ଡା ଜିଆରପି ପୋଲିସ ବିଶ୍ରା ରେଳ ଧାରଣା କଡରୁ ଜଣେ ମହିଳାଙ୍କ ମୃତଦେହକୁ ଗୁରୁବାର ଉଦ୍ଧାର କରିଛି। ମୃତକ ହେଲେ କୋଇଲି ଓରାମ(୭୦)। ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬।୨୩) ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ବିଶ୍ରା ଥାନା ଅଧୀନ ମଧୁପୁର ଗ୍ରାମର କୋଇଲି ବୁଧବାର ରାତିରେ ବିଶ୍ରା ହାଟରୁ କରି ଘରକୁ ଫେରୁଥିଲେ। ସେ ରେଳ ଧାରଣା ପାରି ହେଉଥିବାବେଳେ ଏକ ମାଲଗାଡି ତାଙ୍କୁ ଧକ୍କା ଦେଇଥିଲା। ଗୁରୁବାର ସକାଳେ ଜିଆର୍‌ପି ପୋଲିସ ମହିଳାଙ୍କ ମୃତଦେହ ଜବତ କରିଥିଲା।

# ପ୍ରୋଜେକ୍ଟ ସମାହାନର ୨ ମଡ୍ୟୁଲ୍ ଶୁଭାରମ୍ଭ



ନୂତନ ମଡ୍ୟୁଲ ଉପରେ ଆଲୋଚନା ଚାଲିଛି।

ରାଉରକେଲା,୨୨।୬
(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ବିତ୍ତ ଓ ଲେଖା ବିଭାଗ ପକ୍ଷରୁ ଡିଜିଟାଲ ଟ୍ରାନ୍ସଫର୍ମେଶନ ପଦକ୍ଷେପ ଗୁଡିକର ଏକ ଅଂଶ ଭାବେ ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସ ପାଇଁ ପ୍ରୋଜେକ୍ଟ ସମାହାନର ଦୁଇଟି ମଡ୍ୟୁଲର ଶୁଭାରମ୍ଭ ବୁଧବାର ବିଭାଗୀୟ ସମ୍ମିଳନୀ କକ୍ଷଠାରେ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଖଣି ବିଭାଗର ସିଜିଏମ ଇନଚାର୍ଜ ପି. କେ. ରଥ, ବିତ୍ତ ଓ ଲେଖା ବିଭାଗର ସିଜିଏମ୍ ଇନଚାର୍ଜ ଏ. କେ. ବେହୁରିଆ, ବିତ୍ତ ଓ ଲେଖା ବିଭାଗର ସିଜିଏମ ଏସ୍. କେ. ନାୟକ, ସିଏଣ୍ଡଆଇଟି ବିଭାଗ ସିଜିଏମ୍ କୌଶିକ ସେନଗୁପ୍ତା, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ ତଥା ମେସର୍ସ ଆଣ୍ଡ ୟଙ୍ଗ୍‌ର ପ୍ରତିନିଧି ଏବଂ ଏସ୍‌ଏପି କୋର ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଓଡିଶା ଗ୍ରୁପ୍ ଅଫ୍ ମାଇନ୍ସର ବରସୁଆଁ ଓ ବଲାଣି ଲୁହାଖଣିର ମୁଖ୍ୟ ତଥା ଅନ୍ୟ ବରିଷ୍ଠ ଅଧିକାରୀମାନେ ଉତ୍ସବରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଫିକୋ ଏବଂ ଏମ୍‌ଏମ୍ ମଡ୍ୟୁଲକୁ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନଥ ତ୍ରିପାଠୀ, ପି. କେ. ରଥ ଓ ଏ. କେ. ବେହୁରିଆ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଗୋ-ଲାଇଭ ପ୍ରୋଜେକ୍ଟ ସାମାହାନ ଉପରେ ତ୍ରିପାଠୀ ଜଡିତ ଦଳର ଉଦ୍ୟମକୁ ପ୍ରଶଂସା କରିଥିବା ବେଳେ ଏହି ପ୍ରକଳ୍ପ ଦ୍ୱୟ ଆର୍‌ଏସ୍‌ପି ଖଣିରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନଙ୍କର ଦୀର୍ଘ ଦିନର ସ୍ୱପ୍ନକୁ ସାକାର କରିବା ସହ ଅନେକ ପ୍ରକ୍ରିୟାକୁ ସରଳ କରିବ ବୋଲି ଉଲ୍ଲେଖ କରିଥିଲେ। ଅନ୍ୟ ଅତିଥିମାନେ ପ୍ରକଳ୍ପର ଠିକ୍ ସଫଳତା, ଠିକ୍ କାର୍ଯ୍ୟକାରିତା ଉପରେ ସମସ୍ତଙ୍କୁ ପୂର୍ଣ୍ଣ ସହଯୋଗ ପ୍ରତିଶ୍ରୁତି ଦେବା ସହିତ ବଲାଣି ଓ ବରସୁଆ ଲୁହାଖଣି ପୂର୍ଣ୍ଣ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରିତା ଆର୍‌ଏସ୍‌ପିକୁ ନିଷ୍ପତ୍ତି ନେବାରେ ସହାୟତା କରିବା ସହ ପର୍ଚ୍ଚେଜ ଅର୍ଡର ଓ ସେଲ୍ସ ଇନଭଏସ ପ୍ରସ୍ତୁତିରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ। ସେନଗୁପ୍ତା ବିଭିନ୍ନ ସମ୍ଭାବ୍ୟ ହାର୍ଡୱେର ଏବଂ ନେଟୱାର୍କିଂ ସମସ୍ୟା ଉପରେ ଆଲୋଚନା କରିଥିଲେ ଏବଂ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଅର୍ଥ ବିଭାଗ ଜିଏମ ଏନ. କେ. ରାଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଇନଶୃଙ୍ଖଳା ପରିସ୍ଥିତି ନେଇ ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ

ରାଉରକେଲା, ୨୨।୬(ସଙ୍ଗୀତା ଜେନା)

ରାଉରକେଲା ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଗୁରୁବାର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ସାକ୍ଷାତ କରି ସହରର ଆଇନଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ କଂଗ୍ରେସ ପକ୍ଷରୁ ତାଙ୍କୁ ଆଇନ୍‌ଶୃଙ୍ଖଳା ସମସ୍ୟା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରାଉରକେଲାରେ ଚାଲିଥିବା ବେଆଇନ୍ ସଟ୍ଟା ଓ ଜୁଆ, ଡ୍ରଗ୍‌ସ ଓ ମଦ କାରବାର ଯୋଗୁ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଚୋରି, ଛିନ୍‌ତାଇ ବୃଦ୍ଧି ପାଉଛି। ତୁରନ୍ତ ଏସବୁ ବେଆଇନ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା, ବିଭିନ୍ନ ଥାନା ଅଞ୍ଚଳରେ ଲୋକମଞ୍ଚ ଆୟୋଜନ ଏବଂ ମୋ ବସ୍, ଅଟୋ ଓ ଅନ୍ୟାନ୍ୟ ଲାଇନ୍ ବସ୍‌ଗୁଡିକ ଯାତ୍ରୀମାନଙ୍କୁ ନେବା ଆଣିବା ପାଇଁ ବିଭିନ୍ନ ସ୍ଥାନରେ ମନଇଚ୍ଛା ଗାଡି ନ ରଖି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ରହଣୀ ସ୍ଥଳରେ ଗାଡି ରଖିବା ପାଇଁ ନିର୍ଦ୍ଦେଶନାମା ଜାରିକରିବାକୁଦଳ ଦାବିକରିଛି। ଏସ୍‌ପି ମହାପାତ୍ର ଉକ୍ତ ସମସ୍ତ ପ୍ରସଙ୍ଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ଦଳରେ ଜିଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ସମେତ ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ଜିଲା ସଭାପତି ରବି ରାୟ, ପିସିସି ସଭ୍ୟ ସବୀର ହୁସେନ, ପ୍ରଭାତୀ ମିଶ୍ର ଓ ରାଜେଶ ଟପ୍ପୋ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଓବିସି ମୋର୍ଚ୍ଚାର ରାଷ୍ଟ୍ରୀୟ ସହ ସଂଯୋଜକ କୈଳାସ ସାହୁ, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଡିସିସି ମୁଖପାତ୍ର ଇଂ.ଆର୍.ପି. ସିଂହ, ଉପସଭାପତି କୀର୍ତ୍ତନ ଦାସ, ବ୍ଲକ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ବିଜୟ ଆପଟ ଓ ରଘୁନାଥ ଦାସ, ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇଜାଜ ଅଖତର ପ୍ରମୁଖ ସାମିଲ୍ ହୋଇଥିଲେ।


କଂଗ୍ରେସ ପ୍ରତିନିଧି ଦଳ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ପଞ୍ଚାୟତରେ ସାମିଲ ପାଇଁ ଦାବି


ଜନଶୁଣାଣିରେ ବିଧାୟକ, ପ୍ରଶାସନିକ ଅଧିକାରୀ ଓ ଗ୍ରାମବାସୀ।

ରାଉରକେଲା,୨୨।୬(ସଙ୍ଗୀତା ଜେନା)

**ହମିରପୁରରେ ଜନଶୁଣାଣି**

ରାଉରକେଲା ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର ସ୍କୁଲଠାରେ ସ୍ଥାନୀୟ ଜିଲା ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବାସିନ୍ଦା ସୁମନ ଦତ୍ତଙ୍କ ଉପସ୍ଥିତିରେ ଶିକ୍ଷାବିତ୍ ପ୍ରଭାତ ମଲ୍ଲିକ, ସୁବାସ ଗୁପ୍ତା, ନିରଞ୍ଜନ ଦାଶଙ୍କ ସମେତ ଅନ୍ୟମାନେ ସମସ୍ୟା ସମ୍ପର୍କରେ କହିଥିଲେ। ଜନଶୁଣାଣିରେ ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝି, ଉପତହସିଲଦାର ଆଦ୍ୟାଶା ପ୍ରିୟଦର୍ଶନୀ ବଳ, ରାଜସ୍ୱ ନିରୀକ୍ଷକ ଦୀପମାଳା ବୋଷ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶେଷରେ ପ୍ରଶାସନ ପକ୍ଷରୁ ଏହି ସମସ୍ୟାଗୁଡ଼ିକ ଉପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ସୂଚନାଯୋଗ୍ୟ, ୧୯୯୫ରେ ଏହି ଅଞ୍ଚଳ ପୌରପାଳିକା ଅଧୀନରେ ଥିଲା। ପରେ ଏହାକୁ ଆର୍‌ଏସ୍‌ପି ଶିଳ୍ପାଞ୍ଚଳରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତେବେ ଆର୍‌ଏସ୍‌ପି ଏହି ଅଞ୍ଚଳର ଦାୟିତ୍ୱ ଛାଡ଼ିବା ପରେ ସମ୍ପ୍ରତି ଏହା କାହା ଅଧୀନରେ ନାହିଁ। ଫଳରେ ଏଠାକୁ ସରକାରଙ୍କ ବିକାଶମୂଳକ ଯୋଜନା ପହଞ୍ଚିପାରୁନାହିଁ। ଏଠାକାର ଜନସଂଖ୍ୟା ପ୍ରାୟ ୨୦ ହଜାର ଥିବାବେଳେ ୬ହଜାରରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ଦୀର୍ଘଦିନରୁ ଉକ୍ତ ଅଞ୍ଚଳକୁ ଗ୍ରାମପଞ୍ଚାୟତରେ ସାମିଲ କରିବାକୁ ସ୍ଥାନୀୟ ଲୋକେ ଦାବି କରିଆସୁଛନ୍ତି।

# ୱାଟ୍‌କୋ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ


ୱାଟ୍‌କୋ ଅଧିକାରୀଙ୍କୁ ଦାବିପତ୍ର ଦେଇଥିବା ବସ୍ତିବାସୀ।

ରାଉରକେଲା,୨୨।୬(ଦିନେଶ ମିଶ୍ର)

ପାନୀୟ ଜଳ ସମସ୍ୟା ନେଇ ଉଦିତନଗର ବଲାଙ୍ଗୀର ବସ୍ତିର ଶତାଧିକ ଲୋକ ଗୁରୁବାର ୱାଟ୍‌କୋ ଅଧିକାରୀଙ୍କୁ ଭେଟି ପାଣି ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ଏ ନେଇ ସେମାନେ ୱାଟ୍‌କୋ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବଲାଙ୍ଗୀର ବସ୍ତିରେ ୩ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରୁଥିବାବେଳେ ଏଠାରେ ଗୋଟିଏ ନଳକୂପ ରହିଛି। ଅଧିକାଂଶ ସମୟରେ ଏହି ନଳକୂପରୁ ଲୁହାଗୁଣ୍ଡ ଓ ଗୋଳିଆ ପାଣି ବାହାରୁଥିବାରୁ ଏହି ପାଣି ପିଇବା ଅନୁପଯୋଗୀ ହୋଇଛି। ଖରାଦିନେ ବସ୍ତିବାସୀ ପାନୀୟ ଜଳ ନ ପାଇ ହରକତ ହେଉଛନ୍ତି। ତେଣୁ ବସ୍ତିରେ ଖରାଦିନେ ପାଣି ଟ୍ୟାଙ୍କର ବ୍ୟବସ୍ଥା କରିବାକୁ ବସ୍ତିର ରିଙ୍କୁ ସେନାପତି, ଦମୟନ୍ତୀ ନାଗ, ନିଶା ଠାକୁର, ସୀମା ସୋନା, ଉମା ନାଗ, କମଳ ସୁନା, ଆତିଶ ନନ୍ଦ, କିଶୋରୀ ବେହେରା, ସୁଭଦ୍ରା ସୁନା ପ୍ରମୁଖ ଦାବି କରିଛନ୍ତି।

# ବିପର୍ଯ୍ୟସ୍ତ ରାସ୍ତାର ପୁନରୁଦ୍ଧାର ଆରମ୍ଭ

ରାଉରକେଲା,୨୨।୬(ସଙ୍ଗୀତା ଜେନା)

ରାଉରକେଲା ମହାନଗର ନିଗମ ଅଧୀନ ଜଗଦା ଅଞ୍ଚଳରେ ବିପର୍ଯ୍ୟସ୍ତ ଅବସ୍ଥାରେ ପଡିଥିବା ଜଗଦା-ଝିରପାଣି ମୁଖ୍ୟ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଗୁରୁବାର ଆରମ୍ଭ ହୋଇଛି। ପ୍ରାୟ ୫ବର୍ଷ ତଳେ ବିଶ୍ରା ବ୍ଲକ ପକ୍ଷରୁ ଏହାର ନିର୍ମାଣ କରାଯାଉଥିବା ବେଳେ ସ୍ଥାନୀୟ ଲୋକେ କାର୍ଯ୍ୟ ବନ୍ଦ କରାଇଥିଲେ। ପରେ କୌଣସି ନିର୍ମାଣ କାର୍ଯ୍ୟ ହୋଇ ନ ଥିଲା। ତେବେ ଗୁରୁବାର ପୁଣିଥରେ ପିଡବ୍ଲ୍ୟୁଡ଼ି ପକ୍ଷରୁ ୫୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।

# ସଚଳ ହେଲା ଶୀତଳ ଜଳ ପ୍ରକଳ୍ପ

ରାଉରକେଲା,୨୨।୬(ବିପ୍ଳବ ରଞ୍ଜନ ଦାଶ)



ରାଉରକେଲା ଆର୍‌ଟିଓ ଅଫିସ୍ ନିକଟ ଜଳ ପ୍ରକଳ୍ପ।

**ଧରିତ୍ରୀ ପ୍ରଭାବ**

ହକି ବିଶ୍ୱକପ୍ ପୂର୍ବରୁ ରାଉରକେଲା ସହରର ଜନବହୁଳ ୧୦ ସ୍ଥାନରେ ଆର୍‌ଏମ୍‌ସି ପକ୍ଷରୁ ଶୀତଳ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ମାତ୍ର ବିଶ୍ୱକପ୍ ପରେ ଏହି ଜଳପ୍ରକଳ୍ପ ଅଚଳ ହୋଇପଡିଲା। ଫଳରେ ପ୍ରବଳ ଖରାରେ ପଥିକମାନେ ଥଣ୍ଡା ପାଣି ମୁନ୍ଦେ ପାଇଁ ଡହଳବିକଳ ହେଲେ। ଏ ନେଇ ଗତ ୧୮ତାରିଖ ଧରିତ୍ରୀରେ 'ନାଁକୁ ଶୀତଳ ଜଳ ପ୍ରକଳ୍ପ, ବାହାରୁଛି ଗରମ ପାଣି' ଶୀର୍ଷକ ଖବର ପ୍ରକାଶିତ ହେବା ପରେ ଆର୍‌ଏମ୍‌ସି ପକ୍ଷରୁ ସମସ୍ତ ଜଳ ପ୍ରକଳ୍ପଗୁଡିକ ମରାମତି କରାଯାଇଛି। ବର୍ତ୍ତମାନ ଜଳ ପ୍ରକଳ୍ପ ମାନଙ୍କରୁ ପୂର୍ବବତ୍ ଶୀତଳ ଜଳ ବାହାରୁଛି।

# ଏକ୍ସପ୍ରେସ ଟ୍ରେନ୍ ବିଳମ୍ବ, ଯାତ୍ରୀ ହଇରାଣ

ରାଉରକେଲା,୨୨।୬(ସଙ୍ଗୀତା ଜେନା)

**ଦକ୍ଷିଣ-ପୂର୍ବ ରେଳପଥର ମୁଖ୍ୟ ମାର୍ଗ**



- ଲୋକାଲ ଟ୍ରେନ୍ ଅବସ୍ଥା ସାଂଘାତିକ
- ମାଲବାହୀ ଟ୍ରେନ୍‌କୁ ପ୍ରାଥମିକତା

ରାଉରକେଲା ଦେଇ ଚଳାଚଳ କରୁଥିବା ଅଧିକାଂଶ ଏକ୍ସପ୍ରେସ ଟ୍ରେନ୍ ଘଣ୍ଟା ଘଣ୍ଟା ଧରି ବିଳମ୍ବରେ ଚାଲୁଥିବାରୁ ଯାତ୍ରୀ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ୬ ମାସରୁ ଅଧିକ ହେଲାଣି ଯାତ୍ରୀବାହୀ ଟ୍ରେନଗୁଡ଼ିକରେ ଏଭଳି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ଦୂରଗାମୀ ଏକ୍ସପ୍ରେସ ଟ୍ରେନ ଗୁଡ଼ିକ ୧୦ରୁ ୧୨ ଘଣ୍ଟା ବିଳମ୍ବରେ ଚାଲୁଥିବା ବେଳେ ଲୋକାଲ ଟ୍ରେନଗୁଡ଼ିକର ଅବସ୍ଥା ସାଂଘାତିକ ରହିଛି। ଭୁବନେଶ୍ୱର ଇଣ୍ଟରସିଟି ଯାତ୍ରୀବାହୀ ଟ୍ରେନ ବିଳମ୍ବରେ ଚାଲୁଥିବା ଯୋଗୁ ସ୍ଥାନୀୟ ଲୋକେ ରୋଷ ପ୍ରକାଶ କରିଛନ୍ତି। ଏପରିକି ଏକ୍ସପ୍ରେସକୁ ଅଟକାଇ ମାଲବାହୀ ଟ୍ରେନକୁ ଛାଡ଼ି ଦିଆଯାଉଛି। ଅହମ୍ମଦାବାଦ-ହାୱଡ଼ା ଏକ୍ସପ୍ରେସର ଜଣେ ଯାତ୍ରୀ ରୀନା ଗୁପ୍ତା ଟ୍ରେନ ଗନ୍ତବ୍ୟ ସ୍ଥଳରେ ୧୦ ଘଣ୍ଟା ବିଳମ୍ବରେ ପହଞ୍ଚିଥିବା ପ୍ରକାଶ କରିଛନ୍ତି। ଅନୁରୂପ ଭାବେ ମୋହନ ସିଂ ନାମକ ଯାତ୍ରୀ ମଧ୍ୟ ସମାନ ଅଭିଯୋଗ କରିଛନ୍ତି। ଅପରପକ୍ଷେ ନାମ ଗୋପନ ରଖି ଜନୈକ ଷ୍ଟେଶନ ମ୍ୟାନେଜର ସୂଚନା ଦେଇ କହିଛନ୍ତି, ଯାତ୍ରୀବାହୀ ଟ୍ରେନକୁ ଲାଇନ କ୍ଲିଅରାନ୍ସ ନ ଦେଇ ମାଲବାହୀ ଟ୍ରେନକୁ ଯିବା ଲାଗି ଉଚ୍ଚକର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଦକ୍ଷିଣ ପୂର୍ବ ରେଲୱେ ଅଲ୍ ଇଣ୍ଡିଆ ଗାର୍ଡ କାଉନସିଲ୍‌ର ମଣ୍ଡଳ ସମ୍ପାଦକ ଦେବାଶିଷ ମିତ୍ର କହିଛନ୍ତି, ଅନେକ ସ୍ଥାନରେ ରେଳ ଧାରଣା ଓ ଟେକ୍ନିକାଲ କାମ ଚାଲିଛି। ୩ୟ ରେଳପଥ ତିଆରି ଯୋଗୁ ଏପରି ପରିସ୍ଥିତି ଉପୁଜିଛି। ଏ ସମ୍ପର୍କରେ ରାଉରକେଲା ରେଳ ଷ୍ଟେଶନର ପ୍ରବନ୍ଧକ ପ୍ରଭାସ ଦାସ କହିଛନ୍ତି, ଦୀର୍ଘ ୬ ମାସ ହେଲାଣି ଏଭଳି ବ୍ୟତିକ୍ରମ ହେଉଛି। ନିର୍ମାଣ କାର୍ଯ୍ୟ, ରୁଟ୍ ସମ୍ପ୍ରସାରଣ, ଆଧୁନିକୀକରଣ ଓ ଅତ୍ୟଧିକ ମାଲବାହୀ ଗାଡ଼ି ଚାଳନା ଯୋଗୁ ଏହି ସମସ୍ୟା ଉପୁଜିଛି। ସୂଚନାଯୋଗ୍ୟ, ଦୂରଗାମୀ ଯାତ୍ରୀବାହୀ ଟ୍ରେନ ଜମ୍ମୁ, କାମାକ୍ଷାନଗର ଏକ୍ସପ୍ରେସ, ରକସୌଲ, ମୁମ୍ବାଇ- ହାୱଡ଼ା ଆଜାଦହିନ୍ଦ ଏକ୍ସପ୍ରେସ, ମୁମ୍ବାଇ ମେଲ୍, ଇସ୍ପାତ ଏକ୍ସପ୍ରେସ, ଇଣ୍ଟରସିଟି ସମେତ ୪୦ରୁ ଊର୍ଦ୍ଧ୍ୱ ଟ୍ରେନ ବିଳମ୍ବରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚୁଛି।

# ମୁଖ୍ୟ ରାସ୍ତା ଚକାଚକ୍, ବସ୍ତିରେ ଆବଡ଼ାଖାବଡ଼ା

ରାଉରକେଲା,୨୨।୬(ବିପ୍ଳବ ରଞ୍ଜନ ଦାଶ)

**ରାଉରକେଲା ମହାନଗର ନିଗମ**

ରାଉରକେଲା ମହାନଗର ନିଗମ ଅଧୀନ ବିଭିନ୍ନ ବସ୍ତି ଅଞ୍ଚଳ ରାସ୍ତା ଶୋଚନୀୟ ହୋଇପଡିଛି। ସହରର ମୁଖ୍ୟ ରାସ୍ତାଗୁଡିକ ଚକାଚକ୍ ହୋଇଥିବା ବେଳେ ଗଳିକନ୍ଦି ରାସ୍ତାକୁ ମରାମତି କରାଯାଉନାହିଁ। ଫଳରେ ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

ବସ୍ତି ବାସିନ୍ଦାଙ୍କ କହିବା ମୁତାବକ, ଆର୍‌ଏମ୍‌ସି ଅଧୀନ ୪୦ଟି ୱାର୍ଡରେ ମୋଟ ୧୩୨ ବସ୍ତି ଅଞ୍ଚଳ ରହିଛି। ସେଥିମଧ୍ୟରୁ ୬୦ଭାଗ ବସ୍ତିରେ କିଛି ବିକାଶ ମୂଳକ କାର୍ଯ୍ୟ ହୋଇଥିବା ବେଳେ ୱାର୍ଡ ନଂ-୬ ବାଲୁଘାଟ, ରୂପଟୋଲା, ମନୀ କଲୋନୀ, ବଙ୍ଗଳାଟୋଲା, ୱାର୍ଡ ନଂ-୧୬ ଦୁର୍ଗାପୁର, ୱାର୍ଡ ନଂ-୧୯ ମାଲଗୋଦାମ ଆଦି ବସ୍ତିରେ ସେଭଳି ଉନ୍ନୟନମୂଳକ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ ହେଉଛି। ବସ୍ତିର ରାସ୍ତାଘାଟ ଦୀର୍ଘବର୍ଷ ହେଲା ମରାମତି ହେଉନାହିଁ। ରାସ୍ତାଘାଟରେ ମାସ ମାସ ଧରି ଅଳିଆ ଆବର୍ଜନା ରହୁଥିବା ବେଳେ ସଫେଇ ହେଉନି। ଡ୍ରେନେଜଗୁଡିକରୁ ଅଳିଆ ଆବର୍ଜନା ହଟାଯାଉନାହିଁ। ସହରର ମୁଖ୍ୟ ରାସ୍ତାଗୁଡିକ ଚକାଚକ୍ ରହୁଥିବା ବେଳେ ବସ୍ତି ରାସ୍ତା ବିପର୍ଯ୍ୟସ୍ତ ଅବସ୍ଥାରେ ପଡିରହିଛି। ବାଲୁଘାଟ ବସ୍ତି ଅଞ୍ଚରେ ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ଥିବାବେଳେ ବସ୍ତିର ଗଳିକନ୍ଦିକୁ ଯାଇଥିବା ରାସ୍ତାଘାଟ ଆବଡାଖାବଡା ହୋଇପଡିଛି। ସେହିପରି ଦୁର୍ଗାପୁର ପାହାଣ୍ଡଟୋଲୀ ଅଞ୍ଚଳର ରାସ୍ତାଘାଟରୁ କଂକ୍ରିଟ ଉଠିଯାଇଥିବା ବେଳେ ଯାତାୟାତରେ ସମସ୍ୟା ହେଉଛି। ପାନପୋଷ ପୋଷ୍ଟମର୍ଟମ କେନ୍ଦ୍ର ଆଗରୁ ନମାଜ ହଜ୍‌କୁ ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ଏ ନେଇ ରାଉରକେଲା ମହାନଗର ନିଗମ କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ୧୩୨ଟି ବସ୍ତିର ସମସ୍ତ ରାସ୍ତା ବିଜୁ ଆଦର୍ଶ କଲୋନୀ ଯୋଜନାରେ ସାମିଲ ହୋଇଛି। ଅଧିକାଂଶ ବସ୍ତିର ସାମଗ୍ରିକ ବିକାଶ ବିଜୁ ଆଦର୍ଶ କଲୋନୀ ଯୋଜନା ମାଧ୍ୟମରେ ହୋଇଛି। କିଛି ବସ୍ତିର ରାସ୍ତା କାମ ବାକି ରହିଛି । ସେଥିପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ତୁରନ୍ତ ଜାଗା ମିଶନ ଅଧୀନରେ ବସ୍ତିଗୁଡିକରେ ବିକାଶ ମୂଳକ କାର୍ଯ୍ୟ ହେବ। ଆରଏମସିର ବାର୍ଷିକ ବଜେଟର ୨୫ପ୍ରତିଶତ ଅର୍ଥ କେବଳ ବସ୍ତି ମାନଙ୍କର ବିକାଶ ପାଇଁ ଖର୍ଚ୍ଚ ହେଉଛି। ଏଣୁ ଆଗକୁ ଉକ୍ତ ବସ୍ତି ଗୁଡିକର ରାସ୍ତାଘାଟ ସହ ବିଭିନ୍ନ ସମସ୍ୟାର ସମାଧାନ କରାଯିବ ବୋଲି ମହାପାତ୍ର କହିଥିଲେ।


ବାଲୁଘାଟ ବସ୍ତିର ଆବଡାଖାବଡା ରାସ୍ତା ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଜମନକିରା, ୨୨।୬(ରବୀନ୍ଦ୍ର ପ୍ରସାଦ ଦାନି):** ଜମନକିରା ବ୍ଲକ ଫାଶିମାଲ ଆର୍‌ଡି ରାସ୍ତାରେ ଗୁରୁବାର ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୟାମାଳ ଗାଁର ପ୍ରଫୁଲ୍ଲ କିଷାନ (୪୫)। ଏହି ଗାଁର ଚୈତନ୍ୟ କିଷାନ (୪୬) ଗୁରୁତର ଆହତ ହୋଇଛନ୍ତି। ପୋଲିସ ସୂଚନା ଅନୁସାରେ, ମଧ୍ୟାହ୍ନରେ ପ୍ରଫୁଲ୍ଲ ଓ ଚୈତନ୍ୟ ଏକ ବାଇକ୍ ଯୋଗେ ଜମନକିରାରୁ କାମ ସାରି ଫେରୁଥିଲେ। ଲଙ୍ଗାବାହାଲ ଛକ ନିକଟରେ ବାଇକ୍‌ଟି ନିୟନ୍ତ୍ରଣ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟିହୋଇ ଯାଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକ ପ୍ରଫୁଲ୍ଲଙ୍କ ମୃତ୍ୟୁ ହୋଇଥିଲା। ପଛରେ ବସିଥିବା ଚୈତନ୍ୟ ଗୁରୁତର ଥିବାରୁ ତାଙ୍କୁ ଫାଶୀମାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଜମନକିରା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ପଧାନପାଲିରେ ରଥଯାତ୍ରା

**ପଡିଆବାହାଲ, ୨୨।୬(ରାଧାମୋହନ ଷଡ଼ଙ୍ଗୀ):** ଦୀର୍ଘଦିନ ପରେ ଏବର୍ଷ ବାହାମ ପଞ୍ଚାୟତ ପଧଜପାଲି ଗାଁରେ ରଥଯାତ୍ରା ପୁଣି ଜାକଜମକରେ ଆରମ୍ଭ ହୋଇଛି। ଦ୍ୱିତୀୟା ଦିନ ପ୍ରଭୁ ରଥାରୂଢ଼ ହୋଇ ମାଉସୀ ମା' ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି। ଏ ଅବସରରେ ଗାଁରେ ଯାତ୍ରା ସାଙ୍ଗକୁ ଝରଝରିର ମହିଳା କୀର୍ତ୍ତନ ଦଳଙ୍କ ପରିବେଷଣ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ବୁଧବାର ଖଲିଆପାଲି, ବାହାମ, ଗୌଡ଼ପାଲି, ଟାମ୍ପାରଗଡ ଆଦି ଗ୍ରାମରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖଲିଆପାଲି, ଗୌଡ଼ପାଲି ମନ୍ଦିରରେ ଦଶଅବତାର ସହ ପୂଜାର୍ଚ୍ଚନା ଚାଲୁଛି। ଗୌଡ଼ପାଲିଠାରେ କଟକ ଅଞ୍ଚଳର କଳାକାରଙ୍କ ଦ୍ୱାରା ଭଜନ ସନ୍ଧ୍ୟା ହୋଇଥିଲା।

### ନୂତନ ବିଇଓଙ୍କୁ ଶିକ୍ଷକ ସଂଘର ସମ୍ବର୍ଦ୍ଧନା

**କୁଚିଣ୍ଡା, ୨୨।୬(ବିରଞ୍ଚି ଦର୍କା):** କୁଚିଣ୍ଡାରେ ନୂତନ ବିଇଓ ଭାବେ ଯୋଗଦେଇଥିବା ଗୀତା ପଧାନଙ୍କୁ କୁଚିଣ୍ଡା ବ୍ଲକ ଓଷ୍ଟା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ସଭାପତି ସୁଧିର ନାୟକ, ଉପସଭାପତି ବନ୍ଦିତା ପଟେଲ, ସମ୍ପାଦକ କମଳ ଲୋଚନ ବେହେରା, ସହସମ୍ପାଦକ ଚନ୍ଦ୍ରହାସ କର୍ଣ୍ଣ, ଇସି ମେମ୍ବର ଦୁର୍ଗା ପ୍ରସନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଚିଣ୍ଡା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଇଓ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ବ୍ଲକ ସଭାପତି ପ୍ରଶାନ୍ତ କୁମାର ଦାସ, ସମ୍ପାଦକ କଲ୍ୟାଣୀ ପଟେଲ, ରେଣୁକା ଶର୍ମା, ଦୁଃଖବନ୍ଧୁ ସାହୁ, ଅନୀଲ ନାୟକ, ଭୁବନେଶ୍ୱର ବେହେରା, ବୁଲୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ନବୋଦୟ ପ୍ରବେଶିକା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ସଫଳତା

**ନାକଟିଦେଉଳ, ୨୨।୬(ବୈକୁଣ୍ଠ ସାହୁ):** ନବୋଦୟ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷାରେ ନାକଟିଦେଉଳ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର କୃତିତ୍ୱ ଅର୍ଜନ କରିଛନ୍ତି। ଏହି ପ୍ରବେଶିକା ପରୀକ୍ଷାରେ ବ୍ଲକର ୮ଜଣ ଛାତ୍ର ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିରର ଜୋସେଫ ସାହୁ ଓ ଅଭିପ୍ରୀତ ସାହୁ, ବଳମ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରିତେଶ ବିଶି, ବିଜନ ପ୍ରଧାନ ଓ ରଞ୍ଜିତ ପ୍ରଧାନ, ବାଟଗାଁ ଶିଶୁ ବିଦ୍ୟାମନ୍ଦିରର ଲିଙ୍ଗରାଜ ଧଳ, ସାହେବୀ ଶିଶୁ ବିଦ୍ୟାମନ୍ଦିରର ନୀତେଶ କୁମାର ସାହୁ ଏବଂ ଯାମୁଯୋରୀ ଗ୍ରା.ପ. ଅନ୍ତର୍ଗତ ବାଘବର ସରକାରୀ ପ୍ରାଥମିକ ବିଦ୍ୟାଳୟର ଅମିତ କୁମାର ମୁଣ୍ଡା। ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏହି ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଯୋଗ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୨।୬(ବି.ଶଙ୍କର):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଯୋଗ ଓ ପ୍ରଣାୟାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ସଭାଗୃହରେ ଆୟୋଜିତ ସଭାରେ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଯୋଗ ଦ୍ୱାରା କିପରି ନିରୋଗ ଓ ସୁସ୍ଥ ରହିପାରିବା ତାହା ବର୍ଣ୍ଣନା କରିବା ସହ ବିଭିନ୍ନ ଯୋଗ ଅଭ୍ୟାସ କରାଇଥିଲେ। ବିଶ୍ୱବିଦ୍ୟାଳୟର ଶାରୀରିକ ଶିକ୍ଷା ଅଧିକାରୀ ଦିବ୍ୟାନି ଶୁକ୍ଳା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଛାତ୍ରୀ ଛାତ୍ରଙ୍କ ସହ ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ସୁଶାନ୍ତ ଦାସ, ବିତ୍ତନିୟନ୍ତ୍ରକ କନକଲତା ଏକ୍କା, ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ପ୍ରଦୋଷ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା




ସଚେତନତା ବୈଠକରେ ଉପସ୍ଥିତ ଅତିଥି।

## ରେଢ଼ାଖୋଲ ଏନ୍‌ଏସିରେ ସଚେତନତା ସଭା

**ରେଢାଖୋଲ, ୨୨।୬ (ଅଚ୍ୟୁତାନନ୍ଦ ପୁରୋହିତ)**

ଶିଶୁମାନଙ୍କ ମୌଳିକ ଅଧିକାର ଓ ଆବଶ୍ୟକତାକୁ ପୁରଣ କରାଯାଇପାରିଲେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ଭବ ହୋଇପାରିବ। ଏଥିପାଇଁ ସମାଜର ପ୍ରତ୍ୟେକ ସ୍ତରରେ ଉଦ୍ୟମ ଆବଶ୍ୟକ ବୋଲି ଗୁରୁବାର ସ୍ଥାନୀୟ ଏନ୍‌ଏସି ସଭାଗୃହଠାରେ ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା ବୈଠକରେ ମତପ୍ରକାଶ ପାଇଛି। ୟୁନିସେଫ୍ ସହଯୋଗରେ ଏନ୍‌ଏସି ଓ ଏଡ଼ ଏଟ ଆକ୍ସନ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର ଅଜିତ ଦେହୁରି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ ପ୍ରଶାନ୍ତ ପାଢୀ, ସଭ୍ୟ ପ୍ରଦୀପ ମହାକୁଡ, ଏନ୍‌ଏସି ଅଧକ୍ଷ ଶିବରାମ ସାହୁ, ଉପାଧକ୍ଷା ଅନସୂୟା ପ୍ରଧାନ, ସିଡିପିଓ ଝୁନୁ ସ୍ୱାଇଁ, ପୋଲିସ ଏସ୍‌ଆଇ ଅସୀମା ଏକ୍କା, ସରପଞ୍ଚ ରାଜା ପାଲ, ଏଡ ଏଟ ଆକ୍ସନର ଜିଲ୍ଲା ସଂଯୋଜିକା ସୁନୀତା ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ସମ୍ମିଳିତ ଉଦ୍ୟମ ଆବଶ୍ୟକ ବୋଲି ମତ ଦେଇଥିଲେ। ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ଶିଶୁ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଆଇନଗତ ଦିଗ ଉପରେ ସୂଚନା ଦେଇଥିଲେ। ଚାଇଲ୍ଡ଼ଲାଇନ ସଂଯୋଜକ ସଞ୍ଜୟ ସାଗର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅଙ୍ଗନୱାଡି ସୁପରଭାଇଜର, କର୍ମୀ, କାଉନସିଲରଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ।



ସମ୍ବଲପୁର ଝାଡୁଆପଡ଼ା ଠାକୁରଙ୍କ ଗୁରୁବାର ମତ୍ସ୍ୟ ଓ କଚ୍ଛପ ବେଶ।

# ୨୫ରେ ଜିଲାସ୍ତରୀୟ ଯୁବ ଉତ୍ସବ

**ସମ୍ବଲପୁର, ୨୨।୬(ବି.ଶଙ୍କର)**

ନେହେରୁ ଯୁବକେନ୍ଦ୍ର ସମ୍ବଲପୁର ଓ ପରଧିଆପାଲିସ୍ଥିତ ଏମ୍‌ସ କଲେଜ ମିଳିତ ଆନୁକୂଲ୍ୟରେ ଆସନ୍ତା ୨୫ ତାରିଖରେ ଜିଲାସ୍ତରୀୟ ଯୁବ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ପେଣ୍ଟିଂ, ମୋବାଇଲ ଫଟୋଗ୍ରାଫି, କବିତା ଲିଖନ ଓ ସାଂସ୍କୃତିକ ପ୍ରତିଯୋଗିତା ହେବ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ନିମନ୍ତେ ଯୁବତୀଯୁବକଙ୍କ ବୟସ ଏପ୍ରିଲ ୧ ତାରିଖ ୨୦୨୩ ସୁଦ୍ଧା ୧୫ରୁ ୨୯ ବର୍ଷ ହୋଇଥିବା ଆବଶ୍ୟକ। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜେତାଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ। ସେହିପରି ପ୍ରଥମ ଓ ଦ୍ୱିତୀୟ ବିଜେତା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲା ଯୁବ ଅଧିକାରୀ ସୂଚିତ କରିଛନ୍ତି। ପରଧିଆପାଲିସ୍ଥିତ ଏମ୍‌ସ କଲେଜ ପରିସରରେ ହେବାକୁ ଥିବା ପ୍ରତିଯୋଗିତା ନିମନ୍ତେ ଆଗ୍ରହୀ ପିଲାମାନେ ପଞ୍ଜିକରଣ ସମ୍ପର୍କରେ ଜାଣିବା ପାଇଁ ଜିଲା ୟୁଥ ଅଫିସରଙ୍କୁ ଯୋଗାଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

# ସାଙ୍ଗ୍ରିୟାସ୍ ଗ୍ରୁପ୍ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା



ପ୍ରତିଯୋଗିତାରେ ଭାଗନେଇଥିବା ଯୁବତୀ ଓ ମହିଳାମାନେ ଅତିଥିଙ୍କ ସହ।

**ସମ୍ବଲପୁର, ୨୨।୬(ବି.ଶଙ୍କର)**

ସାଙ୍ଗ୍ରିୟାସ ଗ୍ରୁପ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସହରର ୧୩ଟି ଉଦ୍ୟୋଗୀ ସମେତ ମହିଳାମାନେ ସାମିଲ ହୋଇ କାନଭାସରେ ଜୀବନ୍ତ ଚିତ୍ରକଳା ଅଙ୍କନ କରିଥିଲେ। ସାଥୀମାନଙ୍କ ସହ ସଂଯୋଗ ଓ ସଂଯୋଗ ପାଇଁ ଉପଯୁକ୍ତ କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀଙ୍କ ପାଇଁ ଲୋଭନୀୟ ବୋଲି କଳାକାର ରିଦ୍ଧି କୁମାର କାର୍ଲା ବିଶେଷଜ୍ଞ ଭାବେ ଯୋଗଦେଇ ମାର୍ଗଦର୍ଶନ ଦେଇଥିଲେ। ଚିତ୍ରଶିଳ୍ପୀମାନଙ୍କୁ କାନଭାସ, ପେଣ୍ଟବ୍ରସ୍, ପେଣ୍ଟ ଓ ଆପ୍ରୋନ ସହିତ ସମସ୍ତ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଆୟୋଜକ ସାଙ୍ଗ୍ରିୟାସର ସଦସ୍ୟ ସ୍ମିତା ଜେ ସିଂ କହିଛନ୍ତି, ସମସ୍ତଙ୍କୁ ଏକତ୍ରିତ କରିବା ଓ ଆତ୍ମ-ଅଭିବ୍ୟକ୍ତି ପାଇଁ ଏକ ଆଉଟଲେଟ ଯୋଗାଇବା ପାଇଁ ଆମେ କାର୍ଯ୍ୟ କରୁଛୁ। ଏହି ଇଭେଣ୍ଟ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ କଳା ପ୍ରତିଭା ଆବିଷ୍କାର କରିବାକୁ ଅନୁମତି ଦେଇଥାଏ। ସାଙ୍ଗ୍ରିଆର ସଦସ୍ୟା ଦେବଶ୍ରୀ ଦେବଜାନି ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ।

### ହାତୀ ଆକ୍ରମଣରେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା

**ସମ୍ବଲପୁର, ୨୨।୬(ବି.ଶଙ୍କର):** ହାତୀ ଆକ୍ରମଣରେ ମୃତକଙ୍କ ପରିବାରବର୍ଗଙ୍କୁ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ସମବେଦନା ଜ୍ଞାପନ କରିଛନ୍ତି। ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବିଜୁ ଜନତା ଦଳର ସକ୍ରିୟ କର୍ମୀ ତଥା ଯୁଯୁମୁରା ଗ୍ରାମ ପଞ୍ଚାୟତ ଡ଼ଙ୍ଗାପାଳ ଗ୍ରାମର ଗୋପାଳ ପ୍ରଧାନ (୫୭) ଓ ରେଢ଼ାଖୋଲ ବ୍ଲକ ଭାଲିଆକଟା ଗ୍ରାମ ପଞ୍ଚାୟତ ବୁଢ଼ୀଖମାର ଗ୍ରାମର ରଙ୍କ ଭୂୟାଁ (୫୨) ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ଖବର ଶୁଣି ସେ ମର୍ମାହତ ବୋଲି ପ୍ରକାଶ କରିଛନ୍ତି। ଉଭୟଙ୍କୁ ଖୁବ୍‌ଶୀଘ୍ର ସରକାରଙ୍କ ଘୋଷିତ ଅନୁକମ୍ପା ରାଶି ଯୋଗାଇଦେବା ପାଇଁ ସେ ଜିଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ଉଭୟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି ବୋଲି ପ୍ରସନ୍ନ ତାଙ୍କ ଶୋକ ବାର୍ତ୍ତାରେ ପ୍ରକାଶ କରିଛନ୍ତି।

# କୁନ୍ତରା କଲେଜରେ ଆନ୍ତର୍ଜାତିକ ଯୋଗ ଦିବସ




ଯୋଗମୁଦ୍ରାରେ ଛାତ୍ରୀଛାତ୍ର ଓ କଲେଜ ଷ୍ଟାଫ।

**କୁଚିଣ୍ଡା, ୨୨।୬(ବିରଞ୍ଚି ଦର୍କା)**

କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ବୁଧବାର ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ସମ୍ପାଦକ ତଥା ଅଧ୍ୟାପକ ତରୁଣ କୁମାର ପୃଷେଠ ଓ ଆଇକ୍ୟୁଏସି ବିଭାଗ ଅଧ୍ୟାପକ ନରେଶ କିଷାନଙ୍କ ମିଳିତ ତତ୍ତ୍ୱାବଧାନରେ ହୋଇଥିବା ଯୋଗ ଶିବିରରେ ମହାବିଦ୍ୟାଳୟ ଅଧକ୍ଷ ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ପୃଷେଠ ସୂର୍ଯ୍ୟ ନମସ୍କାର ସହ ପ୍ରାଣାୟାମର ବିଭିନ୍ନ ପଦ୍ଧତି ଉପରେ ଶିକ୍ଷା ପ୍ରଦାନ କରିଥିଲେ।

# ଟାଉନ୍ ହାଇସ୍କୁଲରେ ଶିକ୍ଷକ ପଦବୀ ପୂରଣ ଦାବି

**ସମ୍ବଲପୁର, ୨୨।୬(ବି.ଶଙ୍କର):** ସମ୍ବଲପୁର ନୃସିଂହ ଗୁରୁ ଟାଉନ ହାଇସ୍କୁଲରେ ବିଭିନ୍ନ ବିଷୟର ଶିକ୍ଷକ ପଦବୀ ଖାଲି ରହିଛି। ଅଭିଭାବକ ଓ ବିଦ୍ୟାଳୟର ପୁରାତନ ଛାତ୍ରସଂଘ ଏ ନେଇ ଦାବି କରିଆସୁଥିଲେ ମଧ୍ୟ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେଉନାହାନ୍ତି। ଗୁରୁବାର ଏ ନେଇ ନୃସିଂହ ଗୁରୁ ଟାଉନ ହାଇସ୍କୁଲ ପୁରାତନ ଛାତ୍ର ସଂଘ ପକ୍ଷରୁ ଜିଲାପାଳ ଅନନ୍ୟା ଦାସ ଓ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଣ୍ଡଳଙ୍କ ସହ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ବିଦ୍ୟାଳୟରେ ପ୍ରଧାନଶିକ୍ଷକ, ବିଜ୍ଞାନ ଓ ଶାରୀରିକ ଶିକ୍ଷା ଶିକ୍ଷକ ଖାଲି ରହିଛି। ଜିଲାପାଳ ଏ ନେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧିଦଳରେ ଡ. ପରେଶ ଚନ୍ଦ୍ର ଦାନି, ଅଖିଳ ରଞ୍ଜନ ପଟ୍ଟନାୟକ, ଗୋରେଖ ଲାଲ ଦାଶ, ପ୍ରଫୁଲ୍ଲ କୁମାର ଗୁରୁ, ଅମୂଲ୍ୟ କୁମାର ମିଶ୍ର ଓ ଅନିଲ କୁମାର ତ୍ରିପାଠୀ ସାମିଲ ଥିଲେ।

### ସ୍କୁଲ କୋଠରି ନିର୍ମାଣର ଭୂମିପୂଜନ

**ବରଗଡ଼, ୨୨।୬(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ରୋହିଣିଆଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟର କୋଠରୀ ଗୁଡ଼ିକର ପୁନଃ ନିର୍ମାଣ ପାଇଁ ଗୁରୁବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଭୂମିପୂଜନ କରିଥିଲେ। ଉକ୍ତ ସ୍କୁଲର କୋଠରୀ ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ପଡ଼ିଥିଲା। ଏହାର ପୁନଃ ନିର୍ମାଣ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

## ଗ୍ରୀଷ୍ମ ଅବକାଶ ପରେ ଗୁରୁବାର ସ୍କୁଲ ଖୋଲିଲା



ସମ୍ବଲପୁର ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଶ୍ରେଣୀ କୋଠରିକୁ ଯାଉଛନ୍ତି।




ସମ୍ବଲପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଓ ଗବେଷଣା କେନ୍ଦ୍ରର ଛାତ୍ରମାନେ ଛୁଟି ପରେ ପରସ୍ପର ବାର୍ତ୍ତାଳାପ କରୁଛନ୍ତି।



ଭୀମଭୋଇ ନଗରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଖୁସି ମନାଉଛନ୍ତି।

# ପ୍ରଭୁ ଜଗନ୍ନାଥଙ୍କ ସେବାରେ ଜମି ଦାନ

**ସମ୍ବଲପୁର, ୨୨।୬(ଶୁଭାଶିଷ ପାଢ଼ୀ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଅନ୍ତର୍ଗତ ବରଗାଁର ପ୍ରଭୁ ଜଗନ୍ନାଥଙ୍କ ସେବାରେ ଜମି ଦାନ କରି ପ୍ରଶଂସା ସାଉଁଟିଛନ୍ତି ଭାଇ ଓ ଭଉଣୀ। ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ବିଜେଡି ମୁଖପାତ୍ର ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ଓ ତାଙ୍କ ଭାଇ ବରିଷ୍ଠ ଖବରଦାତା ସୁବାସ ପାଣିଗ୍ରାହୀ ୫ ଏକର ଚାଷଜମି ପ୍ରଦାନ କରିଛନ୍ତି। ଜିଲାରେ ବରଗାଁ ରଥଯାତ୍ରାର ଏକ ବିଶେଷ ଖ୍ୟାତି ରହିଛି। ଏହି ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟ ମଧ ରହିଛି। ପ୍ରଭୁ ଜଗନ୍ନାଥଙ୍କ ସେବାରେ ଉଭୟ ଭାଇ ଓ ଭଉଣୀ ନିଜର ପୈତୃକ ସମ୍ପତ୍ତିରୁ ପୂର୍ବରୁ ଅଢେଇ ଏକର ଓ ପୁଣି ଗତ ୨୦ ତାରିଖ ରଥଯାତ୍ରାରେ ଆଉ ଅଢେଇ ଏକର ଏପରି ମୋଟ ୫ ଏକର ଜମି ପ୍ରଦାନ କରି ନିଜର ମହାନତା ଦେଖାଇଛନ୍ତି। ଏହି ଉପଲକ୍ଷେ ବରଗାଁର ମାଉସୀ ମା' ମନ୍ଦିରଠାରେ ମନ୍ଦିର ପରିଚାଳନା ଟ୍ରଷ୍ଟ ପକ୍ଷରୁ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇ ଖବରଦାତା ସୁବାସ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ମଞ୍ଜୁବାଣୀ ପାଣିଗ୍ରାହୀଙ୍କ ସମେତ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟବୋର୍ଡ ସଭାପତି ଅନୁପ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସଭା ହୋଇଥିଲା। ସଭାରେ ମନୋରଞ୍ଜନ ସାହୁ, ଗବର ପୋଢ, ଅନ୍ତର୍ଯାମୀ ସାହୁ, ଅମିୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିବାବେଳେ ସନ୍ତୋଷ ବାରିକ ଏହାକୁ ପରିଚାଳନା କରିଥିଲେ। ଶେଷରେ ବ୍ୟାସଦେବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅଜାଣତରେ କଟା ଖନନ

**କୁଚିଣ୍ଡା, ୨୨।୬(ବିରଞ୍ଚି ଦର୍କା)**

ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ପଞ୍ଚାୟତ ଭିକାପାଲି ଗ୍ରାମରେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅଜାଣତରେ ଏକ ବୁଢିକଟା ଖନନ (ମାଟିକାମ) ଚାଲିଛି। ଏହି କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ଫଳକ ନ ଥିବାରୁ ଜନସାଧାରଣ କଟା ଖନନରେ କେତେ ଅର୍ଥ ଓ କେଉଁ ଅନୁଦାନରେ ଚାଲିଛି ତାହା ଜାଣିପାରୁନାହାନ୍ତି। ଜୁନ ୧୫ପରେ ମାଟି କାମ ହୋଇ ନ ପାରିବା ସରକାରୀ ନିୟମ ରହିଥିବା ଜେସିବି ମେଶିନ ଲଗାଇ କଟା ଖନନ ଚାଲିଛି। ୨୦୨୧-୨୨ବର୍ଷରେ ଏହି ବୁଢିକଟା ଉନ୍ନତୀକରଣ ନିମନ୍ତେ ପଞ୍ଚଦଶ ଅର୍ଥ କମିଶନରୁ ୨ଲକ୍ଷ ଟଙ୍କା ଓ ପାହାଚ ନିର୍ମାଣ ନିମନ୍ତେ ୨ଲକ୍ଷ ଟଙ୍କାର ଅନୁଦାନ ପଞ୍ଚୟତକୁ ଆସିଛି। ମାତ୍ର କଟାରେ କେବଳ ପାହାଚ ଘାଟ ନିର୍ମାଣ ହୋଇଥିବାବେଳେ ଏହାର ସୂଚନା ଫଳକ ଥିବା ଜଣାଯାଇଛି। ମାତ୍ର ଅନ୍ୟ ମାଟି କାମର ସୂଚନା ଫଳକ ନ ଥିବାରୁ ଲୋକେ କଟା ଖନନ ସମ୍ପର୍କରେ ତଥ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ କେଶାଇବାହାଲ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୀପକ କୁମାର ପଟେଲଙ୍କୁ ପଚାରିବାରେ ଏହି କଟା ଉନ୍ନତି ପାଇଁ ପଞ୍ଚଦଶ ଅର୍ଥ କମିଶନରୁ ପଞ୍ଚାୟତରେ ୨ଲକ୍ଷ ଟଙ୍କା ଅଛି। ମାତ୍ର ଏଥିପାଇଁ ଫାଇଲ ଖୋଲାହୋଇ ନ ଥିବା ବେଳେ ସେଠାରେ ପୁଣି ମାଟି କାମ ଚାଲିଛି। ତାହା ପଞ୍ଚାୟତର ଅଜାଣତରେ ହେଉଥିବା ଓ ଏଭଳି ବେଆଇନ କାମର କୌଣସି ବିଲ୍ ପେମେଣ୍ଟ ହେବନାହିଁ ବୋଲି କହିଛନ୍ତି।



ବୁଢ଼ିକଟା ଖନନ ଚାଲିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୩ ଜୁନ୍, ୨୦୨୩



## ସଂକ୍ଷେପରେ

### ମାଉସୀ ମା' ମନ୍ଦିରରେ ବିରାଜମାନ ଚତୁର୍ଦ୍ଧା ମୂର୍ତ୍ତି

**ବିନିକା,୨୨।୬ (ରାମ ଗୋପାଳ ବାଘ):** ସୁବର୍ଣ୍ଣପୁର ଜିଲା ବିନିକାରେ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି ।

**ବିନିକା ରଥଯାତ୍ରା**

ଗୁରୁବାର ତୃତୀୟ ଦିନରେ ମାଉସୀ ମା' ମନ୍ଦିରକୁ ତିନି ଠାକୁର ବିରାଜମାନ କରିଛନ୍ତି। ସହରର ବଡ଼ ଦାଣ୍ଡରେ ପୂର୍ବଦିନ ଭଳି ଶଙ୍ଖ, ମୃଦଙ୍ଗ, ଘଣ୍ଟ, ଭଜନ, କୀର୍ତ୍ତନରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମାରୱାଡି ଯୁବମଞ୍ଚ ବିନିକା ଶାଖା ତରଫରୁ ଭକ୍ତମାନଙ୍କୁ ଲସି, ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଥିଲା। ଭକ୍ତଙ୍କ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଏନଏସି କର୍ମଚାରୀ, ସମସ୍ତ କାଉନସିଲର, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ରଥଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଠାକୁରଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।

### ଉଚ୍ଚ ଡିଆଁରେ ଉମେଶଙ୍କୁ ସ୍ୱର୍ଣ୍ଣ

**ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ):** ଭୁବନେଶ୍ୱର କିଟ୍ ଷ୍ଟାଡିୟମରେ ଚାଲିଥିବା ୬୯ ତମ ଓଡିଶା ରାଜ୍ୟ କ୍ରୀଡା ଚାମ୍ପିୟନଶିପ୍‌ରେ ସୁବର୍ଣ୍ଣପୁର ଜିଲାକୁ ସଫଳତା ମିଳିଛି ।



ଜିଲାର ଯୁବ କ୍ରୀଡାବିତ୍ ଉମେଶ ବେହେରାଙ୍କୁ ୧୬ ବର୍ଷରୁ କମ୍ ଉଚ୍ଚ ଡିଆଁ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ମିଳିଛି । ସେ ଗତ ଦୁଇ ବର୍ଷ ଧରି ସୋନପୁର ଇନ୍‌ଫିନିଟିରେ କ୍ରୀଡା ଅଭ୍ୟାସ କରୁଥିଲେ। ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘ ପକ୍ଷରୁ ରାଜ୍ୟ କ୍ରୀଡା ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ତାଙ୍କୁ ପଠାଯାଇଥିଲା । ଉମେଶଙ୍କ ଏହି ସଫଳତା ପାଇଁ ଜିଲା କ୍ରୀଡା ସଂଘ ଓ ସୋନପୁର ଇନ୍‌ଫିନିଟି ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି ।

### ମାଉସୀ ମା' ମନ୍ଦିରରେ ଜଗନ୍ନାଥଙ୍କ ବରାହ ଅବତାର

ଅମରପାଲି,୨୨।୬ (ପୀତାମ୍ବର ସାହୁ) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧା ବିଗ୍ରହ ଘୋଷ ଯାତ୍ରାରେ ଯାଇ ଉଫୁଲା ମାଉସୀ ମା' ମନ୍ଦିରରେ ପୂଜା ପାଉଛନ୍ତି । ଗ୍ରାମବାସୀଙ୍କ ତରଫରୁ ଚଳିତ ବର୍ଷ ଦଶ ଅବତାର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୁରୁବାର ଚତୁର୍ଦ୍ଧା ବିଗ୍ରହ ବରାହ ରୂପରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି । କମିଟି ତରଫରୁ ସଂଙ୍କୀର୍ତ୍ତନ୍ୟ ଓ ଭଜନ ସମାରୋହର ଆୟୋଜନ କରାଯାଇଛି । ସେହିପରି ସୁବଳୟା ମାଉସୀ ମା' ମନ୍ଦିରରେ ଠାକୁରମାନେ ମତ୍ସ୍ୟ ଅବତାରରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି।

### ରକ୍ତଦାନ ଶିବିର: ୫୬ ୟୁନିଟ ରକ୍ତ ସଂଗ୍ରହ

**ଅମରପାଲି,୨୨।୬(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରସ୍ୱତୀ ଶିଶୁମନ୍ଦିରରେ ଗୁରୁବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମାହେଶ୍ୱରୀ ସେନାର ସଦସ୍ୟ ଅଜିତ ମହାକୁରଙ୍କ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଥିଲା। ତାଙ୍କ ଆତ୍ମାର ସଦଗତି କାମନା ତଥା ବାହାନଗା ଟ୍ରେନ ଦୁର୍ଘଟଣା ମୃତ ଯାତ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉକ୍ତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମାହେଶ୍ୱରୀ ସେନା ଦ୍ୱାରା ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ଉପଖଣ୍ଡ ପୋଲିସ ଅଧିକାରୀ ଡୋଲାମଣି ଭୋଇ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ସଙ୍ଗଠନ ସଭାପତି ଡ.ପ୍ରଫୁଲ୍ଲ କୁମର ରଥ, ଜିଲା କୃଷକ ସଙ୍ଗଠନର ସଭାପତି ବୈକୁଣ୍ଠନାଥ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନେ ସେନାର ସକ୍ରିୟ ସଦସ୍ୟ ସ୍ୱର୍ଗତ ମହାକୁରଙ୍କ ସେବା ମନୋବୃତ୍ତିକୁ ପ୍ରଶଂସା କରିଥିଲେ । ଶିବିରରେ ମୋଟ ୫୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ମାହେଶ୍ୱରୀ ସେନା, ଜିଲା ରକ୍ତଦାତା ସଂଘ ଓ ସ୍ଥାନୀୟ ବିଦ୍ୟାମନ୍ଦିରର ଗୁରୁଜୀ, ରକ୍ତ ସଂଯୋଜକ ସୁଧାଂଶୁ କର୍ଣ୍ଣ ପ୍ରମୁଖ ସହଯୋଗ କରିଥିଲେ । ଡ଼. ବିଶ୍ୱନାଥ ରଥ ରକ୍ତ ଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଟେକ୍ନିସିଆନ ଟିଟୁ ଭୋଇ, କାଉନସିଲର ଜଗତ ଦରୁଅନ, ଯୁଧିଷ୍ଠିର ନାଏକ ରକ୍ତ ସଂଗ୍ରହ କରିଥିଲେ। ଶେଷରେ ଜିଲା ରକ୍ତ ଦାତା ସଂଘ ସଭାପତି ମନୋଜ ପଣ୍ଡା ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ଦେଇ ଉସାହିତ କରିଥିଲେ। ଜିତେନ୍ଦ୍ର ମେଣ୍ଡିଲି, ବିକାଶ ମହାକୁର, ଚୈତନ୍ୟ ପ୍ରଧାନ, ବିକାଶ ମହାକୁର, ଅର୍ଜ୍ଜୁନ ପଧାନ, ତପନ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଦୁର୍ଘଟଣାଜନିତ ମୃତ୍ୟୁହାର ହ୍ରାସ ଉପରେ ଗୁରୁତ୍ୱ

**ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)**



ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଜିଲାପାଳ, ଏସ୍‌ପି ଓ କମିଟିର ସଭ୍ୟ ବୃନ୍ଦ ।

ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ବିମଳେନ୍ଦୁ ରାୟ ବୈଠକରେ ଅଧ୍ୟକ୍ଷତା କରିଥିଲେ । କମିଟିର ଆବାହକ ତଥା ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଚେତନତା କାର୍ଯ୍ୟକ୍ରମ ଓ ପୋଲିସ-ପରିବହନ ବିଭାଗର ମିଳିତ ତନଖି ସତ୍ତ୍ୱେ ସୁବର୍ଣ୍ଣପୁର ଜିଲାରେ ଶତପ୍ରତିଶତ ବାଇକ୍ ଆରୋହୀ ହେଲମେଟ୍ ପରିଧାନ କରୁନାହାନ୍ତି। ଦୁର୍ଘଟଣା ହ୍ରାସ ପାଇଁ ଜିଲା ଦେଇ ଯାଇଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଥିବା ବୁଲାଣି ଏବଂ ଦୁର୍ଘଟଣାପ୍ରବଣ ସ୍ଥାନରେ ସୂଚନା ଫଳକ ଲଗାଯାଇଛି। ଆଗାମୀ ଦିନରେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ୧୦ଟି ବିଦ୍ୟାଳୟ ଓ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ୩୬ଟି ବିଦ୍ୟାଳୟ ସମ୍ମୁଖରେ ସୂଚନା ଫଳକ ଲଗାଇବା ପାଇଁ ଜିଲାପାଳ ରାୟ ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଛାତ୍ରୀଛାତ୍ରଙ୍କୁ ସ୍କୁଲ ନେବା ଆଣିବା କରୁଥିବା ଯାନର ଫିଟନେସ ଓ ସୁରକ୍ଷା ପ୍ରତି ବିଶେଷ ଦୃଷ୍ଟି ଦେବା ଓ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ଜିଲା ସଦର ମହକୁମାର ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଲୋକେ ବାଲି, ଚିପ୍ସ, ଇଟା ଗଦା କରି ରଖୁଛନ୍ତି । ସେଥିପାଇଁ ଦୁର୍ଘଟଣା ଘଟୁଛି । ତେଣୁ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିଭଳି ରାସ୍ତାରେ ଲୁହାଚକ ଲାଗିଥିବା ଯାନ ଚଳାଚଳ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ହୋଇଥିଲା। ଆଇନ ଉଲ୍ଲଂଘନକାରୀଙ୍କ ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଟ୍ରାଫିକ, ଅପରାଧ ନିୟନ୍ତ୍ରଣ ପାଇଁ ସୁବର୍ଣ୍ଣପୁର ସହରର ପ୍ରବେଶ ସ୍ଥଳ ତେଲନଦୀ ବ୍ରିଜ୍, ହିକୁଡି ମହାନଦୀ ବ୍ରିଜ୍, ବ୍ଲକ ଛକ, ବିନିକା ଓ ତରଭା ସହର ପ୍ରବେଶ ପଥରେ ସିସିଟିଭି ସ୍ଥାପନ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା । ଏ ସମ୍ପର୍କରେ ଏଷ୍ଟିମେଟ୍ ପ୍ରସ୍ତୁତ କରି ପରିବହନ ବିଭାଗ କମିଶନରଙ୍କୁ ପଠାଇବା ପାଇଁ ସ୍ଥିର ହୋଇଛି । ଛାତ୍ରୀଛାତ୍ରଙ୍କୁ ମୋଟର ଯାନ ଆଇନ ଓ ଟ୍ରାଫିକ୍ ନିୟମ ସମ୍ପର୍କରେ ସଚେତନ କରାଯିବା, ବାଇକ୍ ଆରୋହୀ ଓ ପଛରେ ବସିଥିବା ବ୍ୟକ୍ତି ହେଲମେଟ ବ୍ୟବହାର ପାଇଁ ଏସ୍‌ପି ଅମରେଶ କୁମାର ପଣ୍ଡା ପରାମର୍ଶ ଦେଇଥିଲେ। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ

### ୫ ମାସରେ ଦୁର୍ଘଟଣାରେ ୩୧ ମୃତ

ସୁବର୍ଣ୍ଣପୁର ଜିଲାରେ ଚଳିତବର୍ଷ ଜାନୁୟାରୀରୁ ମେ ମଧ୍ୟରେ ୪୫ଟି ଦୁର୍ଘଟଣା ଘଟିଛି । ଏଥିରେ ୩୧ ଜଣଙ୍କ ଜୀବନ ଯାଇଛି । ଅନେକ ଆହତ ହୋଇଛନ୍ତି । ୨୦୨୨ରେ ମେ ମାସ ସୁଦ୍ଧା ୬୧ଟି ଦୁର୍ଘଟଣା ଘଟି ୩୮ ଜଣଙ୍କ ମୃତ୍ୟୁ ଘଟିଥିଲା । ସେହିପରି ୨୦୨୧ରେ ଜାନୁୟାରୀରୁ ମେ ମାସ ଭିତରେ ୭୨ଟି ଦୁର୍ଘଟଣା ଘଟି ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା । ଚଳିତବର୍ଷ ୫ ମାସରେ ଯାଞ୍ଚ ସମୟରେ ବିନା ହେଲମେଟ୍‌ରେ ବାଇକ୍ ଡ୍ରାଇଭିଂ କରୁଥିବା ୨୬୮୮ ଜଣଙ୍କୁ ଧରାଯାଇଛି । ସେମାନଙ୍କ ମଧ୍ୟରୁ ୩୬୮ ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି । ମଦ୍ୟପାନ କରି ଯାନ ଚଳାଉଥିବା ୧୨୬ ଜଣଙ୍କୁ ଚିହ୍ନଟ କରାଯିବା ସହ ୨୫ ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ସସପେଣ୍ଡ କରାଯାଇଛି । ଜିଲା ସଡକ ସୁରକ୍ଷା କମିଟି ବୈଠକରେ ଆଲୋଚନାରେ ଭାଗ ନେଇ ଏହି ତଥ୍ୟ ଦେଇଛନ୍ତି ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା ।

### ସହର ପ୍ରବେଶ ପଥରେ ଲାଗିବ ସିସିଟିଭି

ଯାନବାହାନ ଯାଞ୍ଚ, ହେଲମେଟ ଚେକିଂ, ଦ୍ରୁତ ଗତିରେ ଗାଡିଚାଳନା, ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କଡାକଡି, ତିନି ଜଣ ବସିଥିବା ବାଇକ ଚାଳକ ଓ ମଦ୍ୟପ ଡ୍ରାଇଭରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉଛି । ନିଶାସକ୍ତ ଡ୍ରାଇଭରଙ୍କୁ ଗିରଫ କରାଯିବା ସହ ହେଲମେଟ୍ ପିନ୍ଧି ନଥିବା ବାଇକ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଉଛି। ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ଯାନବାହାନ ଯାଞ୍ଚକୁ ଆହୁରି କଡାକଡି କରାଯିବ ବୋଲି ସୂଚନା ଦିଆଯାଇଥିଲା। ବୈଠକରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ରୋଗ ନିୟନ୍ତ୍ରଣ) ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜାତୀୟ ରାଜପଥ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ବିରେନ୍ଦ୍ର କୁମାର ମହାପାତ୍ର, ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ, ସଡକ ସୁରକ୍ଷା କମିଟି ସଭ୍ୟ ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ପୁରୁଷୋତ୍ତମ ପାଣିଗ୍ରାହୀ, ରେଆରର ଅଞ୍ଜଳି ନେଗୀ, ଜୁନିୟର ଏମଭିଆଇ ଲୋକନାଥ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## କେନାଲ ଓ ବର୍ଷା ପାଣି ଅଭାବରୁ ଚାଷୀଙ୍କ ତଳିପକା ବିଳମ୍ବ

**ଡୁଙ୍ଗୁରିପାଲି,୨୧।୬ (ଦୀନବନ୍ଧୁ ସୁନା):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଅଞ୍ଚଳରେ ବର୍ଷାର ଦେଖା ନାହିଁ । କେନାଲ ପାଣି ହୀରାକୁଦରୁ ଛଡା ହୋଇ ନ ଥିବାରୁ ଚାଷୀ ନିରାଶ ହୋଇଛନ୍ତି । ଡୁଙ୍ଗୁରିପାଲି ଅଞ୍ଚଳର ପ୍ରାୟ ସବୁ ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ପାଣି

**ଡୁଙ୍ଗୁରିପାଲି ବ୍ଲକ୍**

ଅଭାବରୁ ଧାନଚାଷ ବିଶେଷ କରି ତଳିପକା ଆରମ୍ଭ କରିନାହାନ୍ତି । ପ୍ରଚଣ୍ଡ ଖରା ଯୋଗୁ ଜଳସ୍ତର ନିମ୍ନଗାମୀ ହୋଇଥିବାରୁ ନଦୀ, ନାଳ, କୂଅ, ପୋଖରୀ ସବୁ ଜଳଶୂନ୍ୟ ହୋଇ ଶୁଖିଗଲାଣି । ବିଭାଗ ହୀରାକୁଦ ଜଳଭଣ୍ଡାରରୁ ବରଗଡ କେନାଲରେ ଆସନ୍ତା ଜୁଲାଇ ୧ତାରିଖରେ ପାଣି ଛାଡିବାକୁ ପୂର୍ବରୁ ସୂଚନା ଦେଇଥିବା ଜଣାପଡିଛି । ହୀରାକୁଦ ଡ୍ୟାମରୁ ଆସନ୍ତା ୧ ତାରିଖରେ ବରଗଡ - ବରପାଲି -ରେଟାମୁଣ୍ଡା- ଡୁଙ୍ଗୁରିପାଲି କେନାଲରେ ପାଣି ଛଡା ହେଲେ ଏହି କେନାଲ ମୁଖ୍ୟ ଟେଲ ଓ ଶାଖା ଟେଲ ତଥା ଡୁଙ୍ଗୁରିପାଲି ,ସହଲା ସୁନାପାଲି, ଦିଗଶିରା, ଗଧାପାଲି, ତମାମୁରା, ଭାଟବାହାଲି, କପାଶିରା ଚେରୁପାଲି, ଶୁଖା, ଇଚ୍ଛାପୁରା, କନ୍ଧମୁଣ୍ଡା,ଟେଲ ଅଞ୍ଚଳକୁ କେତେ ଦିନରେ ପାଣି ପହଞ୍ଚିବ ଭାବି ଚିନ୍ତାରେ ପଡିଗଲେଣି ଏଠାକାର ଚାଷୀ। ଆହୁରି ମଧ୍ୟ ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ଶାଖା କେନାଲରେ ମରାମତି କାମ ତରବରିଆରେ ଚାଲିଛି। ହେଲେ କେନାଲ ପାଣି ପାଇଁ ଚାଷୀ ଆଶା ବାନ୍ଧି ବସିଛି ।

## ରାସ୍ତାରେ ମୁହାଁମୁହିଁ ଦୁଇ ସାହିର ରଥ: ଯାତାୟାତ ବାଧାପ୍ରାପ୍ତ

**ଗୋଷ୍ଠୀ ସଂଘର୍ଷ ଘଟଣା**

■ ଫିଟି ପାରିନି ସମାଧାନ ବାଟ

**ଅମରପାଲି,୨୨।୬(ପୀତାମ୍ବର ସାହୁ):**



ଖଣ୍ଡହତାରେ ରାସ୍ତାରେ ଉଭୟ ସାହିର ରଥ ମୁହାଁମୁହିଁ ହୋଇ ରହିଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ଗ୍ରାମରେ ରଥଯାତ୍ରା ଦିନ ଦୁଇ ସାହିର ରଥ ରଖିବାକୁ ନେଇ ଦେଖାଦେଇଥିବା ଗୋଷ୍ଠୀ ସଂଘର୍ଷର କୌଣସି ସମାଧାନ ହୋଇ ପାରିନାହିଁ। ଫଳରେ ଗ୍ରାମରେ ଏବେ ଉତ୍ତେଜନା ଲାଗି ରହିଛି। ଉଭୟ ସାହିର ରଥ ରାସ୍ତାରେ ମୁହାଁମୁହିଁ ହୋଇରହିଛି। ଫଳରେ ରାସ୍ତା ଜାମ ହୋଇଛି।

ଖଣ୍ଡହତା ଗ୍ରାମରେ ଗଡଭିତର ଓ ବାହାରିପଡାରେ ଦୁଇଟି ଜଗନ୍ନାଥ ମନ୍ଦିର ରହିଛି। କାହିଁ କେତେ ଦିନରୁ ଏଠାରେ ଉଭୟ ସାହିରେ ରଥଯାତ୍ରା ହୋଇଆସୁଛି। ଚଳିତ ବର୍ଷ ଜବରଦଖଲ ଉଚ୍ଛେଦ ହେତୁ ଗ୍ରାମର ଛକ ଓସାରିଆ ହୋଇ ରହିଛି। ତେଣୁ ଉଭୟ ସାହିର ରଥକୁ ରଥଟଣା ପରେ ଛକକୁ ଅଣାଯାଇଥିଲା। ଛକରେ ରଥ ରଖିବାକୁ କେନ୍ଦ୍ର କରି ଦେଖାଦେଇଥିଲା ଯୁକ୍ତିତର୍କ। ଉଭୟ ସାହିର ଲୋକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇ ପଥରମାଡ ମଧ୍ୟ ହୋଇଥିଲା। ଖବରପାଇ ବୀରମହାରାଜପୁର ଏସଡିପିଓ ଡୋଲାମଣି ଭୋଇ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ, ଏଏସଆଇ ଦୀପ୍ତିରଞ୍ଜନ ଦିଗାଲ ପ୍ରମୁଖ ଘଟଣାସ୍ଥଳକୁ ଆସି ଉଭୟ ସାହିର ଲୋକଙ୍କ ସହିତ ଆଲୋଚନା କରିଥିଲେ। ପୋଲିସ ଉପସ୍ଥିତିରେ ଉଭୟ ସାହିରୁ ପଥରମାଡ ହୋଇଥିଲା। ଏଥିରେ କେତେକ ଆହତ ହୋଇଥିଲେ। ସମସ୍ୟା ସମାଧାନ ନ ହେବାରୁ ବୁଧବାର ସୁବଳୟା ଥାନାରେ ଶାନ୍ତି କମିଟି ଗଠନ କରାଯାଇ କରାଯାଇଥିଲା। କମିଟିରେ ସ୍ଥାନୀୟ ଉପଜିଲାପାଳ ଅଶୋକ କୁମାର ଭୋଇ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଏସ୍‌ଡିପିଓ ଡୋଲାମଣି ଭୋଇ, ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ଓ ଉଭୟ ସାହିର ଲୋକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଉଭୟ ପକ୍ଷ ରଥ ପଛକୁ ନେବାକୁ ରାଜି ହୋଇଥିଲେ। ମାତ୍ର ଗ୍ରାମକୁ ଆସିବା ପରେ ପୁଣି ଉଭୟ ସାହିର ଲୋକେ ଏଥିରେ ରାଜି ହେଲେ ନାହିଁ। ଏବେ ରାସ୍ତାରେ ଉଭୟ ସାହିର ରଥ ମୁହାଁମୁହିଁ ହୋଇ ରହିବାରୁ ଉକ୍ତ ରାସ୍ତା ଦେଇ ଗାଡିମୋଟର ଯାତାୟତ କରିପାରୁ ନାହିଁ। ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ସମାଧାନ କରିବାକୁ ଦାବି ହେଉଛି।

## ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ଜିଲାପାଳଙ୍କୁ ଫେରାଦ

**ଅମରପାଲି,୨୨।୬(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାର ରକ୍ତଭଣ୍ଡାରରେ ଡାକ୍ତର ଅଭାବରୁ ଲାଇସେନ୍ସ ନବୀକରଣ

**ବୀରମହାରାଜପୁର ଡାକ୍ତରଖାନା**

ନ ହୋଇ ପଡିରହିଛି । ସୁବର୍ଣ୍ଣପୁର ଜିଲାପାଳ ବିମଲେନ୍ଦୁ ରାଏ ଗୁରୁବାର ବୀରମହାରାଜପୁର ଏସଡିଏଚ ପରିଦର୍ଶନରେ ଆସିଥିବା ସମୟରେ ରକ୍ତଦାତା ସେବା ସଂଘ ନେତୃତ୍ୱରେ ପଶ୍ଚିମ ଓଡିଶା ଯୁବାମଞ୍ଚ, ମାହେଶ୍ୱରୀ ସେନା, କୃଷକ ସଂଗଠନ ସହ ବିଭିନ୍ନ ସଂଗଠନ ତରଫରୁ ବ୍ଲଡବ୍ୟାଙ୍କର ସ୍ଥିତି ନେଇ ଜିଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଜିଲାପାଳ ଆସନ୍ତା ସପ୍ତାହ ଭିତରେ ଲାଇସେନ୍ସ ନବୀକରଣ କରାଯାଇ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ । ଜିଲାପାଳଙ୍କ ସହିତ ଆଲୋଚନା ବେଳେ ସୁବର୍ଣ୍ଣପୁର ଜିଲାର ରକ୍ତଦାତା ସେବା ସଂଘ ସଭାପତି ମନୋଜ ପଣ୍ଡା, ଜିଲା କୃଷକ ସଭାପତି ବୈକୁଣ୍ଠ ଶତପଥୀ, ଏସ.କର୍ଣ୍ଣ, ଜିତେନ୍ଦ୍ର ମେଣ୍ଡିଲି, ବିକାଶ ମହାକୁର, ଚୈତନ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ



ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପିଲା ।

**ବାଉଁଶୁଣୀ,୨୨।୬(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ବହିରା ବନ୍ୟା ଆଶ୍ରୟସ୍ଥଳୀଠାରେ ଗୁରୁବାର ଦିନ ୱାଇସିଡିଏ ଅନୁଷ୍ଠାନ ତରଫରୁ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୁରାଲ ଡେଭଲପମେଣ୍ଟ ୟୁଥ ଅର୍ଗାନାଇଜେସନର ଉପଦେଷ୍ଟା ତଥା ବହିରା ହାଇସ୍କୁଲର ଶିକ୍ଷକ ଦେଶବନ୍ଧୁ ମହାକୁଳ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏହି ଅବସରରେ ସେ ବ୍ୟକ୍ତିତ୍ୱ ବିକାଶ ଉପରେ ଉଦ୍‌ବୋଧନ ରଖିଥିଲେ। ମହେଶ କୁମାର ମେହେରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଫାଉଣ୍ଡେଶନ ଟ୍ରଷ୍ଟର ସହ ସଂଯୋଜକ ଜ୍ୟୋର୍ତିମୟୀ ପଣ୍ଡାଙ୍କ ସହ ରଞ୍ଜିତା ପ୍ରଧାନ, ଗୋପାଳକୃଷ୍ଣ ଥପା, ବାଦଲ ଦାସ ପ୍ରମୁଖ ସହଯୋଗ କରିଥିଲେ । ୫୦ ଜଣ ପିଲାଙ୍କୁ ନେଇ ବ୍ୟକ୍ତିତ୍ୱ ବିକାଶ ପାଇଁ ଆଲୋଚନା ହୋଇଥିଲା । ଶେଷରେ ଗୋପାଳ କ୍ରିଷ୍ଣା ଥପା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳଙ୍କୁ ସାକ୍ଷାତ କଲେ ସରପଞ୍ଚ ସଂଘ କର୍ମକର୍ତ୍ତା




ଜିଲାପାଳଙ୍କ ପ୍ରକୋଷ୍ଠରେ ଜିଲାପାଳଙ୍କ ସହିତ ସୁବର୍ଣ୍ଣପୁର ଜିଲା ସରପଞ୍ଚ ସଂଘର କର୍ମକର୍ତ୍ତା ।

**ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସରପଞ୍ଚ ସଂଘର କର୍ମକର୍ତ୍ତାମାନେ ଗୁରୁବାର ସନ୍ଧ୍ୟାରେ ଜିଲାପାଳ ବିମଳେନ୍ଦୁ ରାୟଙ୍କୁ କାର୍ଯ୍ୟାଳୟରେ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ସରପଞ୍ଚ ସଂଘ ସଭାପତି ଗଣନାଥ ସାହୁଙ୍କ ନେତୃତ୍ୱରେ ଜିଲା ସଂଘ ଓ ବ୍ଲକ ସଂଘର କର୍ମକର୍ତ୍ତାମାନେ ସ୍ୱଚ୍ଛ ଭାରତ ମିଶନ, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟ ଯୋଜନାର କାର୍ଯ୍ୟକାରିତା ସମୟରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରିଥିଲେ । ବିଡିଓଙ୍କ ସହିତ ଆଲୋଚନା କରି ଏ ଦିଗରେ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ରାୟ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନାରେ ଜିଲା ସରପଞ୍ଚ ସଂଘର ସାଧାରଣ ସମ୍ପାଦିକା ଶ୍ରୀୟା କର୍ମୀ, ଉଲୁଣ୍ଡା ବ୍ଲକ ସଭାପତି ଅଶୋକ ପଣ୍ଡା, ବୀରମହାରାଜପୁରବ୍ଲକ ସଭାପତି ସୂର୍ଯ୍ୟକୁମାର ନନ୍ଦ, ବିନିକା ବ୍ଲକ ସଭାପତି ରଜତ କୁମାର ପଧାନ, ସୋନପୁର ବ୍ଲକ ସଭାପତି ପ୍ରମୋଦ ଧରୁଆ, ଡୁଙ୍ଗୁରିପାଲି ବ୍ଲକ ସଭାପତି ମନୋଜ କୁମାର ପୁରୋହିତ ଓ ଜିଲା ସରପଞ୍ଚ ସଂଘର କୋଷାଧ୍ୟକ୍ଷ ରଞ୍ଜନ ନୁଆଁଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଜବରଦଖଲକାରୀଙ୍କ କବ୍‌ଜାରେ ପ୍ରାକୃତିକ ନାଳ, ଜଳାଶୟ

**ସୋନପୁର,୨୨।୬(ମୃତ୍ୟୁଞ୍ଜୟ ଶତପଥୀ)**



ଜୟଗୁରୁ ମାର୍କେଟ୍ ସମ୍ମୁଖ ଷଣ୍ଢ୍ୟା ବନ୍ଧକୁ ଲୋକେ ଜବରଦଖଲ କରି ଘର ନିର୍ମାଣ କରିଛନ୍ତି ।

ସୁବର୍ଣ୍ଣପୁର ସହରରେ ପ୍ରାକୃତିକ ନାଳ ଓ ଜଳାଶୟଗୁଡିକ ଜବରଦଖଲ ହେବାରେ ଲାଗିଛି । ଜବରଦଖଲକାରୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଭବିଷ୍ୟତରେ ଏହା ସହରବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ। ଏପରି କି ବର୍ଷାଦିନେ ସହର ଜଳମଗ୍ନ ହେବା ଆଶଙ୍କା ସୃଷ୍ଟି ହୋଇଛି । ତେଣୁ ଜିଲା ପ୍ରଶାସନ ଓ ପୌର ପ୍ରଶାସନ ପ୍ରାକୃତିକ ନାଳ ଓ ଜଳାଶୟଗୁଡିକୁ ଜବରଦଖଲ ମୁକ୍ତ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ସୁବର୍ଣ୍ଣପୁର ନୂତନ ଜିଲା ଘୋଷଣା ହେବା ପରେ କାମଧନ୍ଦା, ଚାକିରି ତଥା ଝିଅ ପୁଅଙ୍କୁ ପାଠ ପଢାଇବା ପାଇଁ ଗ୍ରାମାଞ୍ଚଳରୁ ଜିଲା ସଦର ମହକୁମାକୁ ଲୋକଙ୍କ ସୁଅ ଛୁଟିଲା । ଲୋକେ ବିଭିନ୍ନ ସ୍ଥାନରେ ଘର ଦ୍ୱାର ନିର୍ମାଣ କରି ରହିଲେ । ସହରର ଜନସଂଖ୍ୟା ବୃଦ୍ଧି ଓ ଲୋକଙ୍କ ଚାହିଦା ଅନୁସାରେ ବଢି ଚାଲିଲା ଜମିର ମୂଲ୍ୟ । ସରକାରଙ୍କ ଧାର୍ଯ୍ୟ ଦରଠାରୁ ଢେର ଚଢା ଦରରେ ବିକ୍ରି ହେଲା ଘର ଡିହ । ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ ଜମି କିଣି ଘର ତୋଳିବା ସ୍ୱପ୍ନ । ଏଭଳି ସ୍ଥିତିରେ ଯେ ଯେଉଁଠି ପାଇଲା ସରକାରୀ ଓ ଦୋବୋତ୍ତର ଜାଗା ମାଡି ବସି ଘର ନିର୍ମାଣ କରିଦେଲା । ତାହା ପ୍ରାକୃତିକ ନାଳ ହେଉ କି ଜଳଉସ୍ବ କିମ୍ବା ପୋଖରୀ ଆଦି । ଯେଉଁଠି ସୁବିଧା ହେଲା ଲୋକେ ଘର ନିର୍ମାଣ କରି ରହିଲେ ।କେତେକ ଧନୀ ଶ୍ରେଣୀର ଲୋକ ଓ ଚାକିରିଆ ମଧ୍ୟ ଏହାର ଫାଇଦା ଉଠାଇଲେ । ପ୍ରାକୃତିକ ନାଳଗୁଡିକୁ ପୋତି ଲୋକେ ଘର କଲେ। ସେହିପରି ପୁନରୁଦ୍ଧାର ହେଉ ନ ଥିବା ଜଳଉସ୍ବ ଗୁଡିକରେ ମାଟି ପକାଇ ଘର ନିର୍ମାଣ କରିବାରେ ଲାଗିଲେ । ଏହାର କୁପରିଣାମ କିଛି ବର୍ଷ ହେଲା ବର୍ଷାଋତୁରେ ସହରବାସୀଙ୍କୁ ଭୋଗିବାକୁ ପଡୁଛି । ଅପରପକ୍ଷରେ ସୁବର୍ଣ୍ଣପୁର ପୌରାଞ୍ଚଳରେ ହ୍ରାସ ପାଇଥିବା ସରକାରୀ ପୋଖରୀ ସଂଖ୍ୟା ଏବେ ସମସ୍ତଙ୍କ ପାଇଁ ଉଦବେଗର ବିଷୟ ହୋଇଛି । ରାଜାରାଜୁଡା ସମୟରେ ସୁବର୍ଣ୍ଣପୁର ସହରରେ ପ୍ରାୟ ୮୫ ଏକର ପରିମିତ ଜମିରେ ଛୋଟ ବଡ ୯୫ଟି ପାରମ୍ପରିକ ଜଳଉସ୍ବ ଥିଲା । ଏହାର ରକ୍ଷଣାବେକ୍ଷଣ ଦିଗରେ ପୌର ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଗଲାନି । ଏବେ ଅଧିକାଂଶ ପୋଖରୀ ପୋତି ହୋଇଗଲାଣି । ଆଉ କିଛି ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି। ଧିରେ ଧିରେ ସହରର ଜଳଉସ୍ବଗୁଡିକ ନିଶ୍ଚିହ୍ନ ହେବାକୁ ବସିଛି । ସହର ମଧ୍ୟରୁ ବର୍ଷା ଜଳ ନିଷ୍କାସନ ପାଇଁ ରାଜାରାଜୁଡା ସମୟରୁ ସୁବନ୍ଦୋବସ୍ତ ହୋଇଥିଲା । ବର୍ଷା ଜଳ ବିଭିନ୍ନ ନାଳ ଦେଇ ମହାନଦୀ ଓ ତେଲନଦୀକୁ ନିଷ୍କାସନ ହେଉଥିଲା । ତେଣୁ ପୂର୍ବରୁ କେବେ ବର୍ଷା ଦିନରେ ସହରରେ କୃତ୍ରିମ ବନ୍ୟା କିମ୍ବା ଜଳମଗ୍ନ ଭଳି ପରିସ୍ଥିତି ସୃଷ୍ଟି ହେଉ ନ ଥିଲା। ଭଲ ଅସରାଏ ବର୍ଷା ହେଲେ ଏବେ

### ବର୍ଷାଦିନେ ସହର ଜଳମଗ୍ନ ହେବା ଆଶଙ୍କା

ବଡବଜାର, ରାଜାବଗିଚା, ଆମ୍ବେଡକର ଛକ, ଗୋକର୍ଣ୍ଣେଶ୍ୱରପଡା ଓ ଜୟଗୁରୁ ମାର୍କେଟ୍ କମ୍ପ୍ଲେକ୍ସ ମୁଖ୍ୟ ରାସ୍ତାରେ ଜଳସ୍ରୋତ ପ୍ରବାହିତ ହେଉଛି । ମହାରାଜା ହାଇସ୍କୁଲ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମଝିରେ ଯାଇଥିବା ମୁଖ୍ୟ ନାଳ ଉଭୟ ପାର୍ଶ୍ୱରେ ଲୋକେ ମାଟି ପକାଇ ଘର କଲେଣି । ଏହି ନାଳ ଏବେ ସଙ୍କୁଚିତ ହୋଇ ଛୋଟ ଡ୍ରେନ୍ ଭଳି ଦେଖାଗଲାଣି । ସେହିପରି ଜଳ ନିଷ୍କାସନ ପାଇଁ ସମଲେଇ ମନ୍ଦିର ନିକଟରେ ଥିବା ଖାଇ ଏବେ ନିଶ୍ଚିହ୍ନ ପ୍ରାୟ। ଆମ୍ବେଡକର ଛକ ନିକଟରେ ଥିବା ନାଳ, ଜଳାଶୟ, ଜୟଗୁରୁ ମାର୍କେଟ୍ ସମ୍ମୁଖରେ ଥିବା ଷଣ୍ଢ୍ୟା ବନ୍ଧ ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଗଲାଣି। ପୂର୍ବରୁ ଜଳାଶୟକୁ ପୋତି ବସଷ୍ଟାଣ୍ଡ ଓ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି । ନାଳକୁ ପୋତି ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ହୋଇଛି। ଜବରଦଖଲକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଭବିଷ୍ୟତରେ ସହରବାସୀ ଅସୁବିଧା ଭୋଗିବେ । ତେଣୁ ପ୍ରାକୃତିକ ନାଳ ଓ ଜଳାଶୟଗୁଡିକୁ ପ୍ରଶାସନ ପକ୍ଷରୁ ଜବରଦଖଲ ମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି ।

## ସଂକ୍ଷେପରେ

### ସ୍ତ୍ରୀକୁ ଟାଙ୍ଗିଆରେ ଆକ୍ରମଣ କଲେ ସ୍ୱାମୀ

**ପାଟଣାଗଡ, ୨୨।୬(ପ୍ରହଲ୍ଲାଦ ପାଢ଼ୀ):** ବଲାଙ୍ଗୀର ଜିଲା ପାଟଣାଗଡ ଏନଏସି ଅନ୍ତର୍ଗତ ବ୍ରମହପୁରା ସହରାପଡ଼ାରେ ଗୁରୁବାର ଜଣ ମହିଳାଙ୍କୁ ତାଙ୍କ ସ୍ୱାମୀ ଟାଙ୍ଗିଆରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ମହିଳା ମଦନା ଜୁଏଡ ଗୁରୁତର ହୋଇଛନ୍ତି। ତାଙ୍କୁ ପାଟଣାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ କଲେଜ ଆଣ୍ଡ ହସ୍ପିଟାଲ ପଠାଇ ଦିଆଯାଇଛି। ଏକ ମାମଲା କରି ପୋଲିସ ଘଟଣାର ତଦନ୍ତ କରୁଛି। ଆକ୍ରମଣ ପରେ ସ୍ୱାମୀ ପ୍ରକାଶ ଜୁଏଡ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁସାରେ କୌଣସି କାରଣକୁ ନେଇ ସକାଳେ ସ୍ୱାମୀସ୍ତ୍ରୀଙ୍କ ମଧରେ ବଚସା ହୋଇଥିଲା। ଏଥିରେ ରାଗି ଯାଇ ସ୍ତ୍ରୀଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡ ହୋଇ ମଦନା ଛଟପଟ ହେଉଥିବା ବେଳେ ପ୍ରକାଶ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ।

### ବିପଦସଙ୍କୁଳ ଗୃହରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର

**ଲାଠୋର, ୨୨।୬(ଭୁବନେଶ୍ୱର ବାରିକ):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ହଲନଭଟା ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ବିପଦସଙ୍କୁଳ ଅବସ୍ଥାରେ ରହିଛି। ୨୦୧୧ମସିହାରେ କେନ୍ଦ୍ରର ନିଜସ୍ୱ ଗୃହ ନିର୍ମାଣ କରାଯାଇଥିଲା। ହେଲେ କେନ୍ଦ୍ର ଏକ ବିଲରେ ନିର୍ମାଣ କରାଯିବା ହେତୁ ବର୍ଷା ଦିନେ କେନ୍ଦ୍ର ଭିତରକୁ ରାସ୍ତା ପାଣି ପଶୁଛି। ଫଳରେ କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ୟା ସୃଷ୍ଟି ହେଉଛି। ମୂଳଦୁଆ ଦୁର୍ବଳ ଥିବାରୁ ଗୃହ ଦବି ଯାଉଛି, କାନ୍ଥ ଫାଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। କାର୍ଯ୍ୟକ୍ରମ ପରିଚାଳନା ସମୟରେ କର୍ମୀ ଝରକା ଖୋଲିବା ପାଇଁ ଭୟ କରୁଛନ୍ତି। ପଞ୍ଚାୟତଠାରୁ ବିଭାଗୀୟ କର୍ତ୍ତୃପକ୍ଷ ଘଟଣା ବିଷୟରେ ଅବଗତ ଥିଲେ ମଧ ଗୃହର ମରାମତି କିମ୍ବା ନୂତନ ଗୃହ ନିର୍ମାଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଫଳରେ ବିପଦପୂର୍ଣ୍ଣ ଗୃହରେ କାମ ଚାଲିଛି। ପ୍ରତି ମାସରେ କେନ୍ଦ୍ର ଗୃହର ସ୍ଥିତିକୁ ନେଇ ଆଲୋଚନା ହେଉଥିଲେ ମଧ ହଲନଭଟା କେନ୍ଦ୍ର ଗୃହ ପ୍ରତି କାହିଁକି ଅବହେଳା କରାଯାଉଛି ତାହା ଜଣା ପଡୁନାହିଁ। ଏନେଇ ତୁରେକେଲା ସିଡିପିଓ ମାଧୁରୀ ହୋତାଙ୍କୁ ପଚାରିବାରୁ ହଲନଭଟା କେନ୍ଦ୍ର କାର୍ଯ୍ୟ ବର୍ଷାଦିନେ ସୁରକ୍ଷିତ ସ୍ଥାନରେ ଚଳାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ କେନ୍ଦ୍ର ମରାମତି କରାଯିବ କି ନୂତନ ଗୃହ ନିର୍ମାଣ କରାଯିବ ବ୍ଲକ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।

### ଆରଏମସି ପରିଦର୍ଶନ କଲେ ଡବ୍ଲ୍ୟୁଓଡିସି ଚେୟାରମ୍ୟାନ

**କଣ୍ଟାବାଞ୍ଜି, ୨୨।୬(ଗୁରୁଦୟାଲ ହଂସ):** ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି) ଚେୟାରମ୍ୟାନ ଅସିତ ତ୍ରିପାଠୀ ଗୁରୁବାର କଣ୍ଟାବାଞ୍ଜି ଗସ୍ତରେ ଆସିଥିଲେ। ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି(ଆରଏମସି)କୁ ପରିଦର୍ଶନ କରି ପିଆଜ ଗୋଦାମ ନିରୀକ୍ଷଣ କରିଥିଲେ। ଅଞ୍ଚଳରେ ହେଉଥିବା ପିଆଜ ଚାଷ କିପରି ସଂରକ୍ଷଣ କରାଯାଇପାରିବ ଉଚିତ ପଦକ୍ଷେପ ନେବାକୁ ଆରଏମ୍‌ସି ଅଧକ୍ଷ ତଥା ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢ଼ୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ବେଳେ ଜିଲାପାଳ ଚଞ୍ଚଳ ରାଣା, ଆରଏମସି ସେକ୍ରେଟାରୀ ସରୋଜ ପଧାନ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୨ଘଣ୍ଟା ବଲାଙ୍ଗୀର ବନ୍ଦ

- ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବିରେ ପଶ୍ଚିମ ଓଡିଶା ମହିଳା ସଙ୍ଗଠନ ଦେଇଥିଲା ଡାକରା
- ସରକାରୀ ଅଫିସ, ଦୋକାନ ବଜାର, ଗାଡି ଚଳାଚଳ, ସ୍କୁଲ କଲେଜ ବନ୍ଦ
- ନଗର କଂଗ୍ରେସର ବନ୍ଦକୁ ସମର୍ଥନ
- ଉଠାଇଲେ ସ୍ନେହଲତା, ନିରୂପମା, ମମିତା, ଅଦ୍ରିଜା ପ୍ରସଙ୍ଗ


ବଲାଙ୍ଗୀର ବନ୍ଦ ପାଳନ ଅବସରରେ ପଶ୍ଚିମ ଓଡ଼ିଶା ମହିଳା ସଙ୍ଗଠନ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭା।

**ବଲାଙ୍ଗୀର, ୨୨।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ମହିଳାମାନଙ୍କ ପ୍ରତି ଦିନକୁ ଦିନ ବୃଦ୍ଧି ପାଉଥିବା ଅତ୍ୟାଚାର, ନିର୍ଯାତନା ଓ ଶୋଷଣ ପ୍ରତିବାଦରେ ପଶ୍ଚିମ ଓଡିଶା ମହିଳା ସଙ୍ଗଠନ ପକ୍ଷରୁ ଗୁରୁବାର ଆହୂତ ୧୨ ଘଣ୍ଟିଆ ବଲାଙ୍ଗୀର ବନ୍ଦକୁ ସମର୍ଥନ ମିଳିଛି। ବଲାଙ୍ଗୀର ନଗର କଂଗ୍ରେସ ପକ୍ଷରୁ ବନ୍ଦକୁ ସମର୍ଥନ ଘୋଷଣା କରାଯାଇଥିଲା। ସକାଳ ୬ଟାରୁ ମହିଳା ସଙ୍ଗଠନ, ଗରିବ ସେନା, ଜିଲା ଦଳିତ ସଙ୍ଗଠନ, ଲକ୍ଷେଘର ଗଣ୍ଡା ସମାଜ, ଶ୍ରମିକ ସଙ୍ଗଠନ ଓ ନଗର କଂଗ୍ରେସ ନେତା ଓ କର୍ମୀ ଏକ ଶୋଭାଯାତ୍ରାରେ ପରିକ୍ରମା କରିବା ସହ ବିଭିନ୍ନ ସରକାରୀ ଅଫିସ ଓ ସିଭିଲ କୋର୍ଟ ସମ୍ମୁଖରେ ପିକେଟିଂ କରିଥିଲେ। ଶତାଧିକ ଆନ୍ଦୋଳନକାରୀ ସହରର ଦୋକାନ ବଜାର, ବ୍ୟାଙ୍କ, ସ୍କୁଲ ଓ ସରକାରୀ ତଥା ବେସରକାରୀ ଅଫିସ ଓ ଅନୁଷ୍ଠାନ ବନ୍ଦ କରିବାକୁ ଅନୁରୋଧ କରିଥିଲେ। ସକାଳୁ କିଛି ଘରୋଇ ବସ୍ ଚାଳଚଳ କରିବା ଦେଖି ତୁରନ୍ତ ଏହାକୁ ବନ୍ଦ କରିବାକୁ ଅନୁରୋଧ କରାଯାଇଥିଲା। ଏହାପରେ ଚାରିଚକିଆ ଯାନବାହନ ଚାଳଚଳ ବନ୍ଦ ହୋଇଥିଲା। ସିଭିଲ କୋର୍ଟ ଭିତରକୁ ଯାଇ କୋର୍ଟ କାର୍ଯ୍ୟ ବନ୍ଦ ରଖିବାକୁ ଜିଲା ଜଜ୍‌ଙ୍କୁ ଆନ୍ଦୋଳନକାରୀ ଅନୁରୋଧ କରିଥିଲେ।

ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପଶ୍ଚିମ ଓଡିଶା ମହିଳା ସଙ୍ଗଠନ ସଭାନେତ୍ରୀ ସବିତା ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବଲାଙ୍ଗୀର ଜିଲା ସମେତ ସମଗ୍ର ରାଜ୍ୟର ମହିଳା ମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦୀର୍ଘ ୮ ବର୍ଷ ପରେ ମଧ ଖପ୍ରାଖୋଲ ବ୍ଲକ ସର୍ଗିପାଲିର ସ୍ନେହଲତା ଛତ୍ରିଆ ବଳାତ୍କାର ଏବଂ ହତ୍ୟା ଘଟଣା ସମ୍ପର୍କରେ କିଛି ବି ଅଗ୍ରଗତି ହୋଇପାରିନାହିଁ। ଏହି ଘଟଣାର ସିବିଆଇ ତଦନ୍ତ ଦାବି କରାଯାଉଥିଲେ ମଧ ଏଦିଗରେ ସରକାର ଆଗ୍ରହ ଦେଖାଉନାହାନ୍ତି। ଜିଲାର ମେଡିକାଲ ଛାତ୍ରୀ ନିରୂପମା ନନ୍ଦ, ମମିତା ମେହେର, ପୂଜା ଜୈନଙ୍କ ପ୍ରତି ଅତ୍ୟାଚାରର ପ୍ରତିବାଦ କରାଯାଇ ନ୍ୟାୟ ଦାବି କରାଯାଇଥିଲା। ଏହି ବନ୍ଦ ପାଳନ ପ୍ରତିବାଦରେ ବଲାଙ୍ଗୀର ରାଜ ପରିବାର ବୋହୂ ଅଦ୍ରିଜା ମଞ୍ଜରି ସିଂଦେଓଙ୍କ ନିର୍ଯାତନା ପ୍ରସଙ୍ଗ ଉଠାଯାଇଥିଲା। ଯେଉଁଠି ରାଜ ପରିବାର ବୋହୂ ସୁରକ୍ଷିତ ନାହାନ୍ତି ଓ ନ୍ୟାୟ ପାଉନାହାନ୍ତି ତେବେ ସାଧାରଣ ମହିଳାଙ୍କ ସ୍ଥିତି କ'ଣ ବୋଲି ପ୍ରଶ୍ନ କରାଯାଇଥିଲା। ଅଦ୍ରିଜା ବଲାଙ୍ଗୀର ଆସିବାକୁ ଏସ୍‌ପିଙ୍କ ସୁରକ୍ଷା ଲୋଡିଥିଲେ ମଧ ତାଙ୍କୁ ଦିଆଯାଇନାହିଁ ବୋଲି କୁହାଯାଇଥିଲା। ମହିଳା ସଙ୍ଗଠନ ଉପଦେଷ୍ଟା ଲିଲି ପଟେଲ, ମହିଳା ସଙ୍ଗଠିକା ନୂତନ ଦାସ, ସୁଷମା ବଏ, ଲଳିତ ଦୀପ, ଆକ୍ସନ କମିଟି ସଭାପତି ଗୋପାଳଜୀ ପାଣିଗ୍ରାହୀ, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ, କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ସେବାଦଳ ମୁଖ୍ୟ ଅସିତ ମିଶ୍ର, କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ସନ୍ତକ ବହିଦାର, ଜୁଲୁ ପଟ୍ଟନାୟକ, ଗରିବ ସେନାର ବୀରେନ୍ଦ୍ର ବାଗ, ଦ୍ରୋଣ କୁମ୍ଭାର, ତ୍ରିଲୋଚନ ନନ୍ଦ, ଦିନେଶ ନାଗ, ଟ୍ରେଡ୍ ୟୁନିୟନ ନେତା ବିଭୁଦତ୍ତ ମିଶ୍ର, ଶରତ ହୋତା, ଜ୍ୟୋତିଷ ମୁଗ୍ରୀ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ।

## ଉପରବାହାଲରେ ଗଉନ୍ତିଆ ସମାବେଶ

**ଲୋଇସିଂହା, ୨୨।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଉପରବାହାଲରେ ଲୋଇସିଂହା, ଆଗଲପୁର, ପୁଇଁତଲା ଓ ସୀମାନ୍ତ ପାଟଣାଗଡ ବ୍ଲକର ବିଭିନ୍ନ ଗ୍ରାମର ଗଉନ୍ତିଆମାନଙ୍କ ସମାବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୋଇପାଲି ଗ୍ରାମର ଗଉନ୍ତିଆ ଅନନ୍ତ ସାହୁ ଅଧ୍ୟକ୍ଷତା କରିଥିଲେ। ଗ୍ରାମବାସୀଙ୍କ ସହ ସମନ୍ୱୟ ରଖି ଗ୍ରାମ୍ୟସ୍ତରରେ ଜନହିତକର ଓ ସାମାଜିକ କାମ କିପରି କରାଯାଇ ପାରିବ ସେ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ଗଉନ୍ତିଆ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଏକ କମିଟି ଗଠନ କରାଯାଇଛି। ଅଧ୍ୟକ୍ଷ ସାହୁ ସଭାପତି ମନୋନୀତ, ରାକ୍ସିମୁଣ୍ଡାର ପ୍ରହଲ୍ଲାଦ ବିଶ୍ୱାଳ, ଉପରବାହାଲର କୈଳାସ ଚନ୍ଦ୍ର ସାହୁ, ସରଗାଡର ସୁରେନ୍ଦ୍ର ପଟେଲ, ମୀନକେତନ ବହିଦାର, ବିଦେଶୀ ସାହୁ, ଲକ୍ଷ୍ମଣ ସାହୁ, ଫକୀର ଭୋଇ, ପର୍ଶୁରାମ ପଧାନ ପ୍ରମୁଖ ସର୍ବସମ୍ମତିକ୍ରମେ ବିଭିନ୍ନ ପଦାଧିକାରୀ ଭାବେ ମନୋନୀତ ହୋଇଛନ୍ତି।


ସମାବେଶରେ ଉପସ୍ଥିତ ଗଉଁତିଆମାନେ।

## ଜବରଦଖଲରେ ଜଳାଶୟ ଚତୁଃପାର୍ଶ୍ୱ


ତହସିଲଦାରଙ୍କୁ ଭେଟିବାକୁ ଆସିବା ଅବସରରେ ଗ୍ରାମବାସୀ।

**ଲୋଇସିଂହା, ୨୨।୬(ସୁଶାନ୍ତ ବାରିକ)**

### ଉଚ୍ଛେଦ ଦାବି କଲେ ଗ୍ରାମବାସୀ

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବିରକେଲ ଗ୍ରାମର ମହାଲିଙ୍ଗ କଟା(ପୋଖରୀ)ରୁ ଜବରଦଖଲ ଉଚ୍ଛେଦ ଓ ପୋଖରୀ ମୁଖ୍ୟ ରାସ୍ତା ଚିହ୍ନଟିକରଣ ଦାବି କରିଛନ୍ତି ଗ୍ରାମବାସୀ। ଗୁରୁବାର ଏ ନେଇ ସେମାନେ ବିଡିଓ ଆକାଶ ରଞ୍ଜନ ସାହୁ ଓ ତହସିଲଦାର ସଂଘମିତ୍ରା କାଲୋଙ୍କ ନିକଟରେ ଫେରାଦ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଗ୍ରାମବାସୀ ସ୍ନାନଶୌଚ ପାଇଁ ଏକମାତ୍ର ଜଳାଶୟ ହେଉଛି ମହାଲିଙ୍ଗ କଟା । ପୂର୍ବରୁ ପୋଖରୀର ପରିସୀମା ୭ ଏକର ଥିଲା । ଏବେ ପୋଖରୀର ଚତୁପାର୍ଶ୍ୱ ହିଡକୁ ଗ୍ରାମର କେତେକ ମୁଷ୍ଟିମେୟ ଶ୍ରେଣୀ ଲୋକେ ଜବରଦଖଲ କରିଛନ୍ତି। ଜବରଦଖଲ ଯୋଗୁ ଜଳାଶୟ ସଙ୍କୁଚିତ ହୋଇଛି। ଅପରପକ୍ଷେ ସମ୍ପୃକ୍ତ ଗୋଷ୍ଠର ଲୋକେ ଜବରଦଖଲ ହିଡ ରାସ୍ତାରେ ଗ୍ରାମବାସୀଙ୍କୁ ପୋଖରୀକୁ ଯିବାକୁ ବାରଣ କରୁଛନ୍ତି। ଏହାକୁ ନେଇ ବେଳେ ବେଳେ ଗ୍ରାମରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ଏହାବ୍ୟତୀତ ଦୀର୍ଘ ବର୍ଷ ହେଲା ଜଳାଶୟର ରକ୍ଷଣାବେକ୍ଷଣ ଓ ପଙ୍କୋଦ୍ଧାର ହୋଇ ନ ଥିବାରୁ ପଟୁମାଟିରେ ପୋତି ହୋଇପଡିଛି । ପୋଖରୀରରେ ଜଳ ଧାରଣ କ୍ଷମତା କମି ଯାଇଥିବାରୁ ଜାନୁୟାରୀ ମାସରୁ ପୋଖରୀ ଶୁଷ୍କ ହୋଇ ପଡୁଛି । ବର୍ଷର ଅଧାଦିନ କୂପ, ନଳକୂପ ଉପରେ ନିର୍ଭର କରିଆସୁଛନ୍ତି। ନିକଟରେ ବିଧାୟକଙ୍କ ଅନୁମୋଦନ କ୍ରମେ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ ଜଳାଶୟର ପଙ୍କୋଦ୍ଧାର ପାଇଁ ପଦକ୍ଷେପ ନିଆଯାଇଛି। ଜବରଦଖଲ ସୀମା ଚିହ୍ନଟ ନ କରି ଜୁନ ୧୫ପରେ କାମ ଆରମ୍ଭ କରିବା ଏବଂ କାମ ପୂର୍ବରୁ ସୂଚନା ଫଳକ ଲଗାଇ ନ ଥିବାରୁ ଗ୍ରାମବାସୀ ଆପତ୍ତି ଉଠାଇଥିଲେ । ପୋଖରୀ ମଝିରୁ ମାଟି ନଉଠାଇ ହିଡପାର୍ଶ୍ୱରୁ ମାଟି ଉଠାଇ ହିଡରେ ପକା ଯାଉଛି। ରାଜ୍ୟରେ ମୌସୁମୀ ବର୍ଷା ହେଲାଣି। ଏପରିସ୍ଥଳେ ହିଡରେ ପଡିଥିବା ନୂଆମାଟି ପୁଣି ପୋଖରୀରେ ପଶିବ। ଏଣୁ ପୋଖରୀରୁ ଉଠୁଥିବା ମାଟି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଗ୍ରାମବାସୀ ଦାବି କରିଥିଲେ । କାମ କରୁଥିବା ଗୋଷ୍ଠୀ ଏବଂ ଗ୍ରାମବାସୀ ମୁହାମୁହିଁ ହେବା ଚର୍ଚ୍ଚାର ବିଷୟ । ମାଟି ପୁନରୁଦ୍ଧାର କାମ ଅନିୟମିତାର ତଦନ୍ତ କରିବାକୁ ବିଡିଓଙ୍କ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଉପରେ କ୍ଷେତ୍ର ପରିଦର୍ଶନ କରିବି, ଡିମାରକେସନ ପାଇଁ ତହସିଲଦାରଙ୍କୁ ଭେଟିବାକୁ ଗ୍ରାମବାସୀଙ୍କୁ କହିଥିବା ବିଡିଓ ଆକାଶ ରଞ୍ଜନ ସାହୁ କହିଛନ୍ତି।

### ଶ୍ରୀଜୀଉମାନଙ୍କ ବରାହ-ନୃସିଂହ ବେଶ


ବଲାଙ୍ଗୀର ଗାନ୍ଧୀ ପାଠାଗାର ମାଉସୀ ମା'ମନ୍ଦିର।


ଶ୍ରୀରାମ ଚରିତ ମାନସ ମାଉସୀ ମା'ମନ୍ଦିର (ଫଟୋ-ସୁନୀଲ)

## ନାବାଳକଙ୍କୁ ନ୍ୟାୟ ଦାବିରେ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ

**ବଲାଙ୍ଗୀର, ୨୨।୬(ବୀରେନ୍ଦ୍ର କୁମାର ଝାଙ୍କର):** ଗତ ୧୭ ତାରିଖରେ ମୁରିବାହାଲ ବ୍ଲକ ଖଲିଆପାଲି ଗ୍ରାମରେ ନାବାଳିକ ଗୁଣନିଧି ବାଗଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସର ଚରମ ଅବହେଳା ଯୋଗୁଁ ନିରୀହ ଛାତ୍ରଙ୍କ ଜୀବନ ଚାଲିଯାଇଛି। ଏହାର ପ୍ରତିବାଦରେ ଗୁରୁବାର ଏଆଇଡିଏସ୍‌ଓ-ଏଆଇଡିୱାଇଓ ଯୁବ ଛାତ୍ର ସଙ୍ଗଠନ ବଲାଙ୍ଗୀର ପକ୍ଷରୁ ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଅତିରିକ୍ତ ଏସପି ସୁରେଶ ନାଏକଙ୍କୁ ଦାବିପତ୍ର ଦିଆଯାଇଛି। ଗୁଣନିଧି ବାଗଙ୍କ ହତ୍ୟାରର ଉପଯୁକ୍ତ ତଦନ୍ତ କରି ସମସ୍ତ ଅପରାଧିମାନଙ୍କୁ ତୁରନ୍ତ ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବାକୁ ଦାବି କରାଯାଇଥିଲା। ଏହି ଘଟଣାରେ ଯେଉଁ ପୋଲିସ ଅଧିକାରୀମାନେ ନିଷ୍କ୍ରିୟତା ପ୍ରକାଶ କରିଛନ୍ତି ତାଙ୍କ ବିରୋଧରେ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରର ଜଣକୁ ଚାକିରି ପ୍ରଦାନ କରାଯିବାକୁ ଦାବି କରାଯାଇଛି। ବିକ୍ଷୋଭରେ ସଙ୍ଗଠନର ରାଜ୍ୟ ଉପସଭାପତି ସୁନିଲ ଭୋଇ, ଜିଲା ସମ୍ପାଦକ ମଧୁସୂଦନ ବାଗ, ଯୁବ ସଙ୍ଗଠନ ଏଆଇଡିୱାଇଓର ଜିଲା ସମ୍ପାଦକ ତାମସ ବେହେରା, ଅହଲ୍ୟା ସାହୁ, ଗୌରୀ ସାହୁ, ସିଦ୍ଧାନ୍ତ ମହାକୁର ଉପସ୍ଥିତ ଥିଲେ।

## ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟିତ

**ଦେଓଗାଁ, ୨୨।୬(କୃଷ୍ଣପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ପରିସରରେ ଦୁଗ୍ଧ ଶୀତଳକରଣ କେନ୍ଦ୍ର ଗୁରୁବାର ଉଦ୍ଘାଟିତ ହୋଇଛି। ହୋଇଯାଇଛି। ଏହି ଉପଲକ୍ଷେ ବିକେଏନ ଦୁଗ୍ଧ ସଂଘ ସଭାପତି ସୀମା ପଟେଲଙ୍କ ସଭାପତିତ୍ୱ ତଥା ସରିତା ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ଅସିତ କୁମାର ତ୍ରିପାଠୀ ଯୋଗଦେଇ ୨ହଜାର କ୍ଷମତା ବିଶିଷ୍ଟ ଦୁଗ୍ଧ ଶୀତଳକ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଚାଷୀଙ୍କ ଉନ୍ନତି ଓ ଅର୍ଥନୈତିକ ବିକାଶ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ବଲାଙ୍ଗୀର ଜିଲାକୁ ଏକ ବିକଶିତ ଜିଲା ଭାବେ ଗଢ଼ି ତୋଳିବାରେ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ବୋଲି ଅଧକ୍ଷ ତ୍ରିପାଠୀ ପ୍ରକାଶ କରିଥିଲେ। ଏହାସହ ବଲାଙ୍ଗୀର ଜିଲାରେ ଓମଫେଡର ଏକ ପ୍ରେସେସିଙ୍ଗ ପ୍ଲାଣ୍ଟ ପ୍ରତିଷ୍ଠା ଦିଗରେ ପଶ୍ଚିମଓଡିଶା ବିକାଶ ପରିଷଦ ପାଣ୍ଠି ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ଜିଲାପାଳ ଚଞ୍ଚଳ ରାଣା କାର୍ଯ୍ୟକ୍ରମରେ ଯୋଗଦେଇ ଜିଲାରେ ଚାଷୀମାନଙ୍କ ଅନବରତ ଉଦ୍ୟମ ଯୋଗୁଁ ଦୁଗ୍ଧ ଉତ୍ପାଦନରେ ଜିଲା ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତେଣୁ ଦୁଗ୍ଧ ଚାଷୀ ଆଗକୁ ଗୋପାଳନ ଏବଂ ଦୁଗ୍ଧ ଉତ୍ପାଦନର ଚାହିଦା ଉପରେ ପଦକ୍ଷେପ ନେବା ଜରୁରୀ। ଅଗ୍ରୀମ ଦୁଗ୍ଧଚାଷୀଙ୍କୁ ଏକମାସ ଭିତରେ ଆଦର୍ଶ ଗାଇଗୁହାଳ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ସିଇଓ ଡ. ଅଜିତ କୁମାର ମିଶ୍ର, ଓମଫେଡ ସଭାପତି କିଶୋରଚନ୍ଦ୍ର ପ୍ରଧାନୀ, ଜିଲା ଦୁଗ୍ଧକେନ୍ଦ୍ରର ଜିଏମ ରଜନୀକାନ୍ତ ପଣ୍ଡା, ପଞ୍ଚାୟତ ସମିତି ଅଧକ୍ଷ ଦୟାନିଧି ଖମାରୀ, ଜିଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅଗ୍ରଣୀ ଦୁଗ୍ଧଚାଷୀ କହ୍ନେଇ ଥନାପତି, ସୂର୍ଯ୍ୟକାନ୍ତି ରାଉତ ଓ ଯାଜ୍ଞସେନୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସିଡିଭିଓ ଡା. ସନ୍ତୋଷ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଦେବବ୍ରତ ମିଶ୍ର, ଅମିତ ତ୍ରିପାଠୀ, ସଞ୍ଜୀବ ପଟେଲ ଓ ଶତାଧିକ ଦୁଗ୍ଧଚାଷୀ ଉପସ୍ଥିତ ଥିଲେ ।


ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଅତିଥିମାନେ।

## ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକଙ୍କ ହରିଶଙ୍କର ଗସ୍ତ

**ଖପ୍ରାଖୋଲ, ୨୨।୬(ଅଭୟ ତ୍ରିପାଠୀ) :** ବଲାଙ୍ଗୀର ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରକୁ ଗୁରୁବାର ରାଜ୍ୟ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଗସ୍ତ କରିଥିଲେ। ଗସ୍ତ ଅବସରରେ ମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ କାମ ବୁଲି ଦେଖିବା ସହ କାର୍ଯ୍ୟ ଅଗ୍ରଗତିର ତଦାରଖ କରିଥିଲେ। ନିର୍ମାଣାଧୀନ ପର୍ଯ୍ୟଟକ ବିଶ୍ରାମସ୍ଥଳୀ, ସ୍ନାନଘାଟ, ଭୋଗ ମଣ୍ଡପ, ପୂଜକ ବିଶ୍ରାମ କେନ୍ଦ୍ର ବୁଲି ଦେଖିଥିଲେ। ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପୂର୍ତ୍ତ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୨ କୋଟି ୧୦ ଲକ୍ଷ ଟଙ୍କାରେ ଦୋକାନ ଗୃହ ନିର୍ମାଣ ହୋଇଥିବା ବେଳେ ଶେଷ ହେବାକୁ ବାକି ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ୧୩ କୋଟିର ମନ୍ଦିର ଚତୁପାର୍ଶ୍ୱ ଉନ୍ନୟନ କାମ ଜାରି ରହିଛି।

## ହୋଟେଲ ସଂଘର ବାର୍ଷିକ ସମ୍ମିଳନୀ


ବଲାଙ୍ଗୀର ହୋଟେଲ ସଂଘର ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି ଓ କାର୍ଯ୍ୟକର୍ତ୍ତା।

**ବଲାଙ୍ଗୀର, ୨୨।୬ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ହୋଟେଲ ସଂଘର ବାର୍ଷିକ ସମ୍ମିଳନୀ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ହୋଟେଲ ସ୍ୱୟମ୍‌ଠାରେ ଅନୁଷ୍ଠିତ ହୋଇଥିଲା। ହୋଟେଲ ସଂଘ ସଭାପତି ଜୟ ପ୍ରକାଶ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପର୍ଯ୍ୟଟନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ସମ୍ମାନୀତ ଅତିଥିଭାବେ ଜିଲାପାଳ ଚଞ୍ଚଳ ରଣା, ଏସ୍‌ପି ଋଷିକେଶ ଖିଲାରୀ, ରାଜ୍ୟ ହୋଟେଲ ରେଷ୍ଟୁରାଣ୍ଟ ସଂଘ ସଭାପତି ଜେ.କେ. ମହାନ୍ତି, ପଶ୍ଚିମ ଓଡିଶା ସଭାପତି ଯଶବୀର ସିଂ ହୁରା ଓ ସଂଘ ସାଧାରଣ ସମ୍ପାଦକ ରବି ପୂଜାରୀ ମଞ୍ଚାସୀନ ହୋଇଥିଲେ। ଜିଲାରେ ପର୍ଯଟନ ଶିଳ୍ପ ଏବଂ କ୍ଷେତ୍ର ଉନ୍ନତି ଘଟିଲେ ହୋଟେଲ ଶିଳ୍ପ ଲାଭଜନକ ହେବା ସହ ଏହି ଅଞ୍ଚଳର ଆର୍ଥିକ ବିକାଶରେ ବିଶେଷ ସହାୟକ ହେବ ବୋଲି ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘ ପକ୍ଷରୁ ଜିଲା ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି କରାଯିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ରାଜ୍ୟର ହୋଟେଲମାନଙ୍କ ବିଭିନ୍ନ ସମସ୍ୟାକୁ ସଂଘ ପକ୍ଷରୁ ଉପସ୍ଥାପନ କରାଯାଇ ଏହାର ସମାଧାନ ଦିଗରେ ଉଚିତ୍ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହୋଲେ ସଂଘ ଜିଲା ଉପସଭାପତି ଲୋଟସ ଷଡଙ୍ଗୀ, ସହସମ୍ପାଦକ ଅଭିଜିତ ମିଶ୍ର, କୋଷାଧକ୍ଷ ଜନ୍ମେଜୟ ଭମର, ବରିଷ୍ଠ ସଦସ୍ୟ ଅଶୋକ ପାଢ଼ୀ, ରାମ ଦାଶ, ବୁଲୁ ପୁରୋହିତ, ଧୃବ ଯୁଏଡ଼, ତ୍ରିପୁରାରୀ ପାଣିଗ୍ରାହୀ, ନରେନ୍ଦ୍ର ସାହୁ, ଗୋପାଳ ଦାନୀ, ଭିକି ଅଗ୍ରୱାଲ, ସ୍ୱାଗତ ପୁରୋହିତ, ପ୍ରଣବ ଖୁଆସ, ବିକେକା ପତି, ମହାତ୍ମା ସାହୁ, ବିଶ୍ୱଜିତ ସାହୁ, ପଙ୍କଜ ଅଗ୍ରୱାଲ, ହରିଶ ରାଇଥାଟା, ଜିଲାର ସମସ୍ତ ସଦସ୍ଯ ଉପସ୍ଥିତ ଥିଲେ। ପଶ୍ଚିମ ଓଡିଶାର ରାଉରକେଲା, ଝାରସୁଗୁଡା, ସମ୍ବଲପୁର, ବରଗଡ, ନୂଆପଡା, କଳାହାଣ୍ଡି, ସୁବର୍ଣ୍ଣପୁର ଜିଲାରୁ ହୋଟେଲ ମାଲିକମାନେ ଆସି ଯୋଗଦାନ କରିଥିଲେ। ଏହି ସମ୍ମିଳନୀରେ ପଶ୍ଚିମ ଓଡିଶାରେ ଭଲ ହୋଟେଲ ଭାବେ ପରିଗଣିତ ଝାରସୁଗୁଡା ଓଲ୍ଟାଟ ହୋଟେଲ ମାଲିକ ଆଶିଷ ପାଲିତଙ୍କୁ ସମ୍ମାନିତ କରାଯାଇଥିଲା।

## ଛିଣ୍ଡିଯାଇଛି ଖାଦ୍ୟନଳୀ, ଯନ୍ତ୍ରଣାରେ ଛଟପଟ

- ବିଏସ୍‌କେୱାଇ କାର୍ଡ ଅଛି,ଅର୍ଥ ନ ଥିବାରୁ ଚିକିତ୍ସା ପାଇଁ ଯାଇ ପାରୁ ନାହାନ୍ତି କଟକ
- ସହାୟତା ପାଇଁ ମା'ବାପା ଙ୍କ ଆକୁଳ ନିବେଦନ

**ଖପ୍ରାଖୋଲ, ୨୨।୬(ଅଭୟ ତ୍ରିପାଠୀ)**


ମା'ବାପାଙ୍କ ସହ ଶଯ୍ୟାଶାୟୀ ଆନିକେଶ।

ମନରେ ଅସୁମାରୀ ଆଶା, ଆଖିରେ ଆଖିଏ ସ୍ୱପ୍ନ। ପୁଅ ବଡ ହେବ, ଭଲ ମଣିଷ ହେବ ଆଉ ଗରିବ ପରିବାରର ଦୁଃଖ ଯିବ। ହେଲେ କିଏ ଜାଣିଥିଲା ସାଇକେଲ ଚଳାଉ ଚଳାଉ ପଡ଼ି ଯିବା ଏତେବଡ ଅଘଟଣାକୁ ଡାକି ଆଣିବ। ଖାଦ୍ୟନଳୀ ଛିଣ୍ଡି ଯିବା ପରେ ଏବେ ୯ବର୍ଷର ପୁଅର ଚିକିତ୍ସା ପାଇଁ ପରିବାର ଲୋକେ ଚିନ୍ତାରେ ପଡି ଯାଇଛନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହୁରୁଣ୍ଡି ଗାଁରେ ଏହିଭଳି ଏକ ଘଟଣା ଘଟିଛି।

ମା'ବାପା, ସ୍ତ୍ରୀ ଅନିତା ବେହେରା(୩୦) ଓ ପୁଅ ଅନିକେଶ ଏବଂ ଝିଅ ରୋଶନି(୫)ଙ୍କୁ ନେଇ ଦୁର୍ଯ୍ୟୋଧନ ବେହେରା(୩୫)ଙ୍କ ପରିବାର ବେଶ ହସଖୁସିରେ ଚାଲିଥିଲା। ପର ଘରେ ମୂଲଲାଗି ସେ ପରିବାର ପ୍ରତିପୋଷଣ କରୁଥିଲେ। ଏହି ସୁଖର ସଂସାର ଉପରେ କାହାର ନଜର ଲାଗିଲା ଯେମିତି। ପୁଅ ଆନିକେଶ ଗତ ମେ ମାସ ୧୦ ତାରିଖରେ ଏକ ସାଇକେଲରେ ରାସ୍ତାରେ ଖେଳୁଥିବା ବେଳେ ପଡ଼ି ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା କରାଯାଇଥିଲା। ହେଲେ ରାତିର ପୁଅର ପେଟ ଦରଜ ହେବା ସହ ବାନ୍ତି ହୋଇଥିଲା। ପରିବାର ଲୋକେ ଅନିକେଶଙ୍କୁ ପ୍ରଥମେ ଖପ୍ରାଖୋଲ ଓ ପରେ ପାଟଣାଗଡ ଡାକ୍ତରଖାନା ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ବୁର୍ଲା ରେଫର୍ କରିଥିଲେ। ଧାରକରଜ କରି ଗତ ମେ ୧୨ରେ ବୁର୍ଲା ଡ଼ାକ୍ତରଖାନାରେ ଅନିକେଶଙ୍କୁ ଭର୍ତ୍ତି କରିଥିଲେ ଦୁର୍ଯ୍ୟୋଧନ। ପରୀକ୍ଷା ନିରୀକ୍ଷା ପରେ ପୁଅ ପେଟରେ ଖାଦ୍ୟନଳୀ ଛିଣ୍ଡି ଯାଇଥିବା କହିବା ଡାକ୍ତର ଚିକିତ୍ସା ଆରମ୍ଭ କରିଥିଲେ। ଅସ୍ତ୍ରୋପଚାର ପରେ ଟିକିଏ ସୁସ୍ଥ ହେବାରୁ ପୁଅ ଘରକୁ ଆସିଲା। ହେଲେ କିଛିଦିନ ପରେ ପୁଣି ପେଟ ଦରଦ ହେବାସହ ସ୍ୱାସ୍ଥ୍ୟ ବିଗିଡି ଗଲା। ଜୁନ ୧୪ ତାରିଖରେ ପୁଣି ଥରେ ପୁଅକୁ ବୁର୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କଲେ ଦୁର୍ଯ୍ୟୋଧନ। ସପ୍ତାହେ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ନ ଆସିବାରୁ କଟକ ଶିଶୁ ଭବନକୁ ରେଫର କଲେ ଡାକ୍ତର। ଏଣୁ ବୁଧବାର ଘରକୁ ପୁଅକୁ ଫେରାଇ ଆଣିଛନ୍ତି ଦୁର୍ଯ୍ୟୋଧନ। ଦୁର୍ଯ୍ୟୋଧନଙ୍କର ବିଜୁ ସ୍ୱାସ୍ଥ୍ୟକାର୍ଡ (ବିଏସ୍‌କେୱାଇ)ଅଛି। ହେଲେ କଟକ ନେବାକୁ ପାଖରେ ଅର୍ଥନାହିଁ। ଇତ୍ୟବସରରେ ଘରେ ବୃଦ୍ଧ ମା'ବାପାଙ୍କ ଦେଖାରଖା କରିବା ସମାସ୍ୟା ହୋଇଛି। ଏପରିସ୍ଥଳେ ପୁଅର ଚିକିତ୍ସା ପାଇଁ ସହଯୋଗ କରିବାକୁ ମା'ବାପା ଆକୁଳ ନିବେଦନ କରିଛନ୍ତି। ଏନେଇ ପାଟଣାଗଡ ଉପଜିଲାପାଳ ଡ଼ ବିଜୟାନନ୍ଦ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ରେଡକ୍ରସ ପାଣ୍ଠି କିମ୍ବା ସିଏମଆର୍‌ଏଫରୁ ଅର୍ଥ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

**ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଲୋକେ କଲବଲ**

ହେମଗିର (ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକରେ ବିଦ୍ୟୁତ୍ ବିଭ୍ରାଟ ଏକ ନିତିଦିନିଆ ସମସ୍ୟାରେ ପରିଣତ ହୋଇଛି। ଏପଟେ ବିଦ୍ୟୁତ୍ ବିଭ୍ରାଟ, ଅନ୍ୟପଟେ ବିଦ୍ୟୁତ୍‌ର ଚଢ଼ାଦର ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିପକାଇଛି। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ଯୋଗାଣ ବନ୍ଦ ଯୋଗୁ ଅସହ୍ୟ ଗୁଳୁଗୁଳି ଓ ଗରମରେ ସନ୍ତୁଳି ହେଉଛନ୍ତି ଲୋକେ। ବିଶେଷ କରି ବିଦ୍ୟୁତ ବିଭ୍ରାଟ ଯୋଗୁଁ ପିଇବା ପାଣି ଯୋଗାଇବାରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏନେଇ ବିଦ୍ୟୁତ୍ ବିଭାଗ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ସଂକ୍ଷେପରେ

### କୃତ୍ରିମ ପୋଖରୀରେ ପରିଣତ ହୋଇଛି ୭ ନମ୍ବର ୱାର୍ଡର ପ୍ରବେଶ ପଥ



**ହେମଗିର,୨୨।୬(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିରସ୍ଥିତ ୭ ନମ୍ବର ୱାର୍ଡର ପ୍ରବେଶ ପଥ ଏବେ କୃତ୍ରିମ ପୋଖରୀରେ ପରିଣତ ହୋଇଛି। ହେମଗିର ବସଷ୍ଟାଣ୍ଡରୁ ୭ ନମ୍ବର ୱାର୍ଡକୁ ସଂଯୋଗ କରୁଥିବା ରାସ୍ତାରେ ଡ୍ରେନ ପାଣି ଓ ବର୍ଷା ପାଣି ଜମି ରହିବା ଯୋଗୁ ସେଠାରେ ବୃହତ ଗାତ ସୃଷ୍ଟି ହେଉଛି। ଫଳରେ ଲୋକଙ୍କ ଯାଆସରେ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତା ଉପରେ ଚିଲେଟମୁଣ୍ଡା, ଅରଜୁଣ୍ଡା, ବିଶ୍ୱନାଥପୁର ଗ୍ରାମର ଜନସାଧାରଣ ନିର୍ଭର କରିଥାନ୍ତି। ଏନେଇ ପ୍ରଶାସନ ଦୃଷ୍ଟି ଦେଇ ଏହାର ସମାଧାନ କଲେ ଲୋକେ ଉପକୃତ ହେବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

**ଲହୁଣୀପଡ଼ା,୨୨।୬(ଦାଶରଥି ପଣ୍ଡା):** ଲଡୁଣୀପଡ଼ାସ୍ଥିତ ଗମ୍ଭାରଡ଼ିହି ରାସ୍ତା କଡ଼ରେ ବୁଧବାର ସନ୍ଧ୍ୟାରେ ଜଣେ ଯୁବକ ହଠାତ୍ ଅସୁସ୍ଥତା ଅନୁଭବ କରି ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଚିକିତ୍ସା ପାଇଁ ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଲହୁଣୀପଡ଼ା ପୋଲିସ ଆରଜିଏଚ୍‌ରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ମୃତ ଯୁବକ ରାଉରକେଲା ମାଲ ଗୋଦାମ ଅଞ୍ଚଳରେ ରହୁଥିବା ନରେଶ ମିସ୍ତ୍ରୀଙ୍କ ପୁଅ ମନୁ ମିସ୍ତ୍ରୀ(୨୫)। ସେ ଅନେକ ଦିନ ହେଲା ଲହୁଣୀପଡ଼ାର ଏକ ଜଳଖିଆ ଦୋକାନରେ କାମ କରୁଥିଲେ।

### ହେମଗିରରେ ନୂତନ ବ୍ଲକ ଶିକ୍ଷା ଅଧିକାରୀଙ୍କ ଯୋଗଦାନ



**ହେମଗିର,୨୨।୬(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିରରେ ନୂତନ ବ୍ଲକ ଶିକ୍ଷା ଅଧିକାରୀଭାବେ କରୁଣା ସାଗର ପଟେଲ ଗୁରୁବାର ଯୋଗ ଦେଇଛନ୍ତି। ଏହି ଅବସରରେ ବ୍ଲକର ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲ, ଗଣଶିକ୍ଷକ ଦିବାକର ଭରଷାଲ, କୁମୁଦ ମିଶ୍ର, ଦେବେନ୍ଦ୍ର ଖମାରୀ, ବିଭୂତିଭୂଷଣ ଗରଡ଼ିଆଙ୍କ ସମସ୍ତ ସିଆର୍‌ସିସି ଓ ଅଫିସ କର୍ମଚାରୀ ଉପସ୍ଥିତ ରହି ନୂତନ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ ଜଣାଇଥିଲେ।

### ମୃତ ଶିକ୍ଷୟିତ୍ରୀଙ୍କ ପରିବାରକୁ ସହାୟତା



**ଲହୁଣୀପଡ଼ା,୨୨।୬(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ପୋଇଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପାନ ମାହାନ୍ତଙ୍କ ବିୟୋଗରେ ନୂତନ ପେନ୍‌ସନ ଭୁକ୍ତ ଶିକ୍ଷକ ସଂଘ କର୍ମକର୍ତ୍ତାମାନେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ଶୁଦ୍ଧକ୍ରିୟା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସଂଘର ଜୟଦେବ ମାହାନ୍ତ, ହେମନ୍ତ କୁମାର ମାହାନ୍ତ, ଆଲୋକ କୁମାର ମାହାନ୍ତ, ଉମେଶ ଚନ୍ଦ୍ର ମାହାନ୍ତ, ଜୟସିଂ ମାହାନ୍ତଙ୍କ ସମେତ କର୍ମକର୍ତ୍ତାମାନେ ମୃତ ଶିକ୍ଷୟିତ୍ରୀଙ୍କ ଥେଣ୍ଟେଇପୋଷ ଗ୍ରାମରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ଶୁଦ୍ଧକ୍ରିୟା ପାଇଁ୧୪ ହଜାର ୮ ଶହ ଟଙ୍କା ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗତ ୧୪ ତାରିଖ ସକାଳେ ପାନ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବଣେଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ପର୍ଯ୍ୟାବରଣ ଅନୁକୂଳ ଉତ୍ପାଦ ପ୍ରସ୍ତୁତି

ରାଉରକେଲା,୨୨।୬(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସିଏସ୍‌ଆର କାର୍ଯ୍ୟକ୍ରମ ସହାୟତାରେ ରାଉରକେଲା ଏନ୍‌ଆଇଟିର ଏକ ଷ୍ଟାର୍ଟଅପ୍ ପ୍ରକଳ୍ପ ଫୁଲକେରିୟା ପର୍ଯ୍ୟାବରଣ ଅନୁକୂଳ ଓଡ଼ିଶା ଭିତ୍ତିକ ଫ୍ୟାଶନ, ଗୃହ ସାଜସଜ୍ଜା ଏବଂ ଆନୁଷଙ୍ଗିକ ସାମଗ୍ରୀ ଉତ୍ପାଦନ କରୁଛି। ଆର୍‌ଏସ୍‌ପି ନିଜ ସିଏସ୍‌ଆର ପଦକ୍ଷେପ ଅନୁଯାୟୀ ୮ଟି ଷ୍ଟାର୍ଟଅପ୍‌କୁ ଆର୍ଥିକ ସହାୟତା ଯୋଗାଇ ଦେଇଛି। ଏହାଦ୍ୱାରା ସ୍କିଲ ଇଣ୍ଡିଆ, ଷ୍ଟାର୍ଟ ଅପ୍ ଇଣ୍ଡିଆ ଓ ଭୋକାଲ ଫର୍ ଲୋକାଲ ଭଳି ଭାରତ ସରକାରଙ୍କ ଉଦ୍ୟମକୁ ମଜବୁତ କରିବ। ଏନ୍‌ଆଇଡି ଅହମ୍ମଦାବାଦର ପୂର୍ବତନ ଛାତ୍ରୀ ପ୍ରଡକ୍ଟ ଇଞ୍ଜିନିୟର ସୁଶ୍ରୀ ନୀଳିମା ଏକ୍କା ଓ ବି. ଟେକ କମ୍ପ୍ୟୁଟର ସାଇନ୍ସ ତଥା ସଫ୍ଟୱେର ଇଞ୍ଜିନିୟର ଉଦିତ ଓରାମଙ୍କ ଦ୍ୱାରା ୨୦୧୭ରେ ଫୁଲକେରିୟା ପ୍ରକଳ୍ପ ଆରମ୍ଭ



କାଠ, ବାଉଁଶ ଦ୍ୱାରା ତିଆରି ଦ୍ରବ୍ୟ ସହ ପ୍ରସ୍ତୁତକାରୀଗଣ।

ହୋଇଥିଲା। ସରଳ, ଉତ୍ତମମାନ ଓ ସବୁଜ ବ୍ୟବହାରିତାରେ ଆଦର୍ଶ ନିମନ୍ତେ ଏହି ପ୍ରକଳ୍ପ ପ୍ରତିବଦ୍ଧ। କଞ୍ଚାମାଲ ଭାବେ ଅଞ୍ଚଳରେ ବହୁଳ ଭାବେ ଉପଲବ୍ଧ ସ୍କ୍ରାପ୍ କାଠ ଏବଂ ବାଉଁଶ ବ୍ୟବହାର କରାଯାଉଛି। ଦଳର ସମସ୍ତ ସଦସ୍ୟ କାଠ ଓ ବାଉଁଶ ସଂଗ୍ରହଠାରୁ ଆରମ୍ଭ କରି ମାନୁଆଲ ଓ ଉଚ୍ଚକ୍ଷମତା ସମ୍ପନ୍ନ ଯନ୍ତ୍ରପାତିରେ ତାଲିମପ୍ରାପ୍ତ ଅଟନ୍ତି। ପ୍ରତ୍ୟେକ ଡିଜାଇନକୁ ସ୍କେଚ୍ କଲା ପରେ କମ୍ପ୍ୟୁଟରରେ ଡିଜାଇନ ଲେଆଉଟ ବିକଶିତ କରାଯାଇଛି । ଏହି ଷ୍ଟାର୍ଟଅପ୍

**ଆର୍‌ଏସ୍‌ପି କଲା ସହାୟତା**

କମ୍ପାନୀ ବିଭିନ୍ନ କାନଫୁଲ, ହାର ଏବଂ ଚାବି ଚେନ ଆଦି ୭୦ରୁ ଅଧିକ ଡିଜାଇନ ବିକଶିତ କରିଛି ଏବଂ ବଜାର ଚାହିଦାକୁ ଦୃଷ୍ଟିରେ ରଖି ନୂତନ ଡିଜାଇନ ମଧ୍ୟ ପ୍ରସ୍ତୁତ କରୁଛି। ଏଥିସହିତ ଗହଣା ବାକ୍ସ, ଟି-କୋଷ୍ଟର, କାଠ କଭର ବିଶିଷ୍ଟ ଡାଏରୀ, ପେନ ଷ୍ଟାଣ୍ଡ, କାଠର ୱାର୍ଡ ମ୍ୟାପ, ଡାଇନିଂ ସେଟ, ସୋଫା ସେଟ୍, ସେଣ୍ଟର ଟେବୁଲ, ଉଡେନ ପ୍ଲାଣ୍ଟର୍ସ ଆଦି ପ୍ରସ୍ତୁତ କରାଯାଉଛି। ନିଜସ୍ୱ ଡିଜାଇନ ସହିତ ପରିବେଶ ଅନୁକୂଳ ପ୍ୟାକେଜିଂର ବ୍ୟବହାର ଏହି ପ୍ରକଳ୍ପର ଆଉ ଏକ ଅନନ୍ୟ ପ୍ରୟାସ ଅଟେ। ଉଭୟ ଅନ୍‌ଲାଇନ ଓ ଅଫ୍-ଲାଇନ୍ ଆଧାରରେ ସୋଶିଆଲ ମିଡିଆ ଏବଂ ପ୍ରଦର୍ଶନୀ ମାଧ୍ୟମରେ ଉତ୍ପାଦଗୁଡିକର ମାର୍କେଟିଂ କରାଯାଉଛି।

# ଗୋଟିଏ ସ୍ଥାନରେ ୩ ବର୍ଷ ଚାକିରି କରିଥିଲେ ବଦଳି

ରାଉରକେଲା,୨୨।୬(ବିପ୍ଲବ ରଞ୍ଜନ ଦାଶ)

ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ନିର୍ବାଚନ ଆୟୋଗ ସରକାରୀ ଅଧିକାରୀଙ୍କ ବଦଳି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କ୍ରମରେ ସୁନ୍ଦରଗଡ଼ ଜିଲାରେ ୩ବର୍ଷରୁ ଅଧିକ ସମୟ ଧରି ଚାକିରି କରିଥିବା ଅଧିକାରୀଙ୍କ ବଦଳି ତାଲିକା ପ୍ରସ୍ତୁତ କରିବାକୁ ଜିଲାପାଳ ପରାଗ ହର୍ଷଦ ଗାଭାଲିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଭିତ୍ତି କରି ଜିଲାପାଳ ରାଉରକେଲାର ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀଙ୍କ କାର୍ଯ୍ୟକାଳ ଜନିତ ସମୟ ସୀମା ରିପୋର୍ଟ ପ୍ରଦାନ ନିମନ୍ତେ ଚିଠି କରିଥିବା ଜଣାପଡ଼ିଛି। ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ପାଇଁ ପ୍ରଶାସନିକ ସଂସ୍କାର ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଇଛି। ଫଳରେ

**ତାଲିକା ମାଗିଲେ ନିର୍ବାଚନ ଆୟୋଗ**

ରାଉରକେଲା ମହାନଗର ନିଗମରେ କାର୍ଯ୍ୟରତ ଅଧିକାରୀ, ଜିଲାର ୧୭ ବ୍ଲକର ବିଡିଓ, ବିଭିନ୍ନ ମୁଖ୍ୟ ବିଭାଗ ଓ ତହସିଲଦାରଙ୍କ ସହ ରାଜସ୍ୱ ବିଭାଗ ଅଧିକାରୀଙ୍କ ବଦଳି ହେବ। ଏଥିସହିତ ଓଆର୍‌ଏସ୍ ଅଧିକାରୀ, ପୌରପାଳିକା ଅଧିକାରୀ ମଧ୍ୟ ୩ ବର୍ଷ କାର୍ଯ୍ୟ କରିଥିଲେ ବଦଳି ହେବା ସୁନିଶ୍ଚିତ ହୋଇଛି। ଏ ନେଇ ରାଉରକେଲା ଉପଜିଲାପାଳ ଅଭିମନ୍ୟୁ ମାଝିଙ୍କୁ ପଚାରିବାରୁ ରାଉରକେଲାର ବିଭିନ୍ନ ସରକାରୀ ବିଭାଗକୁ ଅଧିକାରୀଙ୍କ ଚାକିରି କାର୍ଯ୍ୟକାଳ ରିପୋର୍ଟ ପାଇଁ ଚିଠି କରାଯାଇଛି। ରିପୋର୍ଟ ଆସିବା ପରେ ତାହା ନିର୍ବାଚନ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯିବ ବୋଲି ସେ କହିଛନ୍ତି।

# ସେଟେଲମେଣ୍ଟ ଆକ୍ଟ ୨୦୧୨ ନିୟମାବଳୀର ଉଲ୍ଲଂଘନ ଅଭିଯୋଗ



ଜିଲା ମାଟି ବଞ୍ଚାଓ ମଞ୍ଚର ମୁଖ୍ୟ ଆବାହକଙ୍କ ସହିତ ଅଞ୍ଚଳବାସୀ ଅଭିଯୋଗ ଦେବାକୁ ତହସିଲ କାର୍ଯ୍ୟାଳୟ ଆସିଛନ୍ତି।

ବଡ଼ଗାଁ,୨୨।୬ (ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ତହସିଲରେ ଓଡ଼ିଶା ସ୍ୱତନ୍ତ୍ର ସର୍ଭେ ଓ ସେଟେଲମେଣ୍ଟ ଆକ୍ଟ ୨୦୧୨ ନିୟମାବଳୀକୁ ଉଲ୍ଲଂଘନ କରାଯାଇ ବେଆଇନଭାବେ କାମ କରାଯାଉଥିବା ନେଇ ମାଟିବଞ୍ଚାଅ ମଞ୍ଚ ପକ୍ଷରୁ ତହସିଲଦାର ସରୋଜ କୁମାର ପୃଷେଟଙ୍କ ନିକଟରେ ଅଭିଯୋଗ କରାଯାଇଛି। ମଞ୍ଚର ମୁଖ୍ୟ ଆବାହକ ଆଲବର୍ଟ କିଣ୍ଡୋଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣିଙ୍କୁ ଅଭିଯୋଗ

**ମାଟି ବଞ୍ଚାଓ ମଞ୍ଚ ପକ୍ଷରୁ ଦାବିପତ୍ର**

ପତ୍ର ଦେଇଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଓଡ଼ିଶା ସ୍ୱତନ୍ତ୍ର ସର୍ଭେ ଏବଂ ବନ୍ଦୋବସ୍ତ ଆଇନର ଧାରା- ୫ ମୁତାବକ ସମସ୍ତ ଗାଁରେ ସର୍ଭେ ପୂର୍ବରୁ ପ୍ରଚାର ପ୍ରସାର କରିବା କଥା, କିନ୍ତୁ କରାଯାଇନାହିଁ। ସର୍ଭେ ଓ ବନ୍ଦୋବସ୍ତ ପ୍ରକ୍ରିୟାରେ ପଞ୍ଚାୟତ ଓ ଲୋକଙ୍କୁ ସାମିଲ କରାଯାଇନାହିଁ। ସର୍ଭେ ଓ ବନ୍ଦୋବସ୍ତ ପ୍ରକ୍ରିୟା ପ୍ରତ୍ୟକ୍ଷଭାବେ ଠିକ୍ ଅଛି କି ନାହିଁ ପରୀକ୍ଷା କରାଯାଉନାହିଁ। ସର୍ଭେ ଓ ବନ୍ଦୋବସ୍ତ ଧାରା ୫ ଓ ୬ ଏବଂ ନିୟମାବଳୀ ୫, ୭ ଓ ୯ ଅନୁଯାୟୀ କରାଯାଉନାହିଁ। ଓଡ଼ିଶା ସ୍ୱତନ୍ତ୍ର ସର୍ଭେ ଓ ବନ୍ଦୋବସ୍ତ ଆଇନ ୨୦୧୨ ଆଇନସଙ୍ଗତ ନୁହେଁ। ତେଣୁ ଏହି ସର୍ଭେ ଓ ବନ୍ଦୋବସ୍ତ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଜିଲା ମାଟି ବଞ୍ଚାଓ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ତହସିଲଦାର ସରୋଜ କୁମାର ପୃଷେଟଙ୍କୁ ପଚାରିବାରୁ, ବଡ଼ଗାଁ ବ୍ଲକରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଏ ନେଇ ଜଣାଇଥିଲେ। ଜିଲାପାଳ ଏହାକୁ ଖାରଜ କରିଦେଇଥିଲେ ବୋଲି କହିଥିଲେ।



ସୁନ୍ଦରଗଡ ରଙ୍ଗାଡିପା ମାଉସୀ ମା' ମନ୍ଦିରରେ ଶ୍ରୀଜୀଉଙ୍କ ନୃସିଂହ ଅବତାର।

# ଆର୍‌ଏସ୍‌ପି କନିଷ୍ଠ ଅଧିକାରୀଙ୍କ ପ୍ରବେଶ ଉତ୍ସବ

ରାଉରକେଲା,୨୨।୬
(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଗୋପବନ୍ଧୁ ଅଡୋଟରିୟମ ହଲଠାରେ ଆର୍‌ଏସ୍‌ପିର କନିଷ୍ଠ ଅଧିକାରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଆର୍‌ଏସ୍‌ପିର କାର୍ଯ୍ୟବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ ଅଧ୍ୟକ୍ଷତା କରିଥିଲେ। କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ ଓ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ମଞ୍ଚାସୀନ ଥିଲେ। ଏଥିରେ ସମ୍ପ୍ରତି ପଦୋନ୍ନତି ପାଇଥିବା ୧୬୩ଜଣ ଜୁନିୟର ଅଧିକାରୀ ଉପସ୍ଥିତ ଥିଲେ। ଅଧିକାରୀମାନଙ୍କ ମଧ୍ୟରେ ଥିବା ଦକ୍ଷତା ଏବଂ ଲୁକ୍କାୟିତ କ୍ଷମତାକୁ ସୂର୍ଯ୍ୟବଂଶୀ ପ୍ରଶଂସା କରିବା ସହ ଶିକ୍ଷଣ ମନୋଭାବ, ଠିକ୍ ସମୟରେ ଠିକ୍ ଲୋକଙ୍କୁ ଯୋଗାଯୋଗ, ଠିକ ନିଷ୍ପତ୍ତି ଓ ପ୍ରତ୍ୟେକ ଜିନିଷ ଉପରେ ୩୬୦ଡିଗ୍ରୀ ଦୃଶ୍ୟମାନ ଆଦି ଗୁରୁତ୍ୱପୂର୍ଣ୍ଣ ଦିଗରେ ଦାୟିତ୍ୱବାନ ସହକାରେ କାର୍ଯ୍ୟ ତୁଲାଇବା ପାଇଁ ସେ ଦିଗ୍‌ଦର୍ଶନ ଦେଇଥିଲେ। ୬ମାସିଆ ତାଲିମ କାର୍ଯ୍ୟକ୍ରମର ବିଭିନ୍ନ ପର୍ଯ୍ୟାୟ ଉପରେ ଏଚ୍‌ଆରଡି ବିଭାଗର ଏଜିଏମ୍ କେ. କେ. ଜୈଶୱାଲ ସଂକ୍ଷିପ୍ତ ଉପସ୍ଥାପନା କରିଥିଲେ। ପରେ ଯୋଗ ଅଧିବେଶନକୁ ସିପି-୨ ବିଭାଗର ବରିଷ୍ଠ ପରିଚାଳକ ବାବୁଲା ନାହକ ପରିଚାଳନା କରିଥିଲେ। କନିଷ୍ଠ ଅଧିକାରୀଙ୍କ ପକ୍ଷରୁ ପି. ପାତ୍ର ପ୍ରତିନିଧିତ୍ୱ କରିଥିବା ବେଳେ କେ. କେ. ଜୈଶୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶର ଶ୍ରେଷ୍ଠ ବିଧାୟକ ତାଲିକାରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା

ଲହୁଣୀପଡ଼ା,୨୨।୬(ଦାଶରଥି ପଣ୍ଡା)



ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଦେଶର ଶ୍ରେଷ୍ଠ ବିଧାୟକ ତାଲିକାରେ ସ୍ଥାନ ପାଇଥିବା ଜଣାପଡ଼ିଛି। ଜାତୀୟ ବିଧାୟକ ସମ୍ମିଳନୀ ୨୦୨୩ (ଏନ୍‌ଏଲ୍‌ସି)ରେ ମୁଣ୍ଡାଙ୍କ ଜନ ହିତକର କାର୍ଯ୍ୟକଳାପକୁ ଉଚ୍ଚ ପ୍ରଶଂସିତ କରାଯାଇଛି। ଦେଶର ଶ୍ରେଷ୍ଠ ୭୫ ଜଣ ବିଧାୟକଙ୍କ ତାଲିକାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ୫ ବିଧାୟକ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବରୀ ବିଧାୟିକା ସୁନନ୍ଦା ଦାସ, ମୟୂରଭଞ୍ଜ ଜିଲା ସାରସକଣା ବିଧାୟକ ଡ. ବୁଢାନ ମୁର୍ମୁ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ସ୍ଥାନ ପାଇଛନ୍ତି। ଏମ୍‌ଆଇଟି ୱାର୍ଲଡ ପିସ ୟୁନିଭରସିଟି ସହଯୋଗରେ ମୁମ୍ବାଇରେ ଗତ ୧୪ ରୁ ୧୮ ତାରିଖ ପର୍ଯ୍ୟନ୍ତ ଜାତୀୟ ବିଧାୟକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ରାଜ୍ୟରୁ ଶ୍ରେଷ୍ଠ ବିଧାୟକଭାବେ ୭୫ ଜଣଙ୍କୁ ସମ୍ମାନିତ କରାଯାଇଛି। ଏହି ତାଲିକାରେ ଓଡ଼ିଶାର ୫ ବିଧାୟକ ଅଛନ୍ତି। ଲକ୍ଷ୍ମଣ ମୁଣ୍ଡା ୧୯୯୨ରୁ ସରପଞ୍ଚଭାବେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପରେ କୋଇଡା ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ପରେ ସିପିଆଇଏମ୍ ଦଳ ପକ୍ଷରୁ ୨୦୦୪ ରୁ ୨୦୦୯, ୨୦୧୪ ରୁ ୨୦୧୯ ଓ ୨୦୧୯ରୁ ଆଜି ପର୍ଯ୍ୟନ୍ତ ବିଧାୟକ ଭାବେ ନିର୍ବାଚିତ ହୋଇ କାର୍ଯ୍ୟ କରୁଛନ୍ତି। ବଣେଇର ଜୀବନ ରେଖା ୨୧୫।୫୨୦ ଜାତୀୟ ରାଜପଥ, ବିଭିନ୍ନ ରାଜ୍ୟ ରାଜପଥ ନିର୍ମାଣ ପାଇଁ ନିରବଚ୍ଛିନ୍ନଭାବେ ଆନ୍ଦୋଳନ କରି ସଫଳ ହୋଇଛନ୍ତି। ବଣେଇ ଜିଲା ଗଠନ,ଏନ୍‌ଏସି ଘୋଷଣା, ଖୁଣ୍ଟଗାଁ ବ୍ଲକ ଘୋଷଣା, ଶିତଳ ଭଣ୍ଡାର ଖୋଲିବା, ବଣେଇରେ ଇଂଜିନିୟରିଂ କଲେଜ ଖୋଲିବା, ବଣେଇ ଗଡ଼ ମହାବିଦ୍ୟାଳୟକୁ ସରକାର ହାତକୁ ନେବା, ବଣେଇ ଚିକିତ୍ସାଳୟକୁ ଜିଲା ସ୍ତରୀୟ ଚିକିତ୍ସାଳୟରେ ପରିଣତ କରିବା ପ୍ରଭୃତି ଦାବି କରି ଆସିଛନ୍ତି। ଶିକ୍ଷାର ଉନ୍ନତି ପାଇଁ ବିଭିନ୍ନ ସ୍ୱୀକୃତି ପ୍ରାପ୍ତ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ପାଇଁ ପାଠାଗାର,ସାଇକେଲ ଷ୍ଟାଣ୍ଡ, ଶ୍ରେଣୀଗୃହ, ଶୌଚାଳୟ, ଲାଇବ୍ରେରୀ ଗୃହ ନିର୍ମାଣ, କରୋନା ସମୟରେ ସମଗ୍ର ବଣେଇ ନିର୍ବାଚନ ମଣ୍ଡଳୀରେ ୨୦ ହଜାରରୁ ଊର୍ଦ୍ଧ୍ୱ ମାସ୍କ ବଣ୍ଟନ, ବଣେଇ, ଲହୁଣୀପଡ଼ା, କୋଇଡ଼ା ଓ ଗୁରୁଣ୍ଡିଆ ଡାକ୍ତରଖାନାରେ ମାସ ମାସ ଧରି ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କୁ ମାଗଣାରେ ସୁଷମ ଖାଦ୍ୟ ବଣ୍ଟନ, ୨୦ ହଜାର ପରିବାରଙ୍କୁ ଶୁଖିଲା ଖାଦ୍ୟ ପୁଡ଼ିଆ ବଣ୍ଟନ, ଗମନାଗମନ ପାଇଁ ରାସ୍ତାଘାଟ ନିର୍ମାଣ, ବହୁ ଗ୍ରାମକୁ ଆଲୋକୀକରଣ, ବିଭିନ୍ନ ଧର୍ମ ଉପାସନା ଗୃହ, ମନ୍ଦିର ନିର୍ମାଣ ଓ ଉନ୍ନତୀକରଣ, ଅଧିକାଂଶ ଗ୍ରାମରେ ଗୋଷ୍ଠୀ କେନ୍ଦ୍ର ଗୃହ ନିର୍ମାଣ କରି ପ୍ରଶଂସିତ ହୋଇଛନ୍ତି। ଏହା ସହିତ ହଜାର ହଜାର ଆଦିବାସୀ ଓ ସ୍ଥାନୀୟ ଯୁବତୀଯୁବକଙ୍କୁ କର୍ମସଂସ୍ଥାନ ଯୋଗାଇ ଦେବା ପାଇଁ ଖଣି ମାଲିକଙ୍କ ବିରୋଧରେ ନିରବଚ୍ଛିନ୍ନ ଓ ନିଷ୍ପାପର ଭାବେ ଆନ୍ଦୋଳନ କରି ସଫଳ ହୋଇଛନ୍ତି। ଦେଶର ଶ୍ରେଷ୍ଠ ବିଧାୟକ ତାଲିକାରେ ସ୍ଥାନ ପାଇଥିବାରୁ ବିଧାୟକ ମୁଣ୍ଡାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

# ଜିଲାପାଳଙ୍କୁ ଭେଟିଲେ ସ୍ୱାଭିମାନ ମଞ୍ଚ ପ୍ରତିନିଧି

ସୁନ୍ଦରଗଡ଼,୨୨।୬(ଜୟନାରାୟଣ ମେଣ୍ଟୁଲି)

**ଜଳ ସମସ୍ୟାର ସମାଧାନ ଦାବି**

ସୁନ୍ଦରଗଡ଼ ସହରରେ ହେଉଥିବା ଉତ୍କଟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସ୍ୱାଭିମାନ ମଞ୍ଚର ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ଜିଲାପାଳଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ ରହିଛି, ଇବ୍ ନଦୀରେ ହେଉଥିବା ୨ଟି ବ୍ୟାରେଜ ନିର୍ମାଣ ସମୟସୀମା ଧାର୍ଯ୍ୟ କରାଯିବା, ନିୟମିତ ବ୍ୟବଧାନରେ କାର୍ଯ୍ୟର ଅଗ୍ରଗତି ନିମନ୍ତେ ସମୀକ୍ଷା କରାଯିବା ସହ ବ୍ୟାରେଜ ନିର୍ମାଣ ଶେଷ ନ ହେବା ପର୍ଯ୍ୟନ୍ତ ଖରାଦିନିଆ ଉତ୍କଟ ଜଳ ସମସ୍ୟାର ଦୂରୀକରଣ ନିମନ୍ତେ ଇବ୍‌ରେ ଅସ୍ଥାୟୀ ବାଲିବନ୍ଧ ନିର୍ମାଣ କରିବା। ଏଥିସହ ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ପାନୀୟ ଜଳର ଅପବ୍ୟବହାରକୁ ରୋକିବା ନିମନ୍ତେ ପଦକ୍ଷେପ ନେବା, ବିଭିନ୍ନ ସ୍ଥାନରେ ଭୂମିଜ ଜଳ ସଂରକ୍ଷଣ ବ୍ୟବସ୍ଥା କରିବା ଭଳି ସମୁଦାୟ ୧୬ ଦାବି ଉପସ୍ଥାପନ କରିଥିଲେ। ଜିଲାପାଳ ଏହି ବିଷୟକୁ ଅତି ଗମ୍ଭୀରତାର ସହ ନେଇ ଆଗାମୀ ଦିନରେ ଏହି ଦାବି ଗୁଡ଼ିକ ବିଷୟରେ ତର୍ଜମା କରି ଉଚିତ୍ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସ୍ୱାଭିମାନ ମଞ୍ଚର ସଦସ୍ୟ ବୃନ୍ଦ ଅଜିତ ଦାଶ, ସଚିନ ବିଶ୍ୱକର୍ମା, ଆଦର୍ଶ ମେହେର, ସର୍ଫରାଜ୍ ଅହମଦ, ମିଁକୁ ସିଂହ, ସଞ୍ଜୟ ରଣା, ଅମିତ ସରାଫ, ଗୌରବ, ସଦ୍ଦାମ, ଶୁଭମ୍, ରୋନକ, ସଚିନ ଠାକୁର, ଅନିଲ, ମୁନୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ସ୍ୱାଭିମାନ ମଞ୍ଚର ପ୍ରତିନିଧିଗଣ।

# ଚଣ୍ଡିଗଡ଼କୁ ହରାଇ ମଧ୍ୟପ୍ରଦେଶ ଚାମ୍ପିୟନ

ରାଉରକେଲା,୨୨।୬(ଦିନେଶ ମିଶ୍ର)

ରାଉରକେଲା ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଚାଲିଥିବା ତ୍ରୟୋଦଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି ଚାମ୍ପିୟନଶିପ୍‌ରେ ମଧ୍ୟପ୍ରଦେଶ ୪-୨ ଗୋଲରେ ଚଣ୍ଡିଗଡକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ମଧ୍ୟପ୍ରଦେଶ ଦଳ ଆରମ୍ଭରୁ ଆକ୍ରମକ ଖେଳ ପ୍ରଦର୍ଶନ କରିଥିଲା। ଫରୱାର୍ଡ ଖେଳାଳି ଶ୍ରୀୟାସ ଧୁପେ ୧୭ ଓ ୪୬ ମିନିଟ୍‌ରେ ପ୍ରଥମେ ଦୁଇଟି ଗୋଲ କରି ଦଳକୁ ଆଗୁଆ ରଖିଥିଲେ। ପରେ ଅଲ୍ଲୀ ଅହମ୍ମଦ ୫୨ ମିନିଟ ଓ ମହମ୍ମଦ କନାଇନ ଡାଡ ୨୫ ମିନିଟରେ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରିଥିଲେ। ସେହିପରି ଚଣ୍ଡିଗଡ ଦଳ ପକ୍ଷରୁ ଖେଳର ୯ ମିନିଟ୍‌ରେ ଫରୱାର୍ଡ ଖେଳାଳି ସୁମିତ ପ୍ରଥମ ଗୋଲ କରିଥିବାବେଳେ ସୁରେନ୍ଦ୍ର ସିଂ ଖେଳର ୩୧ ମିନିଟରେ ଗୋଟିଏ ଗୋଲ କରିଥିଲେ। ସେହିପରି ତୃତୀୟ ସ୍ଥାନ ପାଇଥିବା ହରିୟାଣା ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଥିଲା। ହରିୟାଣା ଓ ଓଡିଶା ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ହରିୟାଣା ୩-୧ ଗୋଲରେ ଓଡିଶାକୁ ପରାସ୍ତ କରିଥିଲା। ହରିୟାଣା ଦଳ ପକ୍ଷରୁ



ଚଣ୍ଡିଗଡ଼ ଓ ମଧ୍ୟପ୍ରଦେଶ ମଧ୍ୟରେ ଫାଇନାଲ ମ୍ୟାଚ୍‌ର ଦୃଶ୍ୟ।

**ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍ ଉଦ୍‌ଯାପିତ**

ପ୍ରଥମ ପର୍ଯ୍ୟାୟରେ ଖେଳର ୪ ମିନିଟ୍‌ରେ ଶୁଭମ ଓଡିଶା ବିପକ୍ଷରେ ପ୍ରଥମ ଗୋଲ ମାରିଥିଲେ। ପରେ ଅଧିନାୟକ ରୋହିତ ୨୮ ମିନିଟ୍ ଓ ପ୍ରିକସିତ ପାଲ ଖେଳର ୫୨ ମିନିଟ୍‌ରେ ଗୋଟିଏ ଗୋଲ କରି ଦଳକୁ ବିଜୟୀ କରିଥିଲେ। ଓଡିଶା ଦଳ ପକ୍ଷରୁ ଆକାଶ ସରେଙ୍ଗ ଖେଳର ୫୩ ମିନିଟ୍‌ରେ ହରିୟାଣା ବିପକ୍ଷରେ ଗୋଟିଏ ଗୋଲ କରିଥିଲେ। ସୂଚନାଯୋଗ୍ୟ, ଆସନ୍ତା ୨୭ ତାରିଖରୁ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ଜୁନିୟର ମହିଳା ଚାମ୍ପିୟନଶିପ୍ ଖେଳାଯିବ।

# ରିମ୍‌ସରେ ଅନ୍ତର୍ଜାତୀୟ ଯୋଗ ଦିବସ

ରାଉରକେଲା,୨୨।୬(ବିପ୍ଳବ ରଞ୍ଜନ ଦାଶ)

ରିମ୍‌ସରେ ଆନ୍ତର୍ଜାତୀୟ ଯୋଗ ଦିବସ ବୁଧବାର ପାଳିତ ହୋଇଯାଇଛି। ରିମ୍‌ସର ଅଧକ୍ଷା ନଳିନୀପ୍ରଭା ପଟ୍ଟନାୟକଙ୍କ ପ୍ରେରଣା ଏବଂ ଏହାର ଏନ୍‌ଏସ୍‌ଏସ ୟୁନିଟର ସଂଯୋଜନା କ୍ରମେ ଯୋଗ ଦିବସ ପାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରିମ୍‌ସର ଅଧକ୍ଷ ଓଡିଶା ମ୍ୟାନେଜମେଣ୍ଟ କଲେଜ ଆସୋସିଏଶନ ଓ ସେକ୍ରେଟେରୀ ଡଃ ଆର୍ଯ୍ୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଡଃ ପଟ୍ଟନାୟକ ଯୋଗ ଓ ଶିକ୍ଷାର ବିଶେଷ ସମ୍ବନ୍ଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଗ ଦ୍ୱାରା ଶାରୀରିକ, ମାନସିକ, ଆଧାତ୍ମିକ ଚେତନାର ବିକାଶ କରାଯାଇପାରିବ। ଏହା ଏକ ସୁସ୍ଥ ସମାଜ ଗଠନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ରିମ୍‌ସର ନିର୍ଦ୍ଦେଶକ ଡ. କରୁଣାକର ପାତ୍ର, ଭାଇସ ପ୍ରିନ୍ସପାଲ ଡ. ସୁବ୍ରତ ପ୍ରସାଦ ପଟ୍ଟନାୟକ, ଡିନ୍ ଏକାଡେମିକ୍ସ ଡ. ସନ୍ତୋଷ କୁମାର ବିଶ୍ୱାଳଙ୍କ ସାମତ ଅନ୍ୟ ଶିକ୍ଷୟତ୍ରୀ ଶିକ୍ଷକ, କର୍ମଚାରୀ ଏବଂ ସମସ୍ତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଏଚ୍‌ଓଡି ଷ୍ଟୁଡେନ୍ସ ଆଫେୟାର୍ସ ଓ ଏନ୍‌ଏସ୍‌ଏସ ୟୁନିଟ୍ ପ୍ରୋଗ୍ରାମ ଅଫିସର ପ୍ରଫେସର ସିଦ୍ଧାର୍ଥ ଶଙ୍କର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଲ୍ୟାଣ ମଣ୍ଡପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ



କଲ୍ୟାଣ ମଣ୍ଡପ ଶିଳାନ୍ୟାସ ଅବସରରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

ମୁରିବାହାଲ, ୨୨।୬(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ମାଲିସିରା ପଞ୍ଚାୟତ ଖରାଳି ଗ୍ରାମ ନିକଟ ରହେନଛୁଆଁମୁଣ୍ଡା ସିଦ୍ଧିକ୍ଷେତ୍ରଠାରେ ଏକ କଲ୍ୟାଣ ମଣ୍ଡପ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଭ୍ୟ ହଂସରାଜ ଜୈନଙ୍କ ଅଧ୍ୟକ୍ଷତାରେ ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ କୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୩୫ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ପ୍ରକଳ୍ପ ପାଇଁ ଅଧିକ ଅର୍ଥ ଆବଶ୍ୟକ ହେଲେ ଯୋଗାଇ ଦିଆଯିବ। ଏଥିସହ ଏହିକ୍ଷେତ୍ରକୁ କିପରି ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳି ପାରିବ ସେଥିପାଇଁ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ତ୍ରିପାଠୀ କହିଥିଲେ। ସମ୍ମାନୀତ ଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସିଇଓ ଅଜିତ କୁମାର ମିଶ୍ର, ଟିଟିଲାଗଡ଼ ଉପଜିଲାପାଳ ଦୟାମୟ ପାଢ଼ୀ, ମୁରିବାହାଲ ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ, ତହସିଲଦାର ସୋନାଲି ପାତ୍ର, ମାଲିସିରା ସରପଞ୍ଚ ଦେବରାଜ ପାତ୍ର, ସମିତି ସଭ୍ୟ ବିନୋଦିନୀ ମାଝି ଓ ଉକ୍ତ ମନ୍ଦିରର ସାଧୁ ମୂରଲୀଧର ନନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଯୋଜନାଗୁଡିକର ସଠିକ୍ ପରିଚାଳନା କରିଥିବା ମୁରିବାହାଲ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କାର୍ଯ୍ୟକ୍ରମ ପରିଚାଳନାରେ ଟ୍ରଷ୍ଟ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସମ୍ପାଦକ ପୁଲସ୍ତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି ନଡ୍ଡାଙ୍କ ଭବାନୀପାଟଣା ଗସ୍ତ

ଭବାନୀପାଟଣା,୨୨।୬(ଉତ୍ତମ କୁମାର ଦାଶ): ଭବାନୀପାଟଣା ଆସୁଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା। ଶୁକ୍ରବାର ପୂର୍ବାହ୍ନରେ ଭବାନୀପାଟଣା ପହଞ୍ଚିବା ପରେ ପ୍ରଥମେ ମା' ମାଣିକେଶ୍ୱରୀଙ୍କ ଦର୍ଶନ କରିବେ। ଏହାପରେ ଲାଲାବାହଦୂର ଷ୍ଟାଡ଼ିୟମରେ ଆୟୋଜିତ ମହାଜନସମ୍ପର୍କ ସମାବେଶରେ ଦଳୀୟ କର୍ମକର୍ତ୍ତାଙ୍କୁ ଉଦବୋଧନ ଦେବେ ନଡ୍ଡା। ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପ୍ରଭାରି ପୁରନ୍ଦେଶ୍ୱରୀଙ୍କ ସହ ସ୍ଥାନୀୟ ବିଧାୟକ ପ୍ରଦୀପ୍ତ ନାଏକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ୫୦ ହଜାରୁ ଅଧିର ଭାଜପା ସମର୍ଥକ ଓ ସାଧାରଣ ଜନତା ଯୋଗଦେବେ ବୋଲି ଜଣାପଡ଼ିଛି। ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଏହି ଗସ୍ତ ନେଇ ଜିଲା ଭାଜପା କର୍ମକର୍ତ୍ତାଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଦେଇଛି। ଏପରିକି ଭବାନୀପାଟଣା ସହର ଏବେ ଗେରୁଆ ମୟ ଦେଖିବାକୁ ମିଳିଛି।

# ଟ୍ରେଲର ଚାପାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପୁଅ ମୃତ



ଭବାନୀପାଟଣା/ଲାଞ୍ଜିଗଡ଼,୨୨।୬ (ଉତ୍ତମ କୁମାର ଦାଶ/ରମେଶ ଚନ୍ଦ୍ର ନାୟକ) : କଳାହାଣ୍ଡି ଜିଲା ଭବାନୀପାଟଣା ରାୟଗଡ଼ାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ଖଇରମାଲ ନିକଟରେ ଗୁରୁବାର ସକାଳରେ ଟ୍ରେଲର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଶ୍ୱନାଥପୁରର ତକଦୀର ହରପାଲ(୩୬)। ସେ ପୂର୍ବତନ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲଙ୍କ ଏକମାତ୍ର ପୁଅ। ଖବର ପାଇ ଭବାନୀପାଟଣା ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନାନୁଯାୟୀ, ସକାଳ ପ୍ରାୟ ୯ଟାରେ ତକଦୀର ଏକ ବୁଲେଟ୍ ଯୋଗେ ଭବାନୀପାଟଣା ଯାଉଥିବାବେଳେ ସାମ୍ନା ପଟେ ଆସୁଥିବା ଏକ ବାଇକ୍‌କୁ ସାଇଡ ଦେଉଥିବାବେଳେ ଦ୍ରୁତଗତିରେ ଯାଉଥିବା ଏକ ଟ୍ରେଲର ତାଙ୍କୁ ଚାପି ପ୍ରାୟ ଶହେ ମିଟର ଘୋଷାଡ଼ି ନେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତକଦୀରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ବାଇକରେ ଥିବା ଦୁଇଜଣ ଯୁବକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଏ ନେଇ ସଦର ଥାନା ପୋଲିସ ଏକ ମାମଲା (ନଂ.୨୦୬/୨୩) ରୁଜୁ କରି ଦୁର୍ଘଟଣା ଘଟାଇଥିବା ଟ୍ରଲର ଜବତ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଲାଞ୍ଜିଗଡ଼ ବ୍ଲକ ରାଜନୈତିକ ପରିବାର ଭାବେ ପରିଚିତ ହରପାଲ ପରିବାର ବଡ଼ପୁଅ ତକଦୀର ହୋଇଥିବାବେଳେ ତାଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଶ୍ରୀଦେବୀ ମହାନନ୍ଦ (ଭୁର୍ଚିଗଡ଼ ସମିତିସଭ୍ୟା) ଓ ତାଙ୍କର ଏକ ୫ ବର୍ଷର ପୁଅ ରହିଛି।

# ଜଙ୍ଗଲ ଅଧିକାର ଆଇନ ପ୍ରଣୟନ ପାଇଁ ସ୍ମାରକପତ୍ର

ଭବାନୀପାଟଣା,୨୨।୬(ଉତ୍ତମ କୁମାର ଦାଶ)

ଜଙ୍ଗଲ ଅଧିକାର ଆଇନ ୨୦୦୬ କାର୍ଯ୍ୟକାରିତାକୁ ନେଇ ସାଇନିଙ୍ଗ କଳାହାଣ୍ଡିର ଅଧ୍ୟକ୍ଷ ଡ. ଭବାନୀ ଶଙ୍କର ନିଆଲ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜଙ୍ଗଲ ଅଧିକାର ଆଇନ ୨୦୦୬ କାର୍ଯ୍ୟକାରିତା ଓ ଏହାର ସରକାରୀସ୍ତରରେ ତଥା ଗ୍ରାମାଞ୍ଚଳରେ ରହୁଥିବା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀମାନଙ୍କ ଏଯାଏଁ କୌଣସି ସୁଫଳ ମିଳି ନ ଥିବାରୁ ଆଇନ ପ୍ରଣୟନ ହୋଇ ୧୬ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର କାର୍ଯ୍ୟକାରିତାକୁ ନେଇ କଳାହାଣ୍ଡି ଜିଲାପାଳ ତଥା ଅଧ୍ୟକ୍ଷ ଜିଲାସ୍ତରୀୟ ଜଙ୍ଗଲ ଅଧିକାର କମିଟି ଅଧ୍ୟକ୍ଷ ଡ଼.ନିଆଲ ସ୍ମାରକପତ୍ର ଦେଇଛନ୍ତି। ସ୍ମାରକ ପତ୍ରରେ ଆଇନର ବିଭିନ୍ନ ଦିଗକୁ ତର୍ଜମା କରି ନିମ୍ନଲିଖିତ ବିଷୟକୁ ସ୍ୱତନ୍ତ୍ର ଦୃଷ୍ଟିଦେବା ସହ ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କର ଦାବି ପୂରଣରେ ସହାୟକ ହେବା ପାଇଁ ଦାବି କରିଛନ୍ତି। ଏହି ଆଇନ କାର୍ଯ୍ୟକାରୀ କରୁଥିବା ସରକାରୀ କର୍ମଚାରୀ ଓ ଅଫିସରଙ୍କ ଦକ୍ଷତା ବୃଦ୍ଧି, ଗ୍ରାମ୍ୟସ୍ତରରେ ବ୍ୟାପକ ସଚେତନତାର ଆବଶ୍ୟକ, ପ୍ରତ୍ୟେକ ଜଙ୍ଗଲ ଅଧିକାର କମିଟି ପାଖରେ ରାଜସ୍ୱ ଓ ଜଙ୍ଗଲ ମେପ ତଥା ଜିପିଏସ ରିଡିଙ୍ଗକୁ ପହଞ୍ଚାଇବାର ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବା, ଜିଲା, ବ୍ଲକ ପଞ୍ଚାୟତସ୍ତରରେ ଏକ ହେଲ୍ପଲାଇନ ସେଣ୍ଟର ଖୋଲାଯିବା, ଗୋଷ୍ଠୀ ସମ୍ବଳ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାର କୁ ଗ୍ରାମସଭା/ଜଙ୍ଗଲ ଅଧିକାର କମିଟିକୁ ହସ୍ତାନ୍ତର କରିବା, ପ୍ରତ୍ୟେକ ଗାଁ ଗାଁ କୁ ଏକ ସ୍ୱତନ୍ତ୍ର ରଥ (ଜଙ୍ଗଲ ଅଧିକାର ଆଇନ) ବ୍ୟାପକ ପ୍ରଚାର ପ୍ରସାର କରିବା। ଗ୍ରାମ୍ୟ ସ୍ତରରେ ଗ୍ରାମ ସଭାକୁ ସଶକ୍ତ କରାଇବା, ଯେଉଁମାନେ ଏ ଯାଏଁ ଜଙ୍ଗଲ ଜମି ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କ ତାଲିକା ପ୍ରସ୍ତୁତ କରି ପୁରା ପ୍ରକ୍ରିୟା ସହ ପଟ୍ଟା ପାଇବା ଦିଗରେ ପଦକ୍ଷେପ ନେବା, ଜଙ୍ଗଲ ଅଧିକାର ଆଇନ ଅନୁସାରେ ଜିଲାସ୍ତରରେ କାର୍ଯ୍ୟକାରୀ କରୁଥିବା ସଂସ୍ଥା ଯଥା ବି.ଡବ୍ଲୁଓ, ଆଇଟିଡିଏ, ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର ହେଲ୍ପ ଲାଇନ ସ୍ଥାପନ ଆଦି ପ୍ରମୁଖ ଦାବି ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ସ୍ମାରକ ପତ୍ରର ପ୍ରତିଲିପି ମୁଖ୍ୟ ଶାସନ ସଚିବ ୫-ଟି ଓ ପିସିସିଏଫଙ୍କୁ ମଧ ଡ଼. ନିଆଲ ପ୍ରଧାନ କରିଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଡି-୮୩୬-ଟନେଲ୍, ତାରିଖ ୨୨।୦୬।୨୦୨୩** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଚକ୍ରଧରପୁର ଡିଭିଜନର ଗୋଇଲକେରା-ପୋସୋଟିଆ ସେକ୍ସନ ମଧ୍ୟରେ କାଣ୍ଟିଲିଭର୍‌ର ସ୍ଥାପନ ପାଇଁ ସ୍କ୍ୱୟାର୍ ଷ୍ଟବ୍‌ସର ବ୍ୟବସ୍ଥା ସହିତ ଅପ୍ ଏବଂ ଡାଉନ୍ ସରଣ୍ଡା ଟନେଲ୍‌ରେ ପୁରୁଣା ପ୍ରକାର କାଣ୍ଟିଲିଭର ସପୋର୍ଟ ଚ୍ୟାନେଲ୍‌ର ସଂଶୋଧନ । **ଟେଣ୍ଡର ମୂଲ୍ୟ:** ₹ ୩୮,୮୩,୯୮୪.୪୮; **ଇଏମ୍‌ଡି:** ₹ ୭୭,୭୦୦/- । **ସମାପ୍ତି ଅବଧି:** ୦୬ ମାସ । **ଟେଣ୍ଡର ବନ୍ଦ ହେବାର ତାରିଖ ଏବଂ ସମୟ:** ତା୧୭।୦୭।୨୦୨୩ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଏବଂ ସମୟ:** ତା୧୭।୦୭।୨୦୨୩ରିଖ ୧୫.୩୦ ଘଟିକା । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଦ.ପୂ. ରେଳପଥ । ଇ-ଟେଣ୍ଡର **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । **(PR-318)**

**ODISHA PUBLIC SERVICE COMMISSION**

**ADVERTISEMENT NO. 11 OF 2023-24**

**Recruitment to the posts of Mining Officer in Group-A of Odisha Mineral Administrative Service Cadre under Steel & Mines Department.**

**WEBSITE - www.opsc.gov.in**

**No.D-72:** Online applications are invited from the prospective candidates through the Proforma application form to be made available on the website **(https://www.opsc.gov.in)** for recruitment to **23 (Twenty-Three)** posts of **Mining Officer** in Group-A of Odisha Mineral Admininstrative Services under Steel & Mines Department in the Scale of Pay of Rupees 56100/- in Level -12, Cell- 1 of the pay matrix as per ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

**2. VACANCY POSITION:**

As per requisition filed by the Steel & Mines Department, out of a total number of 23 (08-w) vacancies, 09 (03-w) vacancies are reserved for UR category, 04 (01-w) vacancies are reserved for SEBC category, 04 (02-w) vacancies are reserved for SC category and 06 (02-w) vacancies are reserved for ST category. Also, 01 vacancy is reserved for Persons with Disabilities under Hearing Impaired (HI) category with 40 % & more permanent disability.

**3. AGE:**

A candidate must have attained the age of 21 (twenty-one) years and must not be above the age of 38 (thirty-eight) years as on the 1st day of May, 2023 i.e., he/she must have been born not earlier than 2nd May 1985 and not later than 1st May 2002.

**4. EDUCATIONAL QUALIFICATION:**

A candidate must have possessed 2nd Class Degree in Mining Engineering from any recognized University in India.

**5. EXAMINATION FEE:**

The examination fee for all categories of candidates has been exempted as per GA&PG Department Notification No. 9897/Gen, dt. 11.04.2022.

**6. METHOD OF SELECTION:**

The selection of candidates for recruitment to the posts of Mining Officer will be made on the basis of Written Test and Viva Voce Test.

**The link for registration shall be available from 01.07.2023 to 31.07.2023 (Note: 31.07.2023 is the last date for submission of Registered Online Application.)**

The candidates are advised to visit the Website of the Commission at **http://opsc.gov.in for detail information for applying to the above post.**

**CUTTACK**
**DATE - 21.06.2023**
**OIPR-12002/11/0047/2324**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**

# କସ୍ତୁରବା ବାଳାଶ୍ରମରୁ ଏବେ ଉତ୍କଳ ବଳାଶ୍ରମ




ଖଡ଼ିଆଳ,୨୨।୬(ସୁଜିତ୍ ପ୍ରଧାନ)

## କସ୍ତୁରବା ବାଳାଶ୍ରମକୁ ମିଳିଲା ସରକାରୀ ମାନ୍ୟତା

ନୂଆପଡା ଜିଲା ଖଡ଼ିଆଳଠାରେ ଥିବା କସ୍ତୁରବା ବାଳାଶ୍ରମ ସରକାରୀ ମାନ୍ୟତା ପାଇଥିବା ବେଳେ ତାର ନାମ ବଦଳି ଉତ୍କଳ ବଳାଶ୍ରମ ହୋଇଛି। ବୁଧବାର ଆନୁଷ୍ଠାନିକ ଭାବେ ନୂଆପଡା ଏଡିଏମ ଅଗସ୍ତି ପ୍ରଧାନଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଜିଲା ଶିଶୁ ସୁରକ୍ଷା ସମିତି ସଭାପତି ଡ ଫଣିନ୍ଦମ ସିଂଦେଓ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ବଳିଆର ସିଂ, ଏସ୍‌ଡିପିଓ ଅରୁପ ଅଭିଷେକ ବେହେରା, ଏନଏସି ଇଓ ଚିନ୍ମୟ ଆଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ଶିବପ୍ରଶାଦ ବେହେରା, ତହସିଲଦାର ସିନ୍ଧୁସୁତା ପାତ୍ର, ସିଡିପିଓ ମିନା କୁମାରୀ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। କସ୍ତୁରବା ଆଶ୍ରମ ସ୍ଥାନୀୟ ଲୋକଙ୍କ ପ୍ରଚେଷ୍ଟାରେ ୧୯୮୩ରେ ପ୍ରତିଷ୍ଠା ହୋଇଥିବା ବେଳେ ଲୋକଙ୍କ ସାହାଯ୍ୟରେ ଆଶ୍ରମ ଚାଲି ଆସୁଥିଲା। ଅଞ୍ଚଳର ଅନାଥ ଛାତ୍ରୀଛାତ୍ର ଏଠାରେ ରହି ଶିକ୍ଷା ଗ୍ରହଣ କରି ଆସୁଥିଲେ। ପରେ ସରକାରୀସ୍ତରରେ ୫୦ ପ୍ରତିଶତ ସହଯୋଗ ପାଇ ଆଶ୍ରମ ଆଗକୁ ବଢିଥିଲା। ଆଶ୍ରମରେ ଅନାଥ ଛାତ୍ରୀଛାତ୍ର ଉତ୍ତମ ଶିକ୍ଷା ଗ୍ରହଣ କରି ୫ଜଣ ଛାତ୍ରୀ ସ୍ଥାନୀୟ ଆଇଟିଆଇରେ ଶିକ୍ଷା ଗ୍ରହଣ କରି ସାରିଥିବା ବେଳେ ଚଳିତବର୍ଷ ପୁଣି ଏହି ଆଶ୍ରମରୁ ୪ଜଣ ଛାତ୍ରୀ ସ୍ଥାନୀୟ ଆଇଟିଆଇରେ ଶିକ୍ଷା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଏହି ଆଶ୍ରମକୁ ସରକାରୀ ମାନ୍ୟତା ଦେଇ ଥିବାରୁ ବିକଶିତ ଆଶ୍ରମ ହୋଇ ଗଢି ଉଠିବା ଶହ ଅନାଥ ଛାତ୍ରୀଛାତ୍ର ବହୁ ସୁବିଧା ପାଇ ପାରିବେ ବୋଲି ଉପଜିଲାପାଳ ଓ ଜିଲା ଶିଶୁ ସୁରକ୍ଷା ସମିତି ସଭାପତି ସିଂଦେଓ ପ୍ରକାଶ କରିଛନ୍ତି। ଉତ୍କଳ ବଳାଶ୍ରମ ଅଧକ୍ଷ୍ୟା ଅର୍ଚ୍ଚନା ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧାପିକା ପ୍ରିୟଦର୍ଶିନୀ ଠାକୁର ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

**ଭାରତ ସରକାର**
**ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ**
**(ପୋର୍ଟ ୱିଙ୍ଗ୍)**
**୧, ଟ୍ରାନ୍ସପୋର୍ଟ ଭବନ, ପାର୍ଲାମେଣ୍ଟ ଷ୍ଟ୍ରିଟ୍, ନୂଆଦିଲ୍ଲୀ-୧୧୦୦୦୧**

**ବିଚାରକ ପରିଷଦରେ ଖାଲି ପଦବୀ ପୂରଣ କରିବା ପାଇଁ ସଂକ୍ଷିପ୍ତ ବିଜ୍ଞାପନ**

ପ୍ରମୁଖ ବନ୍ଦର କର୍ତ୍ତୃପକ୍ଷ ଅଧିନିୟମ, ୨୦୨୧ ଅଧୀନରେ ଗଠିତ ପ୍ରମୁଖ ବନ୍ଦର ବିଚାରକ ପରିଷଦ ନିମନ୍ତେ ପ୍ରିଜାଇଡିଂ ଅଫିସର (ଜଣେ) ଏବଂ ସଦସ୍ୟ (ଦୁଇଜଣ) ପଦବୀ ପୂରଣ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି । ପ୍ରିଜାଇଡିଂ ଅଫିସର ପଦବୀ ପାଇଁ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି/ ଭାରତର ଯେକୌଣସି ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଯୋଗ୍ୟ ହେବେ । ସଦସ୍ୟ ପଦବୀ ପାଇଁ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ମୁଖ୍ୟ ସଚିବ କିମ୍ବା ସମତୁଲ୍ୟ କିମ୍ବା ଭାରତ ସରକାରଙ୍କ ଅବସରପ୍ରାପ୍ତ ସଚିବ କିମ୍ବା ସମତୁଲ୍ୟ ଯୋଗ୍ୟ ହେବେ । ସବିଶେଷ ବିଜ୍ଞାପନ ମନ୍ତ୍ରଣାଳୟର ୱେବ୍‌ସାଇଟ୍ **(https://shipmin.gov.in)**ରେ ଦେଖାଯାଇପାରିବ ।

ଉପଯୁକ୍ତ ପଦ୍ଧତି ମାଧ୍ୟମରେ ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ତା୧୯।୦୭।୨୦୨୩ରିଖ ୫.୩୦ ଘଟିକା । ଏ ବାବଦୀୟ ଶୁଦ୍ଧିପତ୍ର/ଯୋଗପତ୍ର, ଯଦି ଥାଏ, କେବଳ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ।

**CBC 37201/11/0005/2324**

**ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN: U13100OR1956SGC000313, www.omcltd.in

**No.CAD-1032:**

**CORRIGENDUM TO TENDER NIT No.21/OMC/CIVIL/2023**

The Class of Contractor may be read as Special and Super Class. All other terms & conditions of the above NIT shall remain un-changed.
Please visit Govt. website www.tendersodisha.gov.in
The other Terms and Conditions are remaining unchanged.

**Sd./- Chief General Manager (Civil)**
**OIPR-30005/11/0062/2324**

**Government of Odisha**
**Office of the Chief Construction Engineer Rural Works Circle, Sambalpur.**
E-mail Id serwcirclesbp@yahoo.com

**Bid Identification No. Bridge Tender Online RWCSBP-11 No: 1371 Dated: 26.06.2023**

**No.O-250:** The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 08 (Eight) nos of Bridge work under Biju Setu Yojana for the year 2022-23.

1. Name of work : Bridge works under BSY for the year 2022-23.
2. No. of Work : 08 (Eight) nos of Bridge work Details as per DTCN
3. Estimated Cost : Approximately cost Rs.305.44 lakhs to Rs.769.27 lakhs
4. Class of Contractor : 'A' & 'Spl.' Class
5. Cost of tender paper and mode of deposit : Rs. 10,000/- per set.( to be deposited On-line) in favour concerned Executive Engineer
6. Mode of Submission of tender : Tender should be submitted only online in website www.tendersorissa.gov.in (https://tendersodisha.gov.in.)
7. EMD and mode of deposit : 1% of estimated cost of the work to be remitted. online as mentioned in DTCN.

8. Summary of key dates are provided below:

| Procurement Officer | Bid Identification No. | Availability of Tender online for bidding | | Last date & time for seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Bridge Tender Online RWCSBP- 11/ 2023-24 | 05.07.2023 at 11.00 A.M. | 19.07.2023 upto 5.00 P.M. | 16.07.2023 upto 5.00 P.M. | 20.07.2023 at 11.00 A.M. | To be intimated later |

*Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

**Sd./- Chief Construction Engineer**
**Rural Works Circle, Sambalpur**

**OIPR-25091/11/0018/2324**

# ପରିବେଶ ସନ୍ତୁଳନ ଦିଗରେ କାର୍ଯ୍ୟ କରନ୍ତୁ ଯୁବଗୋଷ୍ଠୀ

ବଲାଙ୍ଗୀର, ୨୨।୬ (ବୀରେନ୍ଦ୍ର କୁମାର ଝାଙ୍କର)

## ଯୁବାବସ୍ଥାରେ ସାମାଜିକ ଦାୟିତ୍ୱବୋଧ ଉପରେ ଆନ୍ତର୍ଜାତିକ ୱେବିନାର

ଟିଟିଲାଗଡ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଯୁବାବସ୍ଥାରେ ସାମାଜିକ ଦାୟିତ୍ୱବୋଧ ବିଷୟରେ ଏକ ଆନ୍ତର୍ଜାତିକ ୱେବିନାର ଗୁରୁବାର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଇଂଲିଶ ଅଧ୍ୟାପକ ଜୟଦେବ କରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ୱେବିନାରରେ ଆୟରଲ୍ୟାଣ୍ଡ ସ୍ଥିତ ଡବ୍ଲିନ ସହରର ବରିଷ୍ଠ ସମାଜସେବୀ ଟୋନି କୋଫି ମୁଖ୍ୟବକ୍ତା ଏବଂ ଦକ୍ଷିଣ ଆଫ୍ରିକାର ଲେଶିଥି ସହରର ନାରୀବାଦୀ ସମାଜସେବୀ ସିଜୁ ମୁପୋ ଅତିଥି ବକ୍ତାଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ମେଜର ଡ. ମଧୁସୂଦନ ମିଶ୍ର ଏହି ୱେବିନାରକୁ ଉଦ୍‌ଘାଟନ କରି ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଆଇକ୍ୟୁଏସି କୋଅର୍ଡିନେଟର ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ ନିମନ୍ତ୍ରିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ଓ ପ୍ରଫେସର ବିଧାନ ଚନ୍ଦ୍ର ମିଶ୍ର ଡିଏଭି ମହାବିଦ୍ୟାଳୟର ଗୌରବମୟ ଐତିହ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଟୋନି କଫି ଯୁବକମାନଙ୍କୁ ପରିବେଶ ସନ୍ତୁଳନ ଦିଗରେ କାର୍ଯ୍ୟ କରି ଅଧିକରୁ ଅଧିକ ବୃକ୍ଷରୋପଣ ଏବଂ ଅଙ୍ଗାରକାମ୍ଳର ବିଷ ବଳୟରୁ ପୃଥିବୀକୁ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ସିଜୁ ମୁପୋ ଦକ୍ଷିଣ ଏସିଆ ଏବଂ ଆଫ୍ରିକୀୟ ଦେଶ ମାନଙ୍କରେ ଯୁବତୀମାନେ ସାମ୍ନା କରୁଥିବା ସମସ୍ୟା ଏବଂ ତହିଁର ସମାଧାନ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଡ. ରମାକାନ୍ତ ବେହେରା ନାଗରିକ ଦାୟିତ୍ୱବୋଧ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର କୃଷ୍ଣ ଚନ୍ଦ୍ର ଶତପଥି ସାମ୍ପ୍ରତିକ ପରିସ୍ଥିତି ଉପରେ ବକ୍ତବ୍ୟ ରଖିଥିଲେ। ଏହି ୱେବିନାରରେ କଲେଜର ବରିଷ୍ଠ ପ୍ରାଧ୍ୟାପକ ଡ. ପ୍ରଣବ କିଶୋର ପୁରୋହିତ, ଡ. ନନ୍ଦ କିଶୋର ହୋତା, ଡ. ଉମେଶ ଚନ୍ଦ୍ର ସାହୁ, ଡ. ଉମାକାନ୍ତ ସାହୁ, ତଥା ଅଧ୍ୟାପକ ରାକେଶ ସେଠୀ, ମଳୟସେନ୍ ଜ୍ୟୋତିଷ, ବେଦବର ରଣା, ବୈଷ୍ଣବ କବାଟ, ସୁଶାନ୍ତ କୁମାର ପଟ୍ଟନାୟକ ତଥା ମାଲକାନଗିରି ଜିଲାର ବରିଷ୍ଠ ଅଧ୍ୟାପକ ଡ. ରଞ୍ଜନ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଟିଟିଲାଗଡ଼ କଲେଜ ଅଧ୍ୟାପିକା ଡ.ଦେବୀ କେ, ସବ୍ୟାରାଣୀ ସୁନା, ରୋଜାଲି ସେଠୀ, ବନ୍ଦନା କର, କର୍ମଚାରୀ ତଥା ସାହିତ୍ୟିକ ସଞ୍ଜୟ ଅଗସ୍ତି, ବିନୋଦ ପଟ୍ଟନାୟକ, ଚିର ପଟ୍ଟନାୟକ, ବିବେକାନନ୍ଦ ପାଣିଗ୍ରାହୀ, ରିମନ୍ ରଣା, ଲାଇବ୍ରେରୀଆନ୍ ରତ୍ନାକର ନାୟକ, ତଥା ଅନେକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସଂଯୋଜକ ଜୟଦେବ କର ଧନ୍ୟବାଦ ଅର୍ପଣ କରିଥିଲେ।

**CHILIKA DEVELOPMENT AUTHORITY**
**(A Govt. of Odisha Agency)**
**Plot No. 493(P), Pallaspalli, Pokhariput Road, Bhubaneswar - 751020**

**EXPRESSION OF INTEREST**
**RE-TENDER NOTICE**
**(No. 1307/CDA/2023) Dated: 17th June 2023**

No. CAD-1023: Sealed Expression of Interest are invited by the undersigned from the reputed Government Organisation/Government undertaking for the work "Consultancy proposal for preparation of Tender Document & Tender Schedule including evaluation of Bids and Pre & Post dredging survey for the Desiltation work in Chilika Lake". The organisation can only participate if they are having adequate experience in this type of work atleast for a period of 5 years in "Computation of desiltation work" in India in marine/brackish ecosystems.
The interested organisations may participate by giving two packets separately sealed i.e. **'Technical Bid'** & **'Price Bid'**.
The EOI as mentioned above should reach in the Office of the undersigned on or before 7th of July 2023 upto 5.00 P.M. and which will be opened on 10th of July 2023 at 11.30 A.M. in the O/o. the Chief Executive, Chilika Development Authority, Bhubaneswar. The detail of Terms of Reference will be made available in the website of Chilika Development Authority (i.e. **www.chilika.com**) from 23rd June 2023 to 7th July 2023 upto 5.00 P.M.

**Sd./- Addl. Chief Executive, Chilika Development Authority**
**OIPR-08138/11/0005/2324**

**OFFICE OF THE SUPERINTENDING ENGINEER RWS&S DIVISION, BALASORE**
**Tel: 06782-262249, Fax: 262931,**
**email: eerwss_bls@nic.in, eerwssbls@gmail.com.**
**NATIONAL COMPETITIVE BIDDING THROUGH e-Tendering**
**Identification No. 09 / 2023-24 Dt. 21.06.2023**

**No.O-253:** The Superintending Engineer, RWS&S Division, Balasore on behalf of the Governor of Odisha invites bids from bidders of eligible class registered with the Odisha State Government and bidders of equivalent Grade / Class registered with Central Government / MES / Railways for the works detailed in the table below to be eventually drawn up in P1 contract with design and execution of the following Piped Water Supply Projects.

1. Nos. of Work : RPWS Scheme to Bireshpur & adj. villages under Jaleswar block of Balasore district.
2. Estimated cost : Rs. 269.76 lakhs
3. Period of completion : 330 days
4. Availability of bid document in Portal: : Dt. 28.06.2023 at 10.00 hours to 12.07.2023 up to 17.00 hours through online.
5. Seeking of Clarification : Dt. 01.07.2023 at 10.00 hours to Dt. 07.07.2023 up to 15.00 hours
6. Date of opening of Bid : Dt. 13.07.2023 at 11.00 hours in the O/O EE, RWSS Division, Balasore.
7. Name and address of the Officer Inviting Tender : Superintending Engineer, RWS&S Division, Balasore

Bid Cost will be receipt through electronic payment by NEFT / RTGS. Further details can be seen from the e-Procurement Portal: http://tendersodisha.gov.in.

**Sd./- Superintending Engineer**
**RWS&S Division, Balasore**
**OIPR-25013/11/0004/2324**

**ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**
**Directorate of Fisheries, Odisha, Cuttack**
**Ph:0671-2414061, Fax:0671-2410521**
**Email:director.odifish@gmail.com/director@orissafisheries.com**
**website:www.odishafisheries.com**
**Order No.9978/ DOF-MV-MISC-0009-2023, Dated:21.06.2023**

**RE-QUOTATION CALL NOTICE**

**No.M-24:** Sealed quotation/ tender is invited from interested reputed Travel Agencies/ Tour Operator or private individuals for providing two number of Non-AC / AC preferably Tiago/ Bolt/ Celereo or any higher version vehicle/ Bolero Diesel driven vehicles having sitting capacity not more than 5 including Driver, for official use in the Directorate of Fisheries, Odisha, Cuttack on monthly rent basis. Please also quote rate and mileage offered per Km. in bid sheet for Non-AC and AC separately. The intending party must satisfy the Agreement laid down in Annexure-A which would be provided at the time of receipt paper. The vehicle must be in Road worthy condition shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, Proof of up-to-date tax payment, pollution control certificate etc, which are mandatory for plying of vehicle.

1. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
2. The Driver should be well behaved, gentle and obedient in nature.
3. A Sum of Rs.5000/- (Rupees five thousand) only shall be deposited by the intending bidders in shape of Account payee Bank Draft drawn in favour of the D.D.O, Directorate of Fisheries, Odisha, Cuttack and submit along with the tender as security deposit. After completion of tender process, the amount will be refunded to unsuccessful bidders.
4. The monthly rate of hire charge be quoted separately in the general bid information (excluding fuel & lubricants).
5. The vehicle must achieve a fuel efficiency of 17 Kms per liter.
6. The details of the make and year of manufacture of the vehicle, registration number, mileage (Kms / liter) and name of the Driver with Driving License No. and period of validity should be specially provided in the general bid information to be furnished with the Quotation/ Tender (Annexure-A).
7. The Quotation completed in all respect should reach the undersigned on or before 28.06.2023 by 2 P.M. & the same will be opened on 28.06.2023 at 3 P.M. The opening will be done by Addl. Director (Admin.) Directorate of Fisheries, Odisha, Cuttack. The interested bidders or their authorized agents may also attend the opening at the scheduled date/ time. If in case the date of receipt/ opening will be declared holiday, the next day will be taken as receipt / opening tender.
8. The application form of quotation/ tender containing General Bid Information & Terms and conditions for hiring of Vehicles etc. will be available with the Mechanical Section of this Directorate on payment of Rs.100/- (Rupees one hundred) only in the office hour only till receipt of tender paper or can be downloaded from Odisha Govt. Website www.Odisha.gov.in. In case the application form is downloaded from Govt. website, the applicant shall furnish a Demand Draft for an amount of Rs.100/ (Rupees One hundred) only towards the cost of application along with the application.
9. He must submit the income tax, pan card/Tan & GST No.

**Sd./- DIRECTOR**
**OIPR-06030/11/0003/2324**

## ସଂରକ୍ଷିତ ଆସନରେ କଂଗ୍ରେସ ନିଯୁକ୍ତ କରିବ ସଂଯୋଜକ

ଭୁବନେଶ୍ୱର,(ସୁନିତ୍ ମିଶ୍ର): ଓଡ଼ିଶାରେ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ବର୍ଗରୁ ଉତ୍ତମ ଓ ଦକ୍ଷତାସମ୍ପନ୍ନ ନେତୃତ୍ୱ ସୃଷ୍ଟିକରିବା ଦିଗରେ ସମସ୍ତ ଅନୁସୂଚିତ ଜାତି/ଜନଜାତି ଲୋକ ସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀରେ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏଥିପାଇଁ ରାଜ୍ୟରେ ଥିବା ୩ଟି ଅନୁସୂଚିତ ଜାତି ଲୋକ ସଭା, ୨୪ଟି ଅନୁସୂଚିତ ଜାତି ବିଧାନସଭା, ୫ଟି ଅନୁସୂଚିତ ଜନଜାତି ଲୋକ ସଭା ଓ ୩୩ଟି ଜନଜାତି ବିଧାନସଭା ନିର୍ବାଚନମଣ୍ଡଳୀରେ ନେତୃତ୍ୱ ବିକାଶ ପାଇଁ ଜଣେ ଲେଖାଏ ସଂଯୋଜକ ନିଯୁକ୍ତି କରାଯିବ ବୋଲି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି।


ପାଟନାଠାରେ ଗୁରୁବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଭେଟି ଆଲୋଚନା କରୁଛନ୍ତି।

# ଶିବରାଜ ସରକାର ଗାଦିରୁ ହଟିବ: କମଲ ନାଥ

**ଭୋପାଳ,୨୨।୬**

ମଧ୍ୟପ୍ରଦେଶରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ ଭାଜପା ଏବଂ କଂଗ୍ରେସ ନିଜ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ଏହି ଅବସରରେ ରାଜ୍ୟର ପୂର୍ବତନ କଂଗ୍ରେସ ମୁଖ୍ୟମନ୍ତ୍ରୀ ତଥା ପିସିସି ମୁଖ୍ୟ କମଲ ନାଥ ଭାଜପା ସରକାରକୁ ଟାର୍ଗେଟ କରିଛନ୍ତି। ଶାଜାପୁରର ଆକୋଦିଆଠାରେ ଏକ ସଭାରେ କମଲ କହିଛନ୍ତି, ୪ ମାସ ପରେ ରାଜ୍ୟ ବିଧାନସଭା ନିର୍ବାଚନ ହେବ। ଏଥର ଆମଦଳ ପକ୍ଷରୁ କେବଳ ସ୍ଥାନୀୟ ପ୍ରାର୍ଥୀଙ୍କୁ ପ୍ରାଥମିକତା ଦେବ। ଆଉ ଶିବରାଜ ସିଂ ଚୌହାନଙ୍କ ସରକାରଙ୍କ ପତନ ନିଶ୍ଚିତ। ପୂର୍ବାପେକ୍ଷା


କମଲ ନାଥ

ଅଧିକ ଆସନ ପାଇ କଂଗ୍ରେସ ସରକାର ଗଠନ କରିବ। ଆଉ କଂଗ୍ରେସ ଛାଡି ଭାଜପାରେ ଯୋଗ ଦେଇଥିବା ବିଧାୟକମାନେ ଏଥର ଉଚିତ ଶିକ୍ଷା ପାଇବେ। ଗତ ୧ ବର୍ଷରେ ମଧ୍ୟପ୍ରଦେଶ ସରକାର ୩ ଲକ୍ଷ କୋଟି ଋଣ ନେଇଥିଲେ। କିନ୍ତୁ ଯୁବବର୍ଗ, କୃଷକ ଏବଂ ଶିକ୍ଷକମାନଙ୍କୁ ଏହାର ସୁବିଧା ଦେବା ପରିବର୍ତ୍ତେ ଭାଜପା ବଡ ବଡ ଠିକା ଦେଇଥିଲା। ଆଉ ଏଥିରୁ ମୋଟା ଆକାରର କମିଶନ ହାତେଇଥିଲା। ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାରୁ ଶିବରାଜ ଏକ ଭୂମି ପୂଜା ଯନ୍ତ୍ରରେ ପରିଣତ ହୋଇ ନଡ଼ିଆକୁ ପକେଟରେ ରଖିଛନ୍ତି। ସବୁଆଡେ ବୁଲିବୁଲି ପ୍ରକଳ୍ପର ଭୂମିପୂଜନ କରୁଛନ୍ତି। ସେ ୧୮ ବର୍ଷ ଧରି ରାଜ୍ୟର ଭଉଣୀ, କୃଷକ, ଶିକ୍ଷକଙ୍କୁ ମନେ ପକାଇ ନ ଥିଲେ। ଏବେ ନିର୍ବାଚନ ଆସୁଥିବାରୁ ସେ ସମସ୍ତଙ୍କୁ ମନେ ରଖିବା ଆରମ୍ଭ କରି ଦେଇଛନ୍ତି ବୋଲି କମଲ ନାଥ କହିଛନ୍ତି।

# ମଣିପୁର ମୁଖ୍ୟମନ୍ତ୍ରୀ ଅପାରଗ: ଡି. ରାଜା

**ଇମ୍ଫାଲ,୨୨।୬**

ମଣିପୁର ହିଂସାକୁ ନେଇ ରାଜନୈତିକ ଦଳଗୁଡ଼ିକ ଭାଜପା ସରକାରକୁ ଟାର୍ଗେଟ କରୁଛନ୍ତି। ଏହି କ୍ରମରେ ସିପିଆଇ ଜାତୀୟ ସାଧାରଣ ସଚିବ ତଥା ପୂର୍ବତନ ଏମ୍‌ପି ଡି. ରାଜା ମଣିପୁର ହିଂସା ସମ୍ପର୍କରେ କହିଛନ୍ତି, କିଏ ଏହି ସମସ୍ୟା ସୃଷ୍ଟି କରିଛି? ମଣିପୁର ମୁଖ୍ୟମନ୍ତ୍ରୀ ଅପାରଗ ହୋଇ ପଡିଛନ୍ତି। ସେଠାକାର ଲୋକେ ସରକାରଙ୍କ ଉପରେ ବିଶ୍ୱାସ ହରାଇଛନ୍ତି। କଂଗ୍ରେସ, ଜେଡି ୟୁ, ସିପିଆଇ, ଟିଏମ୍‌ସି, ଏଏପି, ଏଏଫ୍‌ବି, ଏନ୍‌ସିପି ଏବଂ ଆରଏସ୍‌ପିର ଏକ ପ୍ରତିନିଧି ଦଳ ମଣିପୁର ହିଂସା, ଉତ୍ତର ପୂର୍ବାଞ୍ଚଳରେ ସଂଘଟିତ ଘଟଣା ଓ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆମକୁ କହିଛନ୍ତି। ଆମେ ସେଗୁଡିକ ଶୁଣିଛୁ ଏବଂ ବୁଝିପାରୁଛୁ ପରିସ୍ଥିତି ଜଟିଳ ରହିଛି।

# ନାଁ ବଦଳାଇ ଆଉ ଥରେ ଘୋଷଣା କରୁଛନ୍ତି ସରକାର: ସ୍ମୃତି

### ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାକୁ ଭାଜପାର ଟାର୍ଗେଟ

**ଭୁବନେଶ୍ୱର, ୨୨।୬(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଓଡ଼ିଶାରେ ପୁଷ୍ଟି ଓ ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'କୁ କ୍ୟାବିନେଟ୍‌ରେ ଅନୁମୋଦନ ଦେଇଛନ୍ତି। ଏହା ଘୋଷଣା ସର୍ବସ୍ୱ ରାଜ୍ୟ ସରକାରଙ୍କ ଆଉ ଏକ ପ୍ରହସନ। ରାଜ୍ୟ ସରକାର କେବଳ ଏହାର ନାଁ ବଦଳେଇ ଆଉ ଥରେ ଘୋଷଣା କରୁଛନ୍ତି। ତେବେ ପର ତିଅଣରେ ଅତିଥି ସତ୍କାର କରନ୍ତୁ ପଛେ ଯୋଜନାର ସଫଳ ରୂପାୟନ କରନ୍ତୁ। ଏହା କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ଏକ ଅଂଶ। କେନ୍ଦ୍ର ସରକାର ଶିଶୁ ଓ ମହିଳାଙ୍କ ସ୍ୱାସ୍ଥ୍ୟର ବିକାଶ ପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା(ଆଇସିଡିଏସ୍), ପୋଷଣ ଅଭିଯାନ, ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନା କରିଛନ୍ତି ବୋଲି ଭାଜପା ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରମ୍ବାର ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ, ମା'ମାନଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଥରେ ନୁହେଁ ବାରମ୍ବାର ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପରେ ମୁଖ୍ୟମନ୍ତ୍ରୀଙ୍କ ଏବେ ଚେତା ପଶିଲା।

### ବିଜୁଳି ସମସ୍ୟା ସରକାରଙ୍କ ମୁଖା ଖୋଲିଦେଇଛି: ଭାଜପା

**ଭୁବନେଶ୍ୱର, ୨୨।୬(ସୁନିତ୍ ମିଶ୍ର):** ବିଜୁଳି ସମସ୍ୟା ରାଜ୍ୟ ସରକାରଙ୍କ ଅସଲ ମୁଖାକୁ ଖୋଲି ଦେଇଛି। ରାଜ୍ୟରେ ସର୍ବଦା ଅଘୋଷିତ ବିଦ୍ୟୁତ୍ କାଟ ହେଉଥିବାରୁ ସାଧାରଣ ଉପଭୋକ୍ତା ଯମ ଯନ୍ତ୍ରଣା ଅନୁଭବ କରୁଛନ୍ତି। ରାଜ୍ୟବାସୀଙ୍କ ନିକଟରେ ବିଜୁଳି ପହଞ୍ଚାଇବା ସରକାରଙ୍କ ମୌଳିକ ଦାୟିତ୍ୱ। ହେଲେ ସରକାର ଏଥିରେ ବିଫଳ ହୋଇଛନ୍ତି ବୋଲି ଭାଜପା ନେତା ମନୋଜ ମହାପାତ୍ର କହିଛନ୍ତି।

# ପଞ୍ଚାୟତ ସ୍ତରରେ ଜାତୀୟ ପେନ୍‌ସନ ଦିଆଯାଉ: ବିଜେଡି

### ଲୋକେ ହଇରାଣ ହେଉଥିବାବେଳେ ଭାଜପା ନେତାଙ୍କ ପାଟି ଖୋଲୁନି


ଖବରଦାତା ସମ୍ମିଳନୀରେ ଶ୍ରୀମୟୀ ମିଶ୍ର ଓ ଓମ୍ ପ୍ରକାଶ ସାହୁ।

**ଭୁବନେଶ୍ୱର,୨୨।୬(ଅନିଲଦାସ)**

ଓଡ଼ିଶାରେ ଜାତୀୟ ପେନ୍‌ସନ ପାଉଥିବା ୨୦ ଲକ୍ଷ ଲୋକ ଅଛନ୍ତି। ଯେଉଁଥିରୁ ୫୦% ଅର୍ଥ ଓଡ଼ିଶା ସରକାର ବହନ କରୁଛନ୍ତି। ବାର୍ଦ୍ଧକ୍ୟ ଏବଂ ଭିନ୍ନକ୍ଷମ ପେନ୍‌ସନ ସମେତ ଜାତୀୟ ପେନ୍‌ସନ ପାଉଥିବା ହିତାଧିକାରୀମାନେ ସେମାନଙ୍କ ପେନ୍‌ସନ ପାଇଁ ଗ୍ରାମାଞ୍ଚଳର ବହୁ ଦୂରରେ ଅବସ୍ଥିତ ବ୍ୟାଙ୍କକୁ ଯିବାକୁ ପଡୁଥିବାରୁ ସେମାନେ ହଇରାଣ ହେଉଛନ୍ତି। ବିଜୁ ଜନତା ଦଳ ଓଡ଼ିଶାରେ ବ୍ୟାଙ୍କିଙ୍ଗ୍ କଭରେଜ ଏବଂ ନେଟ୍‌ୱର୍କର ଉନ୍ନତି ପାଇଁ ଦଶନ୍ଧି ପୂର୍ବରୁ କେନ୍ଦ୍ର ସମ୍ମୁଖରେ ଦାବିକରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହା ଆଶ୍ଚର୍ଯ୍ୟଜନକ ଯେ ଓଡ଼ିଶାର ଭାଜପା ଏମ୍‌ପିମାନେ ଏହି ପ୍ରସଙ୍ଗରେ ନୀରବ ରହିଛନ୍ତି। ଓଡ଼ିଶାର ବ୍ୟାଙ୍କିଙ୍ଗ୍ କଭରେଜରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ଆଗରେ ସେମାନେ ସ୍ୱର ଉତ୍ତୋଳନ କରୁନାହାନ୍ତି। ଓଡ଼ିଶାର କେନ୍ଦ୍ରମନ୍ତ୍ରୀମାନେ ମଧ୍ୟ ଚୁପ୍ ରହିଛନ୍ତି। ରାଜ୍ୟରେ ବ୍ୟାଙ୍କିଙ୍ଗ୍ କଭରେଜ ଯୋଗୁ ଅସୁବିଧା ଭୋଗୁଥିବା ବୃଦ୍ଧାବୃଦ୍ଧ ଏବଂ ଭିନ୍ନକ୍ଷମ ହିତାଧିକାରୀଙ୍କ ପାଇଁ ପାଟି ଫିଟାଉନାହାନ୍ତି ବୋଲି ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି।

ଜାତୀୟ ପେନ୍‌ସନଧାରୀଙ୍କ ଦୁରବସ୍ଥା ସଂକ୍ରାନ୍ତରେ ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଓଡ଼ିଶାର ୨୮ ଲକ୍ଷ ଲୋକ ମଧୁବାବୁ ପେନ୍‌ସନ ପାଉଛନ୍ତି, ଯେଉଁଥିରେ ବାର୍ଦ୍ଧକ୍ୟ ଏବଂ ଭିନ୍ନକ୍ଷମ ପେନ୍‌ସନ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ଓଡ଼ିଶା ସରକାର ଗ୍ରାମପଞ୍ଚାୟତ ସ୍ତରରେ ସେମାନଙ୍କ ପେନ୍‌ସନ ପ୍ରଦାନ କରୁଛନ୍ତି। ଓଡ଼ିଶାରେ ଉପଯୁକ୍ତ ବ୍ୟାଙ୍କିଙ୍ଗ୍ କଭରେଜ୍ ଅଭାବରୁ ବ୍ୟାଙ୍କଗୁଡ଼ିକ ହିତାଧିକାରୀଙ୍କ ନିଜ ଗ୍ରାମଠାରୁ ବହୁ ଦୂରରେ ଅବସ୍ଥିତ। କେନ୍ଦ୍ର ଦ୍ୱାରା ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଅବହେଳା ହେତୁ ଓଡ଼ିଶାର ବ୍ୟାଙ୍କିଙ୍ଗ୍ ନେଟ୍‌ୱର୍କ ଅତ୍ୟନ୍ତ ଦୁର୍ବଳ ରହିଛି। ୬୦%ରୁ ଅଧିକ ପଞ୍ଚାୟତରେ ଆଜି ମଧ୍ୟ କୌଣସି ବ୍ୟାଙ୍କ ସେବା ମିଳିପାରୁ ନାହିଁ। କେନ୍ଦ୍ର ସରକାର ଓଡ଼ିଶାରେ ବ୍ୟାଙ୍କ ସେବା ବୃଦ୍ଧି କରିବା ଆବଶ୍ୟକ। ଯଦ୍ଵାରା ଜାତୀୟ ପେନ୍‌ସନ ପାଉଥିବା ବୃଦ୍ଧାବୃଦ୍ଧ ତଥା ଭିନ୍ନକ୍ଷମ ହିତାଧିକାରୀଙ୍କୁ ବହୁ ଦୂରକୁ ଯାତ୍ରା କରିବାକୁ ପଡ଼ିବ ନାହିଁ। ରାଜ୍ୟ ସରକାର ଯେଭଳି ପଞ୍ଚାୟତ ସ୍ତରରେ ମଧୁବାବୁ ପେନ୍‌ସନ ପ୍ରଦାନ କରୁଛନ୍ତି ଅନୁରୂପ ଭାବେ ଜାତୀୟ ପେନ୍‌ସନ ପ୍ରଦାନ ଲାଗି ଶ୍ରୀମୟୀ ଦାବି କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଓମ୍ ପ୍ରକାଶ ସାହୁ ଉପସ୍ଥିତ ଥିଲେ।

# କଂଗ୍ରେସ ନେତା ନଜରବନ୍ଦୀ


ନିଜ ବାସଭବନରେ କଂଗ୍ରେସ ନେତା ସୁଦର୍ଶନ ଦାସ।

**ରାଇବଣିଆ, ୨୨।୬(ନବୀନ ସାହୁ)**

୫-ଟି ସଚିବଙ୍କ ଜଳେଶ୍ୱର ଗସ୍ତ ପୂର୍ବରୁ ପୋଲିସର ନଜରବନ୍ଦୀରେ କଂଗ୍ରେସ ନେତା ସୁଦର୍ଶନ ଦାସ। ଗୁରୁବାର ଅପରାହ୍ନ ୪ଟାରୁ ଜଳେଶ୍ୱର ନୂଆବଜାରସ୍ଥିତ ତାଙ୍କ ବାସଭବନ ଆଗରେ ପୋଲିସ ଜଗି ରହିଛି। ଜଳେଶ୍ୱର ଏସଡ଼ିପିଓ ଦିଲୀପ ସାହୁ, ଜଳେଶ୍ୱର ଥାନା ଅଧିକାରୀ ରୋଜାଲିନ ବେହେରାଙ୍କ ସମେତ ଅନେକ ପୋଲିସ ଅଧିକାରୀ ଦାସଙ୍କୁ ନଜର ବନ୍ଦୀରେ ରଖିଛନ୍ତି।

ଶୁକ୍ରବାର ୫-ଟି ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ କଂଗ୍ରେସ ପକ୍ଷରୁ ମାନବଶୃଙ୍ଖଳ କାର୍ଯ୍ୟକ୍ରମ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଆମ୍ବଲିଅଠା ବାଇପାସ୍‌ଠାରୁ ନୂଆବଜାର ଛକ ପର୍ଯ୍ୟନ୍ତ ଏହି ମାନବଶୃଙ୍ଖଳ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ କଂଗ୍ରେସ ଘୋଷଣା କରିଛି।

### ପିସିସି ସଭାପତିଙ୍କ ନାପସନ୍ଦ

ସଚିବ କେଉଁ ବୈଧାନିକ ପଦବୀରେ ଜଳେଶ୍ୱର ଆସୁଛନ୍ତି ବୋଲି ପ୍ରଶ୍ନ କରିବା ସହିତ ସେ ମନ୍ତ୍ରୀଙ୍କ ତଳେ ନା ମନ୍ତ୍ରୀ ତାଙ୍କ ତଳେ ବୋଲି କଂଗ୍ରେସ ନେତା ଦାସ ଆଗରୁ ଖବରଦାତା ସମ୍ମିଳନୀରେ ପ୍ରଶ୍ନ କରିଥିଲେ। କଂଗ୍ରେସର ଏହି ପ୍ରତିବାଦକୁ ଭଣ୍ଡୁର କରିବା ପାଇଁ ପୋଲିସ ଦାସଙ୍କୁ ନଜରବନ୍ଦୀରେ ରଖିଛନ୍ତି। ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟକୁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଦୃଢ ଭାବେ ନିନ୍ଦା କରିଛନ୍ତି। ସେ କହିଛନ୍ତି ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ କର୍ମୀଙ୍କ ପ୍ରତିବାଦକୁ ରୋକାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

## ଫୁର୍‌ସତ୍

# ପଞ୍ଜୁରିରେ ମୋଷ୍ଟ ୱାଣ୍ଟେଡ୍ ମାଙ୍କଡ଼

**ଭୋପାଳ**

ଧରାପଡ଼ିଲା ମୋଷ୍ଟ ୱାଣ୍ଟେଡ୍ ମାଙ୍କଡ଼। ମଧ୍ୟପ୍ରଦେଶ ରାଜଗଡ଼ରୁ ଏହି ମାଙ୍କଡ଼କୁ ପ୍ରାଣୀ ଉଦ୍ଧାରକରୀ ଦଳ ଧରିବାରେ ସକ୍ଷମ ହୋଇଛି। କିଛିଦିନ ହେବ ରାଜଗଡ଼ରେ ଉତ୍ପାତ ଆରମ୍ଭ କରିଥିଲା ଏହି ଦୁଷ୍ଟ ମାଙ୍କଡ଼। ଲୋକେ ଏହି ମୋଷ୍ଟ ୱାଣ୍ଟେଡ୍ ମାଙ୍କଡ଼ର ଉପଦ୍ରବରେ ଅତିଷ୍ଠ ହୋଇପଡ଼ିଥିଲେ। ଛୋଟ ପିଲାଠାରୁ ଆରମ୍ଭ କରି ସାଧାରଣ ଲୋକ ଏବଂ କେତେଜଣ ପୋଲିସ କର୍ମଚାରୀ ମଧ୍ୟ ମାଙ୍କଡ଼ର ଆକ୍ରମଣରୁ ରକ୍ଷା ପାଇନାହାନ୍ତି। ପାଖାପାଖି ୨ ସପ୍ତାହ କାଳ ସ୍ଥାନୀୟ ଅଞ୍ଚଳରେ ଉତ୍ପାତ କରୁଥିଲା ଏହି ମାଙ୍କଡ଼।

ଦିନ ଯେତେ ବିତୁଥିଲା, ସ୍ଥାନୀୟ ଅଞ୍ଚଳରେ ଏହି ମାଙ୍କଡ଼ ସେତେ ଭୟ ଖେଳାଇବାରେ ଲାଗିଥିଲା। ସ୍ଥିତି ଏମିତି ହୋଇ ପଡ଼ିଲା ଯେ, ଗାଁ ଲୋକେ ଘରୁ ବାହାରିବାକୁ ଭୟ କଲେ। କେତେଜଣ ଘର ଛାତରେ ବନ୍ଧୁକ ଧରି ମାଙ୍କଡ଼କୁ ମାରିବା ପାଇଁ ଜଗି ବସିଲେ। ସାଧାରଣ ଭାବେ ମାଙ୍କଡ଼ଟି ଖାଦ୍ୟ ଅନ୍ୱେଷଣରେ



ଘରକୁ ଘର ବୁଲୁଥିବାବେଳେ ହଠାତ୍ ସେଠାରେ ଥିବା ଲୋକଙ୍କ ମୁହଁକୁ ମୁଥ ମାରି ସେମାନଙ୍କୁ କ୍ଷତାକ୍ତ କରିଦେଉଥିଲା। ଖାଲି ସେତିକି ନୁହେଁ, ମାଙ୍କଡ଼ ଆକ୍ରମଣର ଶିକାର ହୋଇଥିବା ଅନେକଙ୍କୁ ହସ୍ପିଟାଲ ଯାଇ କ୍ଷତସ୍ଥାନରେ ଷ୍ଟିଚ୍ ପକାଇବାକୁ ପଡ଼ିଛି।

୧୪ ଦିନ ଭିତରେ ମାଙ୍କଡ଼ଟି ମୋଟ ୨୦ ଜଣଙ୍କୁ ଆକ୍ରମଣ କରିଛି, ଯେଉଁଥିରେ ୮ ଜଣ ଛୋଟ ଛୁଆ ଅଛନ୍ତି। ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ମାଙ୍କଡ଼କୁ ଧରିବା ପାଇଁ ପ୍ରଥମେ ଚେଷ୍ଟା କରିଥିଲା। ଏଥିପାଇଁ କେତେଜଣ ପୋଲିସ ଅଧିକାରୀଙ୍କୁ ମାଙ୍କଡ଼ର ଆକ୍ରୋଶର ଶିକାର ହେବାକୁ ପଡ଼ିଥିଲା। ଶେଷରେ ମାଙ୍କଡ଼କୁ ଧରିବା ଲାଗି ପୋଲିସ ୨୧ ହଜାର ଟଙ୍କାର ପୁରସ୍କାର ରାଶି ଘୋଷଣା କଲା। ସ୍ଥାନୀୟ ପ୍ରଶାସନ ମାଙ୍କଡ଼ ଧରିବାରେ ବିଫଳ ହେବା ପରେ ଉଜ୍ଜୈନରୁ ପ୍ରାଣୀ ଉଦ୍ଧାରକାରୀ ଦଳର ସହାୟତା ଲୋଡ଼ାଗଲା। ଡ୍ରୋନ୍ ଯୋଗେ ମାଙ୍କଡ଼କୁ ଟ୍ରେସ୍ କରାଗଲା। ମାଙ୍କଡ଼କୁ ଠାବ କରିବା ପରେ ଟ୍ରାଙ୍କୁଲାଇଜର ଦେଇ ତାକୁ ଅଚେତ କରାଗଲା। ପରେ ତାକୁ ଏକ ପିଞ୍ଜରାରେ ବନ୍ଦ କରି ବନ ବିଭାଗ ରଖିଲା। ଅମାନିଆ ମାଙ୍କଡ଼କୁ ଧରିବା ପାଇଁ ପାଖାପାଖି ୪ ଘଣ୍ଟାର ଅପରେଶନ୍ କରାଯାଇଥିଲା। ମାଙ୍କଡ଼କୁ କାବୁ କରିବା ପରେ ସ୍ଥାନୀୟ ଲୋଳେ ଜୟ ଶ୍ରୀ ରାମ, ଜୟ ବଜରଙ୍ଗବାଲୀ ଉଚ୍ଚାରଣ କରିବା ଆରମ୍ଭ କରିଥିଲେ। ମାଙ୍କଡଟିକୁ ଘନ ଜଙ୍ଗଲ ମଧ୍ୟରେ ଛଡ଼ାଯିବ, ଯାହାଫଳରେ ସେ ସାଧାରଣତ ଜନବସତିଠାରୁ ଦୂରରେ ରହିବ ବୋଲି ବନ ବିଭାଗ ଅଧିକାରୀ ଗୌରବ ଗୁପ୍ତା କହିଛନ୍ତି।

# ବିବାହ ନେଇ ଗୁଜବ

**ହାଇଦ୍ରାବାଦ:** ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ନାୟିକା ରଶ୍ମିକା ମନ୍ଦାନାଙ୍କୁ ନେଇ ଏବେ ପୁଣି ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଚର୍ଚ୍ଚା ରଶ୍ମିକାଙ୍କ କ୍ୟାରିୟରକୁ ନେଇକି ନୁହେଁ ବରଂ ତାଙ୍କ ମ୍ୟାରେଜ୍‌କୁ ନେଇ ଏବେ ବିଭିନ୍ନ ଗଣମାଧ୍ୟମରେ ନାନା ରକମର ଖବର ଛାପିବାରେ ଲାଗିଛି। ଅଭିନେତା ବିଜୟ ଦେବରକୋଣ୍ଡା ଏବଂ ରଶ୍ମିକାଙ୍କ ଅନ୍‌ସ୍କ୍ରିନ୍ ଯୋଡ଼ି ସମସ୍ତଙ୍କୁ ପସନ୍ଦ। ଅନ୍ୟପକ୍ଷେ କହିବାକୁ ଗଲେ କପୁଲଙ୍କ ଯୋଡ଼ି ସିନେପ୍ରେମୀଙ୍କ ଫେଭରାଇଟ୍। ପୂର୍ବରୁ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ନେଇ ଗୁଜବ ଇଣ୍ଡଷ୍ଟ୍ରିରେ ବ୍ୟାପି ଯାଇଥିଲା। ଏହି ଘଟଣାକୁ କିଛିଦିନ ବିତିଯିବା ପରେ ଏବେ ପୁଣି ରଶ୍ମିକା ଓ ବିଜୟଙ୍କ ସମ୍ପର୍କକୁ ନେଇ ଏକ ନୂଆ ଖବର ସାମ୍ନାକୁ ଆସିଛି। ଦୁହେଁ କୁଆଡ଼େ ବାହାହେବାକୁ ଯାଉଛନ୍ତି। ନିକଟରେ ରଶ୍ମିକା ଓ ବିଜୟଙ୍କ ପରିବାର ଏକ ହୋଟେଲରେ ଡିନର କରୁଥିବା ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ଭିଡିଓଟି ଖୁବ୍ ଭାଇରାଲ ହେଉଥିବାବେଳେ ଦୁହିଁଙ୍କ ପରିବାର ସେମାନଙ୍କ ବାହାଘର ପାଇଁ ପ୍ରସ୍ତୁତ ହେଉଥିବା କୁହାଯାଉଛି। ଏ ନେଇ ବିଜୟ କିମ୍ବା ରଶ୍ମିକା କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ନିକଟରେ ରଶ୍ମିକା ଓ ରଣବୀର କପୁରଙ୍କ ଅଭିନୀତ ଫିଲ୍ମ 'ଆନିମଲ୍'ର ଶୁଟିଂ ସରିଛଇ, ଯାହା ଅଗଷ୍ଟ ୧୧ରେ ମୁକ୍ତିଲାଭ କରିବ।


ରଶ୍ମିକା ମନ୍ଦାନା

# ସବୁଠୁ ବାସୋପଯୋଗୀ ସହର ସୂଚୀରେ ଭାରତରୁ ୫



**ହାଇଦ୍ରାବାଦ**

ବିଶ୍ୱରେ ଏମିତି ଅନେକ ସହର ରହିଛି, ଯେଉଁଠାରେ ଲୋକ ରହିବାକୁ ପସନ୍ଦ କରନ୍ତି। ନିକଟରେ ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟି (ଇଆଇୟୁ) ପକ୍ଷରୁ ବିଶ୍ୱର ସବୁଠୁ ବାସୋପଯୋଗୀ ସହର ଗୁଡ଼ିକର ଏକ ନାମ ତାଲିକା ପ୍ରକାଶ ପାଇଛି। ଏହି ସୂଚୀରେ ବିଶ୍ୱର ମୋଟ ୧୭୩ ସହରର ନାମ ସ୍ଥାନ ପାଇଛି, ଯେଉଁଥିରେ ଭାରତର ୫ ସହର ବେଙ୍ଗାଲୁରୁ, ଅହମ୍ମଦାବାଦ, ଚେନ୍ନାଇ, ନୂଆଦିଲ୍ଲୀ ଏବଂ ମୁମ୍ବାଇ ରହିଛି। ସହରରେ ସ୍ୱାସ୍ଥ୍ୟ ସୁବିଧା, ଇନ୍‌ଫ୍ରାଷ୍ଟ୍ରକ୍ଚର, ପରିବେଶ ଆଦିକୁ ଭିତ୍ତିକୁ ନେଇ ଏହି ଲିଷ୍ଟ ପ୍ରସ୍ତୁତ କରାଯାଇଛି।

ସବୁଠୁ ଅଧିକ ବାସପଯୋଗୀ କ୍ଷେତ୍ରରେ ଅଷ୍ଟ୍ରେଲିଆର ଭିଏନା ନାମ ସର୍ବାଗ୍ରେ ଥିବାବେଳେ ଡେନ୍‌ମାର୍କର କୋପେନହାଗେନ୍ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ଅଷ୍ଟ୍ରେଲିଆର ମେଲବର୍ନ ଓ ସିଡ୍‌ନୀ ତାଲିକାର ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛି। ଜାପାନର ଓସାକା ୧୦ମ ସ୍ଥାନ ଅଧିକାର କରିଛି। ଇଆଇୟୁ ତାଲିକାରେ ଭାରତର ଦିଲ୍ଲୀ, ମୁମ୍ବାଇ ୧୪୧ ସ୍ଥାନରେ ଥିବାବେଳେ ଚେନ୍ନାଇ ୧୪୪ତମ, ଅହମ୍ମଦାବାଦ ୧୪୭ତମ ଏବଂ ବେଙ୍ଗାଲୁରୁ ୧୪୮ତମ ସ୍ଥାନରେ ରହିଛି।

# ଲିଙ୍ଗ ବଦଳାଇବେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଝିଅ



**କୋଲକାତା:** ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଝିଅ ସୁଚେତନା ଭଟ୍ଟାଚାର୍ଯ୍ୟ ଲିଙ୍ଗ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏ ନେଇ କରାଯିବାକୁ ଥିବା ପ୍ରାଥମିକ ପ୍ରକ୍ରିୟା ସୁଚେତନା ଆରମ୍ଭ କରିଦେଇଥିବା କହିଛନ୍ତି। ନିଜର ଏ ପ୍ରକାର ନିଷ୍ପତ୍ତି ପାଇଁ ସେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ନିକଟରେ ସୁଚେତନା ସମଲିଙ୍ଗୀ ୱାର୍କଶପ୍‌କୁ ଯାଇଥିଲେ, ଯେଉଁଠାରେ ସେ ନିଜକୁ ଜଣେ ପୁରୁଷ ଭାବେ ଚିହ୍ନଟ କରିବା ସହ ନିଜ ଶରୀରକୁ ମଧ୍ୟ ପୁରୁଷଙ୍କ ଭଳି ପରିବର୍ତ୍ତନ କରିବାକୁ ଚାହୁଁଥିବା କହିଛନ୍ତି।

ସୁଚେତନାଙ୍କୁ ଏବେ ୪୧ ବର୍ଷ। ପିଲାଟି ଦିନରୁ ତାଙ୍କର ପୁରୁଷଙ୍କ ପରି ସ୍ୱଭାବ ଥିଲା। କିନ୍ତୁ ସେତେବେଳେ ସମଲିଙ୍ଗୀ କମ୍ୟୁନିଟିକୁ ନେଇ ସେତେ ସତର୍କ ନ ଥିଲେ। କିନ୍ତୁ ଏବେ ସେ ଜଣେ ସମ୍ପୂର୍ଣ୍ଣ ପୁରୁଷ ହେବାକୁ ନିଷ୍ପତ୍ତି ନେଇଛନ୍ତି। ଘରଲୋକେ ମଧ୍ୟ ତାଙ୍କୁ ଏଥିରେ ସମ୍ପୂର୍ଣ୍ଣ ସହମତି ଦେଉଛନ୍ତି। ନିଜର ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, ଏ ପ୍ରକାର ନିଷ୍ପତ୍ତି ମୋର ନିଜସ୍ୱ। ଏଥିପାଇଁ ତାଙ୍କ ପରିବାର ଲୋକଙ୍କୁ ସମାଲୋଚନା କରା ନ ଯାଉ। ପିଲାଟିବେଳୁ ବାପା ବୁଦ୍ଧଦେବ ଝିଅର ଏ ପ୍ରକାର ସ୍ୱଭାବ ସମ୍ପର୍କରେ ଅବଗତ ଥିବା ସେ କହିଛନ୍ତି। ସୁଚେତନାଙ୍କ ଏ ପ୍ରକାର ନିଷ୍ପତ୍ତି ଲୋକଙ୍କ ପକ୍ଷେ ସହଜରେ ଗ୍ରହଣଯୋଗ୍ୟ ନ ହେଲେ ମଧ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ଭାବନାକୁ ସମ୍ମାନ କରିବା ତାଙ୍କ ମତ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତୀୟ ଦଳରେ ୩ ଓଡ଼ିଆ



ନକୁଳ ବଡ଼ନାୟକ



ପଙ୍କଜ ଭୁଏ



ମହମ୍ମଦ ଜାଫର ଇକ୍‌ବାଲ

## ଦୃଷ୍ଟିବାଧିତ ଆଇବିଏସ୍‌ଏ ବିଶ୍ୱ କ୍ରିକେଟ

**ଭୁବନେଶ୍ୱର, ୨୨।୬ (ସରୋଜ ଜେନା)**

ଦୃଷ୍ଟିବାଧିତ ଆଇବିଏସ୍‌ଏ ବିଶ୍ୱ କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଗୁରୁବାର ୧୭ ଜଣିଆ ଭାରତୀୟ ଦଳ ଘୋଷଣା କରିଛି ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ସଂଘ(କାବି)। ଅନ୍ତର୍ଜାତୀୟ ଦୃଷ୍ଟିବାଧିତ କ୍ରୀଡା ମହାସଂଘ(ଆଇବିଏସ୍‌ଏ) ପକ୍ଷରୁ ୱାର୍ଲ୍ଡ ଗେମ୍ସ ୨୦୨୩ ଆୟୋଜିତ ହେବ। ୧୮ରୁ ୨୭ ଅଗଷ୍ଟ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଦୃଷ୍ଟିବାଧିତ କ୍ରିକେଟକୁ ସାମିଲ କରାଯାଇଥିବା ବେଳେ ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଓଡ଼ିଶାରୁ ୩ ଜଣ ଖେଳାଳି ମହମ୍ମଦ ଜାଫର୍ ଇକ୍‌ବାଲ, ନକୁଳ ବଡନାୟକ ଓ ପଙ୍କଜ ଭୁଏଙ୍କୁ ସାମିଲ କରାଯାଇଛି। ବି-୧ ଓ ବି-୨ ବର୍ଗରୁ ୬ ଜଣ ଲେଖାଏ ଖେଳାଳିଙ୍କୁ ଚୟନ କରାଯାଇଥିବା ବେଳେ ବି-୩ ବର୍ଗରୁ ୫ ଜଣ ଖେଳାଳିଙ୍କୁ ସାମିଲ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସଦ୍ୟ ସମାପିତ ଟି୨୦ ବିଶ୍ୱକପ ବିଜୟୀ ହୋଇଥିଲା ଭାରତୀୟ ଦଳ। ସମାନ ଇଭେଣ୍ଟ ପାଇଁ ମହିଳା ଦଳ ମଧ୍ୟ ଘୋଷଣା କରାଯାଇଛି। ଟୁର୍ନାମେଣ୍ଟ ପୂର୍ବରୁ ଭାରତୀୟ ଦଳ ବେଙ୍ଗାଲୁରୁରେ ଏକ ଟ୍ରେନିଂ କ୍ୟାମ୍ପରେ ଭାଗନେବ।

ଭାରତୀୟ ଦଳ ବେଶ୍ ଶକ୍ତିଶାଳୀ ରହିଛି ବୋଲି କହିଛନ୍ତି କାବିର ସଭାପତି ମହନ୍ତେଶ ଜି. କିଭାଦାସାନ୍ନାଭାର। ବିଗତ କିଛି ବର୍ଷ ମଧ୍ୟରେ ଯେଉଁଭଳି ନୂତନ ପ୍ରତିଭା ସାମ୍ନାକୁ ଆସୁଛନ୍ତି ତାହା ଅତ୍ୟନ୍ତ ଖୁସିର ବିଷୟ। ଏହା ସହିତ ଅନେକ ପୂର୍ବତନ ଖେଳାଳି ମଧ୍ୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ସେ କହିଛନ୍ତି। ଏଭଳି ବୃହତ୍ ଟୁର୍ନାମେଣ୍ଟ ଦେଶରେ ଦୃଷ୍ଟିବାଧିତ କ୍ରିକେଟକୁ ଆଗକୁ ବଢିବାରେ ସହାୟକ ହେବ ବୋଲି କହିଛନ୍ତି କାଭିର ସାଧାରଣ ସମ୍ପାଦକ ତଥା ଚୟନ କମିଟି ମୁଖ୍ୟ ଜନ୍ ଡେଭିଡ୍।

**ଭାରତୀୟ ଦଳ:** ବସପ୍ପା ୱାଡାଗୋଲ, ମହମ୍ମଦ ଜାଫର ଇକବାଲ, ମହାରାଜା ଶିବାସୁବ୍ରମନିଆନ, ଓମ୍‌ପ୍ରକାଶ ପାଲ, ନରେଶ ଭାଇ ବାଲୁଭାଇ ତୁମଡା, ନୀଲେଶ ଯାଦବ(ବି-୧), ଅଜୟ କୁମାର ରେଡ୍ଡୀ ଇଲ୍ଲୁରୀ, ଭେଙ୍କଟେଶ୍ୱର ରାଓ ଡୁନ୍ନା, ପଙ୍କଜ ଭୁଏ, ରାମବୀର ସିଂ, ନକୁଳ ବଡନାୟକ, ଇର୍ଫାନ ଦିୱାନ(ବି-୨), ପ୍ରକାଶ ଜୟରାମ୍ମାୟା, ସୁନୀଲ ରମେଶ, ଦୀପକ ମଲିକ, ଦୁର୍ଗା ରାଓ ଟୋମ୍ପାକି, ରବି ଅମିଟି (ବି-୩)।

# ବର୍ଲିନରେ ଓଡ଼ିଆ ଝିଅଙ୍କ ଚମକ

## ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସ

### ୨ କିମି ଟାଇମ୍ ଟ୍ରାଏଲ୍‌ରେ ଜିତିଲେ ରୌପ୍ୟ ପଦକ

**ଭୁବନେଶ୍ୱର, ୨୨।୬ (ତପନ ସ୍ୱାଇଁ)**

ଜର୍ମାନୀର ବର୍ଲିନଠାରେ ଚାଲିଥିବା ସ୍ପେଶାଲ ଅଲିମ୍ପିକ୍ସ ୱାର୍ଲ୍ଡ ସମର ଗେମ୍ସରେ ଚମକ ଦେଖାଇଛନ୍ତି ଓଡ଼ିଶାର ପ୍ରତିଭାସମ୍ପନ୍ନ ସାଇକ୍ଲିଷ୍ଟ କଳ୍ପନା ଜେନା। ସେ ସାଇକ୍ଲିଂର ୨ କିଲୋମିଟର ଟାଇମ୍ ଟ୍ରାଏଲ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। କଳ୍ପନା ୫:୪୨.୪୨ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟତମ ଭାରତୀୟ ସାଇକ୍ଲିଷ୍ଟ ଶିବାନୀ ୫:୨୨.୪୧ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କୋଷ୍ଟାରିକାର ଆନା ଜୁମ୍ବାଡୋ ୫:୪୬.୬୩ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି।

ଆଠଗଡ଼ ବ୍ଲକ ରେଗେଡ଼ାପଡ଼ା ଗ୍ରାମର ଏକ ଆର୍ଥିକ ଦୁର୍ବଳ ଶ୍ରେଣୀ ପରିବାରରୁ କଳ୍ପନା ଆସିଛନ୍ତି। ତାଙ୍କ ମା' ଗୀତାଞ୍ଜଳି ଜେନା ଓ ବାପା ଗଦାଧର ଜେନା କୃଷି ଶ୍ରମିକଭାବେ କାର୍ଯ୍ୟ କରନ୍ତି। ୨୦୧୯ ପ୍ରାରମ୍ଭରୁ କଳ୍ପନା ବ୍ୟାଡ୍‌ମିଣ୍ଟନ, ଆଥ୍‌ଲେଟିକ୍ସ ଓ ଫୁଟ୍‌ବଲରେ ଟ୍ରେନିଂ ନେଉଛନ୍ତି। ତାଙ୍କ ସାଇକ୍ଲିଂ ପ୍ରତିଭାକୁ ଚିହ୍ନିଥିଲେ ଏକାଧିକ ଥର ଜାତୀୟ ସାଇକ୍ଲିଂ ଚାମ୍ପିୟନ ଝାଡ଼ଖଣ୍ଡର ସତବୀର ସିଂ ସହୋତା। କଳ୍ପନା ୱାର୍ଲ୍ଡ ଗେମ୍ସ ପାଇଁ ଚୟନ ହେବା ପୂର୍ବରୁ ବିବେକାନନ୍ଦ ମହାନ୍ତିଙ୍କଠାରୁ କୋଚିଂ ନେଉଥିଲେ। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଭ୍ୟାସ ପାଇଁ ତାଙ୍କୁ ଏକ ରେସିଂ ସାଇକେଲ ଉପହାର ସ୍ୱରୂପ ଦେଇଥିଲେ। ଏହା ବେଶ୍ ଫଳପ୍ରଦ ହୋଇଥିଲା। ୱାର୍ଲ୍ଡ ଗେମ୍ସକୁ ଯିବା ପୂର୍ବରୁ ସେ ୯ ଥର ଜାତୀୟ ସାଇକ୍ଲିଂ ଚାମ୍ପିୟନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ମୀନତି ମହାପାତ୍ରଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ୱାର୍ଲ୍ଡ ଗେମ୍ସରେ ରୌପ୍ୟ ପଦକ ଜିତିଥିବାରୁ ତାଙ୍କ ପ୍ରତି ଅଭିନନ୍ଦନର ସୁଅ ଛୁଟିଛି। ଏସ୍‌ଓବି-ଓଡ଼ିଶା ସଭାପତି କସ୍ତୁରୀ ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର, ବିଆର୍‌ଏମ୍-ଆଶାର ଉପସଭାପତି ପ୍ରଦୀପ୍ତ ରଥ, ଅନ୍ତର୍ଜାତୀୟ ଦୃଷ୍ଟିବାଧିତ କ୍ରିକେଟର ମହମ୍ମଦ ଜାଫର ଇକବାଲ, କିଟ୍ ଓ କିସ୍‌ର କ୍ରୀଡ଼ା ମହାସଚିବ ଗଗନେନ୍ଦୁ ଦାଶ, ଏସ୍‌ଓବି-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ ପ୍ରମୁଖ କଳ୍ପନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ପଦକ ପ୍ରଦର୍ଶନ କରୁଛନ୍ତି ସାଇକ୍ଲିଷ୍ଟ କଳ୍ପନା ଜେନା।

## ବାଂଲାଦେଶକୁ ହରାଇ ଲେବାନନର ଅଭିଯାନ

**ବେଙ୍ଗାଲୁରୁ, ୨୨।୬ (ପି.ଟି.):** ସ୍ଥାନୀୟ ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ପୂର୍ବତନ ଚାମ୍ପିୟନ ବାଂଲାଦେଶ ବିପକ୍ଷରେ ୨-୦ ଗୋଲ୍‌ରେ ବିଜୟ ହାସଲ ସହ ଲେବାନନ ଚଳିତ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଆରମ୍ଭ କରିଛି। ଲେବାନନକୁ ଟୁର୍ନାମେଣ୍ଟର ଅନ୍ୟତମ ଟାଇଟଲ ଦାବିଦାର ମନେକରାଯାଉଛି। ଦଳ ପକ୍ଷରୁ ପ୍ରଥମ ଗୋଲ ଖେଳର ୭୪ତମ ମିନିଟରେ ହସନ ମାଟୋକ୍ ସ୍କୋର କରିଥିଲେ। ଦ୍ୱିତୀୟ ଗୋଲ୍‌ଟିକୁ ଖଲିଲ ବାଦର ଇଞ୍ଜୁରି ଟାଇମ୍‌ରେ ସ୍କୋର କରିଥିଲେ। ଫିଫା ର୍‍ୟାଙ୍କିଂରେ ଲେବାନନ ୯୯ତମ ସ୍ଥାନରେ ରହିଥିବା ବେଳେ ବାଂଲାଦେଶ ବହୁ ତଳେ ୧୯୨ତମ ସ୍ଥାନରେ ରହିଛି। ର୍‍ୟାଙ୍କିଂ ତାଲିକାରେ ବଡ଼ ବ୍ୟବଧାନ ରହିଥିଲେ ମଧ୍ୟ ମ୍ୟାଚ ରୋମାଞ୍ଚକ ରହିଥିଲା। ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ରକ୍ଷଣାତ୍ମକ ନୀତି ଅବଲମ୍ବନ କରିଥିଲେ। ତେବେ ଲେବାନନ ଅପେକ୍ଷାକୃତ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଦଳ ଦୁଇଟି ଗୋଲ୍ ଦେବାର ସୁଯୋଗ ପାଇଥିଲେ ମଧ୍ୟ ଫିନିଶିଂର ଅଭାବ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଗୋଲ୍ ଶୂନ୍ୟ ରହିଥିଲା।

# ୫୪ ଜଣିଆ ଭାରତୀୟ ଦଳ ଘୋଷଣା

## ଏସିଆନ୍ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୨୨।୬ (ପି.ଟି.):** ଗୁରୁବାର ଭାରତୀୟ ଆଥ୍‌ଲେଟିକ୍ ମହାସଂଘ ପକ୍ଷରୁ ଏସିଆନ୍ ଆଥ୍‌ଲେଟିକ୍ ଚାମ୍ପିୟନଶିପ୍ ପାଇଁ ୫୪ ଜଣିଆ ଦଳ ଘୋଷଣା କରାଯାଇଛି। ଜୁଲାଇ ୧୨-୧୬ ତାରିଖ ମଧ୍ୟରେ ବ୍ୟାଙ୍କକରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଚଳିତ ସିଜନର ବିଭିନ୍ନ ଟୁର୍ନାମେଣ୍ଟର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଦଳ ଚୟନ କରିଥିଲା ଭାରତୀୟ ଆଥଲେଟିକ ମହାସଂଘ(ଏଏଫ୍‌ଆଇ)ର ଚୟନ କମିଟି। ମୁରଲୀ ଶ୍ରୀଶଙ୍କର, ତାଜିନ୍ଦର ପାଲ ସିଂ ତୁର୍ ଓ ଡେକାଥେଲନ୍ ଚାମ୍ପିୟନ ତେଜସ୍ୱିନ ଶଙ୍କରଙ୍କ ପରି ଖେଳାଳିଙ୍କୁ ଏହି ଦଳରେ ସ୍ଥାନ ମିଳିଛି। ଏହି ଦଳରେ ୨୬ ଜଣ ମହିଳା ଖେଳାଳିଙ୍କୁ ସ୍ଥାନ ମିଳିଛି। ଅନ୍ୟପକ୍ଷରେ ଅଲିମ୍ପିକ୍ସ ଚାମ୍ପିୟନ ନୀରଜ ଚୋପ୍ରା ଓ ଷ୍ଟିପଲ ଚେଜର ଅବିନାଶ ସାବ୍‌ଲେଙ୍କୁ ଏହି ଦଳରେ ସାମିଲ କରାଯାଇ ନାହିଁ। ଉଭୟ ଅଗଷ୍ଟ ମାସରେ ବୁଦାପେଷ୍ଟରେ ହେବାକୁ ଥିବା ବିଶ୍ୱ ଚାମ୍ପିୟନଶିପ୍ ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି।

# ୱିଣ୍ଟର ଅଲିମ୍ପିକ୍ସ ଲକ୍ଷ୍ୟରେ ରଞ୍ଜିତା

**ଭୁବନେଶ୍ୱର, ୨୨।୬ (ସରୋଜ ଜେନା)**

ଓଡ଼ିଶାର ଏକମାତ୍ର ସ୍କି ଓ ସ୍ନୋ ବୋର୍ଡ ଖେଳାଳି ରଞ୍ଜିତା ବେହେରାଙ୍କୁ ଭେଟିଛନ୍ତି ଭାରତୀୟ ସ୍କି ଓ ସ୍ନୋ ବୋର୍ଡ ସଭାପତି ରୂପଚାନ୍ଦ ନେଗୀ। ମହାପ୍ରଭୁଙ୍କ ରଥଯାତ୍ରା ଦର୍ଶନ କରି ଫେରିବା ପରେ ସେ ଭୁବନେଶ୍ୱରରେ ରଞ୍ଜିତା ଏବଂ ରାଜ୍ୟ ସ୍କି ଓ ସ୍ନୋ ବୋର୍ଡ ସଂଘର କର୍ମକର୍ତ୍ତାଙ୍କୁ ଭେଟିଥିଲେ। ରଞ୍ଜିତାଙ୍କ ସହିତ ଆଗାମୀ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟଗୁଡିକ ସମ୍ପର୍କରେ ଆଲୋଚନା କରିବା ସହିତ ସଫଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ନରୱେ, ଅଷ୍ଟ୍ରିଆ ଓ ଇଟାଲୀର ନାମୀ ସ୍କୁଲରେ ପ୍ରଶିକ୍ଷଣ ପାଇଁ ସମସ୍ତ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଆଲୋଚନା ପରେ ରୂପଚାନ୍ଦ ନେଗୀ ଏକ ଖବରଦାତା ସମ୍ମିଳନୀରେ ଯୋଗ ଦେଇଥିଲେ। ରଞ୍ଜିତା ଓଡ଼ିଶାର ଗର୍ବ ଓ ଗୌରବ। ଓଡ଼ିଶା ପରି ଏକ ବରଫବିହୀନ ରାଜ୍ୟରୁ ଆସି ମଧ୍ୟ ସେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି ତାହା ପ୍ରଶଂସାଯୋଗ୍ୟ। ମିଲାନୋ କର୍ଟିନାରେ ହେବାକୁ ଥିବା ଶୀତକାଳୀନ ଅଲିମ୍ପିକ୍ସ ପାଇଁ ସେ ଯୋଗ୍ୟତା ଅର୍ଜନ କରିବା ନେଇ ଆମେ ଆଶାବାଦୀ ବୋଲି ନେଗୀ କହିଥିଲେ। ଆଗକୁ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରଞ୍ଜିତା ଭଲ ପ୍ରଦର୍ଶନ କରିବାର ଆଶା କରାଯାଉଛି। ସ୍କି ଓ ସ୍ନୋ ବୋର୍ଡ ଏକ ବ୍ୟୟସାପେକ୍ଷ ଖେଳ ହୋଇଥିବାରୁ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଉପଯୁକ୍ତ ସହାୟତା ମିଳିବା ନେଇ ସେ ଆଶା କରୁଛନ୍ତି ବୋଲି କହିଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରୀଡାର ପ୍ରଚାର ପ୍ରସାର ପାଇଁ ବିଶ୍ୱ ପ୍ରସିଦ୍ଧ। ତେଣୁ ରଞ୍ଜିତାଙ୍କୁ ମଧ୍ୟ ଉପଯୁକ୍ତ ସହାୟତା ମିଳିବା ନେଇ ଆଶାବାଦୀ ଥିବା କହିଥିଲେ ନେଗୀ। ଶେଷରେ ଓଡ଼ିଶା ସ୍କି ଓ ସ୍ନୋ ବୋର୍ଡ ସଂଘର ସଭାପତି ଡ. ଅନୁପ ନାୟକ ନେଗୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।



ରୂପଚାନ୍ଦ ନେଗୀ (ବାମ) ଓ ଡ. ଅନୁପ ନାୟକଙ୍କ ସହ ରଞ୍ଜିତା ବେହେରା (ମଝି)।

# ପୁମାସ୍‌କୁ ହରାଇଲା ଜାଗୁଆର୍ସ

## ପୋଦ୍ଦାରଙ୍କ ଶତକ

**ଭୁବନେଶ୍ୱର, ୨୨।୬ (ବିଜୟ ରଣା)**

ଟି୨୦ ଫର୍ମାଟରେ ଖେଳାଯାଉଥିବା ଓଡ଼ିଶା କ୍ରିକେଟ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଜାଗୁଆର୍ସ ଡିଏଲ୍‌ଏସ୍ ପଦ୍ଧତିରେ ୩୭ ରନରେ ଓଡ଼ିଶା ପୁମାସ୍‌କୁ ପରାସ୍ତ କରିଛି। କଟକସ୍ଥିତ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଜାଗୁଆର୍ସ ଦଳ ଗୋବିନ୍ଦ ପୋଦ୍ଦାରଙ୍କ ଶତକ (୫୦ବଲ୍‌ରୁ ୧୦୧ରନ) ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୫୬ ରନ କରିଥିଲା। ପ୍ରତିଯୋଗିତାରେ



ପୋଦ୍ଦାରଙ୍କ ଏହା ହେଉଛି ଦ୍ୱିତୀୟ ଶତକ। ଶୁଭଙ୍କର ବିଶ୍ୱାସ ୨୧ ବଲ୍‌ରୁ ୨୨ରନ କରିଥିଲେ। ବିପକ୍ଷ ଦଳ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ରାହୁଲ ଚୌଧାରୀ ତାଙ୍କ ୪ ଓଭର ବୋଲିଂରେ ୧ ମେଡେନ ସହ ୧୪ ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାରେ ବର୍ଷାଯୋଗୁ ଖେଳ ସ୍ଥଗିତ ରଖାଯିବା ବେଳକୁ ଓଡ଼ିଶା ପୁମାସ ୧୦.୧ ଓଭରରେ ୫ ଉଇକେଟ ବିନିମୟରେ ୪୯ ରନ କରିଥିଲା। ଦଳ ପକ୍ଷରୁ ସ୍ୱସ୍ତିକ ସାମଲ ସର୍ବାଧିକ ୨୯ ରନ (୩୩ ବଲ୍ ) କରିଥିବା ବେଳେ ବିପକ୍ଷ ଦଳର ପପୁ ରାୟ ୮ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚରେ ବିଜୟୀ ଦଳର ଗୋବିନ୍ଦ ପୋଦ୍ଦାର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ବର୍ଷା ଯୋଗୁ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଓଡ଼ିଶା ପାନ୍ଥର୍ସ ଓ ଓଡ଼ିଶା ଚିତାସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚକୁ ବାତିଲ କରିଦିଆଯାଇଛି।


## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଡାକ୍ତର ଜଗନ୍ନାଥ ମହାପାତ୍ର**

ପୂର୍ବତନ ପୌରାଧ୍ୟକ୍ଷ, ଭୁବନେଶ୍ୱର

ଇଣ୍ଡିଆନ୍ ମେଡ଼ିକାଲ୍ ଆସୋସିଏସନ୍ ଭୁବନେଶ୍ୱର ଶାଖାର ପ୍ରତିଷ୍ଠାତା ସଭାପତି

ସହିଦନଗର ଦୁର୍ଗାପୂଜା କମିଟିର ପ୍ରତିଷ୍ଠାତା ସଭାପତି

ଆବିର୍ଭାବ
୧୫.୦୧.୧୯୩୯

ତିରୋଧାନ
୧୫.୦୬.୨୦୨୩

ଗଭୀର ଦୁଃଖ ସହିତ ଜଣାଉଅଛୁ ଯେ, ଆମ୍ଭମାନଙ୍କର ପୂଜନୀୟ ଦିଗ୍‌ଦର୍ଶକ, ସହିଦନଗରସ୍ଥ ଅବିନାଶ କ୍ଲିନିକ୍ ଓ ଜଗନ୍ନାଥ ହସ୍ପିଟାଲ୍‌ର ପ୍ରତିଷ୍ଠାତା ଡ଼କ୍ଟର ଜଗନ୍ନାଥ ମହାପାତ୍ର ତା ୧୪.୦୬.୨୦୨୩ରିଖରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଇହଧାମ ତ୍ୟାଗ କରିଛନ୍ତି।

-: ଶୋକସନ୍ତପ୍ତ :-

ଡ଼ାକ୍ତର ସଂଘମିତ୍ରା ମିଶ୍ର (ପତ୍ନୀ), ଡ଼ାକ୍ତର ଅବିନାଶ ମହାପାତ୍ର (ପୁତ୍ର), ଅପରାଜିତା ମହାପାତ୍ର (କନ୍ୟା), ଡ଼ାକ୍ତର ରଚନା ରଥ (ବୋହୂ), ବିଭୂଦତ୍ତ ଦାଶ (ଜ୍ୱାଇଁ), କୌସ୍ତୁଭ ଦାଶ (ନାତି), କୈବଲ୍ୟ ମହାପାତ୍ର (ନାତି) ଏବଂ ମହାପାତ୍ର ପରିବାରର ଅନ୍ୟ ସମସ୍ତ ସଦସ୍ୟବୃନ୍ଦ

ଜଗନ୍ନାଥ ହସ୍ପିଟାଲ୍ (ଜଗନ୍ନାଥ ହେଲ୍‌ଥ କେୟାର ପ୍ରା.ଲି଼)

ଅଧ୍ୟକ୍ଷ : ଡ଼ାକ୍ତର ଅବିନାଶ ମହାପାତ୍ର

ପରିଚାଳନା ନିର୍ଦ୍ଦେଶକ : ଡ଼ାକ୍ତର ଅରଜିତ୍ ମହାପାତ୍ର

ନିର୍ଦ୍ଦେଶକ : ଡ଼ାକ୍ତର ବିଶ୍ୱଜିତ୍ ମିଶ୍ର, ଡ଼ାକ୍ତର ସଂଘମିତ୍ରା ମିଶ୍ର (ପତ୍ନୀ)

ଡ଼ାକ୍ତର ସଂଘମିତ୍ରା ଶତପଥୀ ତଥା ଜଗନ୍ନାଥ ହସ୍ପିଟାଲ୍, ଅବିନାଶ କ୍ଲିନିକ୍‌ର ସମସ୍ତ ଡାକ୍ତର ଏବଂ କର୍ମଚାରୀବୃନ୍ଦ

AN EXCLUSIVE PERINATAL CENTRE


## ପ୍ରଣୟ କ୍ୱାର୍ଟରରେ

**ତାଇପେ, ୨୨।୬ (ପି.ଟି.):** ଭାରତର ଅନ୍ୟତମ ଅଗ୍ରଣୀ ଖେଳାଳି ଏଚ୍.ଏସ୍. ପ୍ରଣୟ ତାଇପେ ଓପନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ତଥା ଇଣ୍ଡୋନେସିଆର ଟମି ସୁଗିଆର୍ତୋଙ୍କୁ ୨୧-୯, ୨୧-୧୭ରେ ପରାସ୍ତ କରିଛନ୍ତି। ବିଶ୍ୱର ୯ନମ୍ବର ଖେଳାଳି ଏହି ବିଡବ୍ଲୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୩୦୦ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ୫ମ ସିଡ୍ ତଥା ହଂକଂର ଅଙ୍ଗସ ଏଙ୍ଗ କା ଲଙ୍ଗ୍‌ଙ୍କୁ ଭେଟିବେ। ଗତ ମାସରେ ମାଲେସିଆ ମାଷ୍ଟର୍ସ ସୁପର ୩୦୦ ଟାଇଟଲ ଜିତିଥିବା ପ୍ରଣୟ ଏବେ ଭଲ ଫର୍ମରେ ଅଛନ୍ତି। ଗତ ସପ୍ତାହରେ ଏକ ସୁପର ୧୦୦୦ ଟୁର୍ନାମେଣ୍ଟ ଇଣ୍ଡୋନେସିଆ ଓପନରେ ତାଙ୍କ ପ୍ରଦର୍ଶନ ପ୍ରଭାବୀ ରହିଥିଲା। ସେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହି ପର୍ଯ୍ୟାୟରେ ସେ ବିଶ୍ୱର ନମ୍ବରୱାନ ଡେନ୍‌ମାର୍କର ଭିକ୍ଟର ଏକ୍ସେଲସେନ୍‌ଙ୍କଠାରୁ ହାରିଯାଇଥିଲେ, ଯିଏକି ଟାଇଟଲ ବିଜୟୀ ହୋଇଥିଲେ। ପ୍ରତିଯୋଗିତାରେ ବର୍ତ୍ତମାନ ପ୍ରଣୟ ଏକମାତ୍ର ଭାରତୀୟ ଭାବେ ତିଷ୍ଠି ରହିଛନ୍ତି। ପାରୁପାଲି କାଶ୍ୟପ ସ୍ଥାନୀୟ ଫେଭରାଇଟ୍ ସୁ ଲି ୟାଙ୍ଗ୍‌ଙ୍କଠାରୁ ପରାଜିତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଥିଲେ।


# Classified Everyday

0674-2580101, 2549949



REAL ESTATE

SALE

**Residential gharabari plot with boundary wall inside 7 Family Complex, Safety, Secured, Brahmin Culture Family Stayed, 6 K.M. from Nakhara, Cuttack. 7809525452.** D-74698

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା 300/-. 7978663279. D-74875

Resale 2/3BHK GF Flat, Garage, Mahatab Road, 1k.m. Lingaraj Temple, Old Town, Bhubaneswar. 64 Lakhs. 9337124748. D-73771





Spa Kerala body Massage only best Therapist @699/-, Bhubaneswar. 9337672475. D-0610

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open Salon/ SPA with expert therapist (health benefits). 8114322659. D-75120

Newly open Relax, Refresh Paras Aurvedic SPA at Bhubaneswar. 9124433891. D-0633

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74697

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରଭାତ ଚନ୍ଦ୍ର ପରିଜା**

ବ୍ଲୁ ଅରଚିଡ୍, କିଟ୍‌ଛକ, ପଟିଆ, ଭୁବନେଶ୍ୱର

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।

ତୁମ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଲାଗୁଛି ଯାହା ଲେଖିଲେ ମଧ୍ୟ ତୁମ ପାଇଁ କମ୍ ହେବ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।

ଇତି: ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଶୋକସନ୍ତପ୍ତ ପରିବାରବର୍ଗ ।

ଧ-୦୬୩୫

**୧୪ତମ ଶ୍ରାଦ୍ଧବାର୍ଷିକୀ**



**୰ବାନାମ୍ବର ସେଠୀ**

ସା: ଝାରଡ଼ା, ରାଧାକୃଷ୍ଣପୁର, କଣାସ, ପୁରୀ

ତିରୋଧାନ: ୨୬।୦୬।୨୦୦୯

ଆଜି ତୁମର ୧୪ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ ।

ଶୋକସନ୍ତପ୍ତ: ସ୍ତ୍ରୀ, ପୁଅ, ବୋହୂ, ନାତି ଓ ନାତୁଣୀ ।

ଧ-୦୬୩୬

**ନବମ ଶ୍ରାଦ୍ଧବାର୍ଷିକୀ**



**୰ଉଗ୍ରେସନ ବାରିକ**

ହାଟମଇତାପୁର, ମଇତାପୁର, ବାଲେଶ୍ୱର

ଧରାବତରଣ: ୦୧।୦୧।୧୯୫୨
ସ୍ୱର୍ଗାରୋହଣ: ୨୩।୦୬।୨୦୧୪

ଭଗବାନଙ୍କ କୃପାରୁ ଯେଉଁଠି ଅଛନ୍ତି ଶାନ୍ତିରେ ଥାଆନ୍ତୁ।

ଶୁଭେଚ୍ଛା ସହିତ: କମଳାକାନ୍ତ, ସୂର୍ଯ୍ୟକାନ୍ତ, ରମାକାନ୍ତ ଓ ପରିବାରବର୍ଗ ।

ଧ-୦୬୩୭

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ଭୁଲେଶ୍ୱରୀ ପଣ୍ଡା**

ସାଇକୃପା, ୯୭୩/୨୧୫୧, ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ- ୧୯୫୦ | ତିରୋଧାନ- ୨୧.୦୭/୨୦୧୫
(ଆଷାଢ ଶୁକ୍ଳ ପଞ୍ଚମୀ)

ମା, ତୁ ଚାଲି ଯିବାର ୮ ବର୍ଷ ବିତିଗଲା। ତୋର ଅନୁପସ୍ଥିତିରେ ସବୁ କିଛି ଖାଲି ଖାଲି ଲାଗୁଛି। ପ୍ରତ୍ୟେକ ଜନ୍ମରେ ତୋର ସନ୍ତାନ ଭାବରେ ଜନ୍ମ ନେବା ଲାଗି ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା। ତୋର ସ୍ନେହ, ତ୍ୟାଗ, ପରୋପକାରିତା, କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳାବୋଧ ଭଳି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୀବନର ଚଲା ପଥରେ ଆଗେଇବା ଲାଗି ଆମ୍ଭେମାନେ ଚେଷ୍ଟିତ। ତୁ ଯୋଉଁଠି ବି ଥାଆ ଇଶ୍ୱରଙ୍କ କୃପାରୁ ଭଲରେ ଥାଆ, ତୋ ଭଳି ଜଣେ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ ତୋର ହତଭାଗ୍ୟ ପରିବାରବର୍ଗ

ଧ-୭୪୫୫୧

# କଳିଙ୍ଗ ଓପନ ଜିମ୍ନାଷ୍ଟିକ୍ସର ସ୍ମରଣୀୟ ସ୍ମୃତି

କଳିଙ୍ଗ ଓପନ ଜାତୀୟ ଆମନ୍ତ୍ରଣୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା ନିକଟରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତା ବିଭିନ୍ନ ଦୃଷ୍ଟିକୋଣରୁ ସ୍ମରଣୀୟ ସ୍ମୃତି ଛାଡ଼ିଛି। ଏଥର ପ୍ରତିଯୋଗିତାରେ ୨୦ ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ରାଜ୍ୟ ବାହାରୁ ୩୦ ଜଣ ଜଜ୍ ଓ ରେଫରି ଦାୟିତ୍ୱ ସମ୍ପାଦନ କରିଥିଲେ। ବେଙ୍ଗଲ ଦଳ ଉଭୟ ବାଳକ ଓ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିଲା। ମହାରାଷ୍ଟ୍ର ରନରଅପ୍ ଓ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା।

ପ୍ରସ୍ତୁତି: ତପନ ସ୍ୱାଇଁ

ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଓ ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରରେ ନିକଟରେ ଅନୁଷ୍ଠିତ ହୋଇଯାଇଛି ଦ୍ୱିତୀୟ କଳିଙ୍ଗ ଓପନ ଜାତୀୟ ଆମନ୍ତ୍ରଣୀୟ ଜିମ୍ନାଷ୍ଟିକ ପ୍ରତିଯୋଗିତା। ଏକାଡେମୀ ଅଧ୍ୟକ୍ଷା ମୀରାରାଣୀ ଦାସ ଓ ସମ୍ପାଦକ ଯଶୋବନ୍ତ ଦାସଙ୍କ କଠିନ ପରିଶ୍ରମର ଫଳସ୍ୱରୂପ ୩ ଦିନଧରି ଅନୁଷ୍ଠିତ ଏହି ପ୍ରତିଯୋଗିତା ସ୍ମରଣୀୟ ସ୍ମୃତି ଛାଡ଼ିଛି। ଏଥର ପ୍ରତିଯୋଗିତାରେ ୨୦ ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ଓଡ଼ିଶା ବାହାରୁ ୩୦ ଜଣ ଜଜ୍ ଓ ରେଫରି ଦାୟିତ୍ୱ ସମ୍ପାଦନ କରିଥିଲେ। ବାହାରୁ ଆସିଥିବା ଖେଳାଳି ଓ ଅଫିସିଆଲମାନେ ଏଠାକାର ସୁବିଧା ସୁଯୋଗକୁ ପ୍ରଶଂସା ନ କରି ରହିପାରି ନାହାନ୍ତି। ବେଙ୍ଗଲ ଦଳ ଉଭୟ ବାଳକ ଓ ବାଳିକା ବିଭାଗରେ ଚାମ୍ପିୟନ ହୋଇଥିବାବେଳେ ମହାରାଷ୍ଟ୍ର ରନରଅପ୍ ଓ ଓଡ଼ିଶା ତୃତୀୟ ସ୍ଥାନ ଅଧିକାର କରିଥିଲା। ୧୪ ମେଡାଲ ସହିତ ୮ ବର୍ଷରୁ କମ୍ ବାଳିକା/ବାଳକ ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଥିଲା। ଓଡ଼ିଶାକୁ ଗର୍ବିତ କରିଥିବା କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ଥିଲେ ଯଶରାଜ ମହାନ୍ତି, ଦେବାଂଶ ପାଣିଗ୍ରାହୀ, ଆର୍ଯ୍ୟନ ସାହୁ, କୋମଳ ପ୍ରିୟଦର୍ଶିନୀ, ସରନ୍ୟା ମିଶ୍ର, ଏ. ମହାନ୍ତି, ପ୍ରତ୍ୟୁଷ ରଞ୍ଜନ ପ୍ରଧାନ, ସୁହାନା ଲେଙ୍କା, ନବ୍ୟଶ୍ରୀ ଖଣ୍ଡାଇ ଓ କେଶମ ଖାଁ। ପ୍ରତିଯୋଗିତା ମୁଖ୍ୟତଃ ବାଳିକା ବର୍ଗରେ ଫ୍ଲୋର ଏକ୍ସରସାଇଜ୍, ବାଲାସିଂ ବିମ୍, ଟେବୁଲ ଭଲ୍ଟ ଓ ଅନ୍‌ଇଭେନ୍ ବାର୍ ଏବଂ ବାଳକ ବର୍ଗରେ ଫ୍ଲୋର ଏକ୍ସରସାଇଜ୍, ଟେବୁଲ ଭଲ୍ଟ, ରୋମାନ ରିଙ୍ଗ୍ସ, ପାରାଲାଲ ବାର୍, ହୋରାଇଜୋଣ୍ଟାଲ ବାର୍ ଓ ପୋମେଲ ହର୍ସ ଆଦି ଇଭେଣ୍ଟରେ ହୋଇଥିଲା। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଆଇନଗତ ପରାମର୍ଶଦାତା ସୁବ୍ରତ ମହାପାତ୍ର, କୋଷାଧ୍ୟକ୍ଷ ଦେବବ୍ରତ ପଟ୍ଟନାୟକ, ମୁଖ୍ୟ ପୃଷ୍ଠପୋଷକ ଅତିଶ କୁମାର ରାଉତ ପ୍ରମୁଖ ପ୍ରତିଯୋଗିତାର ସୁପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।





ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଚାମ୍ପିୟନ ବେଙ୍ଗଲ ଦଳ




ପୋଡିୟମ ଉପରେ ଓଡ଼ିଶାର କୃତୀ ପ୍ରତିଯୋଗୀ।

## ‘ଜିମ୍ନାଷ୍ଟିକ୍ସ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ’

କଳିଙ୍ଗ ଓପନ ଆମନ୍ତ୍ରଣୀୟ ଜାତୀୟ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତାରେ ସବୁଠାରୁ ସିନିୟର ଅନ୍ତର୍ଜାତୀୟ ଜଜ୍ ଥିଲେ ମୁମ୍ବାଇର ସଞ୍ଜୀବନୀ ସୁନୀଲ ପୂର୍ଣ୍ଣ ପତ୍ରୀ। ସେ ଦୀର୍ଘ ୪୫ ବର୍ଷ ଧରି ଜିମ୍ନାଷ୍ଟିକ୍ସ ସହିତ ଜଡ଼ିତ ଅଛନ୍ତି। ତାଙ୍କୁ ଯେତେବେଳେ ୮ ବର୍ଷ ହୋଇଥିଲା ସେତେବେଳେ ଜିମ୍ନାଷ୍ଟିକ୍ସ ଆରମ୍ଭ କରିଥିଲେ। ଜଣେ ଖେଳାଳିଭାବେ ତାଙ୍କର ଜିମ୍ନାଷ୍ଟିକ୍ସ କ୍ୟାରିୟର ୮ ବର୍ଷରେ ସୀମିତ ରହିଥିଲେ ମଧ୍ୟ ଏହା ମଧ୍ୟରେ ସେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରରେ ଏବଂ ରାଜ୍ୟସ୍ତରରେ ମହାରାଷ୍ଟ୍ରର ପ୍ରତିନିଧିତ୍ୱ କରି ପ୍ରଦର୍ଶନର ଛାପ ଛାଡ଼ିଥିଲେ। ଆହତ ସମସ୍ୟା ଯୋଗୁ ଜଣେ ଖେଳାଳିଭାବେ ସେ ଅଧିକ ଦିନ ତିଷ୍ଠିପାରି ନ ଥିଲେ। ମାତ୍ର ଜଣେ କୋଚ୍ ଏବଂ ଜଜ୍‌ଭାବେ ସେ ଏବେ ମଧ୍ୟ ଜିମ୍ନାଷ୍ଟିକ୍ସ ସହ ଜଡ଼ିତ ହୋଇ ରହିଛନ୍ତି। ଗ୍ରାଜୁଏଶନ ପରେ ସେ ଫିଜିକାଲ ଏଜୁକେଶନରେ ବିପିଏଡ୍, ଏମ୍‌ପିଏଡ୍ ଏବଂ ପରେ ପଟିଆଲାସ୍ଥିତ ଏନ୍‌ଆଇଏସ୍‌ରେ ଏକ ବର୍ଷ ଡିପ୍ଲୋମା କୋର୍ସ କରିଥିଲେ। କୋର୍ସ ପରେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ଜିମ୍ନାଷ୍ଟିକ୍ସ କୋଚ୍‌ଭାବେ ନିଯୁକ୍ତି ମିଳିଥିଲା। ୨୮ ବର୍ଷ ଧରି କୋଚ୍ ଦାୟିତ୍ୱ ତୁଲାଇବା ପରେ ପ୍ରଶାସକଭାବେ ତାଙ୍କୁ ପ୍ରମୋଶନ ଦିଆଯାଇଥିଲା। ମାତ୍ର ତାହା ତାଙ୍କୁ ପସନ୍ଦ ନ ଥିଲା। ସେ ଭିଆର୍‌ଏସ୍ ନେଇ ଫ୍ରିଲାନ୍ସ କୋଚିଂ ଦେବା ଆରମ୍ଭ କଲେ ଏବଂ ଏବେ ମଧ୍ୟ ତାହା କରୁଛନ୍ତ। ୧୯୯୩ରେ ସେ ଅନ୍ତର୍ଜାତୀୟ ଜଜ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ଲାଇସେନ୍ସପ୍ରାପ୍ତ ଜଜ୍‌ଭାବେ ବିଭିନ୍ନ ଜାତୀୟ ପ୍ରତିଯୋଗିତା ପରିଚାଳନାରେ ଗୁରୁଦାୟିତ୍ୱ ତୁଲାଇ ଆସୁଛନ୍ତି। ଏବେ ଦେଶରେ ପ୍ରାୟତଃ ୮୦ ଭାଗ ପ୍ରତିଯୋଗିତାରେ ସେ ଜଜ୍ ଦାୟିତ୍ୱ ତୁଲାଇ ଆସୁଛନ୍ତି ବୋଲି ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ପରିସର ଏବଂ ପରିବେଶ ତାଙ୍କୁ ବେଶ୍ ଉତ୍ସାହିତ କରିଛି। ‘‘ଏଠାରେ ଜିମ୍ନାଷ୍ଟିକ୍ସର ଏତେ ସୁନ୍ଦର ଭିତ୍ତିଭୂମି ରହିଛି ବୋଲି ଜାଣି ନ ଥିଲି। ଜେଏମ୍ ସ୍ପୋର୍ଟ୍ସର ଅଧ୍ୟକ୍ଷ ମୀରା ରାଣୀ ଦାସ ପ୍ରତିଯୋଗିତାର ସୁପରିଚାଳନା ପାଇଁ କଠିନ ପରିଶ୍ରମ କରିଛନ୍ତି। ଏହା ଏକ ବିରଳ ଟୁର୍ନାମେଣ୍ଟ। ଜିମ୍ନାଷ୍ଟିକ୍ସର ପ୍ରଚାର ଓ ପ୍ରସାର ପାଇଁ ଏହାଠାରୁ ଆଉ ଭଲ କିଛି ହୋଇପାରିଥାନ୍ତା ବୋଲି ଭାବି ପାରୁନି। ଜିମ୍ନାଷ୍ଟିକ୍ସ ଟେକ୍ନିକାଲି ବହୁତ ଜଟିଳ ଇଭେଣ୍ଟ। ଏଠାରେ ଆୟୋଜିତ ଟୁର୍ନାମେଣ୍ଟରେ ସବୁ ବୟସ ବର୍ଗର ପିଲାଙ୍କ ପାଇଁ ପ୍ରଦର୍ଶନର ସୁଯୋଗ ରହିଛି। ସେମାନଙ୍କୁ ପଏଣ୍ଟ ମଧ୍ୟ ମିଳିଛି। ଏହା ସେମାନଙ୍କୁ ଭବିଷ୍ୟତରେ ବହୁତ ସହାୟକ ହେବ। ଏପରି ଏକ ଟୁର୍ନାମେଣ୍ଟ ବ୍ୟକ୍ତିଗତ ଉଦ୍ୟମରେ ଆୟୋଜନ କରିବା ସହଜ କଥା ନୁହେଁ। ସବୁ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଏବଂ କୃତୀ ଜିମ୍ନାଷ୍ଟଙ୍କୁ ଆର୍ଥିକ ପୁରସ୍କାର ମିଳିବା ନିଶ୍ଚିତ ପ୍ରଶଂସନୀୟ। ଆମେ ଦୂରରୁ ଆସି ଟୁର୍ନାମେଣ୍ଟ ପରିଚାଳନା କରୁଛୁ। ସ୍ଥାନୀୟ କର୍ମକର୍ତ୍ତା ଓ ଅଫିସିଆଲମାନେ ସହଯୋଗ କଲେ ଏହା ଆହୁରି ସୁନ୍ଦର ହୋଇପାରିବ। ସମସ୍ତଙ୍କ ରହିବା, ଖାଦ୍ୟପେୟର ବ୍ୟବସ୍ଥା ଏବଂ ବିଶେଷ କରି ସ୍କୋରିଂ ସିଷ୍ଟମ ପ୍ରତିଯୋଗିତାକୁ ଅଧିକ ସରସ ସୁନ୍ଦର କରିଛି। ୨୦୧୬ରେ ଦୀପା କର୍ମକାରଙ୍କ ଉତ୍ଥାନ ପରେ ଭାରତରେ ଜିମ୍ନାଷ୍ଟିକ୍ସର ଏକ ବୈପ୍ଳବିକ ପରିବର୍ତ୍ତନ ଆସିଲା। ବହୁତ ଘରୋଇ ଜିମ୍ନାଷ୍ଟିକ୍ସ ସେଣ୍ଟର ଖୋଲିବା ଆରମ୍ଭ ହେଲା ଏବଂ ଅନେକ ବ୍ୟକ୍ତି ଏଥିସହ ଜଡ଼ିତ ହେଲେ। ଏବେ ମଧ୍ୟ ବହୁତ ପିଲା ଜିମ୍ନାଷ୍ଟିକ୍ସ କରୁଛନ୍ତି। ମାତ୍ର ଜୁନିୟର ସ୍ତରରୁ ଆସିବା ପରେ ପଲିସିର ଅଭାବ ଯୋଗୁ ସେମାନେ ବିଶେଷ ଆଗକୁ ଯାଇ ପାରୁନାହାନ୍ତି। ଜେଏମ ଏକାଡେମୀ ଏକ ଫିଡିଂ ସେଣ୍ଟର। ଏଠାରୁ ଭଲ ପ୍ରଦର୍ଶନ କରୁଥିବା ପିଲାଙ୍କୁ ହାଇପରଫର୍ମାନ୍ସ ସେଣ୍ଟର ନିଆଯାଇ ଟ୍ରେନିଂ ଦିଆଗଲେ ନିଶ୍ଚିତ ପିଲାଙ୍କ ପ୍ରଦର୍ଶନରେ ଉନ୍ନତି ଆସିବ। ଜଣେ ଖେଳାଳିଭାବେ ଜିମ୍ନାଷ୍ଟିକ୍ସକୁ କ୍ୟାରିୟର କରିବା ବହୁତ ସୁନ୍ଦର କଥା। ଏହା କେବଳ ଖେଳ ଶିଖାଇ ନ ଥାଏ ବ୍ୟକ୍ତିତ୍ୱ ବିକାଶରେ ମଧ୍ୟ ସହାୟକ ହୋଇଥାଏ। କାରଣ ଏହା ଏକ ଇଣ୍ଡିଭିଜୁଆଲ ଖେଳ ହୋଇଥିବାରୁ ଏକାଗ୍ରତା ଆବଶ୍ୟକ ହୋଇଥାଏ। ଏଥିରେ ପ୍ରତିଯୋଗିତା ବିପକ୍ଷ ସହ ନୁହେଁ ବରଂ ପରିପୂର୍ଣ୍ଣତା ସହ ହୋଇଥାଏ। ଯିଏ ଯେପରି ପ୍ରଦର୍ଶନ କରିଥାଏ ସେ ସେପରି ପଏଣ୍ଟ ପାଇଥାଏ। ଏଥିରେ କାହାକୁ ହରାଇବାର ନଥାଏ। ନିଜକୁ ପ୍ରମାଣିତ କରିବା ଆବଶ୍ୟକ ରହିଥାଏ’’ ବୋଲି ସଞ୍ଜୀବନୀ ପ୍ରକାଶ କରିଛନ୍ତି।



ସଞ୍ଜୀବନୀ ସୁନୀଲ ପୂର୍ଣ୍ଣ ପତ୍ରୀ

## ବିଗ୍‌ନରଙ୍କ ପାଇଁ ଆଦର୍ଶ

ଗତ ଜାତୀୟ ଟୁର୍ନାମେଣ୍ଟ ଅବସରରେ ଯେଉଁ ଦୁଇଜଣ ଅନ୍ତର୍ଜାତୀୟ ଜଜ୍ ପ୍ରତିଯୋଗିତାର ସଫଳ ଆୟୋଜନ କ୍ଷେତ୍ରରେ ସକ୍ରିୟ ଯୋଗଦାନ ଦେଇଥିଲେ ତାଙ୍କ ମଧ୍ୟରେ ଅନ୍ୟତମ ଥିଲେ ଡ. ଅଂଶୁମାନ ବାନାର୍ଜୀ। ପଶ୍ଚିମବଙ୍ଗର ହୁଗ୍‌ଲି ଜିଲାସ୍ଥିତ ଭଦ୍ରେଶ୍ୱରର ଅଂଶୁମାନ କୋଲକାତା ସାଇରେ ୧୦ ବର୍ଷ ଧରି ଜିମ୍ନାଷ୍ଟିକ୍ସ କରିବା ସହ ଜଣେ ଖେଳାଳିଭାବେ ୨୦ରୁ ଅଧିକ ଜାତୀୟ ପଦକ ହାସଲ କରିଛନ୍ତି। ସ୍କୁଲ ସ୍ତରରୁ ଆରମ୍ଭ କରି ସବ୍‌ଜୁନିୟର, ଜୁନିୟର, ସିନିୟର ସ୍ତରରେ ଜାତୀୟ ପ୍ରତିଯୋଗିତା ଖେଳିବା ସହ ନ୍ୟାଶନାଲ ଗେମ୍ସ, ଫେଡେରେଶନ କପ୍ ଆଦି ଅନେକ ବଡ଼ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଅଂଶଗ୍ରହଣ କରିଛନ୍ତି ଏବଂ ପଦକ ଜିତିଛନ୍ତି। ଜଣେ ଖେଳାଳିଭାବେ ସେ ୧୯୯୫ରୁ ୨୦୦୬ ପର୍ଯ୍ୟନ୍ତ ଜିମ୍ନାଷ୍ଟିକ୍ସରେ ସକ୍ରିୟ ଥିଲେ। ଭଦ୍ରେଶ୍ୱରରେ ସ୍କୁଲ ଓ କଲେଜ କ୍ୟାରିୟର ପରେ କଲ୍ୟାଣୀ ବିଶ୍ୱବିଦ୍ୟାଳୟରେ ଫିଜିକାଲ ଏଜୁକେଶନରେ ବିପିଏଡ୍, ଏମ୍‌ପିଏଡ୍, ପିଏଚ୍‌ଡି ଏବଂ ସାଇରେ ଏନ୍‌ଆଇଏସ୍ କୋର୍ସ କରିଛନ୍ତି ଏହି ଜିମ୍ନାଷ୍ଟ ଜଜ୍। ୨୦୦୬ରୁ ଜାତୀୟ ଜଜ୍‌ଭାବେ କାର୍ଯ୍ୟ ଆରମ୍ଭ କରିଥିବା ଅଂଶୁମାନ ପରେ ଅନ୍ତର୍ଜାତୀୟ ଜଜ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଏବେ ଜଣେ ଲେଭଲ-୪ ଜଜ୍। ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ସମ୍ପର୍କରେ ମତଦେଇ ସେ କହିଛନ୍ତି ଯେ, ‘‘ଜିମ୍ନାଷ୍ଟିକ୍ସ ଆରମ୍ଭ କରିବା ପାଇଁ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଏକ ଆଦର୍ଶ ଅନୁଷ୍ଠାନ। ଆଗକୁ ଏହି ଏକାଡେମୀରୁ ବହୁ ଜିମ୍ନାଷ୍ଟ ବାହାରି ଦେଶର ନାଁ ଉଜ୍ଜ୍ୱଳ କରିପାରିବେ ବୋଲି ମୁଁ ଜୋର୍ ଦେଇ କହିପାରିବି। ବିଗ୍‌ନର୍ସଙ୍କ ପାଇଁ ଏପରି ଟୁର୍ନାମେଣ୍ଟ ପୂରା ଭାରତରେ ନାହିଁ। ଜେଏମ୍ ସ୍ପୋର୍ଟ୍ସ ଯେଉଁ କାମ କରୁଛି ଏହାକୁ ପୂରା ଦେଶରେ ଅଗ୍ରଗାମୀ ବୋଲି କୁହାଯାଇପାରିବ। କେବଳ ପଞ୍ଜୀକୃତ ଟୁର୍ନାମେଣ୍ଟ ହେଲେ ଜିମ୍ନାଷ୍ଟିକ୍ସର ଉନ୍ନତି ହୋଇପାରିବ ନାହିଁ। ଜେଏମ ସ୍ପୋର୍ଟ୍ସ ଯେପରି ଉଦ୍ୟମ କରୁଛି ସେପରି ଭାରତରେ ଆହୁରି ଅନେକ ଟୁର୍ନାମେଣ୍ଟ ହେବା ଆବଶ୍ୟକ। ପ୍ରତିବର୍ଷ ଏପରି ପ୍ରତିଯୋଗିତା ହେବା ଉଚିତ। ଭବିଷ୍ୟତରେ ଜଣେ ଭଲ ଜିମ୍ନାଷ୍ଟ ହେବାପାଇଁ ହେଲେ ଏଠାରେ ପ୍ରଶିକ୍ଷଣ ନେବା ଅତ୍ୟନ୍ତ ଜରୁରୀ ବୋଲି ଅଂଶୁମାନ ପ୍ରକାଶ କରିଛନ୍ତି।



ଡ. ଅଂଶୁମାନ ବାନାର୍ଜୀ

## ଚାମ୍ପିୟନ୍ସ ଲିଗ୍....

ୟୁରୋପରେ ଫୁଟ୍‌ବଲ ଅତ୍ୟନ୍ତ ଲୋକପ୍ରିୟ। ସ୍ପେନ୍‌ର ଲା ଲିଗା, ଜର୍ମାନୀର ବୁନ୍ଦେସ ଲିଗା, ଫ୍ରାନ୍ସର ଫ୍ରେଞ୍ଚ ଲିଗ୍ ଓ ଇଟାଲୀର ସେରୀ ଏ ପରି ଲିଗ୍‌ଗୁଡ଼ିକ ବେଶ୍ ଲୋକପ୍ରିୟ। ଏହା ବ୍ୟତୀତ ପ୍ରିମିୟର୍ ଲିଗ୍ ଓ ଚାମ୍ପିୟନ୍ସ ଲିଗ୍ ପରି ଟୁର୍ନାମେଣ୍ଟଗୁଡିକ ଖେଳାଯାଏ। ଏହି ସମସ୍ତ ଲିଗ୍‌ର ଶ୍ରେଷ୍ଠ ଦଳଗୁଡିକ ଏଥିରେ ଅଂଶଗ୍ରହଣ କରିଥାନ୍ତି। ୟୁରୋପର ଅନ୍ୟତମ ଶ୍ରେଷ୍ଠ ଲିଗ୍ ହେଉଛି ୟୁଏଫା ଚାମ୍ପିୟନ୍ସ ଲିଗ୍। ୧୯୫୫ରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଲିଗ୍‌କୁ ଇତିମଧ୍ୟରେ ୬୮ ବର୍ଷ ପୂରିଗଲାଣି। ବିଜେତା ଦଳକୁ ୨ କୋଟି ପାଉଣ୍ଡର ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ। ରିୟଲ ମାଡ୍ରିଡ୍ ସଫଳତମ ଦଳ ଭାବରେ ୧୪ଥର ଏହି ଟୁର୍ନାମେଣ୍ଟ ବିଜୟୀ ହେବାରେ ସକ୍ଷମ ହୋଇଛି। ଚଳିତ ସିଜନରେ ଇଣ୍ଟର ମିଲାନକୁ ୧-୦ରେ ପରାସ୍ତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ମାଞ୍ଚେଷ୍ଟର ସିଟି।

**ଫର୍ମାଟ:** ବିଭିନ୍ନ ୟୁରୋପୀୟ ଲିଗ୍‌ର ୩୨ଟି ଶ୍ରେଷ୍ଠ ଟିମ୍ ଏଥିରେ ଅଂଶଗ୍ରହଣ କରିଥାନ୍ତି। ୩୨ ଦଳକୁ ୮ଟି ଗ୍ରୁପରେ ବିଭକ୍ତ କରାଯାଏ। ଟାଇଟଲ ବିଜେତା ଦଳ ୟୁଏଫା ସୁପର କପ ଓ ଫିଫା କ୍ଲବ ବିଶ୍ୱକପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥାନ୍ତି।

**ରେକର୍ଡ:** ଚାମ୍ପିୟନ୍ସ ଲିଗ୍ ଇତିହାସରେ ସବୁଠାରୁ ସଫଳ ଦଳ ରହିଛି ରିୟଲ ମାଡ୍ରିଡ୍। ୧୪ ଥର ଟାଇଟଲ ଜିତିବା ସହିତ ମାଡ୍ରିଡ୍ ଚାମ୍ପିୟନ୍ସ ଲିଗ୍ ଇତିହାସର ସଫଳତମ ଦଳ ରହିଛି। ପ୍ରଥମ ୫ ସଂସ୍କରଣରେ ଦଳ ଚାମ୍ପିୟନ ହୋଇଥିବା ବେଳେ ବିଗତ ୧୦ ସଂସ୍କରଣରେ ୫ ଥର ବିଜୟୀ ହୋଇଛି। ସମୁଦାୟ ୨୩ଟି କ୍ଲବ୍ ଏହି ସମ୍ମାନଜନକ ଲିଗ୍ ଚାମ୍ପିୟନ ହୋଇଥିବା ବେଳେ ୧୩ଟି ଦଳ ଥରେ ଲେଖାଏ ଚାମ୍ପିୟନ୍ ହୋଇଛନ୍ତି। ୨୦୧୯-୨୦ ସିଜନରେ ବୁନ୍ଦେଶଲିଗା ଚାମ୍ପିୟନ ଦଳ ବାୟେର୍ନ ମ୍ୟୁନିକ୍ ଚମତ୍କାର ପ୍ରଦର୍ଶନ କରିଥିଲା। ଦଳ ଉକ୍ତ ସିଜନରେ ଗୋଟିଏ ମଧ୍ୟ ମ୍ୟାଚ୍‌ରେ ପରାଜିତ ହୋଇ ନ ଥିଲା। ଅପରାଜେୟ ଭାବରେ ଟାଇଟ୍‌ଲ୍ ଜିତିବାର ରେକର୍ଡ ଏହି କ୍ଲବ ନାମରେ ରହିଛି। ଲା ଲିଗାର କ୍ଲବ୍‌ଗୁଡିକ ୧୯ଟି ଟାଇଟଲ ହାସଲ କରିଥିବା ବେଳେ ୧୧ ଥର ରନର ଅପ୍ ରହିଛନ୍ତି। ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡର କ୍ଲବ୍‌ଗୁଡିକ ୧୫ ଥର ଚାମ୍ପିୟନ ହୋଇଥିବା ବେଳେ ୧୧ ଥର ରନରଅପ୍ ରହିଛନ୍ତି। ୧୨ ଥର ଟାଇଟଲ ଜିତିବା ସହିତ ଇଟାଲୀର କ୍ଲବ ଗୁଡିକ ତୃତୀୟ ସ୍ଥାନରେ ରହିଛନ୍ତି।

ଚାମ୍ପିୟନ୍ସ ଲିଗ୍‌ରେ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ନାମରେ ରହିଛି। ସ୍ପେନ୍‌ର ଆଇକର କାସିଲାସ ୧୭୭ ମ୍ୟାଚ୍ ଖେଳିଥିବା ବେଳେ ଆର୍ଜେଣ୍ଟିନାର ଲିଓନେଲ ମେସି ୧୬୩ ମ୍ୟାଚ ଖେଳିଛନ୍ତି। ରୋନାଲ୍ଡୋ ୧୮୩ ମ୍ୟାଚ୍‌ରୁ ସର୍ବାଧିକ ୧୪୦ ଗୋଲ ଦେଇଥିବା ବେଳେ ୧୨୯ ଗୋଲ୍ ସହିତ ମେସି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୯୧ ଗୋଲ୍ ସହିତ ରବର୍ଟ ଲିଓଣ୍ଡୋସ୍କି ତୃତୀୟ ସ୍ଥାନରେ ରହିଛନ୍ତି।

**ପୁରସ୍କାର:** ଚାମ୍ପିୟନ ଦଳକୁ ୨ କୋଟି ପାଉଣ୍ଡର ପୁରସ୍କାର ମିଳୁଥିବା ବେଳେ ରନର୍‌ଅପ୍ ଦଳକୁ ୧.୫୫ କୋଟି ପାଉଣ୍ଡ ପ୍ରଦାନ କରାଯାଇଥାଏ। ସେମି ଫାଇନାଲିଷ୍ଟ ଦଳକୁ ୧.୨୫ କୋଟି ପାଉଣ୍ଡ ଓ କ୍ୱାର୍ଟର ଫାଇନାଲିଷ୍ଟ ଦଳକୁ ୧.୦୬ କୋଟି ପାଉଣ୍ଡ ପୁରସ୍କାର ମିଳିଥାଏ। ବିଗତ ଦୁଇ ସିଜନ ହେବ ଲିଗ୍ ପକ୍ଷରୁ ଶ୍ରେଷ୍ଠ ଖେଳାଳି ଓ ଶ୍ରେଷ୍ଠ ଯୁବ ଖେଳାଳି ପୁରସ୍କାର ପ୍ରଦାନ କରାଯାଉଛି। ୨୦୨୧-୨୨ ସିଜନରେ ରିୟଲ ମାଡ୍ରିଡର କରିମ୍ ବେଞ୍ଜେମାଙ୍କୁ ସିଜନର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା। ଅନ୍ୟପକ୍ଷରେ ୨୦୨୨-୨୩ ସିଜନ ପାଇଁ ମାଞ୍ଚେଷ୍ଟର ସିଟିର ରୋଡ୍ରିଙ୍କୁ ଏହି ପୁରସ୍କାର ମିଳିଛି।

-ସରୋଜ ଜେନା




ଟ୍ରଫି ସହ ଚାମ୍ପିୟନ ମାଞ୍ଚେଷ୍ଟର ସିଟି ଦଳ

### ସର୍ବାଧିକ ଗୋଲ୍

କ୍ରିଷ୍ଟିଆନୋ ରୋନାଲ୍ଡୋ:୧୪୦ (ମାଞ୍ଚେଷ୍ଟର ୟୁନାଇଟେଡ(୨୧ଗୋଲ୍/୫୯ ମ୍ୟାଚ୍), ରିୟଲ ମାଡ୍ରିଡ୍(୧୦୫ ଗୋଲ୍/୧୦୧ ମ୍ୟାଚ୍), ଜୁଭେଣ୍ଟସ୍(୧୪ ଗୋଲ/୨୩ ମ୍ୟାଚ୍)।

ଲିଓନେଲ ମେସି: ୧୨୯(ବାର୍ସେଲୋନା(୧୨୦ ଗୋଲ୍/୧୪୯ ମ୍ୟାଚ୍), ପିଏସ୍‌ଜି(୯ ଗୋଲ୍/୧୪ ମ୍ୟାଚ୍)।

ରବର୍ଟ ଲିଓଣ୍ଡୋସ୍କି:୯୧ (ବୋରୁସିଆ ଡର୍ଟମୁଣ୍ଡ(୧୭ ଗୋଲ୍/୨୮ ମ୍ୟାଚ୍), ବାୟେର୍ନ ମ୍ୟୁନିକ୍(୬୯ ଗୋଲ୍/୭୮ ମ୍ୟାଚ୍), ବାର୍ସେଲୋନା(୫ଗୋଲ୍/୫ ମ୍ୟାଚ୍ )

କରିମ୍ ବେଞ୍ଜେମା:୯୦(ଲିଓନ୍(୧୨ଗୋଲ୍/୧୯ ମ୍ୟାଚ୍), ରିୟଲ ମାଡ୍ରିଡ୍(୭୮ ଗୋଲ୍/୧୩୩ ମ୍ୟାଚ୍)।

ରାଉଲ ଗୋଞ୍ଜାଲେଜ୍: ୭୧( ରିୟଲ ମାଡ୍ରିଡ୍ ୬୬ ଗୋଲ୍/୧୩୦ ମ୍ୟାଚ୍), ସାଲ୍‌କେ ୦୪(୫ଗୋଲ୍/୧୨ ମ୍ୟାଚ୍)।

### ଯୋଗ

ଛେତ୍ରୀଙ୍କ ହ୍ୟାଟ୍ରିକ ଗୋଲରେ
ଭାରତ ଗୋଲକରି ଚାରି ଶୂନ
ସାଫ୍ ଫୁଟବଲରେ ଆରମ୍ଭ
ହୋଇଛି ଭାରତର ଅଭିଯାନ
ଯୋଗ ବାଜିବାରୁ ଧନ
କ୍ରିଷ୍ଟିଆନୋ, ଅଲୀ ଲିଓନେଲ
ପଛକୁ ଚତୁର୍ଥରେ ଛେତ୍ରୀ ସ୍ଥାନ।

ଦେଶର ଟପ୍ ରେସ୍ ୱାକର ମଧ୍ୟରେ
ପଞ୍ଜାବର ମଞ୍ଜୁ ରାଣୀ
ଧନ୍ୟ ଆନ୍ତଃରାଜ୍ୟ
ଆଥଲେଟ ମିଟ୍‌ରେ
ଗୋଲ୍ଡେନ ପଦକ ଜିଣି
ରାହାଦେଲା ଯୋଗ ଟାଣି
ଫ୍ୟାମିଲି ପରିବେଶ ହର୍ଡଲ୍ସକୁ କାଟି
ମଞ୍ଜୁ ଆଜି ଶ୍ରେଷ୍ଠ ମଣି।

ଧ୍ୟାନ ପ୍ରାଣାୟମ ଆସନ ଯୋଗ
ଦେହକୁ ନ ଛୁଏଁ ରୋଗ
ସୁସ୍ୱାସ୍ଥ୍ୟର ଚାବିକାଠି ସିଏ ଜାଣେ
ଡେଲି କରେ ଯିଏ ଯୋଗ
ଦୂର କରେ ଲୋକ ରାଗ
ଷ୍ଟ୍ରେସ ସାଇଲେଣ୍ଟ କିଲର ହଟଇ
ରହେ ନାହିଁ ତା’ର ଦାଗ।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୨୩/୨୦୨୩ Bhubaneswar, Friday, June 23/ 2023

# ୭୫ ବର୍ଷ ପୂର୍ତ୍ତିରେ ଭାଗନେବେ ୫୦ ଲକ୍ଷ

**ଆଜି ବିଶ୍ୱ ଅଲିମ୍ପିକ୍ସ ଦିବସ**



ଆଥ୍ଲେଟମାନଙ୍କ ମଧ୍ୟରେ କ୍ରୀଡା ଭାବନା ସୃଷ୍ଟି କରିବା ଦିଗରେ ଅଲିମ୍ପିକ୍ସର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୪୮ରେ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିବା ବେଳେ ଚଳିତ ବର୍ଷ ଏହାର ୭୫ ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଏହି ଅବସରରେ ସମଗ୍ର ବିଶ୍ୱର ୫ଟି ମହାଦେଶର ୫୦ ଲକ୍ଷରୁ ଅଧିକ ଲୋକ ଏଥିରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏହା ସହିତ ଚଳିତ ବର୍ଷର ଥିମ୍ ରହିଛି 'ଲେଟ୍ସ ମୁଭ୍'। ଆଥ୍ଲେଟମାନଙ୍କ ମଧ୍ୟରେ ଉତ୍କର୍ଷ, ବନ୍ଧୁତା ଓ ସମ୍ମାନ ପାଇଁ ଏହି ଉତ୍ସବକୁ ପାଳନ କରାଯାଉଛି।

ଇତିହାସ: ପ୍ରଥମ ଥର ପାଇଁ ୧୮୯୪ରେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ଗଠନ ହୋଇଥିଲା। କ୍ରୀଡାର ମଜା ସାମଗ୍ରିକ ଭାବରେ ଉଠାଇବା ପାଇଁ ପିଅର୍ ଡେ କୋବେର୍ଟିନ୍ ଏହା ପ୍ରତିଷ୍ଠା କରିଥିଲେ। ୧୯୪୮, ଜୁନ୍ ୨୩ ତାରିଖରେ ପ୍ରଥମ ଥର ପାଇଁ ଏହି କମିଟି ପକ୍ଷରୁ ଅଲିମ୍ପିକ୍ସ ଦିବସ ପାଳନ କରାଯାଇଥିଲା। ସେ ସମୟରେ ମାତ୍ର ୯ଟି ଦେଶ ଅଲିମ୍ପିକ୍ସ କମିଟିର ସଦସ୍ୟ ରହିଥିଲେ। ଇତି ମଧ୍ୟରେ ୭୫ ବର୍ଷ ପୂରି ଯାଇଥିବା ବେଳେ ୫ଟି ମହାଦେଶର ୧୩୦ ରାଷ୍ଟ୍ର ଏହାର ସଦସ୍ୟତା ଗ୍ରହଣ କରି ସାରିଛନ୍ତି।

ଏସିଆରୁ ନେଇ ଆମେରିକା ପର୍ଯ୍ୟନ୍ତ ସର୍ବତ୍ର ଏହି ଦିବସକୁ ଅତ୍ୟନ୍ତ ଧୁମ୍‌ଧାମରେ ପାଳନ କରାଯାଇଥାଏ। ପାନାମା, ରୋମାନିଆ ଓ କାଜାକସ୍ତାନ ପରି ଦେଶରେ ମେ' ମାସରୁ ଏହି ସେଲିବ୍ରେଶନ ପାଇଁ ପ୍ରସ୍ତୁତି ଆରମ୍ଭ ହେଲାଣି। ପ୍ୟାରିସ୍ ୨୦୨୪କୁ ଦୃଷ୍ଟିରେ ରଖି ୭୦ ଦେଶ କାର୍ଯ୍ୟକ୍ରମ ରଖିଛନ୍ତି। ଅନ୍ୟପକ୍ଷରେ ଡକାରରେ ହେବାକୁ ଥିବା ୨୦୨୬ ୟୁଥ୍ ଅଲିମ୍ପିକ୍ସକୁ ସେଲିବ୍ରେଟ୍ କରିବାକୁ ନିଷ୍ପତ୍ତି ନେଇଛି ସେନେଗାଲ। ୨୦୩୨ରେ ହେବାକୁ ଥିବା ବ୍ରିସବେନ୍ ଅଲିମ୍ପିକ୍ସ ପାଇଁ ପୂର୍ବତନ ଅଲିମ୍ପିଆନମାନଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜିତ ହେବ।

**ଲେଟ୍ସ ମୁଭ୍:** ଚଳିତ ବର୍ଷର ଥିମ୍ ରହିଛି ଲେଟ୍ସ ମୁଭ୍। ୮୦ ପ୍ରତିଶତ ଯୁବପିଢି ନିଜର ଦୈନନ୍ଦିନ ଶାରୀରିକ ପରିଶ୍ରମ କରନ୍ତି ନାହିଁ। ଏହାକୁ ଦୃଷ୍ଟିରେ ରଖି ଯୁବସମାଜକୁ ମାନସିକ ଓ ଶାରୀରିକ ସୁସ୍ଥତା ପ୍ରଦାନ କରିବାକୁ ଏହି ଥିମ୍ ଚୟନ କରାଯାଇଛି।

କ୍ରୀଡା ଆମକୁ ଶାରୀରିକ ଓ ମାନସିକ ଭାବରେ ସୁସ୍ଥ ରଖିଥାଏ। ତେଣୁ ସମସ୍ତେ କ୍ରୀଡାକୁ ସାଦରେ ଗ୍ରହଣ କରିବା ଉଚିତ ବୋଲି କହିଛନ୍ତି ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟିର ମୁଖ୍ୟ ଥୋମାସ୍ ବାକ୍।

# ଜୋସ୍ ମୋରିନୋ ୪ ମ୍ୟାଚରୁ ବାସନ୍ଦ

**ଜେନେଭା, ୨୨।୬(ପି.ଟି.):** ଫୁଟବଲ ମ୍ୟାନେଜର ଜୋସ ମୋରିନୋଙ୍କୁ ୟୁଏଫା ପକ୍ଷରୁ ୪ଟି ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ଇଟାଲୀ କ୍ଲବ ରୋମାର ମ୍ୟାନେଜର ରହିଥିବା ମୋରିନୋ ମ୍ୟାଚ୍ ରେଫରି ଆନ୍ଥୋନୀ ଟେଲରଙ୍କୁ ଗାଳି କରିଥିଲେ। ରୋମା ଏହାର ଅନ୍ତିମ ମ୍ୟାଚ୍ ସେଭିଲା ବିପକ୍ଷରେ ଖେଳିଥିଲା। ଆସନ୍ତା ବର୍ଷର ଚାମ୍ପିୟନ୍ସ ଲିଗ୍‌କୁ ଯୋଗ୍ୟତା ଅର୍ଜନ ପାଇଁ ଦଳ ନିକଟରେ ଅନ୍ତିମ ସୁଯୋଗ ରହିଥିଲା। ତେବେ ମ୍ୟାଚ୍ ୧-୧ରେ ଡ୍ର ରହିବା ପରେ ରୋମା ପେନାଲ୍ଟି ଶୁଟଆଉଟରେ ପରାଜିତ ହୋଇଥିଲା। ଏହାପରେ ଏକ ଗ୍ୟାରେଜ୍‌ରେ ଟେଲରଙ୍କୁ ଭେଟିଥିଲେ ମୋରିନୋ। ଗାଳିଗୁଲଜ କରିବା ସହିତ ତାଙ୍କୁ ଫୁଟବଲର କଳଙ୍କ ବୋଲି କହିଥିଲେ। ଏହି ମାମଲାର ବିଚାର କରି ୟୁଏଫା ପକ୍ଷରୁ ତାଙ୍କୁ ୪ ମ୍ୟାଚ୍ ପାଇଁ ବାସନ୍ଦ କରାଯାଇଛି। ଆସନ୍ତା ସେପ୍ଟେମ୍ବର ମାସରୁ ଏହି ବାସନ୍ଦାଦେଶ ଲାଗୁ କରାଯିବ।




# ସିଇଓ ନିଯୁକ୍ତି ପାଇଁ ଆଇଓଏକୁ ନିର୍ଦ୍ଦେଶ

**ଲାଉସାନେ, ୨୨।୬ (ପି.ଟି.)** ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସିଇଓ/ ସେକ୍ରେଟାରି ଜେନେରାଲ ନିଯୁକ୍ତି ଦେବାରେ ବିଳମ୍ବ କରୁଥିବାରୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଉଦ୍‌ବେଗ ପ୍ରକାଶ କରିବା ସହ ଏହା ଦୁର୍ଭାଗ୍ୟଜନକ ବୋଲି କହିଛି। ଏଥିସହିତ ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ନିୟମ ଓ ନିର୍ଦ୍ଦେଶାବଳୀକୁ ଅନୁସରଣ କରି କୁସ୍ତିଯୋଦ୍ଧା ପ୍ରସଙ୍ଗକୁ ତୁରନ୍ତ ସମାଧାନ ଦିଗରେ ବିହିତ ପଦକ୍ଷେପ ନେବାକୁ କହିଛି। ବୁଧବାର ଆଇଓସିର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ବସିଥିଲା। ଏଥିରେ ଭାରତ ବ୍ୟତୀତ ଆଫଗାନିସ୍ତାନ, ଗୁଆଟେମାଲା ଓ ସୁଦାନ ନ୍ୟାଶନାଲ ଅଲିମ୍ପିକ କମିଟିର ସାମ୍ପ୍ରତିକ ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା।

# ଧାରଣାରତ କୁସ୍ତିଯୋଦ୍ଧାଙ୍କ ଲାଗି ଗୋଟିଏ ବାଉଟ୍

**ନୂଆଦିଲ୍ଲୀ, ୨୨।୬ (ପି.ଟି.):** ଆଗାମୀ ଏସିଆନ ଗେମ୍ସ ଓ ୱାର୍ଲ୍ଡ ଚାମ୍ପିୟନଶିପ୍ ଲାଗି ସିଲେକ୍ସନ ଟ୍ରାଏଲ ହେବ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) କିନ୍ତୁ ସର୍ବଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)ର ବିଦାୟୀ ସଭାପତି ବ୍ରିଜ୍ ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ଧାରଣାରେ ବସିଥିବା ୬ କୁସ୍ତିଯୋଦ୍ଧାଙ୍କ ପାଇଁ କୋହଳ ଅବଲମ୍ବନ କରିଛି। ସେମାନଙ୍କୁ କେବଳ ଗୋଟିଏ ଲେଖାଏଁ ବାଉଟ୍‌ରେ ଭାଗ ନେବାକୁ ପଡ଼ିବ। ଏହି କୁସ୍ତିଯୋଦ୍ଧାମାନେ ହେଲେ ଭିନେଶ ଫୋଗଟ, ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ, ସଙ୍ଗୀତା ଫୋଗଟ, ସାତ୍ୟବ୍ରର୍ତ କାଡିଆନ ଓ ଜିତେନ୍ଦର କିନ୍‌ହା। ଅଗଷ୍ଟ ୫ରୁ ୧୫ ମଧ୍ୟରେ ହେବାକୁଥିବା ଟ୍ରାଏଲ୍ସର ବିଜେତା ବିପକ୍ଷରେ ସେମାନଙ୍କୁ ଲଢ଼ିବାକୁ ହେବ। ଦୀର୍ଘଦିନ ହେଲା ଧାରଣାରେ ବସିଥିବାରୁ କୁସ୍ତିଯୋଦ୍ଧାମାନେ ଆଗାମି ଦୁଇ ବଡ଼ ଇଭେଣ୍ଟ ଲାଗି ନିଜକୁ ଭଲଭାବେ ପ୍ରସ୍ତୁତ କରି ନ ଥିବାରୁ ସେମାନଙ୍କୁ ଏସିଆନ ଗେମ୍ସ ସିଲେକ୍ସନ ଟ୍ରାଏଲ୍ସରେ ଭାଗ ନେବା ଲାଗି ଅନୁମତି ଦେବା ଲାଗି କ୍ରୀଡ଼ା ମନ୍ତ୍ରଣାଳୟକୁ ଅନୁରୋଧ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ